# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-193 ♦BHUBANESWAR ♦WEDNESDAY ♦8 JANUARY 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୧୯୩ ♦ଭୁବନେଶ୍ୱର ♦ବୁଧବାର ♦୮ ଜାନୁଆରୀ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦




**ବାହାଦୂର ସିଂହ ଏଏଫ୍‌ଆଇର ନୂଆ ସଭାପତି**

▶କ୍ରୀଡ଼ା ପୃଷ୍ଠାରେ...


DADLS-78

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର

DIASPORA'S CONTRIBUTION TO A VIKSIT BHARAT

# ବିଶ୍ୱ ମଞ୍ଚରେ ଉଦ୍ଭାସିତ ଯୁବ ପ୍ରବାସୀ ଭାରତୀୟଙ୍କୁ ସମ୍ମାନ

## ଯୁବ ପ୍ରବାସୀ ଭାରତୀୟ ଦିବସ

ପୂର୍ବାହ୍ଣ ୧୦ ଘଟିକା | ୮ ଜାନୁଆରୀ, ୨୦୨୫
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

ଅତିଥି ଦେବୋ ଭବ





**ଶୁଭ ଉଦ୍‌ଘାଟନ**

ଶ୍ରୀ ମନସୁଖ ଏଲ୍. ମାଣ୍ଡବ୍ୟ
ମାନ୍ୟବର କେନ୍ଦ୍ରୀୟ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ

ଡ. ଏସ୍. ଜୟଶଙ୍କର
ମାନ୍ୟବର କେନ୍ଦ୍ରୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସମ୍ମାନନୀୟ ଅତିଥି**

ଡ. ଦେବ ପ୍ରଗଡ
ମୁଖ୍ୟ ନିର୍ବାହୀ ଅଧିକାରୀ,
ନିଉଜଓ୍ୱିକ୍, ଯୁକ୍ତରାଷ୍ଟ୍ର ଆମେରିକା

**ଗରିମାମୟ ଉପସ୍ଥିତି**

ଶ୍ରୀ ପବିତ୍ର ମାର୍ଘେରିଟା
ମାନ୍ୟବର କେନ୍ଦ୍ରୀୟ
ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

ଶ୍ରୀମତୀ ରକ୍ଷା ନିଖିଲ ଖାଡ୍‌ସେ
ମାନ୍ୟବର କେନ୍ଦ୍ରୀୟ
ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ

ବିଶ୍ୱର ବିଭିନ୍ନ କୋଣରୁ ବହୁ ସଂଖ୍ୟାରେ ଯୁବ ପ୍ରବାସୀଙ୍କ ଯୋଗଦାନ





**ପୂର୍ଣ୍ଣାଙ୍ଗ ଅଧିବେଶନ**

ଜଗତୀକରଣ-କାଳଖଣ୍ଡର ପ୍ରବାସୀ ଯୁବ ନେତୃତ୍ୱ

ଏବଂ

ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ସଂଯୁକ୍ତ ବାଣିଜ୍ୟିକ ଅଧିବେଶନ

ଓଡ଼ିଶା ସମ୍ବନ୍ଧୀୟ ସ୍ୱତନ୍ତ୍ର ଅଧିବେଶନ "ଭାରତର ସର୍ବୋତ୍ତମ ସୁରକ୍ଷିତ ରହସ୍ୟର ଉନ୍ମୋଚନ "

କାର୍ଯ୍ୟକ୍ରମ ବିବରଣୀ ପାଇଁ ସ୍କାନ୍ କରନ୍ତୁ

OIPR-15001/13/0353/2425

ଦେଖନ୍ତୁ ସିଧା ପ୍ରସାରଣ: DD News and DD Odia | Youtube: DD News / DD ODIA

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

## ଆଜିଠାରୁ ପ୍ରବାସୀ ଭାରତୀୟ ସମ୍ମିଳନୀ

# ସ୍ୱାସ୍ଥ୍ୟ ବିଭାଗର ଏଚ୍‌ଏମ୍‌ପିଭି ପ୍ରସ୍ତୁତି ଶୂନ

**ଭୁବନେଶ୍ୱର,୭ ।୧(ସମିସ):** ବୁଧବାରଠାରୁ ଆରମ୍ଭ ହେଉଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଦେଶ ବିଦେଶରୁ ଅତିଥି ଆସି ପହଞ୍ଚିଲେଣି । ଆଗାମୀ ଦୁଇ ଦିନରେ ବି ପ୍ରବାସୀ ଓଡିଆ ଏବଂ ବିଦେଶୀ ଅତିଥି ଆସିବା ସମ୍ଭାବନା ଅଛି । ତେବେ ଏଚ୍‌ଏମ୍‌ପିଭି ସଂକ୍ରମଣକୁ ନେଇ ଆଶଙ୍କା ଦୂର ହେଉନାହିଁ । ଏପଟେ ହାତରେ ଆଉ ସମୟ ନଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ମାର୍ଗଦର୍ଶିକା ଆସିବାକୁ ଚାହିଁ ବସିଛି । ଦୁଇ ଦିନରେ ଭାରତରୁ ୭ରୁ ଅଧିକ ସଂକ୍ରମିତ ଚିହ୍ନଟ ହେବା ଓ ୭୦ ଦେଶରୁ ପ୍ରବାସୀ ଓଡ଼ିଶା ଆସୁଥିବାରୁ ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଜରୁରୀ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ; ତେବେ ସଂକ୍ରମଣ ରୋକିବା ପାଇଁ ଅଦ୍ୟାବଧି କୌଣସି ଠୋସ୍ ନିଷ୍ପତ୍ତି ହୋଇନାହିଁ ।

**ସଂକ୍ରମିତ ଚିହ୍ନଟ ହେଲେ ଦେଖିବା: ମନ୍ତ୍ରୀ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଏଚଏମ୍‌ପିଭିକୁ ନେଇ ଭୟଭୀତ ହେବାର ଆଶଙ୍କା ନାହିଁ । ଏହାର ମୁକାବିଲା ପାଇଁ ଆମ ବିଭାଗ ପୂରା ପ୍ରସ୍ତୁତ ଅଛି । ଭାରତ ସରକାର ଯାହା ମାର୍ଗଦର୍ଶିକା ଜାରି କରିବେ ତାହାର ଅନୁପାଳନ କରାଯିବ । ଡାକ୍ତରଖାନା ଓ ମେଡିକାଲ କଲେଜରେ ଆମର ଡାକ୍ତରୀ ଟିମ୍ ପ୍ରସ୍ତୁତ ଅଛନ୍ତି । ନମୁନା ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଛି । ଦେଶରେ ଭୟଭୀତ ହେବା ଭଳି ସ୍ଥିତି ନାହିଁ । ଯଦି ଓଡିଶାରେ ଏଚ୍‌ଏମ୍‌ପିଭି ସଂକ୍ରମିତ ଚିହ୍ନଟ ହୁଅନ୍ତି ତା ହେଲେ ଏସ୍‌ଓପିରେ ପରିବର୍ତ୍ତନ କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଡ଼ ମହାଲିଙ୍ଗ କହିଛନ୍ତି ।

ସାଧାରଣତଃ ଭାରତରେ କୌଣସି ଭୂତାଣୁ ସଂକ୍ରମଣ ସମୟରେ ବିମାନବନ୍ଦର ଗୁଡିକରେ ସ୍କ୍ରିନିଂ ବ୍ୟବସ୍ଥା କରାଯାଇଥାଏ । ବିମାନବନ୍ଦର, ରେଳ ଷ୍ଟେସନ୍‌ରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ନିୟୋଜିତ ହୋଇଥାନ୍ତି । ହେଲେ ପ୍ରବାସୀ ଭାରତୀୟ ସମ୍ମିଳନୀ ପରିପ୍ରେକ୍ଷୀରେ ଏପରି ପ୍ରସ୍ତୁତି ଦେଖାଯାଇ ନାହିଁ । ଆରମ୍ଭରୁ ସ୍ୱାସ୍ଥ୍ୟ ବିଭାଗ କହୁଛି କେନ୍ଦ୍ର ସରକାର ଯାହା କହିବେ ଆମେ ତାହା ହିଁ କରିବୁ । ଓଡିଶାରେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ତେଣୁ ଭୟଭୀତ ହେବାର କାରଣ ନାହିଁ ବୋଲି କହି ସ୍ୱାସ୍ଥ୍ୟ ବିଭାଗ ହାତ ଟେକି ଦେଇଛି । ଏପରି ଅବସ୍ଥାରେ ସମ୍ମିଳନୀରେ ସାମିଲ ହେବା ପାଇଁ ଆସିଥିବା ୪ ହଜାରରୁ ଅଧିକ ଅତିଥି ଯେ ଏହି ଭୂତାଣୁର ବାହକ ନ ହେବେ ତାହା କହିବା ମୁସ୍କିଲ ।

## ଏଚ୍‌ଏମ୍‌ପିଭି ଆତଙ୍କ

# ନିଜସ୍ୱ ମାର୍ଗଦର୍ଶିକା ଜାରି କରନ୍ତୁ ରାଜ୍ୟ ସରକାର: ବିଜେଡି

**ଭୁବନେଶ୍ୱର,୭ ।୧(ସମିସ):** ବିଗତ ବର୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାରେ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ ଲାଗି ଉନ୍ନତ ଭିତ୍ତିଭୂମି ସୃଷ୍ଟି କରିଛନ୍ତି ଆଉ ସଫଳତାର ସହ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏଥିଲାଗି ଆଜି ପ୍ରବାସୀ ଭାରତୀୟ ଦିବସ ଭଳି ଆନ୍ତର୍ଜାତୀୟ ସ୍ତରର କାର୍ଯ୍ୟକ୍ରମ ଓଡ଼ିଶାରେ ଆୟୋଜିତ ହୋଇପାରୁଛି । ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ରାଜ୍ୟ ପାଇଁ ଗୌରବର ବିଷୟ । ବିଜେଡି ଓଡ଼ିଶାରେ ପ୍ରବାସୀଙ୍କୁ ଖୋଲା ହୃଦୟରେ ସ୍ୱାଗତ କରୁଛି । ତେବେ ଦେଶର ୪ ରାଜ୍ୟରେ ଏଚ୍‌ଏମ୍‌ପିଭି ଭାଇର୍ ଚିହ୍ନିତ ହୋଇ ସାରିଥିବାରୁ ରାଜ୍ୟ ସରକାର କେନ୍ଦ୍ର ଉପରେ ନିର୍ଭର ନ କରି ନିଜସ୍ୱ ମାର୍ଗଦର୍ଶିକା ଜାରି କରନ୍ତୁ ବୋଲି ଦାବି କରିଛି ବିଜେଡ଼ି ।

ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନା କହିଛନ୍ତି ଯେ ଆସନ୍ତାକାଲିଠାରୁ ରାଜ୍ୟରେ ୩ ଦିନିଆ ପ୍ରବାସୀ ଭାରତୀୟ ଦିବସ ଆୟୋଜିତ ହେଉଛି । ଏହାକୁ ଆମେ ସ୍ୱାଗତ କରୁଛୁ ଏବଂ ଏହା ନିଶ୍ଚିତ ଭାବେ




ଆମ ରାଜ୍ୟ ପାଇଁ ଏକ ଗୌରବର କଥା । ପ୍ରବାସୀ ଭାରତୀୟ ଦିବସ ହେଉ କି ଡିଜି ସମ୍ମିଳନୀ, ବିଗତ କିଛି ବର୍ଷରେ ଓଡିଶା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ଭିତ୍ତିଭୂମିର ବିକାଶ ଓ ଓଡିଶାକୁ ଆକର୍ଷଣର କେନ୍ଦ୍ରବିନ୍ଦୁ କରିବାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇ ପାରିଛି । ତେବେ ଦେଶରେ ସମ୍ପ୍ରତି ଏଚଏମପିଭି ଭାଇରସ ଚାରି ରାଜ୍ୟରେ ପ୍ରବେଶ କରିଛି । ଏହି ପ୍ରସଙ୍ଗରେ

- **ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ନିମନ୍ତେ ଭିତ୍ତିଭୂମି ଗଢ଼ିଛନ୍ତି ନବୀନ**
- **କୋଭିଡ୍ ପରିଚାଳନାରେ ଓଡ଼ିଶା କରିଛି ଶ୍ରେଷ୍ଠ ପ୍ରଦର୍ଶନ**

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କେନ୍ଦ୍ରର ନିର୍ଦ୍ଦେଶାବଳୀ ଆସିଲେ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଓ ଲୋକମାନଙ୍କୁ ଆତଙ୍କିତ ନହେବାକୁ ଅନୁରୋଧ କରିଛନ୍ତି । ମାତ୍ର ଏପରି ସମୟରେ କେନ୍ଦ୍ରର ନିର୍ଦ୍ଦେଶାବଳୀକୁ ଅପେକ୍ଷା ନ କରି ବିଶେଷଜ୍ଞମାନଙ୍କ ମତ ନେଇ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପାଇଁ ବିଜେଡି ଦାବି କରୁଛି ବୋଲି ଶ୍ରୀ ଜେନା କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ପ୍ରବାସୀ ଭାରତୀୟ ଦିବସ ଅବସରରେ ଦେଶ ବିଦେଶରୁ ଅନେକ ଅତିଥି ଓଡ଼ିଶା ଆସିବେ । ଅତିଥି ଦେବୋ ଭବଃ ଆମ ସଂସ୍କୃତିର ଅଙ୍ଗ ଓ ଅତିଥି ଚର୍ଚ୍ଚା ନିମନ୍ତେ ଆମ ରାଜ୍ୟ ପାଇଁ ସୁଯୋଗ ରହିଛି । ଏଚଏମପିଭି ଭାଇରସ ଦେଶରେ ଆବିର୍ଭାବ ହୋଇଥିବା ବେଳେ ରାଜ୍ୟରେ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେଉଥିବାରୁ ସରକାର ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ଅଛି । କୋଭିଡ ସମୟରେ ନବୀନ ସରକାର କେନ୍ଦ୍ରର ନିର୍ଦ୍ଦେଶାବଳୀକୁ ପାଳନ କରିବା ସହିତ ନିଜସ୍ୱ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରୁଥିଲେ, ଯେଉଁଥି ପାଇଁ କୋଭିଡ ପରିଚାଳନା କ୍ଷେତ୍ରରେ ଓଡିଶା ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଆଗୁଆ ରହିଥିଲା । କର୍ଣ୍ଣାଟକ ରାଜ୍ୟ ଆଜି ତାଙ୍କ ରାଜ୍ୟ ପାଇଁ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ତେଣୁ ରାଜ୍ୟ ସରକାର ତୁରନ୍ତ ନିଜସ୍ୱ ନିର୍ଦ୍ଦେଶାବଳୀ ଜାରି କରନ୍ତୁ ବୋଲି ଶ୍ରୀ ଜେନା କହିଛନ୍ତି ।

## ■ ଆଳୁ ପରେ ଓଡ଼ିଶା-ପଶ୍ଚିମବଙ୍ଗ 'ବାଘ' ବିବାଦ

# ନିଜ ବାଘକୁ ସମ୍ଭାଳି ରଖ: ମମତା

**ବାରିପଦା/ଭୁବନେଶ୍ୱର,୭।୧(ସମିସ):** ଗୋଟିଏ ବାଘ ୫ ଟି ଜିଲ୍ଲାରେ ଆତଙ୍କ ଖେଳାଇଲା; ୫ ଦିନ ଲୋକେ ଭୟରେ ରହିଲେ । ସ୍କୁଲ ବନ୍ଦ ରହିଲା ଓ ଲୋକେ ଘରୁ ବାହାରି ପାରିଲେନି । ଯେମିତି ପଶ୍ଚିମବଙ୍ଗ ସରକାର ଓ ବନ ବିଭାଗ ଏହି ବାଘକୁ ଧରିବାରେ ସଫଳ ହେଲେ, ଏହା ପରେ ବାଘ ହସ୍ତାନ୍ତର ପାଇଁ ଘନ ଘନ ଫୋନ୍ ଆସିଲା ବୋଲି କହି ଓଡ଼ିଶା ସରକାରଙ୍କୁ ସମାଲୋଚନା କରିଛନ୍ତି ଦିଦି ଓରଫ୍ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଶିମିଳିପାଳରୁ ଲଗାଇଥିବାରୁ ରାଜ୍ୟରେ ଆଳୁ ଦର ଖସିବାରେ ନାଁ ଧରୁନି । ଏବେ ଆଳୁ ସାଙ୍ଗକୁ ଏବେ ବାଘ ବିବାଦ ପଶ୍ଚିମବଙ୍ଗ-ଓଡ଼ିଶା ସମ୍ପର୍କକୁ ତିକ୍ତ କରିଛି ।

ମମତାଙ୍କ ଏଭଳି ମନ୍ତବ୍ୟ ପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ମଧ୍ୟ ମମତାଙ୍କୁ କାଉଣ୍ଟର କରିଛନ୍ତି । ସେ କହିଛନ୍ତି ଓଡ଼ିଶାରୁ ଆଉ କୌଣସି ବାଘ ପଶ୍ଚିମବଙ୍ଗ ଯାଇନି । ସେମାନେ ଯେମିତି ସମ୍ମାନ ଦେବେ ସେମିତି ସମ୍ମାନ ପାଇବେ । ଆକୁ ସବୁ

- **ଏଥର ଜିନତ୍ ସୀମା ଡେଇଁଲେ ସହଯୋଗ କରିବୁନି**
- **ଓଡ଼ିଶା ସମ୍ଭାଳି ନ ପାରିଲେ ଏଥର ଆମେ ରଖିଦେବୁ**
- **ସେମାନେ ଯେମିତି ସମ୍ମାନ ଦେବେ, ସେମିତି ପାଇବେ: ଖୁଣ୍ଟିଆ**



ପଶ୍ଚିମବଙ୍ଗ ବୁଲି ଯାଇଥିବା ବାଘ ଜିନତ୍‌ର ଉଦ୍ଧାର ଓ ଘଟଣାକ୍ରମକୁ ବର୍ଣ୍ଣନା କରି ମମତା ପୁଣି ଏକ ଓଡ଼ିଶା ବାଘ ପଶ୍ଚିମବଙ୍ଗରେ ପ୍ରବେଶ କରିଛି । ଏହି ବାଘକୁ ଧରିବା ପାଇଁ ଆଉ ପଶ୍ଚିମବଙ୍ଗ ବନ ବିଭାଗ ସହଯୋଗ କରିବ ନାହିଁ । ନିଜ ବାଘକୁ ନିଜ ହେପାଜତରେ ରଖ, ନ ହେଲେ ନିଜେ ଆସି ପଶ୍ଚିମବଙ୍ଗରୁ ଧରି ନିଅ । ଯଦି ବାଘ ରଖିବାକୁ ଜାଗା ନାହିଁ, ତେବେ ଆମେ ଏହାକୁ ଆମର ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ରରେ ରଖିଦେବୁ ବୋଲି ଓଡ଼ିଶା ସରକାରଙ୍କୁ ପରୋକ୍ଷ ଧମକ ଦେଇଛନ୍ତି ମମତା ବାନାର୍ଜୀ । କିଛି ଦିନ ହେବ ଓଡ଼ିଶା-ପଶ୍ଚିମବଙ୍ଗ ମଧ୍ୟରେ ଆଳୁ ରପ୍ତାନୀକୁ ନେଇ ବିବାଦ ଲାଗି ରହିଛି । ପଡ଼ୋଶୀ ରାଜ୍ୟ ଆଳୁ ରପ୍ତାନୀ ଉପରେ କଟକଣା

ରାଜ୍ୟ ପାଇଁ, ସମସ୍ତେ ମାନିବା କଥା । ଆମର ଡବଲ ଇଞ୍ଜିନ ସରକାର । ମୋଦିଜୀଙ୍କ ସରକାର ଅଛି, ବୋଲି ତାଙ୍କର ଟିକେ ଆକ୍ରୋଶ ଅଛି । ଆମ ପାଖରେ ପର୍ଯ୍ୟାପ୍ତ ଜଙ୍ଗଲ ଅଛି, ଜଙ୍ଗଲ ଯେଉଁଠି ଅଛି ଜନ୍ତୁ ଯିବେ । ବାଘ ରଖିବା ପାଇଁ ଆମ ପାଖରେ ଜାଗା ନ ଥିଲେ ଶିମିଳିପାଳ ଭଳି ଅଭୟାରଣ୍ୟ କେମିତି ଅଛି? ଜାତୀୟ ଜଙ୍ଗଲ ନିୟମ ଅନୁସାରେ ସବୁ ସରକାର ସହଯୋଗ କରିବା କଥା । ସବୁ ସରକାର ସହଯୋଗ ଆମେ ଆଶା କରୁଛୁ । ଆମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଓ ବନ ବିଭାଗକୁ ଧନ୍ୟବାଦ ଦେଉଛୁ ବୋଲି ମନ୍ତ୍ରୀ କହିଛନ୍ତି ।

ଅନ୍ୟପଟେ ଜିନତ୍‌କୁ ଫେରାଇବା ପରେ ପୁଣି ଓଡିଶାରୁ ଆସିଥିବା ଏକ ବାଘର ପାଦଚିହ୍ନ ଦକ୍ଷିଣ ବଙ୍ଗର ବାନ୍ଦୱାନ ଓ ପୁରୁଲିଆ ଜଙ୍ଗଲରେ ଦେଖିବାକୁ ମିଳିଥିବା ନେଇ ପଶ୍ଚିମବଙ୍ଗ ସରକାର ଦାବି କରିଛନ୍ତି । ତେବେ ଶିମିଳିପାଳରୁ କୌଣସି ବାଘ ପଶ୍ଚିମବଙ୍ଗ ଯାଇନାହିଁ; ଯଦି ବାଘର ଫଟୋ କିମ୍ବା ଭିଡିଓ ମିଳିଥାଏ ତେବେ ଆମ ପାଖକୁ କିମ୍ବା ଡେରାଡୁନ ସ୍ଥିତ ନ୍ୟାସନାଲ ସେଣ୍ଟର ଫର ବାୟୋଲୋଜିକାଲ ସାଇନ୍ସ ବିଭାଗକୁ ପଠାଇଲେ ବାଘକୁ ଚିହ୍ନଟ କରାଯାଇ ପାରିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ଡଃ ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି ।

ଏ ସମ୍ପର୍କରେ ଓଡ଼ିଶା ବନଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ଶିମିଳିପାଳର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି ଯେ ଓଡ଼ିଶାର ଭୌଗୋଳିକ ସୀମା ଦୃଷ୍ଟିରୁ ମୟୂରଭଞ୍ଜ ସିଧାସଳଖ ଓ ଝାଡ଼ଖଣ୍ଡ ହୋଇ ପଶ୍ଚିମବଙ୍ଗକୁ ଲାଗିଛି । ମାତ୍ର ବନ୍ୟପ୍ରାଣୀଙ୍କ ବିଚରଣ ପାଇଁ କୌଣସି ସୀମା ନାହିଁ । ବିଗତ ୨୦ବର୍ଷ ଧରି ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ହାତୀପଲଙ୍କ ଉପଦ୍ରବରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ବହୁ ଧନଜୀବନ ହାନି ହୋଇଛି । ଏମାନଙ୍କୁ ସୁରକ୍ଷା ଦେବାକୁ ଯାଇ ବନବିଭାଗ ପକ୍ଷରୁ କୋଟି କୋଟି ଟଙ୍କାର କ୍ଷତି ପୂରଣ ଦେଇଆସୁଛନ୍ତି । କିନ୍ତୁ କେବେ ଓଡ଼ିଶା ସରକାରଙ୍କ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ହାତୀ ନେବା କଥା କହି ନାହାନ୍ତି । ଜୀବଜନ୍ତୁଙ୍କ ନାମରେ ହୀନ ରାଜନୀତି ନ କରି ପ୍ରମାଣ ଭିତ୍ତିକ ତଥ୍ୟ ଦେବାକୁ ଶ୍ରୀ ଆଚାର୍ଯ୍ୟ ପରାମର୍ଶ ଦେଇଛନ୍ତି ।

## 'ଇ-କେୱାଇସି' କେଁ

# ରାସନରୁ ବଞ୍ଚିତ ହେବେ ୫୦ ଲକ୍ଷ ହିତାଧିକାରୀ !

**ଭୁବନେଶ୍ୱର,୭ ।୧(ସମିସ):** ଇ-କେୱାଇସି ହୋଇ ନ ଥିଲେ ରାସନ ମିଳିବ ନାହିଁ । ରାଜ୍ୟର ନୂଆ ସରକାରଙ୍କ ନୂଆ ନିୟମ ଯୋଗୁଁ ଏବେ ରାଜ୍ୟର ୫୦ ଲକ୍ଷ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଗତ ଦୁଇ ମାସ ହେଲା ରାଜ୍ୟରେ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି, ତଥାପି ବିଭିନ୍ନ କାରଣରୁ ଏହି ଯାଞ୍ଚ ପ୍ରକ୍ରିୟା ଶେଷ ହୋଇ ପାରିନାହିଁ । ଡିସେମ୍ବର ୩୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିବା ଇ-କେୱାଇସି ସଂଖ୍ୟା ନିରୁତ୍ସାହଜନକ ରହିବାରୁ ରାଜ୍ୟ ସରକାର ଏହି ଅବଧି ଜାନୁଆରୀ ୨୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି; କିନ୍ତୁ ଆଜି ସୁଦ୍ଧା ୫୧ ଲକ୍ଷରୁ ଅଧିକ ରାସନ ହିତାଧିକାରୀଙ୍କ ଇ-କେୱାଇସି ହୋଇନାହିଁ । ହାତରେ ଆଉ ୧୮ ଦିନ ବାକି ଥିବା ବେଳେ ସବୁ ହିତାଧିକାରୀଙ୍କ ଇ-କେୱାଇସି ସମ୍ପୂର୍ଣ୍ଣ ହେବ କି ନାହିଁ ତାକୁ ନେଇ ଆଶଙ୍କା ବଢ଼ିଛି । ଧାର୍ଯ୍ୟ ଅବଧିରେ ଇ-କେୱାଇସି ହୋଇ ନ ପାରିଲେ ଏହି ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି ।

**ବିଦେଶରେ ରହୁଥିବା ଓଡିଆ ଶ୍ରମିକଙ୍କ କଥା ପଚାରେ କିଏ**

ମୃତ ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ଇ-କେୱାଇସି ଏକ ଜରୁରୀ ପ୍ରକ୍ରିୟା ବୋଲି କୁହାଯାଉଛି । ମିଳିଥିବା ସୂଚନା ଅନୁସାରେ ଜାନୁଆରୀ ୭ ତାରିଖ ସୁଦ୍ଧା ପ୍ରାୟ ୮୫% (୩.୫ କୋଟି) ରାସନ ହିତାଧିକାରୀଙ୍କ ଆଧାର କାର୍ଡ ବାୟୋମେଟ୍ରିକ୍ ଇ-କେୱାଇସି ଶେଷ ହୋଇଛି । ତେବେ ଦୁର୍ଗମ ଅଞ୍ଚଳ ଏବଂ ରାଜ୍ୟ ବାହାରେ ଏପରିକି ବିଦେଶରେ ରହୁଥିବା ବହୁ ସଂଖ୍ୟକ ଗରିବ ଓଡିଆ ଏଯାଏ ଇ-କେୱାଇସି କରି ପାରି ନାହାନ୍ତି । ନିକଟରେ ଗୋଆରେ କାମ କରୁଥିବା କିଛି ପ୍ରବାସୀ ଓଡିଆ ଇ-କେୱାଇସି କରିବାରେ ସମସ୍ୟା ଭୋଗୁଛନ୍ତି ବୋଲି ଅଭିଯୋଗ ଆସିବା ପରେ ଯୋଗାଣ ବିଭାଗର ଅଧିକାରୀ ସେଠାକୁ ଯାଇ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଥିଲେ । ଅନ୍ୟ ରାଜ୍ୟରେ ରହୁଥିବା ହିତାଧିକାରୀଙ୍କ ପାଇଁ ମଧ୍ୟ ଅନୁରୂପ ବ୍ୟବସ୍ଥା କରାଯିବ ବୋଲି ଯୋଗାଣ ମନ୍ତ୍ରୀ ଗତ ସପ୍ତାହରେ କହିଥିଲେ; କିନ୍ତୁ ଏହି ବ୍ୟବସ୍ଥା ଅଦ୍ୟାବଧି ହୋଇନଥିବା ଜଣାପଡିଛି । ଇ-କେୱାଇସି ସମ୍ପୂର୍ଣ୍ଣ କରି ନ ଥିବା ହିତାଧିକାରୀଙ୍କ ଭାଗ୍ୟ କ'ଣ ହେବ ଓ ସେମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ରେସନ ପାଇବେ କି ନାହିଁ, ତାହା ବିଭାଗୀୟ ମନ୍ତ୍ରୀ ବି କହିପାରୁ ନାହାନ୍ତି । ପ୍ରବାସୀ ହିତାଧିକାରୀଙ୍କ ସୁବିଧା ପାଇଁ 'ୱାନ୍ ନେସନ୍ ୱାନ୍ ରାସନ କାର୍ଡ'ବ୍ୟବସ୍ଥା କେନ୍ଦ୍ର ସରକାର ଆରମ୍ଭ କରୁଛନ୍ତି । କିନ୍ତୁ ଇ-କେୱାଇସି ଝାମେଲା ଏହି ଲକ୍ଷ୍ୟରେ ଅନ୍ତରାୟ ସୃଷ୍ଟି କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।

ରାଜ୍ୟର ଲକ୍ଷାଧିକ ପ୍ରବାସୀ ଓଡିଆ ଅନ୍ୟ ରାଜ୍ୟରେ ରହି ଗୁଜୁରାଣ ମେଣ୍ଟାଉଛନ୍ତି । ସେହିପରି ଦୁବାଇ, ଆଫ୍ରିକା, ୟୁଏଇ ଠାରୁ ଆରମ୍ଭ କରି ଇଂଲଣ୍ଡ, ମାଲେସିଆ ଭଳି ଦେଶରେ ବହୁ ସଂଖ୍ୟକ ଓଡିଆ ରହୁଛନ୍ତି । ବିଭିନ୍ନ କାରଣ ପାଇଁ ସେମାନେ ଓଡିଶା ଆସି ଇ-କେୱାଇସି କରିପାରୁ ନାହାନ୍ତି କି ପ୍ରଶାସନ ସେମାନଙ୍କ ପାଖରେ ପହଞ୍ଚିବା ସମ୍ଭବ ହେଉ ନାହିଁ । ଏହି ସୂତ୍ରରୁ ମିଳିଥିବା ସୂଚନାନୁସାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୩.୬୭ ହଜାର ହିତାଧିକାରୀ ଇ-କେୱାଇସି କରି ନ ଥିବା ବେଳେ ମୟୂରଭଞ୍ଜରେ ୩.୨୨ ଲକ୍ଷ, କଳାହାଣ୍ଡିରେ ୩.୧୨ ଲକ୍ଷ, କେନ୍ଦୁଝରରେ ୨.୮୯ ଲକ୍ଷ, କୋରାପୁଟରେ ୨.୮୮ ଲକ୍ଷ, ନବରଙ୍ଗପୁରରେ ୨.୮୬ ଲକ୍ଷ, ବାଲେଶ୍ୱରରେ ୨.୫୮ ଲକ୍ଷ, ବଲାଙ୍ଗିରରେ ୨.୩୨ ଲକ୍ଷ ହିତାଧିକାରୀଙ୍କ ଇ-କେୱାଇସି ହୋଇ ନ ଥିବା ଜଣାପଡିଛି । ପ୍ରତି ଦିନ ପ୍ରାୟ ୪୫ ହଜାର ହିତାଧିକାରୀ ଇ-କେୱାଇସି ଅପଡେଟ୍ କରୁଥିବା ଜଣାପଡିଛି । ତେବେ ଧାର୍ଯ୍ୟ ସମୟ ଭିତରେ ସମସ୍ତଙ୍କ ପ୍ରକ୍ରିୟା ଶେଷ ହେବ କି ନାହିଁ ତାକୁ ନେଇ ସନ୍ଦେହ ଦୂର ହେଉ ନାହିଁ ।

### ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୬.୭ | ୧୫.୨ |
| ଚାନ୍ଦବାଲି | ୨୬.୭ | ୧୫.୦ |
| କଟକ | ୨୫.୬ | ୧୪.୫ |
| ପାରାଦୀପ | ୨୭.୫ | ୧୬.୬ |
| ଭୁବନେଶ୍ୱର | ୨୭.୬ | ୧୪.୬ |
| ଗୋପାଳପୁର | ୨୭.୧ | ୧୭.୩ |
| ପୁରୀ | ୨୭.୮ | ୧୮.୦ |
| ଅନୁଗୋଳ | ୨୬.୭ | ୧୧.୬ |
| ବାରିପଦା | ୨୫.୮ | ୧୪.୦ |
| ଝାରସୁଗୁଡ଼ା | ୨୯.୪ | ୧୨.୦ |
| କେନ୍ଦୁଝରଗଡ଼ | ୨୭.୧ | ୧୨.୬ |
| ସମ୍ବଲପୁର | ୨୮.୭ | ୧୫.୨ |
| ସୁନ୍ଦରଗଡ଼ | ୨୮.୯ | ୧୩.୧ |
| ହୀରାକୁଦ | ୨୮.୧ | ୧୩.୯ |
| ତାଳଚେର | - | ୧୨.୨ |
| ଭବାନୀପାଟଣା | ୨୮.୨ | ୧୨.୦ |
| ବଲାଙ୍ଗିର | - | ୧୨.୩ |
| କୋରାପୁଟ | ୨୫.୦ | ୯.୪ |
| ଫୁଲବାଣୀ | ୨୬.୯ | ୧୦.୦ |
| ଟିଟିଲାଗଡ଼ | ୨୭.୫ | ୧୫.୦ |
| ମାଲକାନଗିରି | ୨୯.୫ | ୧୪.୮ |
| ସୋନପୁର | ୨୭.୪ | ୧୩.୫ |
| ଦାରିଙ୍ଗବାଡ଼ି | ୨୪.୦ | ୮.୫ |
| ନୟାଗଡ଼ | - | ୧୪.୮ |
| ବୌଦ୍ଧ | ୨୬.୫ | ୧୪.୮ |
| ଛତ୍ରପୁର | ୨୭.୮ | ୧୭.୫ |
| ପାରଳାଖେମୁଣ୍ଡି | ୩୦.୦ | ୧୬.୦ |
| ରାୟଗଡ଼ା | ୨୮.୦ | ୧୩.୨ |
| ଭଦ୍ରକ | ୨୮.୪ | ୧୧.୮ |
| ଯାଜପୁର | ୨୮.୦ | ୧୩.୮ |
| ଢେଙ୍କାନାଳ | ୨୫.୬ | ୧୩.୬ |
| ବରଗଡ଼ | ୨୮.୨ | ୧୩.୬ |
| ଦେଓଗଡ଼ | ୨୮.୨ | ୧୩.୪ |
| ନୂଆପଡ଼ା | ୩୦.୦ | ୧୪.୦ |
| ନବରଙ୍ଗପୁର | ୩୦.୦ | ୧୧.୦ |
| ଖୋର୍ଦ୍ଧା | ୨୭.୫ | ୧୫.୨ |
| ଜଗତସିଂହପୁର | ୨୮.୫ | ୧୩.୪ |
| କେନ୍ଦ୍ରାପଡ଼ା | ୨୮.୬ | ୧୩.୬ |
| ରାଉରକେଲା | ୨୬.୯ | ୧୧.୩ |

## ■ ରତ୍ନଭଣ୍ଡାର ମରାମତି

# ସରିଛି ଡି ପ୍ଲାଷ୍ଟରିଂ, ଏବେ ପଥର ବଦଳାଯିବ

**ପୁରୀ, ୭।୧(ସମିସ):** ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ ଜାରି ରହିଛି । ଦୈନିକ ୨/୩ ଘଣ୍ଟା କାମ କରିବା ଲାଗି ସମୟ ପାଉଛି ଏଏସ୍‌ଆଇ । ଏହାରି ମଧ୍ୟରେ କୁଶଳୀ ଶ୍ରମିକମାନଙ୍କୁ ନିୟୋଜିତ କରି କାମ ଚାଲିଛି । ତେବେ ରତ୍ନଭଣ୍ଡାର ମରାମତି ସମ୍ପର୍କରେ ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁପରିଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ କହିଛନ୍ତି, ଭିତର ରତ୍ନଭଣ୍ଡାରରେ ପ୍ରିଜର୍ଭେସନ କାମ ପାଇଁ ହେବ କେମିକାଲ ଟ୍ରିଟମେଣ୍ଟ । ଉଭୟ କଞ୍ଜରଭେସନ୍ ଓ ପ୍ରିଜରଭେସନ୍ ଉପରେ ଗୁରୁତ୍ୱ ଦିଆଯାଉଛି । ଇତିମଧ୍ୟରେ ସରିଛି ଭିତର ଡି ପ୍ଲାଷ୍ଟରିଂ ବା ଚୂନ ପ୍ଲାଷ୍ଟର ଛଡ଼େଇବା କାର୍ଯ୍ୟ । ଏହାପରେ ପଥର ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଅଧିକ ପଥର ପରିବର୍ତ୍ତନ କରିବାକୁ ପଡ଼ିବ । ପ୍ରଥମେ ଭର୍ଟିକାଲ କ୍ରାକ୍ସ ବା କାନ୍ଥ ମରାମତି କାର୍ଯ୍ୟ ହେବ । ଏହାପରେ ହୋରାଇଜେଣ୍ଟାଲ ବା ଚଟାଣରେ ରହିଥିବା ଫାଟ ଓ ମୂଷା ଗାତ ମରାମତି କରାଯିବ । କେମିକାଲ ଟ୍ରିଟମେଣ୍ଟ କାମ ପାଇଁ ବୈଜ୍ଞାନିକ ଆସି ଭଣ୍ଡାର ଘର ନିରୀକ୍ଷଣ କରି ସାରିଛନ୍ତି । ପଥର ମରାମତି ପାଇଁ ମଧ୍ୟ ଆକଳନ ସରିଛି । ସଂରକ୍ଷଣ ଏବଂ ପଏଣ୍ଟିଂ କାମ ସରିବା ପରେ ଅନ୍ୟାନ୍ୟ ମରାମତି କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କହିଛନ୍ତି ଗଡ଼ନାୟକ ।

# ଦୁଇ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

**ବ୍ରହ୍ମପୁର, ୭ ।୧(ସମିସ):** ୨୦୨୩ ମସିହାରେ ସଂଘଟିତ ପାଟପୁର ଥାନା ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମର ସୁନୀଲ ନାଇକ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ମଙ୍ଗଳବାର ପ୍ରକାଶ ପାଇଛି । ଗଞ୍ଜାମ ଜିଲ୍ଲା ଓ ଦୌରାଜଜ ରୂପଶ୍ରୀ ଚୌଧୁରୀ ଆଜି ମାମଲାର ବିଚାର କରି ୨ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀସାବ୍ୟସ୍ତ ଅଭିଯୁକ୍ତଦ୍ୱୟ ହେଲେ, ପାଟପୁର ଥାନା ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମର କୁନା ଦଳାଇ(୨୪) ଓ ପୋଡ଼ାମାରି ଗ୍ରାମର ମାଲେସୁ ପାତ୍ର(୨୩) । ଜେଲଦଣ୍ଡ ସହିତ ଜରିମାନା ବାବଦକୁ ଉଭୟଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ଜରିମାନା ପୈଠ କରିବା ପାଇଁ ରାୟରେ ଉଲ୍ଲେଖ ରହିଛି । ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବାକୁ କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ସୂଚନାଯୋଗ୍ୟ ଯେ ୨୦୨୩ ସେପ୍ଟେମ୍ବର ୨୩ ତାରିଖରେ କୁନା ଦଳାଇ ସେହି ଗ୍ରାମର କୃଷ୍ଣ ପ୍ରଧାନଙ୍କ ସହ ନିଜ ଜମିରେ ଧାନ ତଳି ପକାଇବାକୁ ଯାଇଥିଲେ । ସେଠାରେ ମାଲେସୁଙ୍କ ସହ ବୃନ୍ଦାବନପୁର ଗ୍ରାମର ସୁନୀଲ ନାଇକ ଉପସ୍ଥିତ ଥିଲେ । ପୂର୍ବରୁ ଥିବା ବିବାଦ ଓ ଆକ୍ରୋଶରୁ ହୋଇଥିବା ଅପମାନକୁ ବରଦାସ୍ତ କରିନପାରି କୁନା ଏକ ଧାରୁଆ କାତିରେ ସୁନୀଲଙ୍କ ବେକକୁ ହାଣି ହତ୍ୟା କରିଥିଲେ । ପରେ କୁନା ଓ ମାଲେସୁ ମିଶି ସୁନୀଲଙ୍କ ଗୋଡ଼ ଓ ହାତକୁ ବାନ୍ଧି ଘୋଷାରି ଘୋଷାରି ନେଇ ନିକଟସ୍ଥ ଏକ ବୁଦାମୂଳେ ଫୋପାଡ଼ି ଚାଲି ଯାଇଥିଲେ । ଏନେଇ ସୁନିଲଙ୍କ ବାପା ସନାତନ ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର (ପିପି) ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରୁଥିଲେ ।

## ଅବଧି ଶେଷ ପରେ ବି ଚାଲିଛି ଖଣି ଖନନ

# ବ୍ଲାଷ୍ଟିଂରେ ଦିନରାତି ଥରୁଛି ଅଞ୍ଚଳ

**ଦକ୍ଷିଣ ବାଲେଶ୍ୱର,୭ ।୧(ସମିସ):** ଗତବର୍ଷ ଅକ୍ଟୋବରରୁ ଲାଇସେନ୍ସ ଅବଧି ପୂରି ସାରିଲାଣି । କିନ୍ତୁ ଏବେ ବି ଚାଲିଛି ବେଆଇନ ବ୍ଲାଷ୍ଟିଂ ଓ ଖଣି ଲୁଟ୍ । ଦିନରାତି ବ୍ଲାଷ୍ଟିଂରେ ପୂରା ଅଞ୍ଚଳ ଥରିଉଠୁଛି । ଏଥିଯୋଗୁଁ, ଗୋଟିଏପଟେ ସରକାରଙ୍କ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଆଖପାଖ ଗ୍ରାମବାସୀ ଭୟ ଓ ଆତଙ୍କରେ ମଧ୍ୟରେ ରହୁଛନ୍ତି । କିନ୍ତୁ ଏ ସଂପର୍କରେ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ନିରବଦ୍ରଷ୍ଟା ପାଲଟିଛି । ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ଶାରିଶୁଆ ପାହାଡ଼ ଅଞ୍ଚଳରେ ଗତ କିଛି ମାସ ହେଲା ଏପରି ବେଆଇନ କାମ ଚାଲିଥିଲେ ହେଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି ।

ସୂଚନାନୁଯାୟୀ, ୨୦୦୮ ମସିହାରେ ଖଇରା ତହସିଲ କାର୍ଯ୍ୟାଳୟ ସ୍ଥାପନ ହେବା ପରେ ୨୦୦୯-୧୦ ମସିହାରେ ଶାରିଶୁଆରେ ୧୦୯ଟି ଖଣିକୁ ସରକାରୀ ସ୍ତରରେ ନିଲାମ କରାଯାଇଥିଲା । ମାତ୍ର ହାତୀ ଚଳପ୍ରଚଳ ଲାଗି ୨୦୧୧ ମସିହାରେ କୁଲଡ଼ିହା ଅଭୟାରଣ୍ୟ ଅଞ୍ଚଳକୁ ବଢ଼ାଯାଇ କେନ୍ଦୁଝର ଜିଲ୍ଲା ହଦଗଡ଼ ପର୍ଯ୍ୟନ୍ତ କରାଇବା ଲାଗି ପ୍ରସ୍ତାବ ରଖାଯାଇଥିଲା । ଯେଉଁଥିରେ ଶାରିଶୁଆ ପାହାଡ଼ ମଧ୍ୟ ସାମିଲ ଥିଲା । ଫଳରେ କୁଲଡିହା ଅଭୟାରଣ୍ୟରୁ ପାହାଡ଼ ତଳେତଳେ ସାତକୋଶିଆ ଓ ନଟୋ ଅଭୟାରଣ୍ୟ ଦେଇ ଶିମିଳିପାଳ ଯାଇ ପାରିବେ । ଏଥିଲାଗି ୨୦୧୨-୧୩ରୁ ସମସ୍ତ ଖଣିକୁ ବନ୍ଦ କରାଯାଇଥିଲା । ପରେ ୨୦୧୭ ସେପ୍ଟେମ୍ବରରେ ୯୮ଟି ଖଣିକୁ ସରକାରୀ ସ୍ତରରେ ନିଲାମ ଦିଆଗଲା । ତେବେ ଏହି ୯୮ଟି ଖଣି ବେଆଇନ ଭାବରେ ନିଲାମ ଦିଆଯାଇଛି ବୋଲି ଦୁଇଟି ସ୍ୱେଚ୍ଛାସେବୀ ସଂଗଠନ ୨୦୧୯ ମସିହା ଅକ୍ଟୋବରରେ ଜାତୀୟ ଗ୍ରୀନ ଟିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ ।



ହାତୀ ଚଲାପଥ ସହ ପରିବେଶ ନଷ୍ଟ ହେଉଥିବା ଅଭିଯୋଗ କରି ସେମାନେ ଖଣିକୁ ବନ୍ଦ କରିବାକୁ ଦାବି କରିଥିଲେ । ୪ବର୍ଷ ପରେ ୯୮ରୁ ୫୧ଟି ଖଣିକୁ ବିଭାଗକୁ ନିଲାମ ପାଇଁ ହସ୍ତାନ୍ତର କରାଯାଇଥିଲା । ତେବେ ସେଥିରୁ ୧୦ଟି ବନ୍ଦ୍ ଥିଲା ଏବଂ ୪୧ ଟି ଚାଲୁ ରହିଥିଲା । ତେବେ ଉଦ୍‌ବେଗର କଥା ହେଲା, ଗତ ୨୦୨୪ ଅକ୍ଟୋବର ୨୭ରେ ନିଲାମପ୍ରାପ୍ତ ଏହି ଖାଦାନଗୁଡ଼ିକର ଅବଧି ପୂରି ଯାଇଥିଲେ ହେଁ ଖଣି ମାଫିଆମାନେ ରାତି ଅଧରେ ବେଆଇନ ବ୍ଲାଷ୍ଟିଂ କରି ଖଣି ଲୁଟିବାରେ ଲାଗି ପଡ଼ିଛନ୍ତି । ୧୭, ୪୧ ଓ ୪୨ ନମ୍ବର ଖାଦାନରୁ ଦିନ ଦି'ପହରେ କାହା ଇଙ୍ଗିତରେ ଖଣି ଲୁଟ୍ ହେଉଛି, ଏଥିରେ ପ୍ରଶାସନର କି' ସ୍ୱାର୍ଥ ରହିଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅପରପକ୍ଷେ, ଦିନରାତି ବ୍ଲାଷ୍ଟିଂ ଯୋଗୁଁ ଏହି ଖାଦାନ ଅଧୀନ ବଗେଇପୁର, ବାରହାଯୋଡ଼, ହାଣ୍ଡିଆହାଟ, ଗୁଆପାଳ, ଗଡ଼ପୋଖରୀ, ସିମୁଳିଆ, କୁଟୁରିପାଳ, ଗଗୁଆ ଆଦି ଗ୍ରାମର ଲୋକମାନେ ଭୟ ଓ ଆତଙ୍କରେ ରହୁଛନ୍ତି । ସେମାନଙ୍କର ପକ୍କାଘର ମଧ୍ୟ ଫାଟି ଯାଉଥିବା ଦେଖାଯାଉଛି । ଏନେଇ ପୂର୍ବରୁ ସୋମନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ।

ଏ ସମ୍ପର୍କରେ ଖଣି ବିଭାଗର ଜିଲ୍ଲା ଅଧିକାରିଣୀ ସନ୍ତୋଷୀ ପ୍ରଭା ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଅଞ୍ଚଳରେ ପ୍ରତ୍ୟେକ ଦିନ ଚଢ଼ଉ ହେବା ସହ ଚୋରା ଖଣି ଖନନ କରୁଥିବା ଲୋକଙ୍କ ଉପରେ ମଧ୍ୟ ମାମଲା କରାଯାଉଛି । ତହସିଲଦାରଙ୍କ ମତାମତ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରିନଥିଲା ।

# ଏସ୍‌ସିବିରେ ବିଚାରାଧୀନ କଏଦୀର ମୃତ୍ୟୁ

**କଟକ, ୭ ।୧(ସମିସ):** ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ବିଚାରଧୀନ କଏଦୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, ଖୁଣ୍ଟୁଣୀ ଅଞ୍ଚଳର ଅଜୟ ନାୟକ(୩୫) । ଆଜି ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ପୁଲିସ୍ ସୂଚନା ଅନୁସାରେ, ଅଜୟ ଜଣେ ଅଭ୍ୟାସଗତ ଅପରାଧୀ । ତା' ନାଁରେ ୩ଟି ଡକାୟତି ମାମଲା ରହିଛି । ଏହି ମାମଲାରେ ଗତ ବର୍ଷ ମେ' ୨୨ତାରିଖରେ ଖୁଣ୍ଟୁଣୀ ଥାନା ପୁଲିସ ତାକୁ ଗିରଫ କରିଥିଲା । ସେବେଠାରୁ ସେ ଆଠଗଡ଼ ମଡେଲ ଜେଲ୍‌ରେ ବିଚାରଧୀନ କଏଦୀ ଭାବେ ରହୁଥିଲା । ଗତ ସେପ୍ଟେମ୍ବର ୨୦ରେ ସେ ଜେଲ୍ ପରିସରରେ ଆତ୍ମହତ୍ୟା ଉଦ୍ୟମ କରିଥିଲା । ସେ ପାଇଖାନା ସଫା ହେଉଥିବା କେମିକାଲ ପିଇ ଦେଇଥିଲା । ଏଥିଯୋଗୁଁ ତା'ର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା । ଜେଲ୍ କର୍ତ୍ତୃପକ୍ଷ ତାକୁ ତୁରନ୍ତ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଇଥିଲେ । ସେବେଠାରୁ ଅଜୟ ପୁରୁଷ ସର୍ଜରୀ ୱାର୍ଡର ୮୨ ନଂ ବେଡ୍‌ରେ ରହି ଚିକିତ୍ସିତ ହେଉଥିଲା । ହେଲେ, ଆଜି ମଧ୍ୟାହ୍ନ ସାଢ଼େ ୨ଟାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଏହି ସୂଚନା ପାଇ ମଙ୍ଗଳାବାଗ ଥାନା ପୁଲିସ୍ ପହଞ୍ଚି ଶବ ସହ ଚିକିତ୍ସା ସମ୍ବନ୍ଧିତ କାଗଜପତ୍ର ଜବତ କରିଛି । ଏନେଇ ଆଠଗଡ଼ ଜେଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ସୂଚନା ଦିଆଯାଇଛି । ଅନ୍ୟପଟେ, ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୁଲିସ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି ।

# ନବମ ଶ୍ରେଣୀ ଛାତ୍ରକୁ ଛୁରାମାଡ଼; ସାଙ୍ଗ ଅଟକ

**ଭୋଗରାଇ/କମର୍ଦ୍ଧା, ୭।୧(ସମିସ):** ସାମାନ୍ୟ ବଚସାକୁ କେନ୍ଦ୍ର କରି ସାଙ୍ଗକୁ ଛୁରାମାଡ଼ ଅଭିଯୋଗରେ କମର୍ଦ୍ଧା ଥାନା ପୁଲିସ୍ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଅଟକ ରଖିଛି । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଧା ଥାନା ଦହମୁଣ୍ଡା ନୋଡାଲ ଉଚ୍ଚବିଦ୍ୟାଳୟରେ ଏହି ଅଘଟଣ ଘଟିଛି । ସୂଚନାନୁଯାୟୀ, ଗତକାଲି ସ୍କୁଲର ଦୁଇ ନବମ ଶ୍ରେଣୀ ଛାତ୍ର ନାଚିନ୍ଦାଠାରେ ହେଉଥିବା କୁଞ୍ଜ ମେଳା ଦେଖିବାକୁ ଯାଇଥିଲେ । ମେଳାରେ କୌଣସି କାରଣକୁ କେନ୍ଦ୍ର କରି ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା । ତେବେ ଆଜି ସେମାନେ ସ୍କୁଲ ଆସିବା ବାଟରେ ଜଣେ ଛାତ୍ର ଗତକାଲିର ଘଟଣାକୁ କେନ୍ଦ୍ର କରି ସାଙ୍ଗକୁ ଛୁରାମାଡ଼ କରିଥିଲା । ପରେ ପାଖ ନାଳକୁ ଛୁରିଟିକୁ ଫିଙ୍ଗି ଦେଇଥିଲା । ସ୍ଥାନୀୟ ଲୋକ ଆହତ ଛାତ୍ରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇବା ସହ ଛୁରାମାଡ଼ କରିଥିବା ଛାତ୍ରକୁ କାବୁ କରି ପଞ୍ଚାୟତ ଅଫିସରେ ତାଲା ପକାଇ ଦେଇଥିଲେ । ଖବର ପାଇ ପୁଲିସ୍ ତାଙ୍କୁ କାବୁ କରିଥିଲା ।



ସୁଟିଂ ଆରମ୍ଭ କରିବେ କାର୍ତ୍ତିକ

▶ପୃଷ୍ଠା ୧୩ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-193 ◆BHUBANESWAR ◆WEDNESDAY ◆8 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୯୩ ◆ଭୁବନେଶ୍ୱର ◆ବୁଧବାର ◆୮ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ଫେବୃଆରୀ ୫ରେ ଦିଲ୍ଲୀ ଭୋଟ, ୮ରେ ଗଣତି



■ **ନୂଆଦିଲ୍ଲୀ, ୭।୧ (ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ମଙ୍ଗଳବାର ତାରିଖ ଘୋଷଣା ହୋଇଛି। ଆସନ୍ତା ଫେବୃଆରୀ ୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସମସ୍ତ ୭୦ଟି ବିଧାନସଭା ଆସନରେ ଗୋଟିଏ ପର୍ଯ୍ୟାୟରେ ପ୍ରାୟ ୧.୫୫ କୋଟି ଦିଲ୍ଲୀବାସୀ ମତଦାନ କରିବେ। ଫେବୃଆରୀ ୮ରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ।

ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ କହିଛନ୍ତି, ଦିଲ୍ଲୀ ବିଧାନସଭାର ଏହି ଅଷ୍ଟମ ନିର୍ବାଚନ ପାଇଁ ମୋଟ ୧୩ ହଜାର ୩୩ ଭୋଟ୍ କେନ୍ଦ୍ରରେ ମତଦାନ କରାଯିବ। ନିର୍ବାଚନ ତାରିଖ ଘୋଷଣା ହେବା ସହିତ ଦିଲ୍ଲୀରେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଛି। ଫେବୃଆରୀ ୫ରେ ମତଦାନ ହେବାକୁ ଥିବା ବେଳେ ଏଥିପାଇଁ ୧୦ ଜାନୁଆରୀରେ ବିଜ୍ଞପ୍ତି ପ୍ରକାଶ ପାଇବ। ସମସ୍ତ ପ୍ରାର୍ଥୀ ୧୭ ଜାନୁଆରୀ ସୁଦ୍ଧା ନାମାଙ୍କନ ଦାଖଲ କରିବେ। ସେହିପରି ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ୨୦ ଜାନୁଆରୀ ରଖାଯାଇଛି। ୫ ଫେବୃଆରୀରେ ମତଦାନ ଏବଂ ୮ ଫେବୃଆରୀରେ ଫଳାଫଳ ପ୍ରକାଶ ପାଇବା ସହିତ ପୂରା ନିର୍ବାଚନ ପ୍ରକ୍ରିୟା ୧୦ ଫେବୃଆରୀ ସୁଦ୍ଧା ଶେଷ ହେବ ବୋଲି ରାଜୀବ କୁମାର କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ୨୦୨୫ ଫେବୃଆରୀ ୨୩ରେ ଦିଲ୍ଲୀ ବିଧାନସଭା କାର୍ଯ୍ୟକାଳ ଶେଷ ହେଉଛି। ତେଣୁ ଏହା ପୂର୍ବରୁ ନୂଆ ସରକାର ଗଠନ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ନିର୍ବାଚନରେ ଦିଲ୍ଲୀରେ ତ୍ରିମୁଖୀ ଲଢେଇ ହେବ ବୋଲି ରାଜନୀତିକ ▶ପୃଷ୍ଠା-୭

## ମରୁଭୂମିରେ ବନ୍ୟା; ମକ୍କାରେ ବୁଡ଼ିଲା ଶତାଧିକ ଘର



■ **ମକା, ୭।୧ (ଏଜେନ୍ସି):** ମରୁଭୂମିର ସହର ଭାବେ ପରିଚିତ ମକ୍କା ଏବଂ ମଦିନାରେ ଝଡ଼ ତୋଫାନ ଆସିଛି। ଏହାର ପ୍ରଭାବରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ବନ୍ୟା ଆସିଛି। ଏହି ବନ୍ୟାରେ ପବିତ୍ର ସହର ମକ୍କାରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଅନେକ ଘର ବୁଡି ଯାଇଛି। ରାସ୍ତାଘାଟରେ ବନ୍ୟା ପାଣି ଲହଡ଼ି ମାରୁଛି। ବସ୍, ଟ୍ରକ, କାର୍‌ଗୁଡିକ ଭାସି ଯାଇଛି। ଲୋକେ ଏହା ମଧ୍ୟରେ ଫସି ରହିଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଲୋକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରାଯାଉଛି। ଏକ ଭିଡିଓରେ ଲୋକେ ମାନବ ଶୃଙ୍ଖଳ ବନାଇ ଅଲ୍-ଅୱାଲିରେ ଫସିଥିବା ଶିଶୁଙ୍କୁ ଉଦ୍ଧାର କରୁଥିବା ଦେଖାଯାଉଛି। ବନ୍ୟାରେ ଫସି ଯାଇଥିବା ଜଣେ ଡେଲିଭରି ଏଜେଣ୍ଟଙ୍କୁ ମଧ୍ୟ ଲୋକେ ସହାୟତା କରିଛନ୍ତି। ଏବେ ବି ସହରରେ ପ୍ରବଳ ବର୍ଷା ଜାରି ରହିଛି। ଏହା ଥମିବାର ନା ଧରୁନି। ବନ୍ୟାରେ ଅନେକ ଗଛ ଏବଂ ଅବଶେଷ ଭାସି ଯାଇଛି। ସାଉଦି ଆରବର ପାଣିପାଗ ବିଭାଗ ମକ୍କାରେ ବର୍ଷାକୁ ନେଇ ରେଡ୍ ଆଲର୍ଟ ଜାରି କରିଛି। ମଦିନା ଏବଂ ଜେଦାହରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏପରି ହେଉଥିବା କୁହାଯାଉଛି।

**ମାନ୍ଦାବସ୍ଥାକୁ ମୁହାଁଉଛି ଦେଶ**

# ସନ୍ଧିକ୍ଷଣରେ ଅର୍ଥନୀତି

## ୪ ବର୍ଷରେ ପ୍ରଥମଥର ପାଇଁ ୭% ତଳକୁ ଖସିବ ଅଭିବୃଦ୍ଧି

■ **ନୂଆଦିଲ୍ଲୀ, ୭।୧ (ଏଜେନ୍ସି):** ସଙ୍କଟରେ ଭାରତୀୟ ଅର୍ଥନୀତି, ଦେଶର ଆର୍ଥିକ ଅଭିବୃଦ୍ଧି ତଳମୁହାଁ। ବିଗତ ୪ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି) ୭ ପ୍ରତିଶତ ତଳକୁ ଖସିବ ବୋଲି ଅର୍ଥନୀତି ବିଶାରଦମାନେ ଆକଳନ କରିଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୬.୪% ରହିପାରେ ବୋଲି ଖୋଦ୍ ରାଷ୍ଟ୍ରୀୟ ପରିସଂଖ୍ୟାନ ସଂସ୍ଥାନ (ଏନ୍‌ଏସ୍‌ଓ) ଆଶଙ୍କା ପ୍ରକାଶ କରିଛି। ଅପରପକ୍ଷେ ଅର୍ଥନୀତିଜ୍ଞମାନେ ଜିଡିପି ଅଭିବୃଦ୍ଧିରେ ଏହି ହ୍ରାସ ପାଇଁ ମୁଖ୍ୟତଃ ଦେଶର ଉଚ୍ଚ ମୁଦ୍ରାସ୍ଫୀତି ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁଞ୍ଜି ବ୍ୟୟରେ ହ୍ରାସକୁ ଦାୟୀ କରିଛନ୍ତି। ସମ୍ପ୍ରତି ମୁଦ୍ରାସ୍ଫୀତି, ମାନ୍ଦାବସ୍ଥା, ଟଙ୍କା ମୂଲ୍ୟରେ ହ୍ରାସ, ତଳମୁହାଁ



### ୮.୨%ରୁ ଜିଡିପି ୬.୪% କୁ ହ୍ରାସ ଆଶଙ୍କା

### ରେକର୍ଡ଼ ନିମ୍ନ ସ୍ତରରେ ପହଞ୍ଚିଛି ଟଙ୍କା ମୂଲ୍ୟ

ବୈଦେଶିକ ମୁଦ୍ରା ଭଣ୍ଡାର, ବିନିର୍ମାଣରେ ନକାରାତ୍ମକ ଅଭିବୃଦ୍ଧି ସହ ଜିଏସ୍‌ଟି ସଂଗ୍ରହରେ ହ୍ରାସ ଭଳି ସ୍ଥିତିରେ ଭାରତୀୟ ଅର୍ଥନୀତି ସନ୍ଧିକ୍ଷଣ ମଧ୍ୟରେ ଗତି କରୁଛି। ଯାହା କେନ୍ଦ୍ର ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏଠାରେ ସୂଚନାଯୋଗ୍ୟ, ଦ୍ୱିତୀୟ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୫.୪ ପ୍ରତିଶତକୁ ଖସିଆସିଥିଲା, ଯାହାକି ୨୧ ମାସରେ ସର୍ବନିମ୍ନ ଥିଲା। ଜାତୀୟ ପରିସଂଖ୍ୟାନ ସଂସ୍ଥାନର ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ଗତ ୪ ବର୍ଷରେ ସବୁଠୁ କମ୍ ରହିବ। ଗତ ଆର୍ଥିକ ବର୍ଷରେ ଜିଡିପି ୮.୨ ପ୍ରତିଶତ ରହିଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ୬.୪ ପ୍ରତିଶତ ରହିବା ନେଇ ଆକଳନ ଦେଶର ଅର୍ଥନୀତି ପାଇଁ ଆଶଙ୍କା ସୃଷ୍ଟି କରିଛି। କରୋନା ମହାମାରୀ ପରେ ଜିଡିପିରେ ଏତେ ପରିମାଣର ହ୍ରାସ ଆଉ ଏକ ମାନ୍ଦାବସ୍ଥାର ସୂଚକ ବୋଲି କୁହାଯାଉଛି। ଆରବିଆଇ ୨୦୨୪-୨୫ ଆର୍ଥିକ ବର୍ଷରେ ଜିଡିପି ୬.୬ ପ୍ରତିଶତ ରହିବା ନେଇ ଅନୁମାନ କରିଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶରେ ଅଭିବୃଦ୍ଧି ହାର ନକାରାତ୍ମକ ବିଯୁକ୍ତ (-୫.୮) ପ୍ରତିଶତ ରହିଥିଲା। ଏହାପରେ ଦେଶର ଅର୍ଥନୀତିରେ ପୁନରୁଦ୍ଧାର ଘଟି ୨୦୨୨-୨୩ରେ ୮.୨ରେ ପହଞ୍ଚିଥିଲା। ▶ପୃଷ୍ଠା-୭

**୭.୧ ତୀବ୍ରତାର ଭୂକମ୍ପରେ ଥରିଲା ତିବ୍ବତ**

## ୧୨୬ ମୃତ, ୨୦୦ରୁ ଅଧିକ ଆହତ



■ **ନୂଆଦିଲ୍ଲୀ, ୭।୧ (ଏଜେନ୍ସି):** ହିମାଳୟ ପର୍ବତର ଉତ୍ତର ପାଦ ଦେଶରେ ମଙ୍ଗଳବାର ସୃଷ୍ଟି ହୋଇଥିବା ଭୂକମ୍ପରେ ତିବ୍ବତ ଥରିଛି। ତିବ୍ବତର ଡିଙ୍ଗରି ପ୍ରଦେଶସ୍ଥିତ ସିଗାଜେ ସହରାଞ୍ଚଳ ନିକଟରେ ଭୂକମ୍ପର କେନ୍ଦ୍ର ସ୍ଥଳ ରହିଥିଲା ବେଳେ ଏହାର ତୀବ୍ରତା ୭.୧ ରେକର୍ଡ କରାଯାଇଛି। କେବଳ ତିବ୍ବତ ନୁହେଁ, ଭୂକମ୍ପର ପ୍ରଭାବ ନେପାଳ, ଭୁଟାନ ଏବଂ ଦିଲ୍ଲୀ ଏସନିଆର ସମେତ ହିମାଳୟ ପର୍ବତ ଶ୍ରେଣୀକୁ ଲାଗି ରହିଥିବା ଉତ୍ତର ଭାରତର କିଛି ଅଞ୍ଚଳରେ ମଧ୍ୟ ଅନୁଭୂତ ହୋଇଛି। ଭୂପୃଷ୍ଠରୁ ପ୍ରାୟ ୧୦ କିମି ଗଭୀର ଅଞ୍ଚଳରେ ଏହି ଭୂକମ୍ପର କେନ୍ଦ୍ର ଥିବାରୁ ସିଗାଜେ ଅଞ୍ଚଳରେ ପ୍ରଳୟ ରଚିଛି। ଏଠାରେ ୧୨୬ରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ହଜାର ହଜାର ଘର ଭୁଶୁଡ଼ି ପଡ଼ିଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୧୫ ହଜାରରୁ ଅଧିକ ଲୋକଙ୍କୁ ନିୟୋଜିତ କରାଯାଇଛି। ଉଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।

**ତିନି ଘଣ୍ଟାରେ ୫୦ ଥର ଥରିଲା ପୃଥିବୀ**

ତିବ୍ବତରେ ଭୂକମ୍ପ ସୃଷ୍ଟି ପରେ ନେପାଳରେ ମଧ୍ୟ ୭.୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାସହିତ ଦିଲ୍ଲୀ, ଏନସିଆର ଏବଂ ବିହାରର କିଛି ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଛି। ମଙ୍ଗଳବାର ସକାଳ ପ୍ରାୟ ୭ଟା ବେଳେ ହିମାଳୟର ପାଦ ଦେଶରେ ୬ ରୁ ୭ ଥର ଭୂକମ୍ପନ ପରେ ସିଗାଜେ ଅଞ୍ଚଳରେ ଏହାର ବଡ଼ ପ୍ରଭାବ ଅନୁଭୂତ ହୋଇଥିବା ଚାଇନାର ସରକାରୀ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ଏହି ଅଞ୍ଚଳରେ ୨୦୦ କିମି ପରିଧି ମଧ୍ୟରେ ଗତ ୫ ▶ପୃଷ୍ଠା-୭

## ରାଜ୍ୟ ପର୍ଯ୍ୟଟନ ବିକାଶର ବାର୍ତ୍ତାବହ ସାଜିବେ ପ୍ରବାସୀ

- ଆଜିଠାରୁ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ
- ବିଶ୍ୱପ୍ରସାରୀ ହେବ ଓଡ଼ିଶାର ଐତିହ୍ୟ, ପରମ୍ପରା, ସଂସ୍କୃତି
- ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ସମ୍ଭାବନାକୁ ମିଳିବ ବଳ

■ **ଭୁବନେଶ୍ୱର, ୭।୧ (ସମିସ):** ଓଡ଼ିଶା ତଥା ପୂର୍ବ ଭାରତରେ ପ୍ରଥମ କରି ପ୍ରବାସୀ ଭାରତୀୟ ସମ୍ମିଳନୀର ଆୟୋଜନ ହେଉଛି। ଆସନ୍ତାକାଲିଠାରୁ ରାଜଧାନୀ ଭୁବନେଶ୍ୱରରେ ତିନିଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ। ଦେଶର ପୂର୍ବାଞ୍ଚଳରେ ଏହି ସମ୍ମିଳନୀ ପ୍ରଥମଥର କରି ଅନୁଷ୍ଠିତ ହେଉଥିବା ବେଳେ ଓଡ଼ିଶା ଏହାକୁ ଆୟୋଜନ କରିବାର ଗୌରବ ହାସଲ କରିଛି। ବିଦେଶ ମାଟିରେ ରହୁଥିବା ଭାରତୀୟ ବଂଶୋଦ୍ଭବ ତଥା ପ୍ରବାସୀମାନଙ୍କୁ ଦେଶର ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ମନେ ପକାଇ ଭାରତୀୟଭାବେ ଗୌରବାନ୍ୱିତ କରାଇବା ପାଇଁ ଏହି ସମ୍ମିଳନୀ ଏକ ପ୍ରକୃଷ୍ଟ ପ୍ରୟାସ। ଏଭଳି ଏକ ଆନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତିର ଝଲକ ପ୍ରବାସୀଙ୍କ ମନ ମୋହିବା ସହ ରାଜ୍ୟ ପର୍ଯ୍ୟଟନ ବିକାଶର ବାର୍ତ୍ତାବହ ସାଜିବେ ପ୍ରବାସୀ। ଓଡ଼ିଶା ପାଇଁ ଏହି ସମ୍ମିଳନୀ ସୁଫଳ ଆଣିବା ସହ ରାଜ୍ୟର ପର୍ଯ୍ୟଟନ ବିକାଶ, ଦକ୍ଷ ମାନବ ସମ୍ବଳ, ସମୃଦ୍ଧ ଖଣିଜ ସମ୍ପଦ ଆଗାମୀ ଦିନରେ ନିବେଶକଙ୍କୁ ଆକୃଷ୍ଟ କରିବ। ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟତା, ୪୮୦ କିଲୋମିଟର ବ୍ୟାପ୍ତ ଉପକୂଳ, ମନୋରମ ବେଳାଭୂମି ଓ ହ୍ରଦ, ବିସ୍ତୀର୍ଣ୍ଣ ମାଳଭୂମି ଓ ଉଚ୍ଚଭୂମି, ସବୁଜ ବନାନୀ, ହଜାର ହଜାର ବର୍ଷର ଐତିହ୍ୟ ବହନ କରୁଥିବା ଏକାଧିକ କୀର୍ତ୍ତିରାଜୀ ଓଡ଼ିଶାକୁ ▶ପୃଷ୍ଠା-୭

**ମାଡ଼ିଗଲା ଟ୍ରକ୍...**

## ଆଖି ଆଗରେ ଚାଲିଗଲା ସ୍ୱାମୀ-ପୁଅର ଜୀବନ

■ **ରମ୍ଭା/ହୁମ୍ମା/ଛତ୍ରପୁର, ୭।୧ (ସମିସ):** ରମ୍ଭା ଥାନା ଅନ୍ତର୍ଗତ ଅରୁଣପୁର ଗ୍ରାମ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ବାପା-ପୁଅଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ତିଛିଣୀ ଗ୍ରାମର ମୋହନ ରାୟଗୁରୁ ଓ ତାଙ୍କ ପୁଅ ତ୍ରୟମ୍ବକମ୍। ଏକ ସିମେଣ୍ଟ ବୋଝେଇ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଏହି ଦୁର୍ଘଟଣାରେ ମୋହନଙ୍କ ପତ୍ନୀ ଗାୟତ୍ରୀ ରାୟଗୁରୁ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ▶ପୃଷ୍ଠା-୭




**ଅଭିଯୋଗ ପରେ ଚଢ଼ଉ**

# ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ସିଲ୍‌ହେଲା ଅଲଟ୍ରାସାଉଣ୍ଡ ମେସିନ୍

ବାଲେଶ୍ୱର, ୭ ।୧(ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପଛପଟରେ ଥିବା ଘରୋଇ ମଲ୍ଲିକ ଅଲଟ୍ରାସାଉଣ୍ଡ କ୍ଲିନିକ ଉପରେ ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଚଢ଼ଉ କରି ଅଲଟ୍ରାସାଉଣ୍ଡ ମେସିନ ସିଲ କରିଛନ୍ତି। ଏନେଇ ସେ କହିଛନ୍ତି ଯେ, ଡିଏସି ବୈଠକରେ ଜିଲ୍ଲାପାଳଙ୍କଠାରେ ଉକ୍ତ କ୍ଲିନିକ୍ ବିରୋଧରେ ବିଭିନ୍ନ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଜିଲ୍ଲାପାଳ ଏହାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରିଥିଲେ। ଏଥିରେ ଉପଜିଲ୍ଲାପାଳଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସେ ଆଜି ଟାଉନ ପୁଲିସ ଏବଂ ଫ୍ୟାମିଲି ୱେଲଫେୟାର ବିଭାଗକୁ ନେଇ ତାଙ୍କ କ୍ଲିନିକରେ



ଚଢ଼ଉ କରିଥିଲେ। ବିଶେଷ କରି ତାଙ୍କ କ୍ଲିନିକରେ ରେଜିଷ୍ଟର ସଠିକ ଭାବେ ପରିଚାଳିତ ହେଉନଥିବା ବେଳେ ସେଠାକୁ କେତେ ରୋଗୀ ଆସୁଛନ୍ତି ତାର ମଧ୍ୟ କୌଣସି ସଠିକ ତଥ୍ୟ ପ୍ରଦାନ କରାଯାଉନାହିଁ ଆଦି ବିଭିନ୍ନ ଅଭିଯୋଗ ହୋଇଥିଲା। ଏଣୁ ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସେଠାକୁ ଯାଇ ତାଙ୍କର ଅଲଟ୍ରାସାଉଣ୍ଡ ମେସିନକୁ ସିଲ କରାଯାଇଛି ବୋଲି କହିଛନ୍ତି। ଏହାବ୍ୟତିତ ସେଠାରେ ବେଆଇନ ଭାବେ ଲିଙ୍ଗ ନିରୂପଣ ହେଉଥିଲା କି ନାହିଁ ତାର ତଦନ୍ତ ହୋଇନଥିବା ବେଳେ କୌଣସି ଅଫିସିଆଲ ରିପୋର୍ଟ ମଧ ଆସିନାହିଁ ବୋଲି କହିଛନ୍ତି। ଏନେଇ ମଲ୍ଲିକ ଅଲଟ୍ରାସାଉଣ୍ଡର ମୁଖ୍ୟ ଅହିରାଜ ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ଉତ୍ତର ମିଳିପାରିନାହିଁ। ଅନ୍ୟପଟେ ଦେଖିବାକୁ ଗଲେ ଉପଜିଲ୍ଲାଳଙ୍କ କହିବା ଅନୁସାରେ ଯଦି ରେଜିଷ୍ଟର କିମ୍ବା ରୋଗୀଙ୍କ ତଥ୍ୟ ଉଲ୍ଲେଖ ନାହିଁ ତେବେ ସେଠାରେ ଅଲ୍‌ଟ୍ରାସାଉଣ୍ଡ ମେସିନକୁ ସିଲ୍ କାହିଁକି କରାଯାଇଛି। ଏହା ସନ୍ଦେହ ଘେରରେ ରହିଥିବାବେଳେ ତଦନ୍ତ ପରେ ପ୍ରକୃତ ସତ୍ୟ ପଦାକୁ ଆସିବ।

# ଗଠନ ହେଲା ଫ୍ରେଣ୍ଡସ୍ ଫାଉଣ୍ଡେସନ; ସାଜିବ ଅସହାୟଙ୍କ ସାଥୀ

**ନୀଳଗିରି, ୭।୧(ସମିସ):** ୨୫ ଜଣ ସଦସ୍ୟଙ୍କୁ ନେଇ ନୂତନ ବର୍ଷ ୨୦୨୫ରେ ଦେବଭୂମି ନୀଳଗିରିରେ ଜନ୍ମନେଲା ନୂତନ ସ୍ୱେଚ୍ଛାସେବୀ ସଂଗଠନ ଫ୍ରେଣ୍ଡସ୍ ଫାଉଣ୍ଡେସନ ସ୍ୱେଚ୍ଛାସେବୀ ସଂଗଠନ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ପୋଡ଼ାଶୂଳର ଅନେକ ଯୁବ ପ୍ରତିଭାଙ୍କୁ ନେଇ ଗଠିତ ଫ୍ରେଣ୍ଡସ ଫାଉଣ୍ଡେସନର ସଂଗଠନ ଗଢ଼ିବାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ଜାତି, ବର୍ଣ୍ଣ, ଧର୍ମ ତଥା ରାଜନୀତି ରୁ ଉର୍ଦ୍ଧ୍ୱ ରହି ସମାଜରେ ଅବହେଳିତ, ନିଷ୍ପେସିତ, ଦୀନ, ଦୁଖୀ, ଦରିଦ୍ର୍ୟ ରେ ଜୀବନ ଅତିବାହିତ କରୁଥିବା ବ୍ୟକ୍ତିବିଶେଷ ତଥା ପରିବାରଙ୍କୁ ସାହାଯ୍ୟ ଓ ସହାୟତାର ହାତ ବଢ଼ାଇବା। ଏହା ସହ ସଂଗଠନର ସମସ୍ତ ସଦସ୍ୟ ମାନଙ୍କର ସହଯୋଗ ରେ ଭାଇଚାରା ସମ୍ପର୍କ ନେଇ ସମାଜରେ ଉନ୍ନତିମୂଳକ କାର୍ଯ୍ୟ କରି ସମସ୍ତଙ୍କ ମୁହଁରେ ହସ ଫୁଟେଇବାକୁ ପ୍ରୟାସ ଆରମ୍ଭ କରିବାକୁ ଚେଷ୍ଟା କରିବା। ଏନେଇ ନୂତନ ବର୍ଷ ରେ ନୀଳଗିରି ଥାନା ବେତଶୂଳ ଠାରେ ସଂଗଠନ ପକ୍ଷରୁ ସମସ୍ତ ସଦସ୍ୟଙ୍କ ଉପସ୍ଥିତରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ସଭାପତି ଭାବେ ପ୍ରିୟନାଥ ବେହେରା, ସମ୍ପାଦକ ଭାବେ ସନ୍ତୋଷ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ମାନସ ବେହେରା ଓ ମୁଖ୍ୟ ଉପଦେଷ୍ଟା ଭାବେ ସଞ୍ଜୟ ଭୋଳଙ୍କୁ ମୋନନୀତ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଜିତ ଦାସ(ବାପୁନି), ଚିତ୍ତରଞ୍ଜନ ବେହେରା, ଶତ୍ରୁଘ୍ନ ସିଂ, ଦିପ୍ତୀକାନ୍ତ ସେନାପତି, ଅଜିତ ଦାସ, କମଳାକାନ୍ତ ବେହେରା, ଯଶୱନ୍ତ ବେହେରା, ଉପେନ୍ଦ୍ର ଜେନା, ସଞ୍ଜୟ ରାଉଳ, ହୃଦେଶ୍ୱର ଦାସବାବୁ ପ୍ରମୁଖ ୨୫ ଜଣ ସଦସ୍ୟ ଉପସ୍ଥିତ ଥିଲେ।

# ‘ସହାୟକ’ପକ୍ଷରୁ ବନ୍ଧୁମିଳନ ଓ ଶୀତବସ୍ତ୍ର ବଣ୍ଟନ

**ବାଲେଶ୍ୱର, ୭।୧(ସମିସ):** ଜନକଲ୍ୟାଣକାରୀ ସଂଗଠନ ‘ସହାୟକ’ ପକ୍ଷରୁ ଡଗରାସ୍ଥିତ ବେଳାଭୂମିରେ ମାସିକିଆ ବୈଠକ ସହ ଏକ ବନ୍ଧୁମିଳନ ଉତ୍ସବ ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଇଂ. ଡ. ହୃଷୀକେଶ ସାହୁ ବିବରଣୀ ପ୍ରଦାନ କରିଥିବା ବେଳେ ଚଳିତ ମାସ ୨୩ତାରିଖରେ ସ୍ଥାନୀୟ ଅବସରପ୍ରାପ୍ତ ରାଜ୍ୟ ସରକାରୀ ସଂଘଗୃହରେ ପ୍ରତିବର୍ଷ ଭଳି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଛି। କୋଷାଧ୍ୟକ୍ଷ ଇଂ ସୁରେନ୍ଦ୍ର ପ୍ରସାଦ ନାୟକ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ଓ ଉପଦେଷ୍ଟା ଇଂ. ବନମାଳୀ ନାୟକ, ଦିବାକର ମହାପାତ୍ର, କଲ୍ୟାଣୀ ନନ୍ଦ, ପ୍ରତିମା ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ନୂତନ ଭାବେ ପୃଷ୍ଠପୋଷକତା ଗ୍ରହଣ କରିଥିବା ଅବନ୍ତୀ ପ୍ରଧାନ ଓ ସୁକୁମାର ବେହେରାଙ୍କୁ ସମ୍ମାନିତ କରାଯାଇଥିବା ବେଳେ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ଗୁଣାକର ଦେଙ୍କ ପରିଚାଳନାରେ ୫୦ରୁ ଅଧିକ ସଭ୍ୟସଭ୍ୟା ଯୋଗଦେଇଥିଲେ। ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ୩୦ଜଣ ଗରିବ ତଥା ଅସହାୟ ବୃଦ୍ଧବୃଦ୍ଧାମାନଙ୍କୁ କମ୍ବଳ ଓ ଖାଦ୍ୟ ସାମଗ୍ରୀ ‘ସହାୟକ’ ତଥା ଯଶୋଦା ନନ୍ଦନ ଆଶଙ୍କ ସହାୟତାରେ ପ୍ରଦାନ କରାଯାଇଥିଲା। ଏଥିରେ ଇଂ ଶ୍ରୀରାମ ପ୍ରସାଦ ଦାଶ, ଡ. ଯଦୁନାଥ ମିଶ୍ର, ଅମିତା ଦାଶ, ପୁଷ୍ପଲତା ମହାନ୍ତି, ହରିଶ୍ଚନ୍ଦ୍ର ସାହୁ, ରବିନାରାୟଣ ଭୋଳ, କେଶବ ଚନ୍ଦ୍ର ମହାନ୍ତି, ଡ ତାରାକାନ୍ତ ନନ୍ଦ, କାମିନୀକାନ୍ତ ପାଢ଼ୀ, ସାବିତ୍ରୀ ଦାସ, ଶଶାଙ୍କ ଶେଖର ଦେ, ପ୍ରସନ୍ନ କୁମାର ପାଢ଼ୀ, ସଞ୍ଜୟ କୁମାର ପଣ୍ଡା, ବେଣୁଧର ସାହୁ, କ୍ଷେତ୍ରମୋହନ ନାୟକ, ରବି କୁମାର ପାଣିଗ୍ରାହୀ ପ୍ରମୁଖ ୫୦ରୁ ଅଧିକ ସଭ୍ୟସଭ୍ୟା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ବାର୍ଷିକ ଉତ୍ସବ ପାଇଁ ବୈଠକ

**ବାଲେଶ୍ୱର, ୭।୧(ସମିସ):** ସଦର ବ୍ଲକ ହଳଦୀପଦାଠାରେ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୧ତମ ବାର୍ଷିକ ଉତ୍ସବ ପାଇଁ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିନି ଦିନ ଧରି ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ପ୍ରଥମ ଦିନ ଅର୍ଥାତ ୧୧ତାରିଖରେ ରକ୍ତଦାନ ଶିବିର, ୧୨ତାରିଖରେ ଶିଶୁ ଏବଂ ଅଭିଭାବକ କର୍ମଶାଳା ଓ ୧୪ତାରିଖରେ ଫକୀରମୋହନ ଜୟନ୍ତୀ ପାଳନ ସାଙ୍ଗକୁ ସ୍କୁଲ ପିଲାମାନଙ୍କ ମଧ୍ୟରେ ଭାଷଣ, ନୃତ୍ୟ, ଏକକ ଅଭିନୟ ଏବଂ ସଙ୍ଗିତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅନ୍ତିମ ପର୍ଯ୍ୟାୟରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏହି ସବୁ କାର୍ଯ୍ୟକ୍ରମରେ ଅତିଥି ଭାବେ ସଦର ତହସିଲଦାର ଅଶ୍ୱିନୀ କୁମାର ନାୟକ, ବିଡ଼ିଓ ସମରଜିତ କର, ଶୈଳବାଳା ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. ଆରାଧନା ନାୟକ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଡ. କୁମାରଚନ୍ଦ୍ର ମିଶ୍ର, ଡ. ମାନସ କୁମାର ନାୟକ, ଡ. ଶରତ ଚନ୍ଦ୍ର ମିଶ୍ର, ଝଙ୍କଡ ରତ୍ନ ଗୋଲକ ବିହାରୀ ପଲେଇ, ଭାସ୍କର ଚନ୍ଦ୍ର ଜେନା, ଡ. ତପନ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାବ୍ୟତିତ ସମାଜସେବୀ ତଥା ସୁସଙ୍ଗଠକ ଭଗବାନ ମହାପାତ୍ର ଚଳିତବର୍ଷ ବ୍ୟାସକବି ସାଂସ୍କୃତିକ ସମ୍ମାନ ପାଇବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

**କାଉନ୍‌ସିଲରଙ୍କୁ ବାଲି ମାଫିଆଙ୍କ ଆକ୍ରମଣର ପ୍ରତିବାଦ**

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ନିର୍ବାଚିତ ପ୍ରତିନିଧି

**ଜଳେଶ୍ୱର/ରାଇବଣିଆ, ୭।୧(ସମିସ):** ଗତ ୭ ତାରିଖ ଦିନ ଜଳେଶ୍ୱର ପୌରପାଳିକାର ୩ ନଂ. ୱାର୍ଡ଼ ସୁବର୍ଣ୍ଣରେଖା ନଦୀବନ୍ଧକୁ କାଟି କେତେକ ଦୁର୍ବୃତ୍ତ ବେଆଇନ୍ ବାଲି ଉତ୍ତୋଳନ କରୁଥିବା ସୂଚନା ପାଇ ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ଆହ୍ୱାନକ୍ରମେ ପୌରପାଳିକାର ୨ ନଂ. ୱାର୍ଡ କାଉନ୍‌ସିଲର ସୁରଜ ଚୌରାସୀଆ ଓ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇଥିଲେ। ମାତ୍ର ଘଟଣାସ୍ଥଳରେ ତହସିଲଦାରଙ୍କ ଉପସ୍ଥିତିରେ କେତେକ ବାଲିମାଫିଆ ସଂଘବଦ୍ଧ ହୋଇ କାଉନ୍‌ସିଲର ସୁରଜ ଚୌରାସିଆଙ୍କ ସହିତ ଗ୍ରାମବାସୀଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ନିଜେ ତହସିଲଦାର ସତ୍ୟଜିତ ମହାନ୍ତି ଓ କାଉନ୍‌ସିଲାର ସୁରଜ ଚୌରାସିଆ ପୃଥକ ପୃଥକ ଭାବରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କଲା ପରେ ପୁଲିସ୍ ଜଣକୁ ଅଟକ ରଖିଛି। ଅନ୍ୟମାନେ ଏବେ ବି ଫେରାର ଅଛନ୍ତି।

ସୂଚନାଯୋଗ୍ୟ ଜଳେଶ୍ୱର ଅଞ୍ଚଳରେ ସରକାରୀ ବାଲି ସୈରାତ ନ ଥିବାରୁ ବାଲିର ଆବଶ୍ୟକତାକୁ ଲକ୍ଷ୍ୟ କରି କେତେକ ଯୁବକ



ଏପରି ବେଆଇନ୍ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ତେଣୁ ବ୍ୟକ୍ତିଗତ କାର୍ଯ୍ୟ ଓ ସରକାରୀ ଉନ୍ନୟନ କାର୍ଯ୍ୟ ଲାଗି ବାଲିର ବ୍ୟାପକ ଆବଶ୍ୟକ ଥିବାରୁ ଯଥାଶୀଘ୍ର ସରକାରୀସ୍ତରରେ ବାଲି ସୈରାତ ମାଧମରେ ବାଲି ଉପଲବ୍ଧ କରିବା ସହିତ ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ସମସ୍ତ ଯୁବକ ମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଲାଗି ଜଳେଶ୍ୱର ପୌରପାଳିକାର ସମସ୍ତ ଜନ ପ୍ରତିନିଧିମାନେ ବାଲେଶ୍ୱର ଯାଇ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ଓ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ପୌରାଧକ୍ଷ ପ୍ରତାପ କୁମାର ପ୍ରଧାନ, ଉପ ନଗରପାଳ ପୁଷ୍ପପ୍ରିୟା କାମିଳା, କାଉନ୍‌ସିଲର କବିତା ଧଳ, ରଶ୍ମୀ ନନ୍ଦୀ, ସତ୍ୟବତୀ ଗିରି, ସୁଷମା କର, ସ୍ୱାଗତିକା ପାଳ, ଚିତ୍ତରଞ୍ଜନ ମହାନ୍ତି, ସୁରଜ୍ କୁମାର ଚୌରାସିଆ, ଶିବ ନାରାୟଣ ମହାପାତ୍ର, ସେକ୍ ସୈଫୁଦ୍ଦିନ ଓ କବିତା ସାହୁ ପ୍ରମୁଖ କାଉନସିଲରଙ୍କ ସହ ନଗର ବିଧାୟକ ପ୍ରତିନିଧି ସତ୍ୟ ରଞ୍ଜନ ଦାସ ମହାପାତ୍ର ଓ ଯୁବ ସମାଜସେବୀ ଆନନ୍ଦ କର ଉପସ୍ଥିତ ଥିଲେ।

**ଜଳେଶ୍ୱର ଲାୟନ୍ସ କ୍ଲବ୍‌ର ରୌପ୍ୟଜୟନ୍ତୀ**

# ‘ବିଶ୍ୱର ୩୨ ସେବା ସଂସ୍ଥା ମଧ୍ୟରୁ ଲାୟନ୍ସ କ୍ଲବ୍ ସର୍ବଶ୍ରେଷ୍ଠ’

**ଜଳେଶ୍ୱର, ୭।୧(ସମିସ):** ଜଳେଶ୍ୱରରେ ଲାୟନ୍ସ କ୍ଲବ ଚଳିତବର୍ଷ ଏହାର ରୌପ୍ୟ ଜୟନ୍ତୀ ପାଳନ କରିଛି। ସମଗ୍ର ବିଶ୍ୱରେ ୩୨ଟି ଶ୍ରେଷ୍ଠ ସେବା ସଂସ୍ଥା ମଧ୍ୟରେ ଲାୟନ୍ସ କ୍ଲବ ସର୍ବଶ୍ରେଷ୍ଠ ବୋଲି ଏହାର ଆନ୍ତର୍ଜାତୀୟ ନିର୍ଦ୍ଦେଶକ ରାଜ କୁମାର ଅଗ୍ରୱାଲ ଏଠାରେ ପ୍ରକାଶ କରିଛନ୍ତି। ୨୦୨୯ ସୁଦ୍ଧା




ବିଶ୍ୱର ୩୫କୋଟି ଲୋକ ଏଥିରେ ସଭ୍ୟଭୁକ୍ତ ହେବେ ବୋଲି ସେ କହିଛନ୍ତି। ସୁପର ସାଇକ୍ଲୋନ ବେଳେ ଓଡ଼ିଶାରେ ଦୁର୍ଗତମାନଙ୍କ ପାଖରେ ଲାୟନ୍ସ କ୍ଲବ ପ୍ରଥମେ ପହଞ୍ଚି ସେବାକାର୍ଯ୍ୟ ଆରମ୍ଭ କରିଥିଲା ବୋଲି ସେ କହିଥିଲେ।

ଏହାକୁ ଉଦ୍‌ଘାଟନ କରି ବିଧାୟକ ଅଶ୍ୱିନୀ ପାତ୍ର କହିଥିଲେ, ସମଗ୍ର ଜଳେଶ୍ୱରେ ବିଭିନ୍ନ ଦୈବୀଦୁର୍ବିପାକ ସମୟରେ ଲାୟନ୍ସ କ୍ଲବ ତାର ସେବାକାର୍ଯ୍ୟ ଲାଗି ପରିଚିତ। ଆସନ୍ତା ୨୫ବର୍ଷ ଜଳେଶ୍ୱରବାସୀଙ୍କ ସ୍ୱପ୍ନ ଓ ସମ୍ଭାବନା ନେଇ ଯୁବ ପିଢିଙ୍କୁ ଉଦ୍‌ବୁଦ୍ଧ କରୁ ବୋଲି ସେ କହିଥିଲେ। ମୁଖ୍ୟବକ୍ତାଭାବେ ଲାୟନ୍ସ କ୍ଲବର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ପ୍ରଭାତ ମହାନ୍ତି ଯୋଗଦେଇ ଏବେବି ଲାୟନ୍ସ କ୍ଲବ ଦେଶରେ ୧୭୫ଟି ହସ୍‌ପିଟାଲ ଓ ୨ଶହ ବିଦ୍ୟାଳୟ ଓ ବହୁ ବ୍ଲଡ଼ବ୍ୟାଙ୍କ କରି ଇତିହାସ ରଚିଥିବା କହିଥିଲେ। ସମ୍ମାନୀତ ଅତିଥିଭାବେ ଜିଲ୍ଲା ଗଭର୍ଣ୍ଣର ପ୍ରଲୁବ୍ଧ ଜେନା, ମମତା ଦାସ, ବିକାଶ ନାୟକ, ଜିତାରାମ ଦେ, ନବେନ୍ଦୁ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଲାୟନ୍ସ କ୍ଲବର ସଭାପତି ତଥା ପ୍ରତିଷ୍ଠାତା ସଦସ୍ୟ ଅଧ୍ୟକ୍ଷତା କରି ଦୀର୍ଘ ୨୫ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ସମ୍ପାଦକ ସମରେଶ ଦିନ୍ଦା ଗତ ବର୍ଷର କ୍ଲବ ପକ୍ଷରୁ ବିଭିନ୍ନ ସେବାକାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆନ୍ତର୍ଜାତୀୟ ନିର୍ଦ୍ଦେଶକ ପ୍ରତିଷ୍ଠାତ ସଦସ୍ୟ ବିଷ୍ଣୁପଦ ମହାନ୍ତି, ଅରୁଣ ରାଠୀ, ଶିରିଶ ଚୌହାନ ଏବଂ ଅନ୍ୟ ବହୁ ବିଶିଷ୍ଟ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ହୋଇଥିବା ପ୍ରତିଯୋଗିତରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ବିଶେଷ ସେବାକାର୍ଯ୍ୟଲାଗି ହରିଶଙ୍କର ପଣ୍ଡା, ଗଛମଣିଷ ଗୁରୁଜୀ ନରହରୀ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବସ୍ତା, ବାଲିଆପାଳ, ବାଲେଶ୍ୱର, ଭୋଗରାଇ କ୍ଲବରୁ ସଦସ୍ୟମାନେ ଯୋଗଦେଇଥିଲେ।

**ତିନିଦିନିଆ ୮୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ**

# ଅଂଶଗ୍ରହଣ କଲେ ୮୧ ଅନୁଷ୍ଠାନର ହଜାରେରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ

**ବାଲେଶ୍ୱର, ୭ ।୧(ସମିସ):** ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ବାଲେଶ୍ୱରରେ ତିନି ଦିନିଆ ୮୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତା ଆଜି ଉଦ୍‌ଘାଟିତ ହୋଇଛି। ସହରର ପରମିଟ ପଡ଼ିଆଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଯୋଗଦେଇ ଉଦ୍‌ଘାଟନ କରିବା ସହ ଶିକ୍ଷା ଗ୍ରହଣ ସାଙ୍ଗକୁ କ୍ରୀଡ଼ାର ଏକାନ୍ତ ଆବଶ୍ୟକ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବ ଅପେକ୍ଷା ଏବେ ଜିଲ୍ଲାରୁ ବହୁ କ୍ରୀଡ଼ାବିତ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି ବୋଲି କହିଥିଲେ। କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉପସଭାପତି ଜଗଦୀଶ ବେହେରା, ଦିଲ୍ଲୀପ ନାୟକ, ଯୁଗ୍ମ ସମ୍ପାଦକ ସଞ୍ଜୟ ଲେଙ୍କା, କାର୍ତ୍ତିକ ଚନ୍ଦ୍ର ନାୟକ, ବିରେନ୍ଦ୍ର କୁମାର ସ୍ୱାଇଁ, ନିମାଇଁ ଚରଣ ରାଉତରାୟ, ଜନ୍ମେଜୟ ଦେ, ଅଜିତ ପାତ୍ର, କୋଷାଧକ୍ଷ ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ସଂଘର ଯୁଗ୍ମ ସମ୍ପାଦକ ପଦ୍ମଲୋଚନ ଲେଙ୍କା ପ୍ରାକ୍ ସୂଚନା ଦେଇଥିଲେ। ଏହି ତିନିଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ୮୧ଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ସେଥିରୁ ଜିଲ୍ଲାର ୪୩ଟି ସ୍କୁଲ, ୧୪ଟି କଲେଜ ସହ୨୪ଟି କ୍ଲବ ମଧ୍ୟ ଭାଗ ନେଇଛନ୍ତି। ପ୍ରତିଯୋଗିତାରେ ସମୁଦାୟ ୬୬୦ଜଣ ବାଳକ ଓ ୩୭୪ ବାଳିକାଙ୍କ ମିଶାଇ ମୋଟ ୧୦୩୪ଜଣ ପ୍ରତିଯୋଗୀ ଭାଗନେଇଛନ୍ତି। ସେହିପରି ୧୨ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ମୋଟ୍ ୭୬ ଜଣ ପ୍ରତିଯୋଗୀ ଅଛନ୍ତି। ଆସନ୍ତା ଗୁରୁବାର ଦିନ ଏହା ଉଦ୍‌ଯାପିତ ହେବ।




# ଓ୍ୟୁଜେର ନବବର୍ଷ କ୍ୟାଲେଣ୍ଡର ଉନ୍ମୋଚିତ



**ବାଲେଶ୍ୱର, ୭ ।୧(ସମିସ):** ଦୃଢ଼ ଆତ୍ମ ବିଶ୍ୱାସ, ସେବା ଓ ତ୍ୟାଗ ମନୋଭାବ ନେଇ ସମାଜର ଯେ କୌଣସି କାର୍ଯ୍ୟ ଅନାୟସରେ କରାଯାଇ ପାରିବ। ସେଥିପାଇଁ ଅର୍ଥ ପ୍ରତିବନ୍ଧକ ହେବା ପରିବର୍ତ୍ତେ ମହତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାରେ ପୂର୍ଣ୍ଣ ସହାୟକ ହୋଇଥାଏ ବୋଲି ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖାର ନବବର୍ଷ କ୍ୟାଲେଣ୍ଡର ଉନ୍ମୋଚନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓ୍ୟୁଜେ ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରକାରୀ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କବି ପ୍ରଶାନ୍ତ ଦାସ, ସାମ୍ବାଦିକ ସୃଷ୍ଟିଧର ପରିଡ଼ା, ସାମ୍ବାଦିକ ଶଶୀ ରଞ୍ଜନ ମଲ୍ଲିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, କୋଷାଧ୍ୟକ୍ଷ ସୁରେଶ ଦାସ, ବାହାନଗା ବ୍ଲକ ସଂଯୋଜକ ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଟାଉନ ସଂଯୋଜକ ଅଜିତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ନନ୍ଦ କିଶୋର ସାହୁ, ସୁଶାନ୍ତ କୁମାର ବେହେରା, ଦେବବ୍ରତ ପାଣିଗ୍ରାହୀ, ବାସୁଦେବ ରାଉଳ, କୁଞ୍ଜମଣି ସ୍ୱାଇଁ, ଯଦୁନାଥ ଗିରି, କମଳାକାନ୍ତ ନାୟକ, ଗୟାଧର କର, ସେକ ନଜୀମ, ରମଣୀ ରଞ୍ଜନ ଦାସ, ଗୁରୁ ପ୍ରସାଦ ବାରିକ, କହ୍ନେଇ ଚରଣ ପ୍ରଧାନ, ମହେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଫକୀରମୋହନ ସାହିତ୍ୟ ପରିଷଦ ପୁରସ୍କାର ଓ ସମ୍ମାନ ଘୋଷିତ

ବାଲେଶ୍ୱର, ୭।୧(ସମିସ)

ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଜାନୁଆରୀ ୧୩ ରୁ ୧୬ ତାରିଖ ଚାରିଦିନ ବ୍ୟାପି କଥାସମ୍ରାଟ ଫକୀରମୋହନଙ୍କ ୧୮୩ତମ ଜୟନ୍ତୀ ଓ ପରିଷଦର ୭୮ତମ ବାର୍ଷିକ ଉତ୍ସବ ପାଳନ କରାଯିବା ଅବସରରେ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ୨୪ଜଣ ଲବ୍ଧପ୍ରତିଷ୍ଠ

**ତରୁଣକାନ୍ତିଙ୍କୁ ସାହିତ୍ୟଶ୍ରୀ, ଦୀପୁନଙ୍କୁ ଉଦୟ ପ୍ରତିଭା ପୁରସ୍କାର**

ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯିବ। ବିଶିଷ୍ଟ କଥାକାର ତରୁଣକାନ୍ତି ମିଶ୍ରଙ୍କୁ ପରିଷଦର ସର୍ବୋଚ୍ଚ ପୁରସ୍କାର ‘ଫକୀରମୋହନ ସାହିତ୍ୟଶ୍ରୀ’ ପ୍ରଦାନ କରାଯାଉଥିବା ବେଳେ ଯୁବ ସାହିତ୍ୟିକ ଦିପୁନ ପୁହାଣ ‘ହାଜି ଅସରଫ୍ ଅଲ୍ଲୀ ଉଦୟ ପ୍ରତିଭା’ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଲଲାଟେନ୍ଦୁ ଦାସ ମହାପାତ୍ର (ପ୍ରବନ୍ଧ), ଡକ୍ଟର ଦେବାଶିଷ ପାତ୍ର (ସମାଲୋଚନା), ସୌଭାଗ୍ୟବନ୍ତ ମହାରଣା (କବିତା), ସୀତେଶ ତ୍ରିପାଠୀ (ଗଳ୍ପ), ନିବାରଣ ଜେନା (ଉପନ୍ୟାସ), ସଞ୍ଜୟ ହାତୀ (ନାଟକ), ମନୋଜ ମହାନ୍ତି (ଗୀତିକବିତା), ବର୍ଷାଳୀ ଶର୍ମା ଗୌଡ଼ (ଅନୁବାଦ), ବ୍ରଜ ସୁବୁଦ୍ଧି (ହାସ୍ୟ ଓ ବ୍ୟଙ୍ଗ), ଦେବେନ୍ଦ୍ର ଚୌଧୁରୀ (ଶିଶୁ ସାହିତ୍ୟ), ଚିନ୍ମୟ ହୋତା (ସମ୍ବାଦ ସାହିତ୍ୟ), ଇଂ. ରଶ୍ମିରଞ୍ଜନ ରାୟ ( ଶ୍ରୀଜଗନ୍ନାଥ ସଂସ୍କୃତି), ଡ. ଭାଗବତ ପ୍ରସାଦ



ଦାସ (ସାହିତ୍ୟ ସଂଗଠନ), କମଳ କୁମାର ମହାନ୍ତି (ପତ୍ରିକା ସମ୍ପାଦନା), ଡ. ମୋହିତ କୁମାର ଷଡ଼ଙ୍ଗୀ (ସାହିତ୍ୟ ଓ ସମାଜସେବା), ପଣ୍ଡିତ ଭୂପତି ଭୂଷଣ ମିଶ୍ର (ଆଧ୍।ିକ ସାହିତ୍ୟ), ଅଶୋକ ମହାନ୍ତି (ଭ୍ରମଣ ସାହିତ୍ୟ), ରାସେଶ୍ୱରୀ ମିଶ୍ର (ଆଜୀବନୀ), ସଙ୍ଗୀତା ପଣ୍ଡା (ସଙ୍ଗୀତ), ସୁଶାନ୍ତ କୁମାର ଦାସ (ତବଲା ବାଦନ) ଓ ଡ. କମଳାକାନ୍ତ ଜେନା (ବିଜ୍ଞାନ ସାହିତ୍ୟ) ଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ ପାଇଁ ଫକୀରମୋହନ ସାହିତ୍ୟ ପରିଷଦର ବରିଷ୍ଠ ସଦସ୍ୟା ସୁଶ୍ରୀ ଅରୁଣା ରାୟଙ୍କୁ ‘ପରିଷଦ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ଚାରିଦିନ ବ୍ୟାପି ସାହିତ୍ୟ ସଭା, ବିଭିନ୍ନ ପ୍ରତିଯୋଗିତା, ସଙ୍ଗୀତ ବିଚିତ୍ରା ଓ ନାଟକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ପରିଷଦ ତରଫରୁ ପ୍ରକାଶ କରାଯାଇଛି।

# ଶୀତଳ ଭଣ୍ଡାରରେ ଡିସିପିଓଙ୍କ କାର୍ଯ୍ୟାନ୍ତର ଆଦେଶ ଚିଠି

**ବାଲେଶ୍ୱର, ୭।୧(ସମିସ)**

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ)ଙ୍କ ଡିସ୍ଏନଗେଜ୍ ଚିଠି ଏବେ ଶୀତଳଭଣ୍ଡାରରେ। ତାଙ୍କ ବିରୋଧରେ ଥିବା ବିଭିନ୍ନ ଅଭିଯୋଗକୁ ଦୃଷ୍ଟିରେ ରଖି ତାଙ୍କୁ ବାଲେଶ୍ୱର ଡିସିପିଓ କାର୍ଯ୍ୟରୁ ଅନ୍ତର ପାଇଁ ନିର୍ଦ୍ଦେଶନାମା ପାଇଁ ଚିଠି ଆସିବା ପରେ ବି ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହିତ ତାଙ୍କୁ ଅନୁକମ୍ପା ଦେଖାଉଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ମଧ୍ୟ ଦାବି କରାଯାଇଛି।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ) ଶ୍ରୀମତୀ ବାରିକଙ୍କୁ ଡିସ୍ଏନଗେଜ(କାର୍ଯ୍ୟରୁ ଅନ୍ତର) ନିମନ୍ତେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟକୁ ୨୦୨୪ ଡ଼ିସେମ୍ବର ୧୭ ତାରିଖରେ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ସୁରକ୍ଷା ବିଭାଗ ତଥା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ଏକ ନିର୍ଦ୍ଦେଶନାମା ଚିଠି ଆସିଥିଲା। ଉକ୍ତ ଚିଠିରେ ୨୦୨୪ ଡିସେମ୍ବର ୨୪ ତାରିଖ ସୁଦ୍ଧା କାର୍ଯ୍ୟକାରୀ ହେବା କଥା। ଏହି କାର୍ଯକାରୀରେ ଡିସିପିଓଙ୍କୁ କାର୍ଯ୍ୟରୁ ଅନ୍ତର କରିବା ସହିତ ରିପୋର୍ଟ ପ୍ରଦାନ କରିବାକୁ ଚିଠିରେ

- **ଚିଠି ଆସିବାର ୧୫ ଦିନ ବିତିଗଲାଣି**
- **'ମୋତେ ଚିଠି ଆସିଥିଲା, ମୁଁ ଦେଖିଦେଉଛି': ଜିଲ୍ଲାପାଳ**

ଉଲ୍ଲେଖ ରହିଛି। ମାତ୍ର ଏନେଇ ବର୍ତ୍ତମାନ ସୁଦ୍ଧା କିଛି କାର୍ଯ୍ୟକାରୀ ହୋଇନାହିଁ। ଏମିତିରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଡିସ୍ଏନଗେଜ ଚିଠି ଆସିବାକୁ ୧୫ ଦିନ ବିତିଗଲାଣି। ମିଳିଥିବା ତଥ୍ୟ ଅନୁସାରେ, ବାଲେଶ୍ୱରର ସମ୍ପୃକ୍ତ ଡିସିପିଓ କେନ୍ଦୁଝର ଜିଲ୍ଲାରେ ଶିଶୁ ସୁରକ୍ଷା ଅଧିକାରୀ ଥିବାବେଳେ ତାଙ୍କ ବିରୋଧରେ ବିଭିନ୍ନ ସମୟରେ ଅଭିଯୋଗ ଯଥା ବ୍ୟାପକ ଅନିୟମିତତା, କାର୍ଯ୍ୟରେ ଅବହେଳା, ସରକାରୀ ଅର୍ଥର ତୋଷାରପାତ, ବିଭାଗୀୟ ଆଦେଶକୁ ବେଖାତିର ସହିତ ସାଧାରଣ ଲୋକ ତଥା ପିଲାଙ୍କ ଅଭିଭାବକଙ୍କୁ ଦୁର୍ବ୍ୟବହାର ଆଦି ଆସିଥିଲା। ଏହି ଅଭିଯୋଗ ପାଇବା ପରେ କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ତଦନ୍ତ କରିଥିଲେ। ସମସ୍ତ ଅଭିଯୋଗର ପ୍ରମାଣ ପାଇବା ପରେ ଡିସିପିଓଙ୍କ ବିରୋଧରେ ରିପୋର୍ଟ ହୋଇଥିଲା। ଏଥିସହିତ ଡିସିପିଓ ଶ୍ରୀମତୀ ବାରିକଙ୍କୁ କୈଫିୟତ ତଲବ କରାଯାଇଥିଲା। ଏହି ସମୟ ମଧ୍ୟରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କୁ ବାଲେଶ୍ୱରକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଭାବେ ଡେପୁଟେସନ୍‌ରେ ପଠାଯାଇଥିଲା। ତେବେ ମଗାଯାଇଥିବା କୈଫିୟତରେ ଅଧିକାରୀଙ୍କ ସନ୍ତୋଷଜନକ ଉତ୍ତର ନମିଳିବା ଉପଲବ୍ଧି କରି ତାଙ୍କ ରିପୋର୍ଟ ଉପରେ ବିଭାଗ ପୁନଃ ତଦନ୍ତ କରି ୨୦୨୪ ଡ଼ିସେମ୍ବର ୧୭ ତାରିଖରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଆସିଥିଲା। ଡିସେମ୍ବର ୨୪ ସୁଦ୍ଧା ଶ୍ରୀମତୀ ବାରିକଙ୍କୁ କାର୍ଯ୍ୟରୁ ଅନ୍ତର ସହ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲା। ଏଥିସହ ଏହି ଚିଠିର ଏକ ନକଲ କେନ୍ଦୁଝର ଜିଲ୍ଲାପାଳଙ୍କୁ ପଠାଯାଇଛି। ହେଲେ ବର୍ତ୍ତମାନ ୨୦୨୫ ଜାନୁଆରୀ ମାସ ୭ ତାରିଖ ହୋଇଥିଲେ ସୁଦ୍ଧା ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ବରଂ ଡିସିପିଓ ନିଜ କାମ ପୂର୍ବ ପରି କରୁଛନ୍ତି। ତେବେ ଏନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ପଚାରିବାରୁ କହିଥିଲେ, 'ଠିକ୍ ଅଛି ମୁଁ ଏହାକୁ ଦେଖିଦେଉଛି। ଏନେଇ ଚିଠି ମୋତେ ଆସିଥିଲା। ତଥାପି ମୁଁ ଏବାବଦରେ ଦେଖି ଦେଉଛି'।

## ଜିଲ୍ଲାସ୍ତରୀୟ କୁଞ୍ଜମେଳାର ଅଷ୍ଟମ ସନ୍ଧ୍ୟା



**ଭୂଷଣ୍ଡେଶ୍ୱର, ୭।୧(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ନାଚିନ୍ଦା ପଞ୍ଚାୟତ ଅଧୀନ ସେହି ଗ୍ରାମରେ ଅନୁଷ୍ଠିତ ହେଉଥିବା ବୃହତ୍ କୁଞ୍ଜମେଳାର ଅଷ୍ଟମ ସନ୍ଧ୍ୟାରେ ଆୟୋଜିତ ସଭାରେ ଆଇନଜୀବୀ ଭୁବନାନନ୍ଦ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ପାଳ ଯୋଗଦେଇ କହିଥିଲେ ଯେ ପିତା ମାତାଙ୍କ ଠାରୁ ବଡ଼ ଠାକୁର କେହି ନାହାଁନ୍ତି। ମୁଖ୍ୟବ୍ୟକ୍ତା ଭାବେ ଦୈନିକ ଭାସ୍କର ପ୍ରତିନିଧି ଦିଲ୍ଲୀପ ପଣ୍ଡା ଯୋଗଦେଇ ସଂସ୍କୃତି ବଞ୍ଚିଲେ ଆମ ଦେଶ ବଞ୍ଚିବ ବୋଲି କହିଥିଲେ, ସମ୍ମାନିତ ଅତିଥି ଭାବେ ନାଚିନ୍ଦା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ପାତ୍ର, ସକାଳ ଖବରକାଗଜର ପ୍ରତିନିଧି ଦିଲୀପ କୁମାର ଦାସ। ଭୋଗରାଇ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା ଅନୁଷ୍ଠାନର ସ୍ଥାୟୀ ସଭାପତି ପଞ୍ଚାନନ ମହାନ୍ତି ଯୋଗ ଦେଇ ବ୍ୟକ୍ତବ୍ୟ ରଖିଥିଲେ। ଶିବଶଙ୍କର ମହାପାତ୍ର ମଞ୍ଚ ଆହ୍ୱାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପୁରୀରୁ ଆସିଥିବା ପ୍ରବଚିକା ତପସ୍ୱିନୀ ଦେବୀ ଓ ଗାୟକ ପ୍ରେମାନନ୍ଦ ବେହେରାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**■ ପ୍ରାକ୍ ପ୍ରସ୍ତୁତି ବୈଠକ**

## ୩ରୁ 'ସ୍ରଷ୍ଟା'ର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

**ବାଲେଶ୍ୱର, ୭।୧(ସମିସ):** ଅଗ୍ରଣୀ ନାଟ୍ୟ ସଂସ୍ଥା 'ସ୍ରଷ୍ଟା' ପକ୍ଷରୁ ଫେବୃଆରି ୩ରୁ ୯ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପି ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଆୟୋଜିତ ଏହି ମହୋତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ୬ଗୋଟି ନିର୍ବାଚିତ ନାଟ୍ୟସଂସ୍ଥା ଯୋଗଦେଇ ବିଭିନ୍ନ ନାଟକମାନ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସ୍ରଷ୍ଟା ନାଟ୍ୟାଳୟ ଠାରେ ଆୟୋଜିତ ଏକ ପ୍ରାକ୍ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ଏହି ଉତ୍ସବରେ 'ସ୍ରଷ୍ଟା'ର ନିଜସ୍ୱ ନାଟକ 'ସ୍ମୃତି ତୁମେ' ଓ 'ପରିଚୟ' ବ୍ୟତୀତ ବାରିପଦାର ଓମ୍ ନାଟ୍ୟ ସଂସ୍ଥାର 'ମଞ୍ଚ ମାୟା', ଭୁବନେଶ୍ୱରର ବିଦ୍ୟାକନକ ସୃଜନାନୁଷ୍ଠାନର ନାଟକ 'ମାଗୁଣିର ଶଗଡ଼', ଭବାନୀପାଟଣାର ବାଗ୍‌ଦେବୀ ଲିଟରେଚର ଟ୍ରଷ୍ଟର ନାଟକ 'ଜାତି ନନ୍ଦିଘୋଷ', ଭୁବନେଶ୍ୱରର ଡାଇନାମିକ ପ୍ଲାଟଫର୍ମର ନାଟକ 'ଅଭିଯାନ', ମେଜିକ୍ ଥିଏଟରର ନାଟକ 'ସୋମରସ' ମଞ୍ଚସ୍ଥ ହେବାକୁ ସ୍ଥିର ହୋଇଛି। ଏହି ଅବସରରେ ବିଶିଷ୍ଟ ଅଭିନେତା ତଥା ଡାକ୍ତର ଅମିତାଭ ଗିରିଙ୍କୁ 'ଧୁରନ୍ଧର ବିଶ୍ୱାଳ ସ୍ମୃତି ସମ୍ମାନ', ବିଶିଷ୍ଟ ଅଭିନେତ୍ରୀ ତଥା କଣ୍ଠଶିଳ୍ପୀ ମଞ୍ଜୁଲତା ଶତପଥୀଙ୍କୁ 'ସୂର୍ଯ୍ୟମଣୀ ଦାସ ସ୍ମୃତି ସମ୍ମାନ' ଓ ବିଶିଷ୍ଟ ଅଭିନେତା ମଦନମୋହନ ସାହୁଙ୍କୁ 'ବିଦ୍ୟୁତ ଲତା ସାହାଣୀ ସ୍ମୃତି ସମ୍ମାନ' ପ୍ରଦାନ କରାଯିବାର କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି 'ସ୍ରଷ୍ଟା'ର ସାଧାରଣ ସମ୍ପାଦକ ହେମେନ୍ଦ୍ର ମହାପାତ୍ର ଜଣାଇଛନ୍ତି।

## ଠାକୁରମୁଣ୍ଡା ହାଇସ୍କୁଲର ବାର୍ଷିକୋତ୍ସବ



**ଠାକୁରମୁଣ୍ଡା, ୭।୧(ସମିସ):** ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଠାକୁରମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିକାରୀ ପ୍ରବୀଣ କୁମାର ବାଣ୍ଡୁଆ। ସେହିପରି ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ତହସିଲଦାର ଡଃ ସୁଶ୍ରୀ ସୁପ୍ରିୟା, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାଏକ, ସିଡିପିଓ ପ୍ରେମଲତା ସେଠୀ ଅନ୍ୟତମ ଅତିଥି, କରଞ୍ଜିଆ ଆଇଟିଡିଏ ଆଲୋକ କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ଶିଶୁ ବିକାଶ ଯୋଜନା ଅଧିକାରିଣୀ ପ୍ରେମଲତା ସେଠୀ, ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଠାକୁରମୁଣ୍ଡା ରେଞ୍ଜର ଅଧିକାରୀ ଉମାକାନ୍ତ ବେହେରା, ବ୍ୟାଙ୍କ ଅଫ୍ ଇଣ୍ଡିଆ ଠାକୁରମୁଣ୍ଡା ଶାଖା ପରିଚାଳକ ସ୍ମୃତି ରଞ୍ଜନ ସାହୁ, ପଦ୍ମଲୋଚନ ନନ୍ଦ, ଚମକପୁର ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ, ଯଶିପୁର ବାକରତଳା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ବାଳିକା ବିଦ୍ୟାଳୟର ଛାତ୍ରୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଧାନ କିଣାକୁ ନେଇ ଚାଷୀଙ୍କ ଅସନ୍ତୋଷ

**ସୋର, ୭।୧(ସମିସ):** ସୋର ବ୍ଲକ ନଦୀଗାଁ ସେବା ସମବାୟ ସମିତିରେ ଧାନ କିଣାକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ଚାଷୀମାନେ ସୋର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ନଦୀଗାଁ ସେବା ସମବାୟ ଅଧିନରେ ୧୦ରୁ ୧୫ ଜଣ ଚାଷୀ ୫ ଶହ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ପାଇଁ ଆଣିଥିଲେ। ଯାହାକୁ କିଣିବା ପାଇଁ ମା ତାରିଣୀ ଓ ସଖି ରାଇସ୍ ମିଲ ପକ୍ଷରୁ ଆସିଥିଲେ। ମାତ୍ର ଚାଷୀମାନଙ୍କୁ କ୍ୱିଣ୍ଟାଲ ପିଛା ୧୦ ରୁ ୧୨ କିଲୋ ଲେଖାଏଁ କାଟିବାକୁ କହିଥିଲେ। ଏଥିରେ ଚାଷୀ ରାଜି ନହୋଇ ମାର୍କୋଣା ସ୍ଥିତ ସରକାରୀ ଧାନର ମାନ ନିରୂପଣ ଯନ୍ତ୍ରରେ ଧାନର ମାନ ପରୀକ୍ଷା ପାଇଁ ଯାଇଥିଲେ। ସେଠାରେ କ୍ୱିଣ୍ଟାଲ ପିଛା ୨ ରୁ ୩ କିଲୋ କାଟିବା ପାଇଁ ରସିଦ ବାହାରିଥିଲା। ତେବେ ମିଲରଙ୍କ ପକ୍ଷରୁ ଅଧିକ କଟ୍‌ନୀ ଛଟ୍‌ନୀକୁ ବିରୋଧ କରି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଉକ୍ତ ଗାଡିକୁ ଅଟକ ରଖିବା ସହିତ ପରେ ଏନେଇ ସୋର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ସମସ୍ୟାର ସମାଧାନ ନହେଲେ ନଦୀଗାଁ ସେବା ସମବାୟ ସମିତିର ସଭାପତି କରୁଣାକର ଖୁଣ୍ଟିଆଙ୍କ ନେତୃତ୍ୱରେ ଚାଷୀମାନେ ରାସ୍ତାରେ ଧାନ ରଖି ରାସ୍ତା ରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ମାସ୍ ଏକାଡେମୀ ଅଫ୍ ସାଇନ୍ସ ଏଣ୍ଡ ମାସ୍ ହାୟର ସେକେଣ୍ଡାରି ସ୍କୁଲର ବାର୍ଷିକ ଉତ୍ସବ

**ଜଳେଶ୍ୱର, ୭।୧(ସମିସ):** ଜଳେଶ୍ୱରସ୍ଥିତ ମାସ୍ ଏକାଡେମୀ ଅଫ ସାଇନ୍ସ ଆଣ୍ଡ ମାସ୍ ସେକେଣ୍ଡାରୀ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ବିଭୂତି କୁମାର ଦାସ ଅଧ୍ୟକ୍ଷତା କରିଥିବାବେଳେ ପରିଚାଳନା ନିର୍ଦ୍ଦେଶକ ଆଦିକନ୍ଦ ଦାସ ଅଧିକାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ କର୍ତ୍ତବ୍ୟବୋଧ ଓ ଦୃଢ଼ ମାନସିକତା ପ୍ରତ୍ୟେକଙ୍କୁ ଊର୍ଦ୍ଧ୍ୱଗାମୀ କରାଇଥାଏ। ନିଷ୍ଠା ଏକାଗ୍ରତା ଛାତ୍ରଛାତ୍ରୀଙ୍କ ସଫଳତାର ଚାବିକାଠି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ପୂର୍ବତନ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇ ଶିକ୍ଷକ-ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଏକ ତ୍ରିଭୂଜ ଆଖ୍ୟାଦେଇ ସମସ୍ତଙ୍କ ସଚେତନତା ଦ୍ୱାରା ଶିକ୍ଷା ଅଗ୍ରଗତି କରିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳଚକ୍ରବର୍ତ୍ତୀ, ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ତ୍ରିଲୋଚନା ଦାସ ଅଧିକାରୀ, ଶିକ୍ଷାନୁଷ୍ଠାନର ଟ୍ରଷ୍ଟି ସାରଳାପ୍ରସାଦ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦେଉଳା ଆଶ୍ରମ ଜନଜାତି ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ବାଲିଆପାଳ, ୭।୧(ସମିସ):** ବାଲିଆପାଳ ବ୍ଲକ ଦେଉଳା ଆଶ୍ରମ ଜନଜାତି ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବାର୍ଷିକ କ୍ରୀଡ଼ା ଉତ୍ସବକୁ ପ୍ରଧାନଶିକ୍ଷକ ରାଜୀବ ଲୋଚନ ପାତ୍ର ଏବଂ ଦେଉଳା ସରପଞ୍ଚ ସରୋଜ କୁମାର ପିଳା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ପରିଚାଳକ ତଥା ସାମ୍ବାଦିକ ପ୍ରତାପ ପାତ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦେଉଳା ଶିବ ମନ୍ଦିର ଠାରୁ ଖେଳ ପଡ଼ିଆ ପର୍ଯ୍ୟନ୍ତ ବିଦ୍ୟାଳୟର ଛାତ୍ର ଧାନ ବେଶ୍ରାଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା କରାଯାଇଥିଲା। ପରେ ପ୍ରଧାନଶିକ୍ଷକ ରାଜୀବ ଲୋଚନ ପାତ୍ର ବାର୍ଷିକ କ୍ରୀଡ଼ା ପତାକା ଉତ୍ତୋଳନ ପରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶପଥ ପାଠ, ପିରାମିଡ୍, ଜିମ୍ନାଷ୍ଟିକ୍ ଏବଂ ଏରୋବିକ୍ ଡ୍ୟାନସ୍ ପରିବେଷଣ କରିଥିଲେ। ପ୍ରଥମ ଦିବସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୁରା ଦୌଡ଼, ଲମ୍ବ ଡିଆଁ, ଦୌଡ଼ ପ୍ରତିଯୋଗିତା, ସ୍କିପିଙ୍ଗ୍, ମ୍ୟୁଜିକ୍ ଚେୟାର, ଏଥଲେଟିକ୍ ରେସ୍, ବାଇଗଣ ଦୌଡ଼, ଛୁଞ୍ଚି ସୂତା ଦୌଡ଼ ଏବଂ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡ଼ା ଉତ୍ସବକୁ ପରିଚାଳନାରେ ଶିକ୍ଷକ ଅଜୟ ବର, ଉର୍ମିଳା ରାଉତ, ସଂଯୁକ୍ତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ପୁରାତନ ଛାତ୍ର ପରିଷଦ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଖଇରା, ୭।୧(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ହୀରକ ଜୟନ୍ତୀ ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ପରିଷଦର ଏକ କାର୍ଯ୍ୟାଳୟ ଖୋଲାଯାଇଛି। ଛାତ୍ର ପରିଷଦର ମୁଖ୍ୟ ଉପଦେଷ୍ଟା ଡ. ମଦନମୋହନ ମହଲା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଛାତ୍ର ସଂସଦର ସଭାପତି ଅରୁଣ କୁମାର ପାଢ଼ୀ, ସମ୍ପାଦକ ଅଭୟ ମହାନ୍ତି, ଉପସଭାପତି ଅଭିମନ୍ୟୁ ରାଉଳ ଓ ଇଂ. ରାଜେଶ କୁମାର ମହାକୁଡ, ସହସମ୍ପାଦକ ମାନସ ରଞ୍ଜନ ରାଉଳ, କୋଷାଧକ୍ଷ ମଧୁସୂଦନ ଜେନା, ସଭ୍ୟ ପ୍ରଭାସ କୁମାର ପତି, ବିଶ୍ୱଭୂଷଣ ପ୍ରଧାନ, ମନୋଜ ପତି, ଦିନେଶ ଜେନା, ଉର୍ମିଳା ରାଉଳ, ପଦ୍ମଲୋଚନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜୟନ୍ତୀକୁ ଆକର୍ଷଣୀୟ କରିବାକୁ ଅଭ୍ୟର୍ଥନା କମିଟି, ସାଂସ୍କୃତିକ କମିଟି ଓ ଆର୍ଥିକ ପରିଚାଳନା କମିଟି ଗଠନ ଓ ସ୍ମରଣିକା ପ୍ରକାଶନ ପାଇଁ ନିଷ୍ପତ୍ତି ନିଆଗଲା।

**ଖଇରାରେ ଗୋରୁ ମାଫିଆ ସକ୍ରିୟ**

# କେନାଲ୍ ରାସ୍ତାଦେଇ ରାତିରେ ପାର୍ ହେଉଛି ଗୋରୁଗାଡ଼ି

**ଖଇରା, ୭।୧(ସମିସ)**



ବାଲେଶ୍ୱର ଜିଲ୍ଲା ଖଇରା ଅଞ୍ଚଳରେ ଗୋରୁ ମାଫିଆମାନେ ଏବେ ସକ୍ରିୟ ହୋଇପଡ଼ିଛନ୍ତି। ବିଭିନ୍ନ ଗାଁ ଗହଳିରୁ ଗୋରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବାବେଳେ ଭଦ୍ରକ ବାରିକପୁର ଅଞ୍ଚଳର ମଧ ଗୋ-ମାଫିଆ ବେଆଇନ ଗୋରୁ ଗାଡ଼ି ଚାଲାଣ ପାଇଁ ଖଇରାର କିଛି ଗାଁ ଓ ରାସ୍ତାକୁ ବ୍ୟବହାର କରି ଶହ ଶହ ସଂଖ୍ୟାର ପିକ୍‌ଅପ, ଟ୍ରକ ରାତି ଅଧିଆ ପାର କରୁଛନ୍ତି। ବିସ୍ମୟର କଥା ଯେ ଏହି ମାଫିଆଙ୍କ ପଛରେ ଜଣେ ପୁଲିସ ଡ୍ରାଇଭରଙ୍କ ପ୍ରଛନ୍ନ ହାତ ରହିଛି। ଗୋରୁ ଗାଡ଼ିଗୁଡିକୁ ପାର କରିବାରେ ଏହି ନେତା ଓ ପୁଲିସ କର୍ମଚାରୀ ସୁରକ୍ଷା ଦେଉଥିବା କୁହାଯାଉଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି ବେଆଇନ ଗୋରୁ ଚାଲାଣ ରୋକିବାକୁ ଖଇରା ବ୍ଲକର ୩୭ ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି।

ପୂର୍ବରୁ ଖଇରା ବ୍ଲକର କିଛି ଗୋରୁ ହାଟରେ ସ୍ଥାନୀୟ ଅଞ୍ଚଳବାସିନ୍ଦା ଗୋରୁ କିଣା ବିକା କରୁଥିଲେ। ଗୋରୁମାନଙ୍କୁ ଚଲାଇ ଚଲାଇ ନେବା ଆଣିବା କରୁଥିଲେ। ଧିରେ ଧିରେ ଗୋରୁ ମାନଙ୍କୁ ପିକ୍‌ଅପ ଗାଡିରେ ଦୂର ଦୂରାନ୍ତରୁ ନେବା ଆଣିବା ଆରମ୍ଭ ହୋଇଥିଲା। ଗୋଟିଏ ଗୋଟିଏ ଗାଡିରେ ମାଲ ବୋଝେଇ କଲାଭଳି ୭ରୁ ୮ଟି ଗୋରୁ ବୋଝେଇ କରି ନେବାକୁ ଖଇରା ଅଞ୍ଚଳବାସୀ ବିରୋଧ କରିଥିଲେ। କିଛି ଗାଡିକୁ ଧରି ପୁଲିସ ଜିମା ଦିଆଯିବା ପରେ ମାଫିଆମାନେ ଆଉ ହାଟରୁ ଗୋରୁ କିଣିବାକୁ ସୁରକ୍ଷିତ ମଣି ନଥିଲେ। ଏବେ ଦିନରେ କାରବାର କରିବା ପରିବର୍ତ୍ତେ ସେମାନେ ରାତିରେ ଚାଲାଣ କରୁଛନ୍ତି। ଭଦ୍ରକରୁ ମାଫିଆମାନେ ରାଣିତାଳ ଧୋବାଗଡ଼ିଆ କୋଚିଆକୋଇଲିଗଡ଼ ରାସ୍ତା ଦେଇ କେନାଲ ବନ୍ଧ ଏବଂ ସେହି କେନାଲ ବନ୍ଧ ଦେଇ ସାରକୋଣା, ନୂଆଗାଁ ଖୁଣ୍ଟାଡିହା, ରଙ୍ଗାମାଟିଆ, ଦରଖୋଳି ଦେଇ ମାଙ୍କଡ଼ପଡ଼ାରେ ଗୋରୁଗୁଡିକ ଗୋଠ କରି ରଖୁଛନ୍ତି। ସେଠାରୁ ସେମାନଙ୍କୁ ବାରିପଦା ଏବଂ ପଶ୍ଚିମବଙ୍ଗ କଂସେଇଖାନାକୁ ପଠାଯାଉଥିବା ଅଭିଯୋଗ ହୋଇଛି। ଗୋଟିଏ ଗୋଟିଏ ପକ୍‌ଅପରେ ୧୫ରୁ୧୬ଲେଖାଏଁ ଗୋରୁ ଲଦି ନୃଶଂସ ଭାବେ ନିଆଯାଉଥିବା ଅଭିଯୋଗ ହୋଇଛି। ଖଇରାରେ ଗ୍ୟାରେଜ କରିଥିବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତି ଏହି ଚାଲାଣର ମୁଖ୍ୟ ସୂତ୍ରଧର ବୋଲି ଚର୍ଚ୍ଚା ହେଉଛଇ। ଏ ସମ୍ପର୍କରେ ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ଗୋରୁଗାଡ଼ି ଯାଉଥିବା ସମୟରେ ଫୋନ୍ ଆସିବା ମାତ୍ରେ ସେ ତୁରନ୍ତ ପହଞ୍ଚି ଗିରଫ କରିବେ ବୋଲି କହିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ, କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ: 022-22820427

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ |
| --- | --- | --- | --- |
| ବିଜ୍ଞାପନ ସଂ. CRPD/SCO/2024-25/21 | | | |
| 1 | ଡେପୁଟି ମ୍ୟାନେଜର (ଆର୍କାଇଭିଷ୍ଟ) | 1 | ଏମଏମଜିଏସ୍ II |
| ବିଜ୍ଞାପନ ସଂ. CRPD/SCO/2024-25/26 | | | |
| 1 | ଟ୍ରେଡ୍ ଫାଇନାନ୍ସ ଅଧିକାରୀ | 150 | ଏମଏମଜିଏସ୍ II |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2025 ରୁ 23.01.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !



୧୦୮ | EMRI GREEN HEALTH SERVICES
ନିଯୁକ୍ତି ସୁଯୋଗ
୧୦୮ ଆମ୍ବୁଲାନ୍ସ ସେବା
ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| ପଦବୀ | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
| --- | --- | --- |
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍‌ଏମ୍‌ଭି (କମର୍ସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୁର୍ଦ୍ଧ ହେବା ଦରକାର | ବି.ଫାର୍ମା/ଡି.ଫାର୍ମା/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସିଂ) ଏବଂ +୨ ବିଜ୍ଞାନ (ଅନ୍ୟୁନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ।

| | |
| --- | --- |
| ଅଫିସ୍ ଠିକଣା | ୭ମ ମହଲା, ଇଡ୍‌କୋ ଟାୱାର, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡିଶା |
| ଫୋନ୍ ନମ୍ବର | ୦୬୭୪-୬୧୭୫୨୦୦ |
| ତାରିଖ | ୨ ଜାନୁୟାରୀ ୨୦୨୫ ରୁ ୧୮ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି ଜଂସକଟାକୁ ନିୟୋଜିତ ନାହିଁତି। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ।

■ ହଷ୍ଟେଲରେ ନ ରହିବାକୁ ଜିଦ୍...

## ବିଷ ପିଇ ଜୀବନ ହାରିଲେ ଯୁକ୍ତ ୩ ଛାତ୍ରୀ

**କୋରୁକୋଣ୍ଡା, ୭ ।୧(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଚିତାପାରି-୩ ପଞ୍ଚାୟତ ଅଧୀନ ଏମ୍‌ଭି-୩୭ ଗ୍ରାମରେ ଗତକାଲି ଏକ ଅଭାବନୀୟ ଘଟଣା ଘଟିଛି । ଗାଁର ବିଷ୍ଣୁ ପାଲଙ୍କ ଝିଅ ମଧୁସ୍ମିତା ପାଲ(୧୮) ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ସେ ମାଲକାନଗିରି ସହରରେ ଥିବା ଘଡ଼େଇ କଲେଜରେ ପଢୁଥିଲେ । ହଷ୍ଟେଲରେ ରହି ପଢ଼ିବା ପାଇଁ ବାପା-ମା' ସବୁ ବ୍ୟବସ୍ଥା କରିଥିଲେ ହେଁ ମଧୁସ୍ମିତା ଏଥିରେ ରାଜି ହୋଇନଥିଲେ । ପ୍ରତିଦିନ ସେ କଲେଜକୁ ଯିବାଆସିବା କରିବାକୁ ଅଡ଼ି ବସିଥିଲେ । କିନ୍ତୁ ପରିବାରଲୋକ ରାଜି ନ ହେବାରୁ ମଧୁସ୍ମିତା ଏପରି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି । ଗତକାଲି ଅପରାହ୍ଣରେ ସେ ବିଷ ପିଇ ଦେଇଥିଲେ । ପରିବାରଲୋକ ତାଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଓର୍କେଲ ଥାନା ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଯୁବକଙ୍କୁ ବିଦାରି ପକାଇଲା ଭାଲୁ

**କୋରୁକୋଣ୍ଡା,୭ ।୧(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ରଙ୍ଗାମଗୁନା ଗ୍ରାମର ଜଣେ ଯୁବକ ଆଜି ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ, ଗୁରୁ ଆଲାଙ୍ଗ । ଆଜି ଭୋର୍‌ରେ ସେ ଗାଁ ପାଖ ଜଙ୍ଗଲକୁ ଯାଇଥିବା ବେଳେ ଏକ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ । ଗୁରୁଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ଘଉଡ଼ାଇବା ସହ ଗୁରୁତର ଗୁରୁଙ୍କୁ ଉଦ୍ଧାର କରି କୁଡୁମୁଲୁଗୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ଏମ୍‌କେସିଜି ମେଡିକାଲ୍‌ରେ ଅଗ୍ନିକାଣ୍ଡ

**ବ୍ରହ୍ମପୁର, ୭ ।୧(ସମିସ):** ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ମଙ୍ଗଳବାର ସଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଛି । ମେଡ଼ିକାଲର ନୂତନ ମେଡିସିନ୍ କୋଠାର ତୃତୀୟ ମହଲାରେ ଥିବା ସେମିନାର୍ ହଲ୍‌ରେ ଏହି ଅଗ୍ନିକାଣ୍ଡ ଘଟିଛି । ନିଆଁ ଲାଗୁ ଲାଗୁ କର୍ମଚାରୀମାନେ ତାହାକୁ ଆୟତ୍ତ କରିଦେବାରୁ ଏକ ବଡ଼ଧରଣର ଅଘଟଣକୁ ଟାଳି ଦିଆଯାଇଥିଲା । ଏଥିରେ କେହି ମୃତାହତ ହୋଇନଥିଲେ ହେଁ ହଲ୍‌ରେ ଥିବା କିଛି ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିଲା ।

## ବାଇକ୍ ଉପରେ ଚଢ଼ିଗଲା ଆମ୍ବୁଲାନ୍ସ; ଦମ୍ପତି ଗୁରୁତର

**ଅନୁଗୋଳ, ୭ ।୧(ସମିସ):** ମଦ ପିଇ ଆମ୍ବୁଲାନ୍ସ ଚଳାଉଥିବା ବେଳେ ଏକ ବାଇକ୍ ଉପରେ ଚଢ଼ାଇ ଦେବାରୁ ଏକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି । ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଥାନା ଯଦୁପୁର ନିକଟରେ ଏହି ଅଘଟଣ ଘଟିଛି । ଗୁରୁତର ଦମ୍ପତି ହେଲେ, ମାନସ ମୁଖୀ ଓ ତାଙ୍କ ପତ୍ନୀ ସୁମିତ୍ରା ମୁଖୀ । ସୂଚନା ମୁତାବକ, ସୁମିତ୍ରାଙ୍କୁ ବାଇକରେ ବସାଇ ମାନସ ଆଠମଲ୍ଲିକରୁ ନିଜ ଘର ଜରପଡ଼ା ଫେରୁଥିବା ବେଳେ ଅନୁଗୋଳରୁ ଆଠମଲ୍ଲିକ ଆସୁଥିବା ସାଇଶାନ୍ତି ଚକ୍ଷୁ ହସ୍ପିଟାଲର ଏକ ଆମ୍ବୁଲାନ୍ସ ସେମାନଙ୍କୁ ଧକ୍କା ଦେଇଥିଲା । ଯଦୁପୁର ପାଖରେ ଆମ୍ବୁଲାନ୍ସଟି



ବାମପାର୍ଶ୍ୱ ଛାଡ଼ି ଡାହାଣକୁ ମାଡ଼ି ଆସିବା ସହ ବାଇକ୍ ଉପରେ ଚଢ଼ିଯାଇଥିଲା । ଏଥିରେ ମାନସଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ଘଟାଇବା ପରେ ଆମ୍ବୁଲାନ୍ସ ଚାଳକ ଫେରାର୍ ହୋଇଯାଇଛି । ପୁଲିସ୍ ଆମ୍ବୁଲାନ୍ସକୁ ଜବତ କରିବା ସହ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

## ବାଇକ୍‌କୁ ଧକ୍କା ଦେଇ ଜଳିଗଲା ଟ୍ରକ୍

**ବାରିପଦା, ୭ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ୧୮ ନମ୍ବର ଜାତୀୟ ରାଜପଥରେ ଆଜି ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଜଗନ୍ନାଥଖୁଣ୍ଟା ହାଇସ୍କୁଲ ସମ୍ମୁଖରେ ଏକ ବାଇକ୍‌କୁ ଧକ୍କା ଦେବା



ପରେ ଏକ ମକା ମଞ୍ଜି ବୋଝେଇ ଟ୍ରକ୍ ସଂପୂର୍ଣ୍ଣ ଜଳି ଯାଇଛି । ଆଜି ଅପରାହ୍ଣରେ ଏହି ଅଘଟଣ ଘଟିଛି । ତେବେ ବାଇକ୍ ଏବଂ ଟ୍ରକ୍ ଚାଳକ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ବାଇକ୍‌ଟି ପାର ହେଉଥିବା ବେଳେ ବାରିପଦା ପଟୁ ଯାଉଥିବା ଟ୍ରକଟି ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ବାଇକ୍‌ରେ ନିଆଁ ଲାଗିଯାଇଥିଲା । ଚାହୁଁଚାହୁଁ ନିଆଁ ବାଇକ୍‌ର ପେଟ୍ରୋଲ ଟାଙ୍କିକୁ ବ୍ୟାପିଯିବାରୁ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା । ପରେ ନିଆଁ ଟ୍ରକ୍‌କୁ ବ୍ୟାପି ଯାଇଥିଲା । କିନ୍ତୁ ସେତେବେଳକୁ ଉଭୟ ବାଇକ୍ ଓ ଟ୍ରକ୍ ଚାଳକ ଗାଡ଼ି ଛାଡ଼ି ଦୂରକୁ ପଳାଇ ଆସିଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଖବର ପାଇ ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଟ୍ରକ୍ ଚାଳକଜଣଙ୍କ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାଯାଇଛି ।

## ମାମଲାର ପୁନଃ ତଦନ୍ତ ଦାବି ଅଭିଯୁକ୍ତର ଅଧିକାର ନୁହେଁ: ହାଇକୋର୍ଟ

**କଟକ, ୭ ।୧(ସମିସ):** ନିର୍ଦ୍ଦିଷ୍ଟ ଘଟଣାରେ ଅଭିଯୁକ୍ତ ଥିବା ବ୍ୟକ୍ତି ମାମଲାର ସାନି ବା ପୁନଃ ତଦନ୍ତ ପାଇଁ ଅଧିକାର ଭାବେ ଦାବି କରିପାରିବେ ନାହିଁ । ସେହିଭଳି କେଉଁ ଉପାୟ ବା ଆଧାରରେ ତଥ୍ୟ ସଂଗ୍ରହ କରାଗଲା, ସେନେଇ ଅଭିଯୁକ୍ତ ଆପତ୍ତି କରିବାର ଅଧିକାର ନାହିଁ, ବରଂ ସେ ଏହାର ଗ୍ରହଣୀୟତା ତଥା ବାସ୍ତବତାକୁ ଆଇନ ଅନୁସାରେ ଚାଲେଞ୍ଜ କରିପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି ।

ବିନୋଦ କୁମାର ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ସର୍ବୋଚ୍ଚ ଅଦାଲତଙ୍କ ବିଭିନ୍ନ ରାୟର ଦୃଷ୍ଟାନ୍ତକୁ ଗ୍ରହଣ କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟରେ ଆବେଦନକାରୀଙ୍କ ପୁନଃ ତଦନ୍ତ ଆବେଦନକୁ ଅଦାଲତ ଖାରଜ କରିଦେଇଛନ୍ତି । ଯଦିଓ ସିଆରପିସିରେ ମାମଲାର ପୁନଃ ତଦନ୍ତ ପାଇଁ ଉଲ୍ଲେଖ ରହିଛି, ତେବେ ପୁଲିସ ତଦନ୍ତ ଅବା ରିପୋର୍ଟକୁ ନେଇ ଅସନ୍ତୋଷ ଥିଲେ ସମ୍ପୃକ୍ତ ମାଜିଷ୍ଟ୍ରେଟ୍ ଘଟଣାର ପୁନଃ ତଦନ୍ତ ନିର୍ଦ୍ଦେଶ ଦେଇପାରିବେ ବୋଲି କହିଛନ୍ତି ହାଇକୋର୍ଟ ।

ପ୍ରକାଶଥାଉକି ଆବେଦନକାରୀ ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ବ୍ଲକ୍‌ରେ ବିଡିଓ ଥିବା ବେଳେ ଏକ ଠିକା କାମ ପାଇଁ ଲାଞ୍ଚ ଗ୍ରହଣ ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ । ସମ୍ବଲପୁର ଭିଜିଲାନ୍ସରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଥିଲା । ତେବେ ତାଙ୍କୁ ଫସାଇ ଦିଆଯାଇଛି, ଏଣୁ ଅନ୍ୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କିମ୍ବା ଭିଜିଲାନ୍ସର ଅନ୍ୟ ଦକ୍ଷ ଅଧିକାରୀ ତଦନ୍ତ କରନ୍ତୁ ବୋଲି ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।





ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକାମ୍ର କାନନରେ ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ

## ରାଜ୍ୟ ସଂଗ୍ରହାଳୟରେ ୯ଟି ନୂଆ ଗ୍ୟାଲେରୀ ଉଦ୍‌ଘାଟିତ

**ସଂଗ୍ରହଳାୟ ଓଡ଼ିଶା ଇତିହାସ ଓ ଭୂଗୋଳର ବଳିଷ୍ଠ ସଂରକ୍ଷିତ ସମ୍ପତ୍ତି: ମୁଖ୍ୟମନ୍ତ୍ରୀ**



**ଭୁବନେଶ୍ୱର, ୭ ।୧(ସମିସ):** ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଆଜି ୯ଗୋଟି ନୂତନ ଗ୍ୟାଲେରୀକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେଗୁଡ଼ିକ ହେଲା, ପ୍ରାକ୍-ଐତିହାସିକ ଗ୍ୟାଲେରୀ, ରାଜକୀୟ ଓ ହାତୀଦାନ୍ତ ଗ୍ୟାଲେରୀ, ପ୍ରାଣୀ ବିଜ୍ଞାନ ଗ୍ୟାଲେରୀ, ଖଣି ଓ ଭୂ-ତତ୍ତ୍ୱ ଗ୍ୟାଲେରୀ, କଣ୍ଢେଇ ଗ୍ୟାଲେରୀ, ମୁଖା ଗ୍ୟାଲେରୀ, ଜନଜାତି ଗ୍ୟାଲେରୀ, ହସ୍ତତନ୍ତ ଗ୍ୟାଲେରୀ ଏବଂ ପରିଚୟ କକ୍ଷ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ହେଉଛି ଓଡ଼ିଶାର ଇତିହାସ ଓ ଭୂଗୋଳର ବଳିଷ୍ଠ ସଂରକ୍ଷିତ ସମ୍ପତ୍ତି । ଏହା ଆମ ଅସ୍ମିତାର ଅନ୍ୟ ଏକ ପରିଚୟ । ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ମୁଖ୍ୟମନ୍ତ୍ରୀ ୪ଟି ପୁସ୍ତକ ଉନ୍ମୋଚନ କରିବା ସହ ସବୁ ଗ୍ୟାଲେରୀ ବୁଲି ଦେଖିଥିଲେ ।

ଗ୍ୟାଲେରୀଗୁଡ଼ିକରେ ସ୍ଥାନ ପାଇଥିବା ବିଭିନ୍ନ କଳାକୃତି ଅତ୍ୟନ୍ତ ଆକର୍ଷଣୀୟ ଓ ବିରଳ । ଉଦ୍‌ଘାଟିତ ହୋଇଥିବା ଏହି ଗ୍ୟାଲେରୀଗୁଡ଼ିକ ପରିଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ପ୍ରାଣୀ ବିଜ୍ଞାନ ଗ୍ୟାଲେରୀରେ ସ୍ଥାନିତ କ୍ୟୁ-ଆର୍ କୋଡ୍‌କୁ ସ୍କାନ୍ କରି ବିଭିନ୍ନ ତଥ୍ୟ ଜାଣିପାରିବେ । ତେବେ ତାଳଚିତ୍ରରେ ରାମାୟଣ ପ୍ରଦର୍ଶନୀ କକ୍ଷରେ ଆମ ସଂସ୍କୃତି ଜୀବନ୍ତ ହୋଇ ଉଠିଥିବା ବେଳେ ଭୂତଳ କଳା ସାମଗ୍ରୀ ପ୍ରଦର୍ଶନୀରେ ବିଭିନ୍ନ କଳାକୃତିକୁ ପ୍ରଦର୍ଶିତ କରାଯାଇଛି । କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ପରିଚାଳନା କରିଥିଲେ ।

## ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ର ବୈଦେଶିକ ମନ୍ତ୍ରୀ



**ପୁରୀ,୭।୧(ସମିସ):** ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର । ପାଞ୍ଚଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବୈଦେଶିକ ମନ୍ତ୍ରୀ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବେ । ସୋମବାର ଭୁବନେଶ୍ୱରରେ ପହଞ୍ଚିବା ପରେ କୋଣାର୍କ ଇକୋ ରିଟ୍ରିଟ୍‌ରେ ଜୟଶଙ୍କର ରାତ୍ରିଯାପନ କରିଥିଲେ । ମଙ୍ଗଳବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ପରେ ମଧ୍ୟାହ୍ନରେ ପୁରୀ ଆସିଥିଲେ । କେନ୍ଦ୍ରମନ୍ତ୍ରୀ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା । ପ୍ରଶାସନିକ ଅଧିକାରୀଙ୍କ ସହ ବରିଷ୍ଠ ସେବାୟତ ତାଙ୍କୁ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ । ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା କରି ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ । ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମହାପ୍ରଭୁଙ୍କ ଖଣ୍ଡୁଆ ଦେଇ ସ୍ୱାଗତ କରାଯାଇଥିଲା । ଏହାପରେ ସେ ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନରେ ଯାଇଥିଲେ । ମନ୍ତ୍ରୀଙ୍କ ସହ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କ ସମେତ ଅନ୍ୟ ଅଧିକାରୀ ଓ ବରିଷ୍ଠ ସେବାୟତ ଉପସ୍ଥିତ ଥିଲେ ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା

**ପାପଡ଼ାହାଣ୍ଡି/କୋଷାଗୁମୁଡ଼ା, ୭।୧(ସମିସ):** ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ବରୱାଡ଼ା ଗ୍ରାମରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଛି । ମୃତ ଯୁବକ ହେଲେ, ଲମଇଦଲପୁର ଥାନା କେନ୍ଦୁଗୁଡ଼ା ଗ୍ରାମର ଉମାକାନ୍ତ ହରିଜନ । ଗତ ଶନିବାର ସେ ଧାନ ମଳାଇବା ପାଇଁ ବରୱାଡା ଗ୍ରାମକୁ ଯାଇଥିଲେ । ସୋମବାର ରାତିରେ ମୋବାଇଲ୍ ଚାର୍ଜ କରିବା ପାଇଁ ନିକଟସ୍ଥ ଜଣଙ୍କ ଘରକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି । ମଙ୍ଗଳବାର ଭୋର୍‌ରେ ପରିବାରଲୋକେ ତାଙ୍କୁ ଗୁରୁତର



ଅବସ୍ଥାରେ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାରଲୋକେ ଥାନାରେ ଏତଲା ଦେବା ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରିବା ସହ ଉମାକାନ୍ତଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ତେବେ କେଉଁ କାରଣରୁ ଓ କେଉଁମାନେ ଉମାକାନ୍ତଙ୍କୁ ହତ୍ୟା କରିଛନ୍ତି, ତାହା ଜଣାପଡ଼ିନାହିଁ । ପୂର୍ବଶତ୍ରୁତାରୁ ଏହି ଆପରାଧିକ ଘଟଣା ଘଟିଥିବା ସନ୍ଦେହ କରାଯାଉଛି ।

## ଆତ୍ମହତ୍ୟା ରୋକିବ ଏ.ଆଇ

**■ ଆମେରିକାର ଭାଣ୍ଡରବିଲ୍ଟ ୟୁନିଭର୍ସିଟିର ଆବିଷ୍କାର**
**■ ଆତ୍ମହତ୍ୟାର ୩୦ ଦିନ ପୂର୍ବରୁ ଡାକ୍ତରଙ୍କୁ ସତର୍କ କରାଇଦେବ**

**ଭୁବନେଶ୍ୱର,୭।୧(ସମିସ):** କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ) କ୍ଷେତ୍ରରେ ଆଉ ଏକ ବଡ଼ ଆବିଷ୍କାର ହୋଇଛି । ଏଣିକି, ଏ.ଆଇ ଆତ୍ମହତ୍ୟା ରୋକିବ । ଆତ୍ମହତ୍ୟା କରିବାର ଯଥେଷ୍ଟ ପୂର୍ବରୁ, ପାଖାପାଖି ୩୦ଦିନ ଆଗରୁ ରୋଗୀର ଏ ପ୍ରକାର ମନୋଭାବନା ସଂପର୍କରେ ଏ.ଆଇ ଡାକ୍ତରଙ୍କୁ ଆଗୁଆ ସୂଚନା ଦେଇଦେବ । ଏହି ସୂଚନାକୁ ଆଧାର କରି ଗୋଟିଏ ମୂଲ୍ୟବାନ ଜୀବନ ବଞ୍ଚାଯାଇପାରିବ । ଆମେରିକାର ଭାଣ୍ଡରବିଲ୍ଟ ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସ୍‌ର ବୈଜ୍ଞାନିକମାନେ ଏ.ଆଇ କ୍ଷେତ୍ରରେ ଗବେଷଣା କରି ଏଭଳି ଏକ ବଡ଼ ଆବିଷ୍କାର କରିଛନ୍ତି । ଏହାର ନାମ ଭାଣ୍ଡରବିଲ୍ଟ ସୁଇସାଇଡ୍ ଆଟେମ୍ପ୍ଟ ଆଣ୍ଡ ଆଇଡିଏସନ୍ ଲାଇକ୍‌ଲିହୁଡ୍ ମଡେଲ (ଭିଏଏସ୍‌ଆଇଏଲ୍) ରଖାଯାଇଛି । ମାନସିକ ରୋଗ ଚିକିତ୍ସକଙ୍କ ମତରେ ଏପରି ଆବିଷ୍କାର ଆତ୍ମହତ୍ୟା ରୋକିବା କ୍ଷେତ୍ରରେ ବଡ଼ ବିପ୍ଳବ ଆଣିବ ।

ପ୍ରେମରେ ଅସଫଳ, ମାନସିକ ଚାପ, ପରୀକ୍ଷାରେ ଭଲ ଫଳ ନ ମିଳିବା, ବିଷାଦଗ୍ରସ୍ତ, ନିଃସଙ୍ଗ, ବ୍ୟବସାୟରେ କ୍ଷତି, ହଠାତ୍ ଆତ୍ମୀୟଙ୍କ ପ୍ରାଣହାନି ଭଳି ବିଭିନ୍ନ କାରଣକୁ ନେଇ ଆଜିକାଲି ସମାଜରେ ଆତ୍ମହତ୍ୟାପ୍ରବଣତା ବଢ଼ିବାରେ ଲାଗିଛି । ଏପରିକି, ଛୋଟଛୋଟ କଥାକୁ ନେଇ ଯୁବପିଢ଼ି ଜୀବନ ହାରିବା ଭଳି ଚରମ ପଦକ୍ଷେପ ନେଉଛନ୍ତି । ଡାକ୍ତର ରୋଗୀର ଲକ୍ଷଣ ଦେଖି ଚିକିତ୍ସା କରିଥା'ନ୍ତି । କିନ୍ତୁ ରୋଗୀ ମାନସିକସ୍ତରରେ କ'ଣ ଅନୁଭବ କରୁଛି, ତାହା ଜାଣିବା ଜଣେ ଡାକ୍ତରଙ୍କ ପକ୍ଷେ ପ୍ରାୟତଃ ଅସମ୍ଭବ । ଏପରି ସ୍ଥିତିରେ ଏ.ଆଇ କ୍ଷେତ୍ରରେ ଏହି ନୂଆ ଗବେଷଣା ମାନବସମାଜ ପାଇଁ ବରଦାନ ପାଲଟିବ ବୋଲି କୁହାଯାଉଛି ।

ଆବିଷ୍କାରଅନୁଯାୟୀ, ଏ.ଆଇ ସ୍ୱୟଂକ୍ରିୟଭାବେ କାମ କରିବା ପୂର୍ବରୁ ରୋଗୀର ବୈଦ୍ୟୁତିକ ତଥ୍ୟକୁ ବିଶ୍ଳେଷଣ କରିବ । ରୋଗୀଟି ଯେତେଦୂରରେ ଥିଲେ ବି ତା'ର ମସ୍ତିଷ୍କରେ ଘଟୁଥିବା ପରିବର୍ତ୍ତନକୁ ଜ୍ୟୋତିଷ ଭଳି ପୂର୍ବାନୁମାନ କରି କହିଦେବ । ଆତ୍ମହତ୍ୟା କରିବା ପୂର୍ବରୁ ବ୍ୟକ୍ତିର ଲକ୍ଷଣରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଥାଏ । ରୋଗୀଟି ହଠାତ୍ ମିଳାମିଶା ବନ୍ଦ କରିବା, କିଛି ନ ଖାଇବା, ହଠାତ୍ ସମସ୍ତଙ୍କୁ ମିଠା ବାଣ୍ଟିବା ଭଳି ଅସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରିଥାଏ । ରୋଗୀର ମାନସିକ ସ୍ତରରେ ଏପରି ପରିବର୍ତ୍ତନ ଦେଖାଦେଲେ ଏ.ଆଇ (ଭିଏଏସ୍‌ଆଇଏଲ୍) ଡାକ୍ତରଙ୍କୁ ସତର୍କ କରାଇଦେବ । ଏହା ଏବେ ଆମେରିକାରେ ପରୀକ୍ଷାନିରୀକ୍ଷା ଚାଲିଛି । ଆଗକୁ ଭାରତରେ ମଧ୍ୟ ଉପଲବ୍ଧ ହେବ ବୋଲି କୁହାଯାଉଛି ।

## ଗଞ୍ଜେଇ ଚାଷର ହଟ୍‌ସ୍ପଟ୍ ବୌଦ୍ଧ

**ରାଜ୍ୟରେ ୧୫ହଜାର ଏକର ଗଞ୍ଜେଇ ଚାଷ ନଷ୍ଟ କଲାଣି ପୁଲିସ**

**କଟକ,୭ ।୧(ସମିସ):** ରାଜ୍ୟରେ ଗଞ୍ଜେଇ ଚାଷ ଯେତେ ପରିମାଣର ନଷ୍ଟ କରାଗଲେ ବି ଏହି ଚାଷର ପରିସରକୁ କମାଯାଇପାରୁନାହିଁ । ବିଭିନ୍ନ କାରଣରୁ ଚୋରା ଗଞ୍ଜେଇ ଚାଷ ପରିସର କମିବା ବଦଳରେ ବଢୁଛି । ସାଟେଲାଇଟ୍ ଛବି ମାଧ୍ୟମରେ ବି ଏହି ଚାଷ ଅଞ୍ଚଳକୁ ଚିହ୍ନଟ କରି ପୁଲିସ ପକ୍ଷରୁ ଗଞ୍ଜେଇ ଗଛ ନଷ୍ଟ କରାଯାଇଆସୁଛି, ତଥାପି ଏହା ସହଜ ହୋଇନାହିଁ ।

ସୂଚନାନୁସାରେ, ୨୦୨୪-୨୫ବର୍ଷର ଡିସେମ୍ବର ୩୧ତାରିଖ ସୁଦ୍ଧା ରାଜ୍ୟରେ ୧୫ ହଜାର ଏକରରୁ ଅଧିକ ଗଞ୍ଜେଇ ଚାଷ ନଷ୍ଟ ହେଲାଣି । ଏହି ଅବଧି ମଧ୍ୟରେ ୧ କୋଟି ୭୭ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ନେଇ ପୁଲିସ୍ ପକ୍ଷରୁ କୁହାଯାଇଛି । ଚୋରା ଗଞ୍ଜେଇ ଚାଷର ହଟସ୍ପଟ ପାଲଟିଛି ବୌଦ୍ଧ ଜିଲ୍ଲା । ରାଜ୍ୟର ବିଭିନ୍ନ ଥାନାରେ ଚୋରା ଗଞ୍ଜେଇ ଚାଷ ନେଇ ୩୫୦ଟି ମାମଲା ରୁଜୁ ହୋଇଥିବା ବେଳେ ଏଥିମଧ୍ୟରେ ବୌଦ୍ଧ




ଜିଲ୍ଲାରେ ସର୍ବାଧିକ ୧୧୨ଟି ମାମଲା ରହିଛି । ଏଥିସହ ୫୪୦୦ ଏକର ଗଞ୍ଜେଇ ଚାଷ ଏହି ଜିଲ୍ଲାରେ ଠାବ ସହ ନଷ୍ଟ କରାଯାଇପାରିଛି । ସେହିଭଳି ଗଜପତି ଜିଲ୍ଲାରେ ୩୪ଟି ମାମଲା ସହ ୧୦୨୨ଏକର ଚାଷ ନଷ୍ଟ କରିଛି ପୁଲିସ୍ । କମ୍ ଖର୍ଚ୍ଚରେ ଅଧିକ ଉପାର୍ଜନ ପାଇଁ ଏହାକୁ ନିର୍ଦ୍ଦିଷ୍ଟ କିଛି ଜିଲ୍ଲାରେ ବେଆଇନ ଭାବେ ପାହାଡ଼ିଆ ତଥା ଜଙ୍ଗଲ ମଧ୍ୟରେ ଚାଷ କରାଯାଉଛି । କୋରାପୁଟ, ବୌଦ୍ଧ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, କନ୍ଧମାଳ ଆଦି ଜିଲ୍ଲାରେ ସର୍ବାଧିକ ଗଞ୍ଜେଇ ଚାଷ କରାଯାଉଛି । ଯଦିଓ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ କରାଯାଇ ଏହି ଚାଷ ନଷ୍ଟ କରାଯାଉଛି, କିନ୍ତୁ ପୁଲିସ୍ ନଷ୍ଟ କରି ଆସିବା ପରେ ପୁଣି ସେହି ସବୁ ଅଞ୍ଚଳରେ ଗଞ୍ଜେଇ ଚାଷ ଆରମ୍ଭ ହୋଇଯାଉଛି । ଘଞ୍ଚ ଜଙ୍ଗଲ ତଥା ପାହାଡିଆ ଅଞ୍ଚଳରେ ଥିବା ସମତଳ କ୍ଷେତ୍ରରେ ଗଞ୍ଜେଇ ଚାଷ ହେଉଥିବା ଦେଖିବାକୁ ମିଳୁଛି ।

**ପୁଲିସ୍ ଯେତିକି କାଟୁଛି, ମାଫିଆ ତା'ଠାରୁ ଅଧିକ ରୋଉଛନ୍ତି**

**ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ହେଉଛି ଅଧିକ ଚାଷ**

ଅନେକ ସମୟରେ ଗଞ୍ଜେଇ ଚାଷ ସହ ନକ୍ସଲଙ୍କ ଲିଙ୍କ୍ ରହୁଥିବା ନେଇ ଅଭିଯୋଗ ମଧ୍ୟ ହୋଇଆସୁଛି । ଗଞ୍ଜେଇ ଚାଷ ନଷ୍ଟ କରାଯିବା ସତ୍ତ୍ୱେ ବହୁ ପରିମାଣରେ ଗଞ୍ଜେଇ ରାଜ୍ୟରୁ ଉତ୍ପାଦିତ ହେଉଛି । ଏହାର କାରଣ ହେଲା, ପାହାଡ଼ିଆ ତଥା ଜଙ୍ଗଲର ଦୁର୍ଗମ ଅଞ୍ଚଳକୁ ଯିବା ପୁଲିସ ପକ୍ଷେ ସହଜ ହେଉନାହିଁ । ଏପରିକି, ଥରେଥରେ ଗୋଟିଏ ଅଭିଯାନରେ ଗଲେ ଅଧିକ ପୁଲିସ୍ ବଳର ଆବଶ୍ୟକତା ପଡୁଛି । ଏଥିପାଇଁ ପୁଲିସ୍ ନିୟମିତ ଅଭିଯାନ କରିବାକୁ ସକ୍ଷମ ହେଉନାହିଁ । ଉପରୋକ୍ତ ଜିଲ୍ଲାଗୁଡ଼ିକୁ ବାଦ୍ ଦେଲେ ସମ୍ବଲପୁର, ଦେବଗଡ଼, ଅନୁଗୁଳ ଆଦି ଜିଲ୍ଲାର ମଧ୍ୟ ଏହି ଚାଷ ବେଆଇନ ଭାବେ କରାଯାଇଆସୁଛି । ଗୋଟିଏ ଏକରରେ ୭ରୁ୯ହଜାର ଗଞ୍ଜେଇ ଗଛ ଲଗାଯାଉଛି । ବାର୍ଷିକ କୋଟି କୋଟି ମୁନାଫା ମଧ୍ୟ ଏଥିରୁ ମାଫିଆମାନେ ହାସଲ କରୁଛନ୍ତି । ଡ୍ରୋନ୍ ଓ ସାଟେଲାଇଟ୍ ଛବି ଜରିଆରେ ଗଞ୍ଜେଇ ଚାଷ ଜମି ଚିହ୍ନଟ କରାଯାଉଛି । ପୁଲିସ୍‌କୁ ମଧ୍ୟ ଏ କ୍ଷେତ୍ରରେ ସଫଳତା ମିଳିଛି । ଏହି ଚାଷ କରୁଥିବା ଲୋକଙ୍କୁ ପୁଲିସ ସଚେତନ କରୁଥିବା ବେଳେ ଏହି ଚାଷ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି । ୮ଟି ଜିଲ୍ଲାରେ ସ୍ୱତନ୍ତ୍ର ଅଭିଯାନ ହେଉଥିବା ବେଳେ ଆଗାମୀ ଦିନରେ ଜାରି ରହିବ ବୋଲି ଡିଜିପି କହିଛନ୍ତି ।

# ଭାରତରେ ଚିହ୍ନଟ ହେଲେଣି ୮ ରୋଗୀ

## ପରୀକ୍ଷଣ ବଢ଼ାଇବାକୁ କେନ୍ଦ୍ର ସରକାରଙ୍କ ପରାମର୍ଶ

**ନୂଆଦିଲ୍ଲୀ: ୭ ।୧:** ଭାରତରେ ଏଚଏମ୍‌ପିଭି ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚିନ୍ତାର କାରଣ ହେଲାଣି । ଏ ପର୍ଯ୍ୟନ୍ତ ୮ ସଂକ୍ରମିତଙ୍କୁ ଚିହ୍ନଟ କରାଗଲାଣି । ଆଜି ମହାରାଷ୍ଟ୍ର ନାଗପୁରରୁ ୧୩ ବର୍ଷୀୟା ବାଳିକା ଏବଂ ୭ ବର୍ଷୀୟ ଶିଶୁ ଏଥିରେ ସଂକ୍ରମିତ ହୋଇଛି । ଉଭୟଙ୍କର ଥଣ୍ଡାକାଶ ହେଉଛି । ଏକ ଘରୋଇ ପରୀକ୍ଷାଗାରରେ ଉଭୟଙ୍କ ନମୁନା ପରୀକ୍ଷା କରାଯାଇଥିଲା । ରିପୋର୍ଟ ପଜିଟିଭ ଆସିଥିଲା । ତେବେ ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ନାହିଁ। ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି । ଏହାପୂର୍ବରୁ ସୋମବାର କର୍ଣ୍ଣାଟକ ଏବଂ ତାମିଲନାଡୁରୁ ୨ ଜଣ ଲେଖାଏଁ, ଗୁଜରାଟ ଏବଂ ପଶ୍ଚିମବଙ୍ଗରୁ ଜଣେ ଲେଖାଏଁ ରୋଗୀ ଚିହ୍ନଟ ହୋଇଥିଲେ । ଏମାନଙ୍କ ମଧ୍ୟରେ ଅଧିକାଂଶ ଶିଶୁ ସାମିଲ ଅଛନ୍ତି । ତେବେ ତାମିଲନାଡୁ ସଲେମର ୬୯ ବର୍ଷୀୟ ଏବଂ ଚେନ୍ନାଇର ୪୫ ବର୍ଷୀୟ ପୁରୁଷ ଏଚଏମ୍‌ପିଭିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ ପକ୍ଷରୁ ଏଚଏମ୍‌ପିଭି ସ୍ଥିତି ସମୀକ୍ଷା ଲାଗି ସୋମବାର ବୈଠକ ବସିଥିଲା । ଏଥିରେ ରାଜ୍ୟମାନଙ୍କୁ ପରୀକ୍ଷଣ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । 'ଇନ୍‌ଫ୍ଲୁଏଞ୍ଜା ଲାଇକ୍ ଇଲ୍‌ନେସ' ଏବଂ 'ସିଭିଏର ଆକ୍ୟୁଟ ରେସପିରେଟୋରୀ ଇସ୍ୟୁଜ' ଭଳି ଶ୍ୱାସ ସମ୍ବନ୍ଧିତ ରୋଗର ପରୀକ୍ଷଣ ବୃଦ୍ଧି ସହିତ ଏଚଏମ୍‌ପିଭି ବିଷୟରେ ସଚେତନତା ନେଇ ପ୍ରଚାରପ୍ରସାର କରିବାକୁ ପରାମର୍ଶ ଦିଆଯାଇଛି । ଏହା ବ୍ୟତୀତ ଏଚଏମପିଭି ନୂଆ ଭୂତାଣୁ ନୁହେଁ ବୋଲି କୁହାଯାଇଛି । ଏହା ୨୦ ବର୍ଷ ହେଲା ରହିଛି । ଏହାସତ୍ତ୍ୱେ କେନ୍ଦ୍ର ସ୍ଥିତି ଉପରେ ନଜର ରଖିଥିବା କୁହାଯାଇଛି ।

# ବଦଳିଲେ ୯୮ ଓଏଏସ୍ ଅଧିକାରୀ

**ଭୁବନେଶ୍ୱର,୭ ।୧(ସମିସ):** ଓଡିଶା ପ୍ରଶାସନିକ ସେବା (ଓଏଏସ୍) ସ୍ତରରେ ଆଜି ରାଜ୍ୟ ସରକାର ଏକ ବଡ଼ ଧରଣର ଅଦଳ ବଦଳ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସାଧାରଣ ପ୍ରଶାସନ ଏବଂ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏ ନେଇ ଭିନ୍ନ ଭିନ୍ନ ବିଜ୍ଞପ୍ତି ପ୍ରକାଶ ପାଇଛି । ସମୁଦାୟ ୯୮ ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ହୋଇଛି । ସେହିପରି ବହୁ ସଂଖ୍ୟକ ଅତିରିକ୍ତ ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ନିର୍ବାହୀ ଅଧିକାରୀ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଯୁଗ୍ମ ସଚିବ, ଡେପୁଟି କମିଶନର, ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ, ତହସିଲଦାର, ଜୋନ୍ ଅଧିକାରୀ, ଓଏସ୍‌ଡି ପାହ୍ୟାର ଅଧିକାରୀଙ୍କୁ ବଦଳି କରାଯାଇଛି ।

## ଅବଶିଷ୍ଟାଂଶ...

### ଫେବୃଆରୀ ୫ରେ ଦିଲ୍ଲୀ ଭୋଟ...

ବିଶାରଦମାନେ ଆକଳନ କରିଛନ୍ତି। ଶାସକ ଦଳ ଆମ୍ ଆଦମୀ ପାର୍ଟି ( ଆପ୍)କୁ ଗାଦିଚ୍ୟୁତ କରିବା ପାଇଁ ବିଜେପି ଓ କଂଗ୍ରେସ ଏଥର ଜୋରଦାର ଉଦ୍ୟମ କରିବେ। କିନ୍ତୁ କ୍ରମାଗତ ଭାବେ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱରେ ଆପ୍ ଦିଲ୍ଲୀରେ କ୍ଷମତା ରହି ଆସିଥିବାରୁ ଚଳିତ ନିର୍ବାଚନକୁ ନେଇ କିଛି ଆକଳନ କରିବା କଷ୍ଟକର ବୋଲି କୁହାଯାଉଛି । ୨୦୧୫ ନିର୍ବାଚନରେ ଆପ୍ ରେକର୍ଡ ସୃଷ୍ଟି କରି ୬୭ଟି ଆସନରେ ବିଜୟୀ ହୋଇଥିଲା । ସେହିପରି ୨୦୨୦ରେ ମଧ୍ୟ ୬୨ଟି ଆସନରେ ବିଜୟୀ ହୋଇ କେଜ୍ରିୱାଲ ସରକାର ପୁଣି କ୍ଷମତାସୀନ ହୋଇଥିଲା । ଉଭୟ ନିର୍ବାଚନରେ କଂଗ୍ରେସ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲା । ଅନ୍ୟପକ୍ଷରେ ଦୀର୍ଘ ୨୬ ବର୍ଷ ଧରି ବିଜେପି ଦିଲ୍ଲୀରେ କ୍ଷମତା ଦଖଲ କରିପାରି ନାହିଁ। ୨୦୧୪ ଓ ୨୦୧୯ରେ ସାରା ଦେଶରେ ମୋଦୀ ଲହରୀ ଦେଖିବାକୁ ମିଳିଥିଲେ ହେଁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳିଥିଲା । ତେବେ ଦେଶର ସାଂପ୍ରତିକ ରାଜନୈତିକ ସ୍ଥିତିକୁ ନେଇ ଚଳିତ ନିର୍ବାଚନ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୁଖୀ ହେବ ବୋଲି କୁହାଯାଉଛି ।

### ସନ୍ଧିକ୍ଷଣରେ ଅର୍ଥନୀତି...

ଅପରପକ୍ଷେ ଦେଶର ଗ୍ରସ୍ ଭାଲ୍ୟୁ ଏଡେଡ୍ (ଜିଭିଏ)ର ଆନୁମାନିକ ଅଭିବୃଦ୍ଧି ହାର ୨୦୨୪-୨୫ରେ ହ୍ରାସ ପାଇ ୬.୪% ରେ ପହଞ୍ଚିବା ମଧ୍ୟ ଆର୍ଥିକ ଅସଙ୍ଗତିକୁ ପ୍ରଦର୍ଶିତ କରିଛି । ପୂର୍ବ ବର୍ଷ ୨୦୨୩-୨୪ରେ ଜିଭିଏ ୭.୨ ପ୍ରତିଶତ ରହିଥିଲା । ଜିଡିପି ପରି ଜିଭିଏ ବି ୨୦୨୦-୨୧ ଆର୍ଥିକ ବର୍ଷ ପରେ ସବୁଠୁ ନିମ୍ନ ସ୍ତରରେ ରହିଥିଲା । ଆଲୋଚ୍ୟ ବର୍ଷରେ ଜିଭିଏ ବିୟୁକ୍ତ (-୪.୧) ପ୍ରତିଶତ ଥିଲା । ଉଲ୍ଲେଖଯୋଗ୍ୟ ଯେ ଜିଭିଏରୁ କୌଣସି ଅର୍ଥନୀତିରେ ହେବାକୁ ଥିବା ମୋଟ ଉତ୍ପାଦ ଏବଂ ଆୟ ସମ୍ପର୍କରେ ତଥ୍ୟ ମିଳିଥାଏ ।

ସରକାରୀ ତଥ୍ୟ ଅନୁସାରେ ଆର୍ଥିକବର୍ଷ ୨୦୨୫ରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ୩.୮ ପ୍ରତିଶତ ଅଭିବୃଦ୍ଧି ହେବାନେଇ ଆଶା କରାଯାଇଛି । ଜିଭିଏ ତଥ୍ୟ ଏହା ଦର୍ଶାଉଛି ଯେ, ଦେଶର ଉତ୍ପାଦନ କ୍ଷେତ୍ରରେ ମାନ୍ଦାବସ୍ଥା ଦେଖିବାକୁ ମିଳିପାରେ । ଏହାର ଅଭିବୃଦ୍ଧି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୯.୯% ରୁ ୫.୩%କୁ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି । ଏଥି ସହିତ ଦେଶର ନିବେଶ ଅଭିବୃଦ୍ଧି ମଧ୍ୟ ନିରାଶ କରିଛି । ଏହା ଗତ ବର୍ଷ ୯% ଥିବାବେଳେ ଏ ବର୍ଷ ୬.୪%କୁ ଖସିଆସିଛି । ଦ୍ୱିତୀୟ ତ୍ରୈମାସିକରେ ମନ୍ଥର ଗତି, ସ୍ୱଳ୍ପ ଆର୍ଥିକ ଉତ୍ସାହ, ଉଚ୍ଚ ଋଣ ସୁଧ ହାର ଏବଂ କଠୋର ଋଣ ନିୟମ ଗତ ଆର୍ଥିକ ବର୍ଷ ତୁଳନାରେ ଭାରତର ଜିଡିପି ଅଭିବୃଦ୍ଧିକୁ ୮.୨% ରୁ ୬.୪%କୁ ହ୍ରାସ ଘଟାଇବ ।

ଅନ୍ୟପକ୍ଷରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା 'ଟଙ୍କା'ର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତର ୮୫.୭୩ ସ୍ତରକୁ ଖସିଆସିବା ଯୋଗୁ ଦେଶ ପାଇଁ ଆମଦାନୀ ମହଙ୍ଗା ହୋଇଯାଇଛି । ଯାହାର ସିଧାସଳଖ ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡୁଛି । ଏହାକୁ ରୋକିବାକୁ ଆର୍‌ବିଆଇର ହସ୍ତକ୍ଷେପ ବୈଦେଶିକ ମୁଦ୍ରାଭଣ୍ଡାରରେ କ୍ରମାଗତ ଭାବେ ହ୍ରାସର କାରଣ ସାଜିଛି । ଉପରୋକ୍ତ କାରକଗୁଡିକ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିରେ ବାଧକ ସାଜିବାକୁ ଯାଉଥିବା ବିଶେଷଜ୍ଞମାନେ ଆକଳନ କରିଛନ୍ତି ।

### ଆଖି ଆଗରେ...

ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ । ତେବେ ପୁଲିସ୍ ଓ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଛି । ସୂଚନାନୁସାରେ, ସ୍ତ୍ରୀ ଗାୟତ୍ରୀ ଓ ପୁଅ ତ୍ର୍ୟମ୍ବକମ୍‌ଙ୍କୁ ବାଇକ୍‌ରେ ବସାଇ ମୋହନ ଆଜି ଯୁଡିଏସପୁର ଗାଁକୁ ଯାଇଥିଲେ । ଏତିକିବେଳେ ହଠାତ୍ ଅରୁଣପୁର ଗ୍ରାମ ନିକଟରେ ରମ୍ଭାରୁ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ସେମାନେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ସେମାନଙ୍କୁ ଛତ୍ରପୁର ମେଡିକାଲ ଅଣାଯାଇଥିଲା । ସେଠାରେ ତ୍ର୍ୟମ୍ବକମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତେବେ ଗାୟତ୍ରୀ ଓ ମୋହନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ତେବେ ବ୍ରହ୍ମପୁର ମେଡ଼ିକାଲରେ ମୋହନଙ୍କ ମୃତ୍ୟୁ ଘଟିଥିଲା ।

ଅପରପକ୍ଷେ, ଏହି ଦୁର୍ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳବାସୀ ଅରୁଣପୁର ଗ୍ରାମସ୍ଥିତ ଅଲେଶ୍ୱର ମନ୍ଦିର ଛକ ନିକଟରେ ରାସ୍ତାରୋକ କରିଛନ୍ତି । ମୃତକଙ୍କ ପରିବାରବର୍ଗଙ୍କୁ ୩୦ଲକ୍ଷ ଟଙ୍କାର ସହାୟତା, ଗାୟତ୍ରୀ ରାୟଗୁରୁଙ୍କ ଉତ୍ତମ ଚିକିତ୍ସା ଏବଂ ପରିବାରର ଭରଣପୋଷଣ ଦାବି ନେଇ ତିଛିଣୀ ଓ ଅରୁଣପୁର ଗ୍ରାମବାସୀ ରାସ୍ତାରୋକ କରିଛନ୍ତି । ଘଟଣାସ୍ଥଳରେ ହୁମ୍ମା ଫାଣ୍ଡି ଓ ରମ୍ଭା ପୁଲିସ ସମେତ ଗଞ୍ଜାମ ଏମଭିଆଇ ଉପସ୍ଥିତ ରହି ତଦନ୍ତ କରୁଛନ୍ତି ।

### ୧୨୬ ମୃତ...

ବର୍ଷ ମଧ୍ୟରେ ଅନୁଭୂତ ହୋଇଥିବା ଭୂକମ୍ପ ମଧ୍ୟରେ ଆଜିର କମ୍ପନ ସବୁଠୁ ଶକ୍ତିଶାଳୀ ରହିଥିଲା ବୋଲି ଉକ୍ତ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ ଏହି ଅଞ୍ଚଳକୁ ଲାଗି ନେପାଳରେ ୨୦୧୫ରେ ସୃଷ୍ଟି ହୋଇଥିବା ଭୂକମ୍ପରେ ୯ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ପ୍ରାୟ ୨୨ ହଜାର ଲୋକ ଆହତ ହୋଇଥିଲେ । ଏହାଛଡ଼ା ୫ ଲକ୍ଷ ଲୋକ ବାସହରା ହୋଇପଡ଼ିଥିଲେ ।

ଭୂକଂପ କ୍ଷତିଗ୍ରସ୍ତ ସିଗାଜେରେ ଜରୁରୀ ପରିସ୍ଥିତି ଜାରି କରାଯାଇଛି । ସିଗାତ୍ସେ ରୂପେ ପରିଚିତ ଏହି ସହର ହେଉଛି ତିବ୍ବତର ସବୁଠାରୁ ଆଧ୍ୟାତ୍ମିକ ସହର । ୧୦ କିଲୋମିଟର ପରିବ୍ୟାପ୍ତ ଏହି ସହରରେ ପ୍ରାୟ ୭୦୦୦ ଲୋକ ବାସ କରନ୍ତି । ଏହି ଅଞ୍ଚଳରେ ୨୭ଟି ଗ୍ରାମ ମଧ୍ୟ ରହିଛି ।

### ରାଜ୍ୟ ପର୍ଯ୍ୟଟନ ବିକାଶର...

ସମୃଦ୍ଧ କରିଛି । ପ୍ରାୟ ୭୦ଟି ଦେଶର ପ୍ରବାସୀ ଭାରତୀୟଙ୍କ ବ୍ୟତୀତ ବିଭିନ୍ନ ଦେଶର ସାମ୍ବାଦିକ, ବ୍ଲଗର, ୟୁଟ୍ୟୁବର ଓଡ଼ିଶାରେ ୩ ଦିନ ଧରି ଡେରା ପକାଇବାକୁ ଥିବାରୁ ବିଶ୍ୱବ୍ୟାପୀ ଓଡ଼ିଶା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବାକୁ ଯାଉଛି । ତେବେ ବୁଦ୍ଧିଜୀବୀ ମହଲର ମତ ଅନୁଯାୟୀ ଏହି ସମ୍ମିଳନୀ ଓଡ଼ିଶା ପାଇଁ ଅନନ୍ୟ ସୁଯୋଗ ସୃଷ୍ଟି କରିବ । ଆଗାମୀ ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାବେ ଗଢ଼ି ତୋଳିବା ପାଇଁ ପୂର୍ବ ସରକାରଙ୍କ ଠାରୁ ଆରମ୍ଭ ହୋଇଥିବା ପ୍ରୟାସକୁ ଏବର ସରକାର ସାକାର କରିବାକୁ ଲକ୍ଷ୍ୟ ରଖି ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି ଲକ୍ଷ୍ୟକୁ ହାସଲ କରିବା ଦିଗରେ ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବାକୁ ଯାଉଛି । ଗତ ଦୁଇ ଦଶନ୍ଧି ମଧ୍ୟରେ ବିଗତ ସରକାରଙ୍କ ସଦିଚ୍ଛା ଯୋଗୁଁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ଦେଶ ଓ ବିଦେଶରେ ଲୋକଲୋଚନକୁ ଆସିପାରିଛି । ଏହି ପ୍ରବାସୀ ସମ୍ମିଳନୀ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ନୂଆ ଦିଗନ୍ତ ଦେବ ବୋଲି କୁହାଯାଉଛି ।

ପ୍ରବାସୀ ଭାରତୀୟମାନେ ଏଠାରେ ରହଣୀ ମଧ୍ୟରେ ପ୍ରାୟ ୨୧ରୁ ଊର୍ଦ୍ଧ୍ୱ ପର୍ଯ୍ୟଟନସ୍ଥଳ ଭ୍ରମଣ କରିବାକୁ ଥିବାବେଳେ ଏଥିରୁ ପ୍ରଚୁର ଆନନ୍ଦ ଏବଂ ଅଭିଜ୍ଞତା ନେଇ ଫେରିବେ। ଏମାନେ ହିଁ ଆଗାମୀ ଦିନରେ ରାଜ୍ୟ ପର୍ଯ୍ୟଟନ ବିକାଶର ବାର୍ତ୍ତାବହ ସାଜିବେ ବୋଲି କୁହାଯାଉଛି । ସେହିପରି ଭାବେ ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ପ୍ରଚୁର ପ୍ରାକୃତିକ ସମ୍ବଳ ଥିବାବେଳେ ରାଜ୍ୟର ଶିଳ୍ପ ଅନୁକୂଳ ନୀତି, ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା, ଶାନ୍ତିପ୍ରିୟ ରାଜ୍ୟବାସୀଙ୍କ ଆଚରଣ ଦେଶ ବିଦେଶର ନିବେଶକଙ୍କୁ ଧିରେ ଧିରେ ଆକର୍ଷିତ କରୁଛି । ନିବେଶ କ୍ଷେତ୍ରରେ ଗତ ୨-୩ ବର୍ଷ ମଧ୍ୟରେ ଓଡ଼ିଶା ଚମକପ୍ରଦ ପ୍ରଦର୍ଶନ କରି ଶ୍ରେଷ୍ଠ ରାଜ୍ୟ ଶ୍ରେଣୀରେ ନିଜକୁ ସାମିଲ କରିପାରିଛି । ପୂର୍ବ ସରକାର ଏନେଇ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ କରି ରାଜ୍ୟକୁ ବ୍ୟାପକ ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ବେଳେ ନିକଟ ଅତୀତରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ନୂଆ ଦିଶା ପ୍ରଦାନ କରିଛି । ସମଗ୍ର ବିଶ୍ୱରେ ପ୍ରବାସୀ ଭାରତୀୟମାନେ ଶିଳ୍ପ କ୍ଷେତ୍ରରେ ବେଶ୍ ସୁନାମ ଅର୍ଜନ କରିଥିବା ବେଳେ ନିଜର ଓଡ଼ିଶା ରହଣୀରେ ଶିଳ୍ପ କ୍ଷେତ୍ରରେ ଏହି ରାଜ୍ୟର ବିପୁଳ ସମ୍ଭାବନାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବେ । ଏପରିକି ଆଗାମୀ 'ମେକ୍ ଇନ୍ ଓଡ଼ିଶା- ଉତ୍କର୍ଷ-୨୦୨୫' ସମାବେଶରେ ମଧ୍ୟ ପ୍ରଧାନମନ୍ତ୍ରୀ ଯୋଗଦେଇ ଓଡ଼ିଶାରେ ଶିଳ୍ପାୟନକୁ ବଳ ଦେବେ । ଯାହା ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶା ପାଇଁ ନୂଆ ସମ୍ଭାବନା ଉଜାଗର କରିବ ନିଶ୍ଚିତ । ସେହିପରି ଆଇଟି କ୍ଷେତ୍ରରେ ଓଡ଼ିଶାର ଦକ୍ଷ ମାନବ ସମ୍ବଳ ଏବଂ ଆଇଟି ହବ୍ ଭାବେ ବଦଳୁଥିବା ଓଡ଼ିଶାର ଚେହେରା ମଧ୍ୟ ପ୍ରବାସୀଙ୍କୁ ନିଶ୍ଚିତ ଭାବେ ପ୍ରଭାବିତ କରିବ ବୋଲି କୁହାଯାଉଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ ପୂର୍ବାଞ୍ଚଳକୁ ପ୍ରାଧାନ୍ୟ ଦେଇ ପ୍ରଧାନମନ୍ତ୍ରୀ ସମ୍ମିଳନୀ ପାଇଁ ଓଡ଼ିଶାକୁ ବାଛିଛନ୍ତି । ଏହି ଦୃଷ୍ଟିରୁ ଓଡ଼ିଶା ନିଜର ସଂସ୍କୃତି, ଐତିହ୍ୟ, କଳା ସମେତ ନିଜର ସାମର୍ଥ୍ୟ ପ୍ରତିପାଦନ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ପାଇଥିବା ବେଳେ ଏହି ସୁଯୋଗକୁ ରାଜ୍ୟ ସରକାର କେତେମାତ୍ରାରେ ସୁଯୋଗରେ ରୂପାନ୍ତରିତ କରିପାରୁଛନ୍ତି, ତାହାକୁ ନେଇ ସଭିଙ୍କର ନଜର ରହିଛି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-CABLEROUTE MAKER-KUR-446, ତା.31.12.2024ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସଙ୍କେତ ଏବଂ ଦୂରସଂଚାର କେବୁଲ ନିମନ୍ତେ କେବୁଲ ରାଉଟ୍ ମେକର ବ୍ୟବସ୍ଥା ।

ଟେଣ୍ଡର ମୂଲ୍ୟ(₹): 2,94,56,590.00, EMD(₹): 2,97,300.00 ।

ବିକ୍ରି ଆରମ୍ଭ ହେବା ତାରିଖ : ତା.08.01.2025 ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.01.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ(Tele), ଖୋର୍ଦ୍ଧା ରୋଡ଼

PR-865/P/24-25

**AFFIDAVIT**

By virtue of an affidavit sworn before the Executive Magistrate, Kujanga dated 03.12.2024 I, Bira Kishore Mohapatra, address- At-Sandhakuda, Po- Paradip, Ps.- Jatadhari Muhana, Dt.-Jagatsinghpur, Pin-754142 declare that I have changed my name from Biraj Kumar Mohapatra to Bira Kishore Mohapatra, Henceforth I shall be known as Bira Kishore Mohapatra.

**WE ARE HIRING**

Join India's most Trusted fitness equipment Brand.

**WELCARE**

Positions Available

1) **Marketing Executive** (Any Graduate/MBA)
2) **Technician** (ITI / Diploma - Any Trade)
3) **Delivery Boy** (10th / + 2)

Please send your CV at
Email: fitnesscarebbsr@gmail.com

**Call : 7788014444**

Visit: Welcare Fitness Equipment, Pandara Square, BBSR-Puribypass, Bhubaneswar

**କବଲା ହଜିଛି**

ମୁଁ ଶ୍ରୀ ସେଖ ସରଫରାଜ ଆଲମ, ମୋବାରକ ଅଲ୍ଲୀ, ସା: ପଠାଣମହଲା, ପିତା:ସେଖ, ପୋ: ବାଙ୍କାବଜାର, ଥାନା:ପୁରୁଣାବଜାର, ଜିଲ୍ଲା: ଭଦ୍ରକ, ଘୋଷଣା କରୁଅଛି ଯେ ଗତ ତା.୦୫.୧୨.୨୦୨୪ ରିଖରେ ବାଇକ ଯୋଗେ ବାଙ୍କାବଜାରରୁ ଚରମ୍ପାକୁ ଯାଉଥିବା ବେଳେ ମୋର କେତେକ ଦରକାରୀ ନଥିପତ୍ର ଥିବା ବ୍ୟାଗଟି ମୋ ଅଜ୍ଞାତରେ କେଉଁଠି ଖସିପଡ଼ିଛି । ଯେଉଁ ବ୍ୟାଗରେ ଥିବା କବଲା କ୍ରମିକ ସଂଖ୍ୟା ୨୭୧୩ ତା-୦୧.୦୩.୧୯୭୧ ଏବଂ କ୍ର.ସଂ- ୬୦୮୪, ତା- ୨୪.୦୭.୧୯୮୨ ରହିଥିଲା । ମୁଁ ଉପରୋକ୍ତ ଜମିର ନଥିପତ୍ର ବନ୍ଧକ ରଖି ଚରମ୍ପା ପଞ୍ଜାବ ନେସନାଲ ବ୍ୟାଙ୍କରେ ଋଣ ଆବେଦନ କରିଅଛି । ଯଦି କୌଣସି ବ୍ୟକ୍ତି ଜମିର ମାଲିକାନା କିମ୍ବା ଦାବିଦାର ଅଥବା କୌଣସି ଅଭିଯୋଗ କରିବାକୁ ଚାହୁଁଛନ୍ତି ୭ଦିନ ମଧ୍ୟରେ ପଞ୍ଜାବ ନେସନାଲ ବ୍ୟାଙ୍କରେ ଜଣାଇପାରିବେ ।

**ଘୋଷଣା**

ମୁଁ ରୋମିଓ ଜେନା ପିତା ସୁରେଶ ଜେନା, ଶଙ୍କରପୁର(କଟକ) ଏତଦ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛୁ ଯେ ମୁଁ, ମୋର ବନ୍ଧୁ ବିଜୟାନନ୍ଦ ବିଶ୍ୱାଳ, ସୁଭଦ୍ରାପୁର(କଟକ) ମିଳିତ ଭାବେ ଗତ କିଛି ବର୍ଷ ଧରି ଜି ନେକ୍ସଟ ସୋଲୁସନ୍ସ ଫାର୍ମର ପାର୍ଟନର ଭାବେ ଥିଲୁ । କିନ୍ତୁ, କେତେକ ଅନିବାର୍ଯ୍ୟ କାରଣବଶତଃ ଗତ ଡ଼ିସେମ୍ବର ୫ ତାରିଖରେ ରିଜୋଲୁସନ ବଳରେ ମୁଁ ଉକ୍ତ ଫାର୍ମର ପାର୍ଟନରସିପରୁ ଓହରି ଯାଇଛି । ଏଣୁ ଉକ୍ତ ଜି ନେକ୍ସଟ ସୋଲୁସନ୍ସ ଫାର୍ମ ସହିତ ମୋର କୌଣସି ସମ୍ପର୍କ ନାହିଁ ।

ରୋମିଓ ଜେନା

**AFFIDAVIT**

I, Natabara Pradhan, S/o- Madhabananda Pradhan, resident of At/Po- Kakharuni, Via-Alva, Kakharuni, Kendrapara, Pin-754217, Odisha declared by this affidavit No. 66, dated-07/01/2025, that now onwards I shall be known as **NATABAR PRADHAN** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated-27/12/2025. I, **Suni Behera,** W/o- Bhagaban Behera, Address: Ghatikia, PS-Khandagiri, PO-Ghatikia, Bhubaneswar, Dist-Khordha, Pin-751003, Odisha declare that I have changed my name from **Sumi Behera To Suni Behera.** Henceforth, I shall be known as **Suni Behera** (Aadhaar Card No. 8272 0336 9203) for all purposes.

**AFFIDAVIT**

By virtue of an affidavit sworn before Notary Public, Jajpur on- 5/12/24. I, Rajendra Nath, S/o- Late Babaji Nath, At- Jugal, Po-Tulasipur, Ps- Korai, Dist - Jajpur, Pin - 755025, solemnly declared that, I have changed my name by this affidavit from "Aparti Kumar Nath" to "Rajendra Nath". Henceforth I shall be known as **"Rajendra Nath"** for all purposes.

**AFFIDAVIT**

By virtue of an affidavit sworn before the Executive Magistrate Nimapara on dated.19.12.2024.I Prashanta Kumar Pradhan address At- Chhenua, Po-Alipingal, Ps-Nimapara, Dist-puri, pin-752106 declare that I have changed my son's Name from SAKTI KUMAR PRADHAN to BASUDEV PRADHAN. Henceforth, He/she Shall be known as Basudev PRADHAN for all purpose.

Prashanta kumar Pradhan

**AFFIDAVIT**

I, Rahul Garg, S/o-Babulal Agrawal resident of At- Radharani Pada, Ps- Balangir Town, Balangir, Dist-Balangir, Pin Code-767001, Odisha declared by the affidavit No. 56, dated-07/01/2025 that now onwards I shall be known as **RAHUL KUMAR GARG** for all future purposes.

**AFFIDAVIT**

I, Rashmi Rekha Baral, W/o- Ajaya Kumar Baral resident of Plot No- 997/14683, Satya Vihar, Dist- Khordha, Bhubaneswar, Odisha. declare by this affidavit No. 7, dated-04/01/2025 that now onwards I shall be known as **RASMIREKHA BARAL** for all future purposes.

**OFFICE OF THE NOTIFIED AREA COUNCIL, RAMBHA**
Rambha NAC, Ganjam, Odisha - 761028
Tel.: 06810-278336, Email: rambhanac123@gmail.com
C-1416

Letter No. 45/NAC
**CORRIGENDUM-1**
Dated 07.01.2025
**TENDER REFERENCE NO.: RABNAC-01/2024-25**

In continuation to Tender Ref No. RABNAC-01/2024-25, Dtd. 02.01.2025 for the work Construction of knowledge centre cum meeting room, longue facility with wash cum toilet & sale counter with co-compost shed under FSTP-2.0 for Rambha NAC, Point No. 19 & 20 of the DTCN (on Page No. OS of the PDF) are to be ignored/ shall not be considered. These two points are considered to be omitted / deleted.

Others are remained unchanged.

Executive Officer
NAC Rambha
OIPR-13114/11/0013/2425

**OFFICE OF THE NOTIFIED AREA COUNCIL, KODALA**
Odisha, Pin -761032, e-Mail: - nackodala@gmail.com
C-1412

Lt. No. 13/NAC/Dev/2025
Dated: 06.01.2025

**e- NOTICE**
**BID IDENTIFICATION No.KOD-NAC-01/2025-26**

The Executive Officer, NAC, Kodala, on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.

1. Name of the Work :- Civil Works
2. Number of Work :- 11 Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10.00AM of Dt. 08/01/2025 to 5.00PM of Dt. 22/01/2025
6. Last date and time for receipt of Bid in the Portal :- 5.00PM of Dt. 22/01/2025
7. The bid received online shall be opened on 11.00 AM of dtd. 24/01/2025
8. Name and Address of the Officer inviting Bid: Executive Officer, NAC, Kodala.

Further details can be seen from the Procurement Portal: www.tendersorissa.gov.in

OIPR-13203/11/0020/2425
Executive Officer,
Kodala NAC

**GOVERNMENT OF ODISHA, DEPARTMENTOF WATER RESOURCES** A-833
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDL-30/2024-25**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDL-30/2024-25
5. Estimated Cost : Rs. 12,19,889/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.07.01.2025 (10.00 AM) to dt.20.01.2025(5.30 PM)
8. Last date/ time for receipt of bid In the Portal : dt.20.01.2025 (up to 5.30 PM)
9. Date and Place of opening of Bid : dt.21.01.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar
OIPR-32405/11/0029/2425

**ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ**

**୨୦୨୪-୨୫ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀଭାଇମାନଙ୍କ ପାଇଁ ବିଶେଷ ସୂଚନା**

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ସେବା ସମବାୟ ସମିତି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କରେ ନାମ ପଞ୍ଜିକୃତ କରିଥିବା ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୨୪-୨୫ ଖରିଫ ବର୍ଷରେ ରାଜ୍ୟ ସରକାରଙ୍କ ତରଫରୁ ଆପାତଃ ଜିଲ୍ଲାର ୧୦୫ ଗୋଟି ସେବା ସମବାୟ ସମିତି ଓ ୫୫ ଗୋଟି ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଚଳିତ ଜାନୁୟାରୀ ମାସ ୫ ତାରିଖ ଠାରୁ ସିଧାସଳଖ ଧାନ କ୍ରୟ ଆରମ୍ଭ ହେବ । ଚାଷୀଭାଇମାନେ ନିଜ ଅଞ୍ଚଳର ଥିବା ସେବା ସମବାୟ ସମିତି / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ତଥା ଧାନ କ୍ରୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ନିଜ ନିଜର ବଳକା ଧାନ ଝୋଟ ବ୍ୟାଗରେ ଭରି ଧାନମଣ୍ଡିକୁ ଆଣି, ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରୟ କରିପାରିବେ ।

ଚାଷୀଭାଇମାନେ ସେମାନଙ୍କର ବଳକା ଓ ବିକ୍ରୟ ଯୋଗ୍ୟ ଧାନକୁ ଭଲଭାବରେ ସୁଖାଇ, ସଫାସୁତୁରା ଓ ବ୍ୟବସାୟ ଉପଯୋଗୀ ତଥା FAQ ମାନର କରି ଆଧାର କାର୍ଡ, ବ୍ୟାଙ୍କ ଖାତାଗୁଡିକୁ ପରିଚୟପତ୍ର ଭାବରେ ବ୍ୟବହାର କରି ସକାଳ ୮ ଘଟିକା ଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଧାର୍ଯ୍ୟ କାର୍ଯ୍ୟ ଦିବସମାନଙ୍କରେ ଧାନ କ୍ରୟ କେନ୍ଦ୍ରକୁ ଧାନ ବିକ୍ରୟ କରିବା ପାଇଁ ଆଣିପାରିବେ । ଧାନ କ୍ରୟ ପୂର୍ବରୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ସେମାନଙ୍କ ମୋବାଇଲ ଫୋନ୍‌ରେ SMS ମାଧ୍ୟମରେ ଧାନ ବିକ୍ରୟ ପାଇଁ ଟୋକନ ପ୍ରଦାନ କରାଯିବ ଏବଂ ଟୋକନ ଅବଧି ୩୦ ଦିନ ମଧ୍ୟରେ ଚାଷୀଭାଇମାନେ ଧାନ ବିକ୍ରୟ କରିବେ ।

**ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

**ସରକାରଙ୍କ ଦ୍ୱାରା ଚଳିତ ୨୦୨୪-୨୫ ଖରିଫ ବିପଣନ ବର୍ଷ ପାଇଁ ଧାନର ନିର୍ଦ୍ଧାରିତ ସହାୟକ ମୂଲ୍ୟ ନିମ୍ନରେ ପ୍ରଦାନ କରାଗଲା ।**

| | |
|---|---|
| ସାଧାରଣ କିସମ ଧାନ (ଏଫ.ଏ.କ୍ୟୁ) | କ୍ୱିଣ୍ଟାଲ ପ୍ରତି - ଟ. ୨୩୦୦/- + ୮୦୦ ଟଙ୍କା |
| ଗ୍ରେଡ୍ 'ଏ' କିସମ ଧାନ (ଏଫ.ଏ.କ୍ୟୁ)ଟ. ୨,୩୨୦.୦୦ ଟଙ୍କା | କ୍ୱିଣ୍ଟାଲ ପ୍ରତି - ଟ. ୨୩୨୦/- + ୮୦୦ ଟଙ୍କା |

**ଧାନର ଗୁଣାତ୍ମକ ମାନ (FAQ Quality) ନିମ୍ନମତେ ହେବା ଆବଶ୍ୟକ**

**ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଏକ କିସମ ହୋଇଥିବା ଆବଶ୍ୟକ**

| କ୍ର.ସଂ. | ଧାନରେ ମିଶ୍ରିତ ଓ ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା ମଧ୍ୟରେ ରହିବା ଦରକାର |
|---|---|---|
| ୧ | କ) ବାଲି, ମାଟି, ଗୋଡି, ପଥର, ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| | ଖ) କାଠି, କାଟି, ଧୂଷ, ଅଗାଡି ବା ପୋଲ ଇତ୍ୟାଦି ଜୈବିକ ପଦାର୍ଥ ଖରାପ | ୧% |
| ୨ | ବେରାଙ୍ଗୀ, ପାଣିଫୁଲା, ପୋକା ଇତ୍ୟାଦି (ଖରାପ, ପାଣିଫୁଲା, ପୋକା ଇତ୍ୟାଦି ସର୍ବାଧିକ ୪% ମଧ୍ୟରେ ସୀମିତ ଥିବା ଦରକାର) | ୫% |
| ୩ | ଅପରିପକ୍ୱ, କଂଚା, ସବୁଜ, ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩% |
| ୪ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

ପଞ୍ଜିକୃତ ଚାଷୀମାନଙ୍କ ଠାରୁ କେବଳ ଏଫ.ଏ.କ୍ୟୁ ମାନର ଧାନ କ୍ରୟ କରାଯିବ । ଧାନ ବିକ୍ରିର ଅର୍ଥ ସିଧାସଳଖ ପି. ପାସ୍ ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧ ଦିନରୁ ସର୍ବାଧିକ ୨ ଦିନ ମଧ୍ୟରେ ଜମା ହୋଇଯିବ । ସେଥିପାଇଁ ଚାଷୀମାନେ ବ୍ୟାଙ୍କ ପାସ୍ ବହି ଓ ଆଧାର ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ । ଚାଷୀଭାଇମାନେ ଧାନକ୍ରୟ ସମ୍ବନ୍ଧୀୟ କୌଣସି ଅସୁବିଧାରେ ସମ୍ମୁଖିନ ହେଲେ ଜିଲ୍ଲା ମୁଖ୍ୟ ଯୋଗାଣ ବିଭାଗ କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ୍ ଫୋନ ନମ୍ବର ୦୬୭୮୪-୨୫୧୪୨୪ କିମ୍ବା ସହ ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟ ଫୋନ ନମ୍ବର ୦୬୭୮୪-୨୯୯୯୪୭ କିମ୍ବା ୧୯୬୭ରେ ଯୋଗାଯୋଗ କରିପାରିବେ ।

ଅଧିକ ସବିଶେଷ ବିବରଣୀ ପାଇଁ ନିକଟସ୍ଥ ପ୍ରାଧିକୃତ ସମବାୟ ସମିତି କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀର ସଂପାଦକଙ୍କ ସହ ଯୋଗାଯୋଗ କରନ୍ତୁ ।

ସା/- ସଂପାଦକ
ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

ସା/- ଉପ-ଜିଲ୍ଲାପାଳ, ଭଦ୍ରକ
ତଥା ଅଧକ୍ଷ ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

# ସମ୍ପାଦକୀୟ



ଚନ୍ଦ୍ରମା ଭଳି ତୁମେ ମେଘମାଳା ଭିତରୁ ବାହାରି ଆସ ଓ ଆଲୋକ ବର୍ଷା କର।
-ଗୌତମ ବୁଦ୍ଧ

ସକାଳ
THE SAKALA

## ସମ୍ଭାବନାର ସନ୍ଧାନେ

ପ୍ରାକୃତିକ ବିଭବ, ଐତିହ୍ୟ, ଗୌରବାବହ ସଂସ୍କୃତିର ମାଟି ଓଡ଼ିଶା ଏବେ ସ୍ୱାଗତ କରୁଛି ୫ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଭାରତୀୟଙ୍କୁ। ଭାଷାଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବାକୁ ଯାଉଥିବା ଓଡ଼ିଶାର ସାମଗ୍ରିକ ପ୍ରଗତି ପାଇଁ ଏହି ଆୟୋଜନ କେବଳ ସମୟୋପଯୋଗୀ ନୁହେଁ; ପର୍ଯ୍ୟଟନର ପ୍ରସାର, ପୁଞ୍ଜି ବିନିଯୋଗ ଜରିଆରେ ସାମଗ୍ରିକ ପ୍ରଗତି ପାଇଁ ଅପରିହାର୍ଯ୍ୟ ମଧ୍ୟ। ୨୦୧୮ ଓ ୨୦୨୩ରେ ହକି ବିଶ୍ୱକପ୍ ଆୟୋଜନ ପରେ ତୃତୀୟ ଥର ପାଇଁ ରାଜଧାନୀ ଏଭଳି ଏକ ବୈଶ୍ୱିକ ସମ୍ମିଳନୀ ଲାଗି ପ୍ରସ୍ତୁତ ହେବା ନିଶ୍ଚୟ ଆମ ଜାତିର କୀର୍ତ୍ତିରେ ଏକ ମାଇଲଖୁଣ୍ଟ ସ୍ଥାପନା କରିଛି। ପ୍ରଥମ ଥର ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ କରି ଓଡ଼ିଶା ଗୌରବମଣ୍ଡିତ ହୋଇଛି ଏବଂ ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ଯ୍ୟଟନ, ଭାସ୍କର୍ଯ୍ୟ, କଳା, ସଂସ୍କୃତିର ପ୍ରଦର୍ଶନ ଜରିଆରେ ପ୍ରବାସୀ ଭାରତୀୟଙ୍କୁ କୃତାର୍ଥ କରି ନିଜକୁ ସାର୍ଥକ ମନେ କରୁଛି।

ଏକଦା କେବଳ ଧର୍ମ ଓ ତୀର୍ଥସ୍ଥଳକୁ ଧରି ରଖିଥିବା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ଏବେ ବିବିଧବର୍ଣ୍ଣୀ ହୋଇଛି। ଗତ ୪ ବର୍ଷ ମଧ୍ୟରେ ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜିନିବେଶ ସହିତ ବିଶ୍ୱ ଆତିଥ୍ୟ(ଗ୍ଲୋବାଲ ହସ୍ପିଟାଲିଟି) ପ୍ରଦାନରେ ଓଡ଼ିଶା ଅଗ୍ରସର ହେଉଛି। ପୁରୀର ବ୍ଲୁ ଫ୍ଲାଗ୍ ବିଚ୍ ଓ କୋଣାର୍କର ରାମଚଣ୍ଡୀ ବେଳାଭୂମି ସମେତ ସାତକୋଶିଆ, ଭିତରକନିକା, ହୀରାକୁଦ, ଦାରିଙ୍ଗବାଡ଼ି, ପୁଟସିଲ ଓ ସୋନପୁରର ଇକୋ ରିଟ୍ରିଟ୍ ବିଦେଶୀ ପର୍ଯ୍ୟଟକଙ୍କର ଚାହିଦାରେ ରହିଛି। ଗଞ୍ଜାମସ୍ଥିତ ତାମ୍ପରା ହ୍ରଦ ଓ କଟକର ସିଲ୍‌ଭର ସିଟି ବୋଟ୍ କ୍ଲବ୍ ଜଳକ୍ରୀଡ଼ାର ଆନନ୍ଦ ଦେଉଛି। ଚିଲିକାରେ ଓଡ଼ିଶାର ପ୍ରଥମ ବିଳାସପୂର୍ଣ୍ଣ ହାଉସବୋଟ୍ ଆରମ୍ଭ ହୋଇସାରିଥିବା ବେଳେ ହୀରାକୁଦ ଓ ଚିଲିକାରେ କ୍ରୁଜ୍ ଭେସେଲ ପରିକଳ୍ପନା ଚୂଡ଼ାନ୍ତ ହୋଇଛି। ସେହିଭଳି ପୁରୀ ଓ ଭୁବନେଶ୍ୱରରେ ଥିବା ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ନିମନ୍ତ୍ରଣ ରେସ୍ତୋରାଁ ରାଜ୍ୟର ପାରମ୍ପରିକ ଖାଦ୍ୟର ପ୍ରଚାର କରିବା ସହ ଅତିଥି ଅଭ୍ୟାଗତଙ୍କୁ କୁଇଜନ୍ ପର୍ଯ୍ୟଟନର ସୁବିଧା ଦେଉଛି। ପାନ୍ଥନିବାସଗୁଡ଼ିକରେ ମଲ୍ଟିକୁଇଜନ ରେସ୍ତୋରାଁ, ବାର୍ ଓ ବେକେରୀର ପ୍ରଚଳନ କରାଯାଇଛି। ପର୍ଯ୍ୟଟନ ପାଇଁ ଅନ୍‌ଲାଇନ୍ ବୁକିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ସହ ଅତ୍ୟାଧୁନିକ ଢାଞ୍ଚାରେ ବିକଶିତ କରାଯାଇଛି। ଏହିକ୍ରମରେ ରାଜ୍ୟର ପର୍ଯ୍ୟଟନ ୱେବ୍‌ସାଇଟ୍‌କୁ 'ଫିକି' ଦ୍ୱାରା ୨୦୧୯ରେ ଶ୍ରେଷ୍ଠ ପର୍ଯ୍ୟଟନ ୱେବ୍‌ସାଇଟ୍ ଭାବେ ପୁରସ୍କୃତ କରାଯାଇଛି। ସ୍କୋଚ୍, ଟ୍ରାଭେଲ ଲେଜର୍, ଇଣ୍ଡିଆ ଟୁଡେ ଭଳି ସଂସ୍ଥା ଓଡ଼ିଶା ପର୍ଯ୍ୟଟନ ବିଭାଗକୁ ପୁରସ୍କୃତ କରିଛନ୍ତି। ପ୍ରବାସୀ ଭାରତୀୟଙ୍କ ପ୍ରତ୍ୟକ୍ଷ ସନ୍ଦର୍ଶନରେ ଓଡ଼ିଶା ପର୍ଯ୍ୟଟନ ଏହି ବିଭବ ଆହୁରି ଜଗତପ୍ରସାରୀ ହୋଇପାରିବ ଏବଂ ରାଜ୍ୟର ଅର୍ଥନୀତି ସମୃଦ୍ଧ ହେବ।

ପ୍ରବାସୀ ଭାରତୀୟ ସମ୍ମିଳନୀ ସହିତ ସମାନ୍ତରାଳ ଭାବେ ରାଜଧାନୀରେ କଳା, ବାଣିଜ୍ୟ, ସୌନ୍ଦର୍ଯ୍ୟ, ବୌଦ୍ଧିକ ବ୍ୟାଖ୍ୟାନର ଆୟୋଜନ ଆରମ୍ଭ ହୋଇସାରିଛି। ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ, ପୁଷ୍ପ ପ୍ରଦର୍ଶନୀ, ଆଦିବାସୀ ମେଳା, ଏକାମ୍ର ମହୋତ୍ସବ, ରାଜାରାଣୀ ସଙ୍ଗୀତ ନୃତ୍ୟ ମହୋତ୍ସବ, ଚିଲିକା ଜାତୀୟ ବିହଙ୍ଗ ଉତ୍ସବ ଆଦି ଜରିଆରେ ଓଡ଼ିଶାର ସାଂସ୍କୃତିକ ଚେତନା, କଳାନୈପୁଣ୍ୟ, ହସ୍ତ ଓ କୁଟୀର ଶିଳ୍ପ, ପାରମ୍ପରିକ ଖାଦ୍ୟ, ପୋଷାକ, ପରିଧାନ, ଆଭୂଷଣ ଆଦିର ବିସ୍ତୃତ ଝଲକ୍ ପ୍ରବାସୀ ଭାରତୀୟଙ୍କୁ ଦେବା ପାଇଁ ରାଜ୍ୟ ସରକାର ସାଧୁ ଉଦ୍ୟମ କରିଛନ୍ତି। ଏହାଫଳରେ ଆଞ୍ଚଳିକ ସ୍ତରରେ ଲୋକଲୋଚନ ଉହାଡ଼ରେ ରହିଯାଉଥିବା ଉତ୍କଳୀୟ ଉତ୍କର୍ଷ ଓ ଆଦିବାସୀ କଳାସଂସ୍କୃତି ବିଶ୍ୱାଦୃତ ହେବାର ସମ୍ଭାବନା ଉଜ୍ଜ୍ୱଳ ହେବ।

ଓଡ଼ିଶାରେ ପୁଞ୍ଜି ନିବେଶ ଓ ଶିଳ୍ପାୟନ ଜରିଆରେ ସମାବେଶୀ ବିକାଶର ଯେଉଁ ନକ୍ସା ଗତ ସରକାର ଅମଳରେ ଅଙ୍କା ଯାଇଥିଲା, ତାହା ବର୍ତ୍ତମାନର ପ୍ରବାସୀ ଭାରତୀୟ ସମ୍ମିଳନୀରେ ବାସ୍ତବତାର ରୂପ ନେବ ଏହା ନିଃସନ୍ଦେହ। ବିନିର୍ମାଣ, ଇସ୍ପାତ୍, କ୍ରୋମ୍, ଆଲୁମିନିୟମ ଓ ଆଇଟି ଶିଳ୍ପରେ ବିଶ୍ୱରେ ଉଲ୍ଲେଖନୀୟ ସ୍ଥାନ ହାସଲ କରିସାରିଥିବା ଓଡ଼ିଶା ଏବେ ସେମିକଣ୍ଡକ୍ଟର ଶିଳ୍ପର ଭିତ୍ତିଭୂମି ବିକାଶରେ ବ୍ରତୀ ହୋଇଛି। ଦକ୍ଷତାର ବିକାଶ ଜରିଆରେ ଯେ ଉତ୍କର୍ଷ ସାଧିତ ହୋଇପାରିବ ଏହି ଲକ୍ଷ୍ୟ ପୂରଣ ଦିଗରେ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଛି ବିଶ୍ୱ ଦକ୍ଷତା କେନ୍ଦ୍ର। ଏହାର ସୁଫଳ ମଧ୍ୟ ଓଡ଼ିଶା ସ୍ୱର୍ଣ୍ଣ ପଦକ ଜରିଆରେ ପାଇସାରିଛି। ଉତ୍କର୍ଷର ଭୂମି ଉତ୍କଳର କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିରରୁ ଆରମ୍ଭ କରି ଓଡ଼ିଶାର ବିଶାଳ ବେଳାଭୂମି, ମାଳଭୂମି ଓ ଆର୍ଦ୍ରଭୂମି ଯେ କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ନୁହେଁ, ଏଥିରେ ଲୁଚି ରହିଛି ଜୀବନ ଜୀବିକାର ଅପାର ସମ୍ଭାବନା ତାହା ପ୍ରବାସୀ ଭାରତୀୟ ହୃଦୟଙ୍ଗମ କରିପାରିଲେ ବିକଶିତ ଓଡ଼ିଶା - ୨୦୩୬ର ସ୍ୱପ୍ନ ସାକାର ହେବାର ପଥ ସୁଗମ ହୋଇପାରିବ।

ସାମଗ୍ରିକ ଭାବରେ ପ୍ରାଚୀନ ଉତ୍କଳରୁ ଆଧୁନିକ ବିକଶିତ ଓଡ଼ିଶାକୁ ନିରନ୍ତର ଜୟଯାତ୍ରାର ସଂଘର୍ଷ ଓ ଆହ୍ୱାନ ଭରା ଅଥଚ ସାହସିକ ଚିତ୍ର ପ୍ରବାସୀ ଭାରତୀୟଙ୍କ ଆଗରେ ମାର୍ମିକ ଉପସ୍ଥାପନ କରିବାର ଯେଉଁ ପ୍ରଶଂସନୀୟ ଉଦ୍ୟମ ଆରମ୍ଭ ହୋଇଛି ସେଥିରେ କେବଳ ରାଜ୍ୟ କିମ୍ବା ପୂର୍ବାଞ୍ଚଳର ନୁହେଁ, ବରଂ ସାମଗ୍ରିକ ଭାବେ ଦେଶର ପ୍ରଗତିରେ ସହାୟକ ହେବ ଏଥିରେ ଦ୍ୱିରୁକ୍ତି ନାହିଁ। ସେହିପରି ପ୍ରାଚୀନ ଉତ୍କଳୀୟ ସଂସ୍କୃତି ଏବଂ ବିକାଶ ପଥରେ ଅଗ୍ରସର ଓଡ଼ିଶାର ଅନୁପୂରକ ଚିତ୍ର ବିଦେଶରେ 'ବସୁଧୈବ କୁଟୁମ୍ବକମ୍'ର ସନ୍ଦେଶକୁ ଆହୁରି ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପିତ କରିପାରିବ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ମାଣ୍ଡିଆ ଏବେ ଶ୍ରୀଅନ୍ନରେ ମହିମାନ୍ୱିତ ହୋଇ ବିଶ୍ୱାୟନରେ ଜୟଯାତ୍ରା ଆରମ୍ଭ କରିଛି। ଶ୍ରୀଅନ୍ନର ବିବିଧ ବ୍ୟଞ୍ଜନର ସ୍ୱାଦ ଜାଣିବା ଓ ଜଣାଇବାର ଅବକାଶ ସୃଷ୍ଟି କରିଛି ପ୍ରବାସୀ ଭାରତୀୟ ସମ୍ମିଳନୀ। ବୀରତ୍ୱର ପରାକାଷ୍ଠାରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିବା ଏହି ମାଟି ପୁଣି ଯେ ଶାନ୍ତି ଓ ଅହିଂସାର ମନ୍ତ୍ର ବିଶ୍ୱକୁ ଦେଇଥିଲା ତାହା ବିଶ୍ୱ ଆଗରେ ବ୍ୟାଖ୍ୟାନ କରିବାର ସୁଯୋଗ ମିଳିଛି। ଜାତିସଂଘ କାନ୍ଥରେ ଲିପିବଦ୍ଧ ମାନବିକତାର ମନ୍ତ୍ର ମଧ୍ୟ ଯେ ଏହି ମାଟିରୁ ଜନ୍ମ ନେଇଥିଲା ତାହାର ପ୍ରତ୍ୟକ୍ଷ ଦର୍ଶନ କରାଇବାର ସୌଭାଗ୍ୟ ଏହି ସମ୍ମିଳନୀ ପ୍ରବାସୀଙ୍କୁ ଦେଇଛି। ସର୍ବୋପରି କଳିଙ୍ଗ ସାଧବ ଯେ ସାତସମୁଦ୍ର ତେର ନଈ ପାର ହୋଇ ଦୁଃସାହସିକ ନୌବାଣିଜ୍ୟର ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲା ତାହାର ପ୍ରମାଣ ମଧ୍ୟ ଦେବାକୁ ପ୍ରସ୍ତୁତ ରହିଛି ଏହି ମାଟି।

ଭାରତ ସରକାରଙ୍କ ପାଇଁ ପ୍ରବାସୀ ଭାରତୀୟ ଦିବସ କେବଳ ଏକ ଔପଚାରିକତା ହୋଇପାରେ; କିନ୍ତୁ ଏହି ତିନିଦିନ ଓଡ଼ିଶା ଇତିହାସ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ନିର୍ଣ୍ଣାୟକ ହେବ।

## ପ୍ରବାସରେ ଭାରତୀୟ ବନ୍ଦୀ

**ଗୌରୀ ପ୍ରସାଦ ମହାପାତ୍ର**

ୟେମେନ୍ ନାଗରିକଙ୍କୁ ହତ୍ୟା ଅଭିଯୋଗରେ ପ୍ରବାସୀ ଭାରତୀୟ ନର୍ସ ନିମିଶା ପ୍ରିୟାଙ୍କୁ ଦୋଷୀ ସାବ୍ୟସ୍ତ କରି ୟେମେନ୍‌ର ଏକ ଅଦାଲତ ଦେଇଥିବା ମୃତ୍ୟୁଦଣ୍ଡାଦେଶ ଖବର ନିକଟରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏଭଳି କେତେକ ଘଟଣା ଏବଂ ମୁକ୍ତିର ଶେଷ ଅସ୍ତ୍ର - 'ବ୍ଲଡ୍‌ମନି' ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏଥିପୂର୍ବରୁ ଗୁପ୍ତଚର ବୃତ୍ତି ଅଭିଯୋଗରେ କତାରର ଉଚ୍ଚ ନ୍ୟାୟାଳୟ ଦ୍ୱାରା ମୃତ୍ୟୁଦଣ୍ଡରେ ଦଣ୍ଡିତ ଭାରତର ଆଠଜଣ ପୂର୍ବତନ ନୌସେନା ଅଧିକାରୀ ଭାରତର ହସ୍ତକ୍ଷେପ ପରେ ମୁକୁଳିଛନ୍ତି। ସେହିପରି ପାକିସ୍ତାନରେ ସମାନ ଦଣ୍ଡରେ ଦଣ୍ଡିତ ପୂର୍ବତନ ଭାରତୀୟ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ମୁକୁଳାଇବା ପାଇଁ ଭାରତ ଆନ୍ତର୍ଜାତିକ ଅଦାଲତର ଆଶ୍ରୟ ନେଇଥିବାରୁ ମୃତ୍ୟୁଦଣ୍ଡାଦେଶ ସ୍ଥଗିତ ରହି ମାମଲାର ଶୁଣାଣି ଚାଲିଛି। ଏହିପରି ବିଶ୍ୱର ଅନେକ ଦେଶରେ ପ୍ରବାସୀ ଭାରତୀୟମାନେ ବିଭିନ୍ନ ଅଭିଯୋଗରେ ବନ୍ଦୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ମୃତ୍ୟୁଦଣ୍ଡକୁ ଅପେକ୍ଷା କରି ରହିଛନ୍ତି। ଦଣ୍ଡାଦେଶ ପଛରେ ଥିବା ଅଭିଯୋଗର ସତ୍ୟତା କେତେ, ଦଣ୍ଡାଦେଶ କେତେ ଯୁକ୍ତିଯୁକ୍ତ, ତାହା ସମ୍ପୃକ୍ତ ଦେଶର ଆଇନ କାନୁନ ଉପରେ ନିର୍ଭର କରୁଛି। ଏଭଳି କେତେ ପ୍ରବାସୀ ଭାରତୀୟ ବିଦେଶରେ ଦଣ୍ଡିତ ହୋଇଛନ୍ତି, ସେମାନଙ୍କ ସମ୍ପର୍କରେ ସୂଚନା କିଭଳି ମିଳୁଛି, ମୁକୁଳାଇବାର ବ୍ୟବସ୍ଥା କ'ଣ ରହିଛି ତାହା କିଞ୍ଚିତ ଆଲୋଚନାର ଅପେକ୍ଷା ରଖେ।

ମୂଳ ଭୂଖଣ୍ଡ ବା ଜନ୍ମଭୂମିରୁ ଯାଇ ବିଭିନ୍ନ ଦେଶରେ ବସତି ସ୍ଥାପନ ଧାରାରେ ଭାରତୀୟମାନେ ସବୁଠାରୁ ଆଗରେ ଅଛନ୍ତି। ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୦୨୩ ସୁଦ୍ଧା ପ୍ରାୟ ୨୧୦ଟି ଦେଶରେ ୩ କୋଟି ୨୨ ଲକ୍ଷ ୮୫ ହଜାର ୪୨୫ ଜଣ ଭାରତୀୟ ସ୍ଥାୟୀ ବସତି ସ୍ଥାପନ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ୧ କୋଟି ୩୬ ଲକ୍ଷ ୧ ହଜାର ୭୮୦ ଏବଂ ଭାରତୀୟ ବଂଶୋଦ୍ଭବଙ୍କ ସଂଖ୍ୟା ୧ କୋଟି ୮୬ ଲକ୍ଷ ୮୩ ହଜାର ୬୪୫। ସେହିପରି ବିଶ୍ୱର ବିଭିନ୍ନ ଜେଲ୍‌ରେ ବନ୍ଦୀ ଥିବା ବିଦେଶୀ ନାଗରିକଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ। ୨୦୨୩ ଡିସେମ୍ବର ୮ ତାରିଖରେ ଲୋକସଭାରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି ମୁରଲୀଧରନ୍ ଦେଇଥିବା ସୂଚନା ଅନୁଯାୟୀ, ସମ୍ପ୍ରତି ବିଶ୍ୱର ବିଭିନ୍ନ ଦେଶର ୮୯ଟି ଜେଲ୍‌ରେ ୯୫୨୧ ଭାରତୀୟ କଏଦୀ ଅଛନ୍ତି। ମଧ୍ୟପ୍ରାଚ୍ୟରେ ସର୍ବାଧିକ ୬୨% ଭାରତୀୟ କଏଦୀ ଅଛନ୍ତି। ମଧ୍ୟପ୍ରାଚ୍ୟରେ ପ୍ରତି ୫ ଜଣ ଭାରତୀୟଙ୍କ ମଧ୍ୟରୁ ୩ଜଣ ଜେଲ୍‌ରେ ଥିବା ବେଳେ କତାରରେ ବିଭିନ୍ନ ଦେଶର ମୋଟ କଏଦୀମାନଙ୍କ ମଧ୍ୟରୁ ଭାରତୀୟଙ୍କ ସଂଖ୍ୟା ତୃତୀୟ ସର୍ବାଧିକ। ରାଷ୍ଟ୍ରୱାରି ହିସାବ ଅନୁଯାୟୀ, ସାଉଦୀ ଆରବରେ ସର୍ବାଧିକ ୨୨୦୦, ୟୁଏଇରେ ୨୧୪୩, କତାରରେ ୭୫୨, କୁଏତ୍‌ରେ ୪୧୦, ବାହାରିନ୍‌ରେ ୩୧୦ ଓ ଓମାନ୍‌ରେ ୧୩୫ ଜଣ ପ୍ରବାସୀ ଭାରତୀୟ ବନ୍ଦୀ ଅଛନ୍ତି। ସେହିପରି ନେପାଳରେ ୧୨୨୭, ମାଲେସିଆରେ ୩୦୯, ପାକିସ୍ତାନରେ ୩୦୮, ଚୀନ୍‌ରେ ୧୮୦, ସିଙ୍ଗାପୁରରେ ୮୬, ଭୁଟାନରେ ୫୯, ବାଂଲାଦେଶରେ ୪୭ -ଏହିପରି ଏସିଆର ବିଭିନ୍ନ ଦେଶରେ ମୋଟ ୧୨୨୭ ଜଣ ଏବଂ ୟୁକେରେ ୨୭୮, ଇଟାଲୀରେ ୧୬୫, ଜର୍ମାନୀରେ ୭୭, ଫ୍ରାନ୍ସରେ ୪୦ ଓ ସ୍ପେନ୍‌ରେ ୩୦ ଜଣ ପ୍ରବାସୀ ଭାରତୀୟ ବନ୍ଦୀ ଅଛନ୍ତି। ଅନେକ ଦେଶ ଗୋପନୀୟତା ଆଇନ ବଳରେ ଏ ସମ୍ପର୍କିତ ପର୍ଯ୍ୟାପ୍ତ ସୂଚନା ଦେଉ ନଥିବାରୁ ପ୍ରବାସୀ ଭାରତୀୟ କଏଦୀଙ୍କ ସଂଖ୍ୟା ଆହୁରି ଅଧିକ ହୋଇପାରେ।

ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବିଦେଶରେ କୌଣସି ପ୍ରବାସୀ ଭାରତୀୟ କିମ୍ବା ଭାରତୀୟ ମୂଳୋଦ୍ଭବ କିମ୍ବା ଭିସାରେ ରହୁଥିବା ଭାରତୀୟ ନାଗରିକ କୌଣସି କାରଣରୁ ସେଠାରେ ଗିରଫ କିମ୍ବା ବନ୍ଦୀ କିମ୍ବା ଦଣ୍ଡିତ ହେଲେ ସେ ସମ୍ପର୍କରେ ଭାରତୀୟ କର୍ତ୍ତୃପକ୍ଷଙ୍କୁ ସୂଚନା ମିଳୁଛି କେମିତି? ଏଥିପାଇଁ କ'ଣ ବ୍ୟବସ୍ଥା ରହିଛି? 'ଇଣ୍ଡିଆନ୍ ମିଶନ୍ ଆଣ୍ଡ ପୋଷ୍ଟ' ନାମକ ସଂସ୍ଥା ଏ କ୍ଷେତ୍ରରେ ସତର୍କ ଦୃଷ୍ଟି ରଖିଛି। ସମ୍ପୃକ୍ତ ଦେଶର ଆଇନ କାନୁନ୍ ଭଙ୍ଗ ଅଭିଯୋଗରେ କୌଣସି ଭାରତୀୟ ଗିରଫ ହେବାର ଖବର ମିଳିବା ମାତ୍ରେ ଏହି ସଂସ୍ଥା ସମ୍ପୃକ୍ତ ଦେଶର ବୈଦେଶିକ ବ୍ୟାପାର ଅଧିକାରୀ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ ରକ୍ଷା କରି ଭାରତୀୟ ବନ୍ଦୀଙ୍କୁ ଯଥାସାଧ୍ୟ ସହାୟତା ପାଇଁ ଉଦ୍ୟମ କରୁଛି। ଘଟଣା ସମ୍ପର୍କରେ 'ଇଣ୍ଡିଆନ୍ ମିଶନ୍ ଆଣ୍ଡ ପୋଷ୍ଟ' ଦ୍ୱାରା ଅବଗତ ହେବା ପରେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଉକ୍ତ ଦେଶ ସହିତ ପରବର୍ତ୍ତୀ ଆଇନଗତ, ନ୍ୟାୟିକ ବ୍ୟବସ୍ଥା ଓ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରୁଛି। ଯେଉଁଠାରେ ଅଧିକ ସଂଖ୍ୟକ ଭାରତୀୟ ବସବାସ କରୁଛନ୍ତି ସେଠାରେ 'ଇଣ୍ଡିଆନ୍ ମିଶନ୍ ଆଣ୍ଡ ପୋଷ୍ଟ' ପକ୍ଷରୁ ଏକ ଆଇନଜୀବୀ ପରିଷଦ ସ୍ଥାପନା କରାଯାଇଛି। ଏହି ପରିଷଦ ବନ୍ଦୀ ଭାରତୀୟଙ୍କୁ ବିନା ମୂଲ୍ୟରେ ଆଇନଗତ ସେବା ଯୋଗାଇ ଦେଉଥିବା ବେଳେ ମାମଲାର ପରିଚାଳନା ଖର୍ଚ୍ଚ ଓ ବନ୍ଦୀଙ୍କୁ ମୁକୁଳାଇ ନିଜ ସ୍ଥାନକୁ ପଠାଇବା ଆଦି ଖର୍ଚ୍ଚ ବହନ କରିବା ପାଇଁ 'ଇଣ୍ଡିଆନ୍ ୱେଲ୍‌ଫେୟାର ଫଣ୍ଡ' ଗଠନ କରାଯାଇଛି। ଏହି ପ୍ରକ୍ରିୟାରେ ଭାରତ ସରକାର ମଧ୍ୟ ସହାୟତା ପ୍ରଦାନ କରୁଛନ୍ତି।

ଏହି ପୃଷ୍ଠଭୂମିରେ, ବିଶେଷକରି ନିମିଶା ପ୍ରିୟା ମାମଲାରେ 'ବ୍ଲଡ୍ ମନି' ଶେଷ ଭରସା ହୋଇଛି। ଇସ୍‌ଲାମୀୟ ଦେଶର ଆଇନ ଅନୁଯାୟୀ ଦୋଷୀଙ୍କୁ କେଉଁ ପ୍ରକାର ଦଣ୍ଡବିଧାନ କରାଯିବ କିମ୍ବା କ୍ଷମା କରାଯିବ ସେ ନିଷ୍ପତ୍ତି ପୀଡ଼ିତଙ୍କ ଉତ୍ତରାଧିକାରୀ ନେଇପାରିବେ। ପୀଡ଼ିତଙ୍କ ଉତ୍ତରାଧିକାରୀ ଯଦି ଦୋଷୀଙ୍କୁ କ୍ଷମା କରିଦିଅନ୍ତି ତେବେ ତା' ବଦଳରେ ପର୍ଯ୍ୟାପ୍ତ କ୍ଷତିପୂରଣ ରାଶି ଦୋଷୀଙ୍କ ତରଫରୁ ପୀଡ଼ିତଙ୍କ ପରିବାରକୁ ଦେବାକୁ ପଡ଼ିବ। କ୍ଷତିପୂରଣ ରାଶି ବଦଳରେ କ୍ଷମା ବ୍ୟବସ୍ଥାକୁ ଇସ୍‌ଲାମ୍ ଆଇନ ଅନୁଯାୟୀ 'ଦିୟା' ଏବଂ ଆନ୍ତର୍ଜାତିକ ଆଇନ ଭାଷାରେ 'ବ୍ଲଡ୍ ମନି' ନାମରେ ନାମିତ କରାଯାଇଛି। ପ୍ରିୟାଙ୍କୁ ମୃତ୍ୟୁଦଣ୍ଡରୁ ମୁକୁଳାଇବାକୁ ହେଲେ ପୀଡ଼ିତ ପରିବାରକୁ 'ବ୍ଲଡ୍ ମନି' ବାବଦକୁ ୩ ଲକ୍ଷରୁ ୪ ଲକ୍ଷ ଡଲାର କ୍ଷତିପୂରଣ ଦେବାକୁ ପଡ଼ିବ। ଭାରତ ସରକାର ଏ ବାବଦକୁ ୪୦ହଜାର ଡଲାର ପଠାଇସାରିଛନ୍ତି। ଅବଶିଷ୍ଟ ଅର୍ଥ ୨୦୨୦ରେ ଗଠିତ 'ସେଭ୍ ନିମିଶା ପ୍ରିୟା ଇଣ୍ଟରନ୍ୟାଶନାଲ୍ ଆକ୍‌ସନ୍ କାଉନ୍‌ସିଲ' ଯୋଗାଡ଼ କରୁଥିବା ଜଣାପଡ଼ିଛି।

ଗତବର୍ଷ ସଂସଦରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କର ଉପସ୍ଥାପନ କରିଥିବା ସୂଚନା ଅନୁଯାୟୀ, ଭାରତ ସରକାରଙ୍କ କୂଟନୈତିକ ହସ୍ତକ୍ଷେପ ଜରିଆରେ ୨୦୧୪ରୁ ୨୦୨୩ ଶେଷ ସୁଦ୍ଧା ୪, ୫୯୭ ବିଚାରାଧୀନ ଭାରତୀୟ କଏଦୀଙ୍କୁ ବିଭିନ୍ନ ଦେଶର ଆଇନ ଅଦାଲତ ଖଲାସ କରିଛନ୍ତି କିମ୍ବା ଦଣ୍ଡ କୋହଳ କରିଛନ୍ତି। ଏହାଛଡ଼ା କଏଦୀଙ୍କ ବିନିମୟ ଓ ହସ୍ତାନ୍ତର ପାଇଁ ଭାରତ ୩୧ଟି ଦେଶ ସହିତ 'ଟ୍ରାନ୍‌ସଫର ଅଫ୍ ସେଣ୍ଟେନ୍‌ସ୍‌ଡ ପର୍ସନସ(ଟିଏସ୍‌ପି)' ଚୁକ୍ତି ସ୍ୱାକ୍ଷର କରିଛି। ଏଥିସହିତ ଭାରତ ମଧ୍ୟ 'ଇଣ୍ଟର ଆମେରିକାନ୍ କନ୍‌ଭେନ୍‌ସନ୍ ଅନ୍ ସର୍ଭିଂ କ୍ରିମିନାଲ୍ ସେଣ୍ଟେନ୍ସେସ୍ ଆବ୍ରୋଡ୍' ଏବଂ 'କାଉନ୍‌ସିଲ୍ ଅଫ୍ ୟୁରୋପ୍ କନ୍‌ଭେନ୍‌ସନ୍ ଅନ୍ ଟ୍ରାନ୍‌ସଫର ଅଫ୍ ସେଣ୍ଟେନ୍‌ସଡ୍ ପର୍ସନ୍' ନାମରେ ଦୁଇଟି ବହୁପାକ୍ଷିକ ଚୁକ୍ତିନାମାରେ ହସ୍ତାକ୍ଷର କରିଛି, ଯାହାଦ୍ୱାରା ଉଭୟ ଦେଶ ନିଜ ନିଜର କଏଦୀମାନଙ୍କୁ ବିଦେଶ ଜେଲ୍‌ରୁ ନିଜ ଜେଲ୍‌କୁ ଆଣିପାରିବେ। ଏହି ଚୁକ୍ତିନାମା ଫଳରେ ଭାରତ ସହିତ ଚୁକ୍ତିବଦ୍ଧ ଦେଶମାନଙ୍କ ମଧ୍ୟରେ ୨୦୦୬ରୁ ଜାନୁଆରୀ ୨୦୨୨ ପର୍ଯ୍ୟନ୍ତ ୮୬ ଜଣ କଏଦୀ ହସ୍ତାନ୍ତରିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବିଭିନ୍ନ ଦେଶରେ ବନ୍ଦୀ ଥିବା ୭୫ ଜଣ ଭାରତୀୟ କଏଦୀ ଭାରତ ଆସିଥିଲେ ଏବଂ ୧୧ଜଣ ବିଦେଶୀ କଏଦୀଙ୍କୁ ଭାରତ ସେମାନଙ୍କ ଦେଶକୁ ହସ୍ତାନ୍ତର କରିଥିଲା।

ଅନେକ ଦେଶର ଆଇନରେ ବିଚାରାଧୀନ କିମ୍ବା ଦଣ୍ଡିତ କଏଦୀଙ୍କୁ ସେମାନଙ୍କ ମୂଳ ଦେଶକୁ ପଠାଇବାରେ କଟକଣା ରହିଛି। ଏହା ମଧ୍ୟ ବେଳେ ବେଳେ ବିଜୟ ମାଲ୍ୟାଙ୍କ ପରି କେତେକ ଅଭିଯୁକ୍ତଙ୍କୁ ସୁହାଉଛି। ଭାରତ ତୁଳନାରେ କେତେକ ଦେଶର ଆଇନ କାନୁନ ଓ ଦଣ୍ଡବିଧାନ ବ୍ୟବସ୍ଥା କୋହଳ ଥିବାରୁ ସେଠାରେ ଥିବା ଭାରତୀୟ କଏଦୀମାନେ ଭାରତ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। କାରଣ ଭାରତ ଆସିବା ପରେ ସେମାନଙ୍କୁ ପୁଣି ଥରେ ସମାନ ଅଭିଯୋଗରେ ନୂଆ କରି ଭାରତୀୟ ଆଇନ୍ କାନୁନ୍ ବ୍ୟବସ୍ଥା ଆଧାରରେ ନ୍ୟାୟିକ ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ହୁଏତ ଅଧିକ ଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିବ। ଏହାଛଡ଼ା ଭାରତୀୟ ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ହେଉଥିବାରୁ ବିଚାରାଧୀନ କଏଦୀ ଭାବରେ ସେମାନଙ୍କୁ ବାସ୍ତବ ଓ ପ୍ରଯୁଜ୍ୟ ଦଣ୍ଡବିଧାନ ସମୟଠାରୁ ବହୁ ଅଧିକ ସମୟ ଧରି ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିପାରେ। ଏହି ଭୟରେ ସେମାନେ ସ୍ୱଇଚ୍ଛାରେ ବିଦେଶରେ କୋହଳ ଦଣ୍ଡ ଭୋଗିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଯାଉଛନ୍ତି। ତେଣୁ ପ୍ରକୃତରେ କେତେ ଭାରତୀୟ ବନ୍ଦୀ ବିଦେଶରେ ଅଛନ୍ତି ସେ ସମ୍ପର୍କରେ ଶତପ୍ରତିଶତ ସୂଚନା ମିଳିପାରୁନାହିଁ। ଏ ଦିଗରେ ଆନ୍ତର୍ଜାତିକ ସ୍ତରରେ ବିଚାରବିମର୍ଶ ଚାଲିଛି ଏବଂ ଖୁବ୍‌ଶୀଘ୍ର ଏକ ବହୁପାକ୍ଷିକ ସାବଲୀଳ ଚୁକ୍ତି ସ୍ୱାକ୍ଷର ହେବାର ସମ୍ଭାବନା ରହିଛି।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଓଡ଼ିଶା ଜନ୍ମିତ ଦ୍ୱିତୀୟବୁଦ୍ଧ ଗୁରୁ ପଦ୍ମସମ୍ଭବ

**ପ୍ରବୀର କୁମାର ପଟ୍ଟନାୟକ**

**ପୂର୍ବ ପ୍ରକାଶିତ ଉତ୍ତାରୁ...**

ଶାନ୍ତରକ୍ଷିତଙ୍କୁ ପୁନଶ୍ଚ ତିବ୍ଦତ ଫେରାଇ ଆଣି ଲାସା ନିକଟରେ 'ସମୟେ' ମହାବିହାର ଭାରତରେ ଓଦନ୍ତପୁରୀ ମହାବିହାର ଶୈଳୀରେ ନିର୍ମାଣ କରାଇ ସେଠାରେ ମୁଖ୍ୟ ଭାବେ ଅବସ୍ଥାପିତ କରାଇଲେ। ତିବ୍ଦତର ପ୍ରଥମ ବୌଦ୍ଧ ସଂଘ ମଧ୍ୟ ସେଠାରେ ପ୍ରତିଷ୍ଠା କରାଇଲେ। ତିବ୍ଦତରେ ଥିବା ବେଳେ ହିଁ ପଦ୍ମସମ୍ଭବ ଏହାର ପାର୍ଶ୍ୱବର୍ତ୍ତୀ ଅନ୍ୟାନ୍ୟ ହିମାଳୟ ଅଞ୍ଚଳ ଯଥା ଭୁଟାନ, ସିକିମ୍, ନେପାଳ, ଲଦାଖ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ ଆଦି ଅଞ୍ଚଳକୁ ଯାଇ ସେଠାରେ ଲାମାଧର୍ମର ବ୍ୟାପକ ପ୍ରଚାର ପ୍ରସାର ଘଟାଇଥିଲେ। ତିବ୍ଦତରେ ସେ ଥିବା ସମୟରେ ଏକ ନୂତନ ସଭ୍ୟତା ଓ ଜାଗରଣ ଘଟିଥିଲା ଏବଂ ସେ ସର୍ବଜନାଦୃତ ଧର୍ମଗୁରୁଭାବେ ପ୍ରତିଷ୍ଠା ଲାଭ କଲେ। ଏପରିକି ବୁଦ୍ଧଙ୍କଠାରୁ ସେ ଅଧିକ ସମ୍ମାନ ଲାଭ କରିଥିଲେ। ତିବ୍ଦତୀୟ ତଥ୍ୟ ମୁତାବକ ସେଠାରୁ ସେ ଖ୍ରୀ ୮୦୨ରେ ଭାରତରେ ନିଜ ସ୍ଥାନ ଉଡ୍ଡୀୟାନକୁ ଫେରି ଯାଜପୁର ଅଞ୍ଚଳର ରତ୍ନଗିରି ଓ ଉଦୟଗିରି ମହାବିହାରରେ ରହିଲେ ଏବଂ ସେଠାରୁ ନିୟମିତ ଆସାମ ଦେଇ ଭୁଟାନକୁ ଯାତାୟତ କରୁଥିଲେ।



Guru Padmasambhav

### ଦ୍ୱିତୀୟ ବୁଦ୍ଧ କଥା

ଉଦୟଗିରି ମହାବିହାରରେ ଥିବା ଅବଲୋକିତେଶ୍ୱର (ଜାତମୁକୁଟ ଲୋକେଶ୍ୱର) ମୂର୍ତ୍ତିର ପଛପାଖେ ଥିବା ୨୫ ଧାଡ଼ିର ଶିଳାଲେଖରେ ସେଠାରେ ଥିବା ସ୍ତୂପରେ ତାଙ୍କର ଦେହାବଶେଷ ଥିବା ଲିଖିତ ଥିବାରୁ ସେ ଉଦୟଗିରିଠାରେ ମହାପରିନିର୍ବାଣ ଲାଭ କରିଥିବା ଜଣାଯାଏ।

ସମ୍ବଳ ରାଜ୍ୟରେ ପଦ୍ମଫୁଲରେ ଆବିର୍ଭାବ ବିଷୟରେ କିମ୍ବଦନ୍ତୀ ରହିଥିଲେ ମଧ୍ୟ ସେ ପ୍ରାଚୀନ ସମ୍ବଳ ତଥା ଅବିଭକ୍ତ ସମ୍ବଲପୁରର ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଲକ୍ଷ୍ମଣପୁର ଅଞ୍ଚଳର ପଦ୍ମପୁର ଗ୍ରାମରେ ଜନ୍ମଲାଭ କରିଥିବା ଜଣାଯାଏ। ଏହି ପଦ୍ମପୁର ଗ୍ରାମ ମଧ୍ୟ ସମକାଳୀନ ମହାନ୍ ସଂସ୍କୃତ କବି ଓ ନାଟ୍ୟକାର ଭବଭୂତିଙ୍କ ଜନ୍ମସ୍ଥାନ ମଧ୍ୟ ହୋଇଥିବାର ଜଣାଯାଏ। ଅତ୍ୟନ୍ତ ପରିତାପର ବିଷୟ ଯେ ସମ୍ବଳରେ ଥିବା ରାଜା ଇନ୍ଦ୍ରଭୂତିଙ୍କ ରାଜପ୍ରାସାଦ ସହ ପାର୍ଶ୍ୱବର୍ତ୍ତୀ ଏହି ପଦ୍ମପୁର ଗ୍ରାମ ମଧ୍ୟ ହୀରାକୁଦ ବନ୍ଧ ମଧ୍ୟରେ ବୁଡ଼ିଯାଇଛି। ଖରାଦିନେ ପଦ୍ମପୁରର କିଛି ଅଂଶ ମାତ୍ର ଦେଖାଯାଏ।

ଏହି ବୌଦ୍ଧଗୁରୁ ସମଗ୍ର ପୃଥିବୀରେ ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ। ଏହି ମହାମାନବଙ୍କ ଜନ୍ମସ୍ଥାନକୁ ନେଇ କେତେକ ଭାରତୀୟ ଓ ବିଦେଶୀ ଗବେଷକ ପ୍ରାଚୀନ ଗାନ୍ଧାର ତଥା ଆଧୁନିକ ପାକିସ୍ତାନର ସ୍ୱାତ ଉପତ୍ୟକାର ଉଦ୍ୟାନ ଅଞ୍ଚଳକୁ ଭ୍ରମାତ୍ମକ ଭାବେ ଉପସ୍ଥାପିତ କରିଛନ୍ତି। ମାତ୍ର ଏହା ସମ୍ପୂର୍ଣ୍ଣ ଅମୂଳକ ଓ ସେ ପ୍ରାଚୀନ ଉଡ୍ଡୀୟାନ ଅଥବା ବର୍ତ୍ତମାନର ଓଡ଼ିଶାର ସମ୍ବଲପୁର ଅଞ୍ଚଳର ଜନ୍ମିତ, ଏଥିରେ କୌଣସି ସନ୍ଦେହ ନାହିଁ। ସେ କୌଣସିମତେ ଗାନ୍ଧାର ଅଞ୍ଚଳର ହୋଇପାରିବେ ନାହିଁ। ଏ ବିଷୟ ଏହି ଲେଖକ ନିଜର ସଦ୍ୟ ପ୍ରକାଶିତ ଇଂରାଜୀରେ ଲିଖିତ 'ଉଡ୍ଡୀୟାନଗୁରୁ ପଦ୍ମସମ୍ଭବ- ଦି ସେକେଣ୍ଡ ବୁଦ୍ଧ' ନାମକ ଗବେଷଣାମୂଳକ ବୃହତ୍ ପ୍ରାମାଣିକ ଗ୍ରନ୍ଥରେ ବିଶଦଭାବେ ସମସ୍ତ ଐତିହାସିକ, ପ୍ରତ୍ନତାତ୍ତ୍ୱିକ, ଆଭିଲେଖିକ ତଥା ସାହିତ୍ୟ ଆଧାରିତ ପ୍ରମାଣ ସହ ସିଦ୍ଧ କରିଛନ୍ତି।

ଉପରୋକ୍ତ ପୁସ୍ତକ ବ୍ୟତୀତ ଲେଖକ ଗତ ୧୨ ବର୍ଷ ଧରି ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକ ଏବଂ ସମ୍ବାଦପତ୍ର ଆଦିରେ ଏ ବିଷୟରେ ଲେଖାମାନ ପ୍ରକାଶ କରି ଆସୁଛନ୍ତି। ନିକଟରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ପଦ୍ମସମ୍ଭବଙ୍କ ସମ୍ପର୍କୀୟ ଏକ ଅନ୍ତର୍ଜାତୀୟ ସମ୍ମେଳନ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ନାଳନ୍ଦା ବିଶ୍ୱବିଦ୍ୟାଳୟ ତଥା ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘ ମିଳିତ ଭାବେ ଆୟୋଜନ କରିଥିଲେ। ଏଥିରେ ଓଡ଼ିଶାର ଚାରିଜଣ ପ୍ରତିନିଧି ଯୋଗ ଦେଇଥିଲେ। ଲେଖକ ଏହି ଦୁଇଦିନିଆ ସମ୍ମିଳନୀରେ 'ଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଉଡ୍ଡୀୟାନ ହିଁ ଓଡ଼ିଶା' ଶୀର୍ଷକ ଉପସ୍ଥାପନାରେ ମଧ୍ୟ ଏ ବିଷୟରେ ଦୃଢ଼ଭାବେ ଘୋଷଣା କରିଛନ୍ତି ଓ ପ୍ରମାଣମାନ ମଧ୍ୟ ଦର୍ଶାଇଛନ୍ତି। (ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଗରୁଡ଼ ତୋଷଣ ନୃସିଂହ

### ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ସ୍କନ୍ଦ ପୁରାଣ ବର୍ଣ୍ଣନାନୁସାରେ ଏକାମ୍ରକାନନରେ ବିରାଜମାନ କରୁଥିବା କୋଟିଲିଙ୍ଗେଶ୍ୱର ଲିଙ୍ଗରାଜଙ୍କ ନିର୍ଦ୍ଦେଶରେ ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରରେ ପ୍ରଥମେ ନୃସିଂହଙ୍କୁ ସ୍ଥାପନା କରିଥିଲେ।

**ତେଣୁ ଆମ୍ଭ ଅନୁମତି କ୍ରମେ ଚାଲିଯାଅ, ସେଠାରେ ନୃସିଂହ କ୍ଷେତ୍ର ନିର୍ମାଣ କରାଅ / ନରସିଂହ ଦେବଙ୍କର କ୍ଷେତ୍ର ଯେଉଁରୂପେ, ସୁନ୍ଦର ଦିଶିବ ତାହା କରାଇବ ଆପେ(ସ୍କନ୍ଦ ପୁରାଣ-ଦ୍ୱାଦଶ ଅଧ୍ୟାୟ)**

ସେହି ନୃସିଂହ ମହାପ୍ରଭୁଙ୍କ ସମ୍ମୁଖରେ ରାଜା ଏକସହସ୍ର ଅଶ୍ୱମେଧ ଯଜ୍ଞ ସମ୍ପନ୍ନ କଲା ପରେ ଠାକୁରଙ୍କ ମହାଦାରୁ ମହୋଦଧିରେ ଦୃଶ୍ୟମାନ ହେଲେ। ବିଶ୍ୱାସ କରାଯାଏ ଯେ ଶ୍ରୀମନ୍ଦିର ନିର୍ମାଣ କରିବା ପୂର୍ବରୁ ମୁକ୍ତିମଣ୍ଡପ ନିକଟରେ ଏକ ଛୋଟ ମନ୍ଦିରରେ ଶ୍ରୀନୃସିଂହ ଆରାଧିତ ହେଉଥିଲେ। ସେହି ନୃସିଂହଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ନବକଳେବର ସମୟରେ ଦାରୁ ସଂଗ୍ରହ ପାଇଁ କରାଯାଉଥିବା 'ବନଯାଗ ଯାତ୍ରା'ର ସମସ୍ତ କାର୍ଯ୍ୟକ୍ରମରେ ପ୍ରଥମେ ନୃସିଂହ ଆରାଧିତ ହୁଅନ୍ତି। ତା' ପରେ ଶ୍ରୀମନ୍ଦିର ପରିସରରେ କଳେବର ନୃସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂତନ ବିଗ୍ରହ ନିର୍ମାଣ କରାଯାଏ। ନିର୍ମାଣ ପରେ ନ୍ୟାସ ଦାରୁରେ ନୃସିଂହଙ୍କ ପ୍ରାଣପ୍ରତିଷ୍ଠା କରାଯାଏ।

ମହାତ୍ମା ଆଦିଶଙ୍କର ମହାରାଜା ଯଯାତି କେଶରୀଙ୍କ ସହାୟତାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନୀଳାଚଳରେ ପୁନଃପ୍ରତିଷ୍ଠା କରିବା ପରେ ଦୈନିକ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଆରାଧନା କରୁଥିଲେ। ସେତେବେଳେ ଆଜିର ଭୋଗମଣ୍ଡପ ନିର୍ମାଣ କରାଯାଇ ନ ଥିଲା। ସେ ସ୍ଥାନରେ ମହାତ୍ମା ଆଦିଶଙ୍କର ଏକ ନୃସିଂହ ବିଗ୍ରହ ସ୍ଥାପନା କରି ପୂଜା କରୁଥିଲେ। କାରଣ ଶ୍ରୀକ୍ଷେତ୍ର ଏକ ପୁରୁଣା ନୃସିଂହ କ୍ଷେତ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ନୃସିଂହପ୍ରାଣ ବୋଲି ସେ ଜାଣିଥିଲେ। ପୂଜା ସମୟରେ ସେ ନୃସିଂହଙ୍କୁ ଲଡୁ ପ୍ରସାଦ ସମର୍ପଣ କରୁଥିଲେ। ବର୍ତ୍ତମାନ ପରି ସେତେବେଳେ ମଧ୍ୟ ଗରୁଡ଼ ସ୍ତମ୍ଭ ଉପରେ ଗରୁଡ଼ ବିରାଜମାନ କରି ଆରାଧିତ ହେଉଥିଲେ। ଗରୁଡ଼ ଓ ନୃସିଂହଙ୍କ ବିଜେସ୍ଥଳ ପାଖାପାଖି ଥିଲା। ତେଣୁ ମହାତ୍ମା ଆଦିଶଙ୍କର ଲଡୁ ପ୍ରସାଦ ନୃସିଂହଙ୍କୁ ସମର୍ପଣ କରିସାରିବା ପରେ ଗରୁଡ଼ଙ୍କୁ ଅର୍ପଣ କରୁଥିଲେ। ଆଦିଶଙ୍କରଙ୍କ ପ୍ରସ୍ଥାନ ପରେ ସେବକମାନେ ସେହି ପରମ୍ପରା ଜାରି ରଖିଲେ। ପ୍ରତିଦିନ ଗରୁଡ଼ ନୃସିଂହଙ୍କୁ ଲାଗି କରାଯାଇଥିବା ଲଡୁ ପ୍ରସାଦ ପାଇ ପରମ ତୃପ୍ତି ଲାଭ କରୁଥିଲେ।

ଗଜପତି ପୁରୁଷୋତ୍ତମଦେବଙ୍କ ସମୟରେ ଭୋଗମଣ୍ଡପ ନିର୍ମାଣ କରାଗଲା। ତେଣୁ ଆଦିଶଙ୍କରଙ୍କ ଦ୍ୱାରା ସ୍ଥାପିତ ନୃସିଂହଙ୍କୁ ସେଠାରୁ ସ୍ଥାନାନ୍ତର କରାଗଲା। ତା' ପରେ ଗରୁଡ଼ଙ୍କୁ ଆଉ ଲଡୁ ପ୍ରସାଦ ମିଳିଲା ନାହିଁ। ସେ ଲଡୁ ପ୍ରସାଦ ନ ପାଇ କାନ୍ଦିବାକୁ ଲାଗିଲେ। ଅନ୍ତର୍ଯାମୀ ମହାପ୍ରଭୁ ନୃସିଂହ ଏ କଥା ଜାଣିପାରିଲେ। ଗରୁଡ଼ ମହାପ୍ରଭୁଙ୍କର ବାହନ ହେବା ସଂଗେସଂଗେ ଥିଲେ ତାଙ୍କର ଅନନ୍ୟ ଭକ୍ତ। ତେଣୁ ମହାପ୍ରଭୁ ନୃସିଂହ ନିଜେ ଆସି ସ୍ୱହସ୍ତରେ ଗରୁଡ଼ଙ୍କୁ ଲଡୁ ପ୍ରସାଦ ଖୁଆଇ ଦେଲେ। ଏହି ଘଟଣାର ସ୍ମୃତିରେ ଭୋଗମଣ୍ଡପ ନିର୍ମାଣ ପରେ ସେଠାରେ ନୃସିଂହ ସ୍ୱହସ୍ତରେ ଗରୁଡ଼ଙ୍କୁ ଲଡୁ ପ୍ରସାଦ ଖୁଆଇ ଦେଉଥିବାର ମୂର୍ତ୍ତି ନିର୍ମାଣ କରି ସ୍ଥାପନା କରାଗଲା। ଏଠାରେ ମହାପ୍ରଭୁ ନୃସିଂହ ଶାନ୍ତ ସ୍ୱରୂପରେ ବିରାଜମାନ କରୁଛନ୍ତି। ମହାତ୍ମା ଆଦିଶଙ୍କର ପ୍ରଥମେ ସେଠାରେ ନୃସିଂହ ବିଗ୍ରହ ସ୍ଥାପନ କରି ଆରାଧନା କରିବାର ପରମ୍ପରା ଆରମ୍ଭ କରିଥିବାରୁ ଏହି ବିଗ୍ରହରେ ସେ ଦଣ୍ଡହସ୍ତ ହୋଇ ନୃସିଂହଙ୍କ ପୃଷ୍ଠଦେଶରେ ଦଣ୍ଡାୟମାନ ହୋଇଛନ୍ତି। ଭୋଗମଣ୍ଡପର ଉତ୍ତର ଦିଗ ତୋରଣର ପଶ୍ଚିମ ପଟ ଦ୍ୱାର ସନ୍ଧିରେ ବିଦ୍ୟମାନ ଏହି ବିଗ୍ରହ ଗରୁଡ଼ ତୋଷଣ ନୃସିଂହ ରୂପେ ଜଣାଯାଆନ୍ତି।

ଶ୍ରୀମନ୍ଦିରରେ ପ୍ରସ୍ତୁତ ହେଉଥିବା ବରାଦୀ ମହାପ୍ରସାଦ ଭୋଗମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସମର୍ପଣ କରାଯାଏ। ଏହା ବିଧି ଅନୁସାରେ ମାଆ ବିମଳାଙ୍କୁ ସମର୍ପଣ ନ ହେଲେ ମଧ୍ୟ ମହାପ୍ରସାଦର ମାନ୍ୟତା ପାଏ। ବିଶ୍ୱାସ କରାଯାଏ ଯେ ଭୋଗମଣ୍ଡପରେ ସମର୍ପିତ ନୈବେଦ୍ୟ ସେଠାରେ ପ୍ରତିଷ୍ଠିତ ଗରୁଡ଼ ତୋଷଣ ନୃସିଂହ ଓ ଗରୁଡ଼ଙ୍କ ଦୃଷ୍ଟି ପଡ଼ିବା ପରେ ମହାପ୍ରସାଦରେ ପରିଣତ ହୋଇଯାଏ। ଭଗବାନ ନୃସିଂହ ସେ ବିଷୟରେ ଗରୁଡ଼ଙ୍କୁ କଥା ଦେଇଥିଲେ ବୋଲି ପୀତାମ୍ବର ଦାସଙ୍କ ଦ୍ୱାରା ଲିଖିତ 'ନୃସିଂହ ପୁରାଣ' ଘୋଷଣା କରନ୍ତି-

**'ମୋହ ତୋହ ମଧ୍ୟେ ଯେତେ ମଣୋହିଟି ହେବ, ସେ ମହା ନିର୍ମାଲ୍ୟ ତା' ଭୁଞ୍ଜିବେ ସର୍ବଦେବ / ତୋହର ମୋହର ଦୃଷ୍ଟି ନ ପଡ଼ିବ ଯହିଁ, ସେହି ଦ୍ରବ୍ୟଯାକ ମୋତେ ଅମେଧ ଅଟଇ / ତୋର ମୋର ମଧ୍ୟେ ଯାଇ ଲାଗି ହେଲେ ଭୋଗ, ଶ୍ରୀମହାପ୍ରସାଦ ସେ ହୋଇବ ତିନି ସ୍ୱର୍ଗ।**

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାହାଘରରେ ମଦ, ଡିଜେ ବ୍ୟବହାର ନ କଲେ ମିଳିବ ୨୧ ହଜାର ଟଙ୍କା



ଚଣ୍ଡିଗଡ଼, ୭।୧ (ଏଜେନ୍ସି): ବିବାହରେ ଅଯଥା ଖର୍ଚ୍ଚରୁ ଦୂରେଇ ରଖିବା ଏବଂ ଗାଁକୁ ନିଶାମୁକ୍ତ କରିବା ଲାଗି ପଞ୍ଜାବ ବଠିଣ୍ଡା ଜିଲ୍ଲାର ବାଲୋ ଗ୍ରାମରେ ଅଭିନବ ପଦକ୍ଷେପ ନିଆଯାଇଛି। ବିବାହରେ ମଦ ଏବଂ ଡିଜେ ବ୍ୟବହାର ନ କଲେ ୨୧ ହଜାର ଟଙ୍କା ପୁରସ୍କାର ଦିଆଯିବ ପାଇଁ ଗ୍ରାମ ପଞ୍ଚାୟତ ପକ୍ଷରୁ ଘୋଷଣା କରାଯାଇଛି। ଏହାକୁ ନେଇ ସରପଞ୍ଚ ଅମରଜିତ କୌର କହିଛନ୍ତି ଯେ କୌଣସି କାର୍ଯ୍ୟକ୍ରମରେ ମଦ ପିଇଲେ ଏବଂ ଉଚ୍ଚ ଶବ୍ଦରେ ଡିଜେ ବଜାଇଲେ ଗଣ୍ଡଗୋଳ ହୋଇଥାଏ। ଏହା ପିଲାଙ୍କ ପାଠପଢ଼ା ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ତେଣୁ ଏହା ଉପରେ କଟକଣା ଲଗାଇବା ପାଇଁ ୨୧ ହଜାର ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ଏହି ଗାଁରେ ମୋଟ ୫ ହଜାର ଲୋକ ରହୁଛନ୍ତି।

**ଲରେନ୍ସ ବିଷ୍ଣୋଇ ଭୟ**

## ସଲ୍‌ମାନଙ୍କ ଘରେ ଲାଗିଲା ବୁଲେଟ୍ ପ୍ରୁଫ୍ କାଚ



ମୁମ୍ବାଇ, ୭।୧ (ଏଜେନ୍ସି): ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଭୟରେ ଅଭିନେତା ସଲ୍‌ମାନ ଖାନ ଛାନିଆ ହୋଇଯାଇଛନ୍ତି। ଗତ ବର୍ଷ ଏପ୍ରିଲରେ ଏହି ଗ୍ୟାଙ୍ଗ ସଲ୍‌ମାନଙ୍କ ଗ୍ୟାଲେକ୍ସି ଆପାର୍ଟମେଣ୍ଟ ଉପରେ ଗୁଳିମାଡ଼ କରିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ସଲ୍‌ମାନ ସେହି ସମୟରେ ଘରେ ଥିଲେ। ଏହା ପରଠାରୁ ତାଙ୍କ ସୁରକ୍ଷା ବଢ଼ାଇ ଦିଆଯାଇଥିଲା। ଏବେ ଅଭିନେତା ନିଜ ଘରର ନୀବକରଣ କରିଛନ୍ତି। ସେ ଲରେନ୍ସ ଭୟରେ ନିଜ ବାଲ୍‌କୋନୀ ଏବଂ ଝରକାରେ ବୁଲେଟ୍ ପ୍ରୁଫ କାଚ ଲଗାଇଛନ୍ତି। ଏହା ସହିତ ସୁରକ୍ଷା ବ୍ୟବସ୍ଥାକୁ ହାଇଟେକ୍ କରିଦିଆଯାଇଛି। ଆପାର୍ଟମେଣ୍ଟର ଚାରି ପାଖରେ ହାଇ ରିଜୋଲ୍ୟୁସନ ସିସିଟିଭି କ୍ୟାମେରା ଲଗାଯାଇଛି। ଏହି ଘରର ତଳ ମହଲାରେ ସଲ୍‌ମାନ ଏବଂ ଉପର ମହଲାରେ ତାଙ୍କ ପରିବାର ସଦସ୍ୟ ରହୁଛନ୍ତି।

# ଭାରତୀୟ ବଂଶୋଦ୍ଭବ ଅନୀତା ହୋଇପାରନ୍ତି କାନାଡା ପ୍ରଧାନମନ୍ତ୍ରୀ



ଓଟାୱା, ୭।୧(ଏଜେନ୍ସି): ଲିବରାଲ ପାର୍ଟି ନେତା ଏବଂ ପ୍ରଧାନମନ୍ତ୍ରୀ ପଦବୀରୁ ଟ୍ରୁଡୋ ଇସ୍ତଫା ଦେବା ପରେ କାନାଡା ରାଜନୀତିରେ ହଲଚଲ ସୃଷ୍ଟି ହେବା ସହିତ ଏବେ ନୂଆ ନେତା କିଏ ହେବ ତାହାକୁ ନେଇ ତର୍ଜମା ଚାଲିଛି। ମାର୍ଚ୍ଚ ୨୪ ସୁଦ୍ଧା ନୂଆ ନେତା ନିର୍ବାଚିତ କରିବାକୁ କାନାଡା ସଂସଦର ପ୍ରାବଧାନ ରହିଥିଲା ବେଳେ ଏହି ସ୍ଥାନ ଭାରତୀୟ ବଂଶୋଦ୍ଭବ ସୁନୀତା ଆନନ୍ଦ ନେଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ନୂଆ ନେତା ନିର୍ବାଚିତ ହେବା ଯାଏଁ କାନାଡା ସଂସଦ ମୁଲତବୀ ରହିବ। ତେଣୁ ଯଥାଶୀଘ୍ର ନେତା ନିର୍ବାଚିତ କରିବାକୁ ସାଂସଦମାନେ ଉଦ୍ୟମ ଆରମ୍ଭ କରିଛନ୍ତି। ତେବେ ବର୍ତ୍ତମାନ କାନାଡାର ପରିବହନ ମନ୍ତ୍ରୀ ରହିଥିବା ସୁନୀତାଙ୍କୁ ଟ୍ରୁଡୋଙ୍କ ସ୍ଥାନ ଦେବାକୁ ସର୍ବାଧିକ ସାଂସଦ ସହମତ ରହିଥିବା କୁହାଯାଇଛି। ସୁନୀତା ଗତ ପାଞ୍ଚ ବର୍ଷ ଭିତରେ ପରିବହନ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ବିଭାଗ ବ୍ୟତୀତ ପ୍ରତିରକ୍ଷା ଏବଂ ଅର୍ଥ ବିଭାଗରେ କାର୍ଯ୍ୟ କରି ସୁନାମ ଅର୍ଜୋନ କରିଛନ୍ତି। କେହି କେହି ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ପାଇଁ ପୂର୍ବରୁ ଉପ ପ୍ରଧାନମନ୍ତ୍ରୀ ରହିଥିବା କ୍ରିଷ୍ଟିଆ ଫ୍ରିଲାଣ୍ଡଙ୍କ ନାମ ନେଉଥିଲେ ମଧ୍ୟ ସୁନୀତାଙ୍କ ପ୍ରତି ଅଧିକାଂଶ ସାଂସଦଙ୍କ ସମର୍ଥନ ରହିଥିବା କୁହାଯାଉଛି।

### ଟ୍ରୁଡୋଙ୍କ ଇସ୍ତଫାକୁ ନେଇ କାନାଡାବାସୀ ଖୁସ୍!

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ନିଜ ପଦରୁ ଗତକାଲି ଇସ୍ତଫା ଘୋଷଣା କରିଛନ୍ତି। କିନ୍ତୁ ତାଙ୍କର ଏହି ଘୋଷଣା ପରେ କାନାଡା ଜନସାଧାରଣଙ୍କ ଭିତରେ ଯେଉଁଭଳି ମାହୋଲ ସୃଷ୍ଟି ହୋଇଛି ତାହା ଟ୍ରୁଡୋଙ୍କ ପ୍ରତି ରହିଥିବା ଦୀର୍ଘ ଦିନର ଅସନ୍ତୋଷକୁ ଦର୍ଶାଇଛି। ନିଜ ଦଳର ନେତାଙ୍କ ନେତାଙ୍କ ବିରୋଧ ଚାପରେ ଟ୍ରୁଡୋ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହିତ ଲିବରାଲ ପାର୍ଟି ନେତା ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। କିନ୍ତୁ କେବଳ ଦଳୀୟ ନେତାଙ୍କ କଥା ନୁହେଁ, ସାଧାରଣ ଜନତା ମଧ୍ୟ ଟ୍ରୁଡୋଙ୍କୁ ନେଇ ଯେ ଅସନ୍ତୁଷ୍ଟ ଥିଲେ ତାହା ବିଭିନ୍ନ ଘଟଣାରୁ ସ୍ପଷ୍ଟ ହୋଇଛି। ଟ୍ରୁଡୋ ଇସ୍ତଫା ଦେଇଥିବା ସୂଚନା ମିଳିବା ପରେ କାନାଡାର ପ୍ରତିଷ୍ଠିତ ଫୁଡ୍ କମ୍ପାନୀ 'ଡେରୀ କୁଇନ' ଅନଲାଇନ ଶୋ'ରେ ଏକ ବଡ଼ ଫଟୋରେ ନିଜ ଲୋଗୋ ସହିତ ' ଗ୍ରୀଲ ଚିଲ୍ ଟ୍ରୁଡୋ ରେଜିଗନେସନ ସ୍ପେଶାଲ ଡଲାର ୨ ବର୍ଗର ଡ୍ରାଇଭ୍' ବୋଲି ଉଲ୍ଲେଖ କରି ପ୍ରସାରଣ କରିଛି। ଡେରୀ କୁଇନର ଏହି ପ୍ରସାରଣ ପରେ ସାଧାରଣରେ ଏହି ଅଭିଯାନକୁ ବହୁ ସମର୍ଥନ ମିଳିଥିବା କୁହାଯାଇଛି। ଏହାଦ୍ୱାରା ଟ୍ରୁଡୋଙ୍କ ପ୍ରତି ସାଧାରଣ ଲୋକଙ୍କ କେତେ ଅସନ୍ତୋଷ ଥିଲା ତାହା ପ୍ରମାଣିତ ହୋଇଛି।

### କାନାଡ଼ା ହେଉ ଆମେରିକାର ୫୧ତମ ରାଜ୍ୟ: ଟ୍ରମ୍ପ



ଟ୍ରୁଡୋଙ୍କ ଇସ୍ତଫା ପରେ କାନାଡା ରାଜନୀତିରେ ହଲଚଲ ସୃଷ୍ଟି ହୋଇଥିଲା ବେଳେ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ କାନାଡାକୁ ନେଇ ରାଜନୀତି ଆରମ୍ଭ କରିଦେଇଛନ୍ତି। କାନାଡା ଆମେରିକାର ୫୧ ତମ ରାଜ୍ୟ ଭାବେ ସାମିଲ ହେଉ ବୋଲି ସେ ପୁଣି ଥରେ ଆହ୍ୱାନ ଦେଇଛନ୍ତି। ଟ୍ରୁଡୋଙ୍କ ଇସ୍ତଫା ପରେ ନିଜର ପ୍ରତିକ୍ରିୟା ରଖି ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମରେ କହିଛନ୍ତି ଯେ, ଆମେରିକା ସହିତ କାନାଡାର ମିଶ୍ରଣ ଏବଂ ଏହା ୫୧ତମ ରାଜ୍ୟ ଭାବେ ପ୍ରତିଷ୍ଠାଲାଭ କରୁ ଏହାକୁ କାନାଡାର ଅଧିକାଂଶ ଲୋକ ଚାହାନ୍ତି। ଏହାବ୍ୟତୀତ ଆମେରିକା କାନାଡାର ବାଣିଜ୍ୟିକ ନିଅଣ୍ଟକୁ ଅଧିକ ଦିନ ଧରି ସମ୍ଭାଳିପାରିବ ନାହିଁ କି ଏଥିପାଇଁ ଅନୁଦାନ ଦେଇପାରିବ ନାହିଁ। ଟ୍ରୁଡୋ ଏ କଥା ଭଲଭାବେ ଜଣରି ଏବଂ ବୁଝି ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଯଦି କାନାଡା ଆମେରିକା ସହିତ ମିଶିଯାଏ ତେବେ କାନାଡା ଉପରେ ଆଉ ଟାରିଫ ଲାଗୁ ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି।

## ଏଚ୍‌ଏମ୍‌ପିଭି ଯୋଗୁଁ ବିଗୁଡୁଛି ଚୀନ୍ ସ୍ଥିତି

**୧୦ ଦିନରେ ମାମଲା ୫୨୯% ବୃଦ୍ଧି**

**ଉହାନରେ ସ୍କୁଲ୍ ବନ୍ଦ; ରିପୋର୍ଟ ମାଗିଲା 'ହୁ'**

**ସ୍ପେନ ହସ୍ପିଟାଲ ବାହାରେ ଲମ୍ବାଧାଡ଼ି**

ବେଜିଂ, ୭।୧ (ଏଜେନ୍ସି): କରୋନା ପରେ ଚୀନ୍‌ରେ ଆଉ ଏକ ନୂଆ ଭୂତାଣୁ ହ୍ୟୁମାନ ମେଟାନ୍ୟୁମୋଭାଇରସ (ଏଚ୍‌ଏମ୍‌ପିଭି) ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଏହା ବିଶ୍ୱବାସୀଙ୍କ ମନରେ ଭୟ ସୃଷ୍ଟି କରିଛି। ଏହି ଭୂତାଣୁ ପ୍ରଭାବରେ ଚୀନ୍‌ର ସ୍ଥିତି ବିଗିଡିବାରେ ଲାଗିଛି। ସଂକ୍ରମଣକୁ ଦେଖି ଉହାନରେ ସ୍କୁଲ୍ ବନ୍ଦ କରିଦିଆଯାଇଛି। ଏଠାରେ ଗତ ୧୦ ଦିନରେ ଏଚଏମ୍‌ପିଭି ମାମଲା ୫୨୯ ପ୍ରତିଶତ ବୃଦ୍ଧି ପାଇଛି। ଶିଶୁଙ୍କ ମଧ୍ୟରେ ସଂକ୍ରମଣ ବଢୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଭୂତାଣୁକୁ ନେଇ ଚୀନ୍‌ରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ଆଣ୍ଟିଭାଇରାଲ ଡ୍ରଗ୍ସର ଘୋର ଅଭାବ ଦେଖାଦେଇଛି। ଏହାର କଳାବଜାରୀ ଆରମ୍ଭ ହୋଇଯାଇଛି। ସ୍ଥିତି ଏପରି ହୋଇଛି ଯେ ଆଣ୍ଟିଭାଇରାଲ ଡ୍ରଗ୍ ୪୧ ଡଲାରରେ ବିକ୍ରି ହେଉଛି। ସଂକ୍ରମଣ ବୃଦ୍ଧି ଯୋଗୁଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ମଧ୍ୟ ଚିନ୍ତା ବୃଦ୍ଧି ପାଇଛି। ଏହି ଭୂତାଣୁର ସମ୍ପୂର୍ଣ୍ଣ ସୂଚନା ଦେବାକୁ 'ହୁ' ଚୀନ୍‌କୁ ନିର୍ଦ୍ଦେଶ ଦେଇଛି। ଏ ପର୍ଯ୍ୟନ୍ତ ଏହି ଦେଶ ଏଚ୍‌ଏମ୍‌ପିଭିର ସୂଚନାକୁ ଗୋପନୀୟ ରଖିଛି।ଅନ୍ୟ ଦେଶରେ ମଧ୍ୟ ଏହି ଭୂତାଣୁ ଚିହ୍ନଟ କରାଯାଇଛି। ଭାରତ, ମାଲେସିଆ, ଜାପାନ, କାଜାକିସ୍ତାନ, ଇଂଲଣ୍ଡ, ହଂକଂ, ବ୍ରିଟେନରୁ ଏହି ରୋଗୀ ଚିହ୍ନଟ ହୋଇଛନ୍ତି। ଚୀନ୍‌ର ଏହି ଭୂତାଣୁ ସ୍ପେନରେ ହୁ ହୁ ହୋଇ ବ୍ୟାପିବାରେ ଲାଗିଛି। ସ୍ପେନ ହସ୍ପିଟାଲ ବାହାରେ ରୋଗୀଙ୍କ ଲମ୍ବା ଧାଡ଼ି ଲାଗି ରହିଛି। ଏଠାକାର ଏଲିକାଣ୍ଟେରୁ ୬୦୦ରୁ ଅଧିକ ଇନ୍‌ଫ୍ଲୁଏଞ୍ଜା-ଏ ରୋଗୀ ଚିହ୍ନଟ ହୋଇଛନ୍ତି।

## ନିର୍ବାଚନ ପ୍ରକ୍ରିୟାରେ ହେର୍‌ଫେର୍‌ର ସ୍ଥାନ ନାହିଁ: ଇସି

ନୂଆଦିଲ୍ଲୀ, ୭।୧(ଏଜେନ୍ସି): ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ନିର୍ବାଚନରେ ଇଭିଏମକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବା ସହିତ ଏଥିରେ ହେରଫେର କରାଯାଉଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଦିଲ୍ଲୀ ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଭୋଟର ତାଲିକାରେ ହେରଫେରକୁ ନେଇ ଯେଉଁ ଅଭିଯୋଗ କରିଛନ୍ତି ସେ ସମ୍ପର୍କରେ ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର ଉତ୍ତର ରଖିଛନ୍ତି। ବିଶେଷକରି ଭୋଟର ତାଲିକାରେ ହେରଫେର କରାଯିବା ଅଭିଯୋଗକୁ ନେଇ ସେ କହିଛନ୍ତି ଯେ, ଏହି ବିଷୟ ଅତ୍ୟନ୍ତ ଜଟିଳ। ଭୋଟର ତାଲିକାରେ ସଂଶୋଧନ କିମ୍ବା ପରିବର୍ତ୍ତନ ପାଇଁ ୭୦ଟି ସୋପାନ ଦେଇ କାର୍ଯ୍ୟ କରିବାକୁ ପଡ଼େ। ଏହଛଡ଼ା ଏହି ପ୍ରକ୍ରିୟାରେ ରାଜନୈତିକ ଦଳ ଏବଂ ଭୋଟର ମଧ୍ୟ ଆମ ସହ ସଂଶ୍ଳିଷ୍ଟ ରହିଥାଆନ୍ତି। ତେଣୁ ଭୋଟର ତାଲିକାରେ ହେରଫେର କରିବା ଅସମ୍ଭବ। ନିର୍ବାଚନ ପ୍ରକ୍ରିୟାରେ କୌଣସି ଦିଗରେ ହେରଫେର କରିବାର ପ୍ରଶ୍ନ ଉଠୁ ନାହିଁ ବୋଲି ରାଜୀବ କୁମାର କହିଛନ୍ତି। ସେହିପରି ଇଭିଏମ ହେରଫେର କିମ୍ବା ତ୍ରୁଟି ଅଭିଯୋଗକୁ ମଧ୍ୟ ସେ ଅଗ୍ରାହ୍ୟ କରିଛନ୍ତି। ରାଜୀବ କୁମାର କହିଛନ୍ତି ଯେ ଇଭିଏମ ବ୍ୟବସ୍ଥା ନ୍ୟାୟପାଳିକା ଦ୍ୱାରା ଯାଞ୍ଚ କରାଯାଇଛି। ଦେଶର ସର୍ବୋଚ୍ଚ ଅଦାଲତରେ ଇଭିଏମ ୪୦ରୁ ଅଧିକ ଥର ବିଶ୍ୱସ୍ତ ସାବ୍ୟସ୍ତ ହୋଇଛି। ଇଭିଏମ ଟ୍ୟାମ୍ପର ପ୍ରୁଫ। ଇଭିଏମ ଦ୍ୱାରା ରିଗିଂ ଓ ହ୍ୟାକିଂ ଅସମ୍ଭବ। ଇଭିଏମକୁ ନେଇ ଆସିଥିବା ଅଭିଯୋଗ ସଂପୂର୍ଣ୍ଣ ଅମୂଳକ। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ରଖିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ରାଜୀବ କୁମାର କହିଛନ୍ତି।

**ଆତିଶୀଙ୍କ ଅଭିଯୋଗ**

## ଦୁଇଥର ସରକାରୀ ଆବାସରୁ ବିଦା କରାଯାଇଛି



ନୂଆଦିଲ୍ଲୀ, ୭।୧(ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅତିଶୀ ମାର୍ଲେନାଙ୍କୁ ଦିଆଯାଇଥିବା ସରକାରୀ ବାସଭବନକୁ କେନ୍ଦ୍ର ସରକାର ବାତିଲ କରିଦେଇଛନ୍ତି ବୋଲି ଆତିଶୀ ଅଭିଯୋଗ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀର ସେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ଆମ ପ୍ରତି କେନ୍ଦ୍ର ସରକାର ବୈମାତୃକ ମନୋଭାବ ପୋଷଣ କରି ଚାଲିଛନ୍ତି। ଆମ ଘର ଛଡ଼ାଇ ନିଆଯାଉଛି। ନିର୍ବାଚନ ତାରିଖ ଘୋଷଣାର ପୂର୍ବ ରାତିରେ ଏଭଳି କରାଯାଉଛି। ଦ୍ୱିତୀୟ ଥର ପାଇଁ ତାଙ୍କୁ ସରକାରୀ ବଙ୍ଗଳାରୁ ବିଦା କରି ଦିଆଯାଇଛି ବୋଲି ଆତିଶୀ କହିଛନ୍ତି। ସେ କହିଛନ୍ତି ଯେ ଚିଠି ଦ୍ୱାରା ଏକ ନିର୍ବାଚିତ ସରକାରରେ ରହିଥିବା ମୁଖ୍ୟମନ୍ତ୍ରୀଙ୍କ ଠାରୁ ବାସଭବନ ଛଡ଼ାଇ ନିଆଯାଇଛି। ତିନି ମାସ ତଳେ କେନ୍ଦ୍ର ସରକାର ଠିକ୍ ଏଭଳି କାର୍ଯ୍ୟ କରିଥିଲେ। ମୁଁ ମୁଖ୍ୟମନ୍ତ୍ରୀ ହେବା ପରେ ସେମାନେ ବାସଭବନରୁ ମୋ ଆସବାବପତ୍ର ଫିଙ୍ଗି ଦେଇଥିଲେ। ଆମକୁ ସରକାରୀ ବାସଭବନରୁ ବିଦା କଲେ ଆମେ ଆମ କାର୍ଯ୍ୟ ବନ୍ଦ କରିଦେବୁ ବୋଲି ବିଜେପି ଭାବୁଛି। ସେମାନେ ଆମଘର ଛଡ଼ାଇ ନେଇପାରିବେ କିନ୍ତୁ ଦିଲ୍ଲୀବାସୀଙ୍କୁ ସେବା ଯୋଗାଇବା ନେଇ ଆମର ଉତ୍ସାହକୁ ଛଡ଼ାଇ ନେଇପାରିବେ ନାହିଁ ବୋଲି ଆତିଶୀ କହିଛନ୍ତି।

## ଦିଲ୍ଲୀରେ ହେବ ପୂର୍ବତନ ରାଷ୍ଟ୍ରପତି ପ୍ରଣବଙ୍କ ସ୍ମାରକ

ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ମୃତ୍ୟୁର ୪ ବର୍ଷ ପରେ କେନ୍ଦ୍ର ସରକାର ଦିଲ୍ଲୀରେ ତାଙ୍କ ସ୍ମାରକ ନିର୍ମାଣ କରିବାକୁ ଯାଉଛନ୍ତି। ଏହି ସ୍ମାରକ ପାଇଁ ସ୍ମୃତି କମ୍ପ୍ଲେକ୍ସରେ ସ୍ଥାନ ଚିହ୍ନଟ କରାଯିବ। ଦିବଂଗତ ରାଷ୍ଟ୍ରପତିଙ୍କ ଝିଅ ଶର୍ମିଷ୍ଠା ମୁଖାର୍ଜୀଙ୍କ ପାଖକୁ ଚିଠି ଲେଖି ସରକାରଙ୍କ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ୨୦୨୦ ଅଗଷ୍ଟ ୩୧ରେ ପ୍ରଣବଙ୍କ ପରଲୋକ ହୋଇଥିଲା। ସେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ରାଷ୍ଟ୍ରପତି ହୋଇଥିଲେ। ତାଙ୍କ ଝିଅ ଶର୍ମିଷ୍ଠା ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ସ୍ମାରକ ପାଇଁ ଧନ୍ୟବାଦ ଦେଇଛନ୍ତି। ସେ କେବେ ବି ଏହା ଆଶା କରି ନ ଥିଲେ ବୋଲି କହିଛନ୍ତି।

## ଝିଅ ସହ ପ୍ରେମିକକୁ ମାରିଦେଲେ ପରିବାର ଲୋକେ

ଲକ୍ଷ୍ନୌ, ୭।୧ (ଏଜେନ୍ସି): ଉତ୍ତର ପ୍ରଦେଶ ଜଖଉରା ଅନ୍ତର୍ଗତ ବିଘା ଗ୍ରାମରୁ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଝିଅ କାମିନୀ ସାହୁ (୧୯) ସହିତ ତାର ପ୍ରେମିକ ମିଥୁନ କୁଶ୍ୱାହ (୨୨)କୁ ପରିବାର ଲୋକେ ହତ୍ୟା କରିଛନ୍ତି। ପରେ ଏହାକୁ ଆତ୍ମହତ୍ୟା ସଜାଇବାକୁ ବସିଥିଲେ। ମାତ୍ର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଗୁମର ଖୋଲି ଯାଇଥିଲା। ପୁଲିସ କାମିନୀଙ୍କ ବାପା ସୁନିଲ ସାହୁ, ମାଆ ରମାଦେବୀ ସାହୁ ଏବଂ ଦାଦା ଦେଶରାଜ ସାହୁଙ୍କୁ ଗିରଫ କରିଛି। ଲଳିତପୁର ଏସ୍‌ପି ସୋମବାର ଏହି ସୂଚନା ଦେଇ କହିଛନ୍ତି ଯେ କାମିନୀ ଏବଂ ମିଥୁନ ପରସ୍ପରକୁ ଭଲ ପାଉଥିଲେ। ମାତ୍ର ଏହାକୁ ଉଭୟଙ୍କ ପରିବାର ସ୍ୱୀକୃତି ଦେଉ ନ ଥିଲେ। ଏଥିପାଇଁ ପଞ୍ଚାୟତ ମଧ୍ୟ ବସିଥିଲା। ଉଭୟଙ୍କୁ ଅଲଗା ରଖିବାକୁ କୁହାଯାଇଥିଲା। କିନ୍ତୁ ନୂଆ ବର୍ଷ ରାତିରେ କାମିନୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ପାଇଁ ଆସିଥିବାବେଳେ ପରିବାର ଲୋକେ ତାଙ୍କୁ ଧରି ପକାଇ ଥିଲେ। ପରେ ହାତ ବାନ୍ଧି ବିଷ ପିଇବାକୁ ବାଧ କରିଥିଲେ। ବିଷ ପିଇଲା ପରେ ତଣ୍ଟି ଚିପି ହତ୍ୟା କରିଥିଲେ। ଏହା ଦେଖି କାମିନୀ ପୁଲିସକୁ ସୂଚନା ଦେବେ ବୋଲି କହିବାରୁ ତାଙ୍କୁ ସମାନ ଭାବେ ହତ୍ୟା କରିଥିଲେ। ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ପ୍ରଥମେ ଝିଅକୁ ବାରିପଟେ ପୋତି ଦେଇଥିଲେ। ଆଉ କୁଶ୍ୱାହଙ୍କୁ ମୃତଦେହକୁ ଏକ ଗଛରେ ଓହଳାଇ ଦେଇଥିଲେ।

## ୬ ସନ୍ତାନ ଓ ସ୍ୱାମୀଙ୍କୁ ଛାଡ଼ି ଭିକାରୀ ସହ ପଳାଇଲେ

ହରଦୋଇ, ୭।୧ (ଏଜେନ୍ସି): ଗାଁକୁ ଜଣେ ଭିକାରୀ ଭିକ ମାଗିବାକୁ ଆସୁଥିଲା। ସେହି ଗାଁର ଜଣେ ମହିଳାଙ୍କ ସହ ତାର ପରିଚୟ ହୋଇଥିଲା। ଉଭୟେ ନମ୍ବର ଦିଆନିଆ ହୋଇଥିଲେ। କିଛି ଦିନ କଥା ହେବାପରେ ଉଭୟଙ୍କ ମଧ୍ୟରେ ନିବିଡ଼ତା ବଢ଼ିଥିଲା। ପ୍ରେମ ହେବା ପରେ ମହିଳା ଲୋକଲଜ୍ଜାକୁ ଭୟ ନ କରି ୬ ସନ୍ତାନ ଏବଂ ସ୍ୱାମୀଙ୍କୁ ଛାଡ଼ି ଘରୁ ଗହଣାଗାଣ୍ଠି ଏବଂ ଟଙ୍କାପଇସା ଧରି ଭିକାରୀ ସହ ଫେରାର ହୋଇଯାଇଥିଲେ। ଉତ୍ତର ପ୍ରଦେଶ ହରଦୋଇ ଅନ୍ତର୍ଗତ ହରପାଲପୁର ଅଞ୍ଚଳର ଏହି ଘଟଣା ଘଟିଛି। ମହିଳା ନିଖୋଜ ଥିବା ନେଇ ସ୍ୱାମୀ ରାଜୁ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ମହିଳାଙ୍କୁ ଉଦ୍ଧାର କରିଥିଲା। ଏବେ ଅଭିଯୁକ୍ତ ତଥା ଭିକାରୀ ନନ୍ହେ ପଣ୍ଡିତକୁ ପୁଲିସ ଖୋଜୁଛି।

ସ୍ୱାମୀ ରାଜୁଙ୍କ ସୂଚନା ଅନୁଯାୟୀ ଭିକାରୀ ନନ୍ହେ ପଣ୍ଡିତ ଗାଁକୁ ଭିକ ମାଗିବାକୁ ଆସେ। ସେ ସ୍ତ୍ରୀ ରାଜେଶ୍ୱରୀ ସହ ମଧ୍ୟ କଥା ହେଉଥିଲା। ଗତ ତିନି ତାରିଖରେ ବଜାରକୁ ପୋଷାକ ଏବଂ ପରିବା ଆଣିବାକୁ ଯାଉଥିବା କହି ରାଜେଶ୍ୱରୀ କେଉଁଆଡ଼େ ଫେରାର ହୋଇ ଯାଇଥିଲେ। ସ୍ୱାମୀ ମଇଁଷୀ ବିକି ରଖିଥିବା ଟଙ୍କା ମଧ୍ୟ ନେଇ ଯାଇଥିଲେ। ଏହା ପଛରେ ନନ୍ହେ ପଣ୍ଡିତର ହାତ ଥିବା ସେ ଅଭିଯୋଗ କରିଥିଲେ।

## ୧୫ରେ କଂଗ୍ରେସର ନୂଆ ମୁଖ୍ୟାଳୟର ଲୋକାର୍ପଣ

ନୂଆଦିଲ୍ଲୀ, ୭।୧(ଏଜେନ୍ସି): ଆସନ୍ତା ୧୫ ତାରିଖରେ ନୂଆଦିଲ୍ଲୀରେ ନବ ନିର୍ମିତ କଂଗ୍ରେସର ମୁଖ୍ୟାଳୟ ଉଦ୍‌ଘାଟିତ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ନୂଆଦିଲ୍ଲୀର କୋଟଲା ରୋଡ୍‌ସ୍ଥିତ ୯-ଏରେ ନିର୍ମିତ ଏହି ମୁଖ୍ୟାଳୟ 'ଇନ୍ଦିରା ଗାନ୍ଧୀ ଭବନ'କୁ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିବେ। ବିଗତ ଦିନରେ କଂଗ୍ରେସକୁ ସଶକ୍ତ କରିବା ସହିତ ଏହାର ଦିଗଦର୍ଶନ ଓ ସଂକଳ୍ପକୁ ମଜବୁତ କରିଥିବା ତତ୍‌କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ନାମରେ ଏହାର ନାମକରଣ କରାଯାଇଥିବାରୁ



ଏହାକୁ ଦଳ ପକ୍ଷରୁ ସ୍ୱାଗତ କରାଯିବା ସହିତ ଦୀର୍ଘ ୧୩୯ ବର୍ଷ ଧରି ଦଳୀୟ ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତ ହେବ ବୋଲି କୁହାଯାଇଛି। ଅତ୍ୟାଧୁନିକ ସୁବିଧା ଥାଇ ' ଷ୍ଟେଟ –ଅଫ-ଆର୍ଟ' ବୈଷୟିକ ବିଦ୍ୟା ଉପଯୋଗରେ ପ୍ରତିଷ୍ଠା କରାଯାଇଥିବା ଏହି ଭବନ ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହରୁ, ସର୍ଦ୍ଦାର ପଟେଲଙ୍କ ଭଳି ଦଳର ଦିବଂଗତ ତୁଙ୍ଗ ନେତାଙ୍କ ଆଦର୍ଶ ଓ ସଂକଳ୍ପକୁ ପରିପୂରଣ କରିବାର ପ୍ରେରଣାସ୍ଥଳ ହେବ। ଏହି ଲୋକାର୍ପଣ ଉତ୍ସବକୁ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ସମେତ ପ୍ରଦେଶ କମିଟି ଅଧ୍ୟକ୍ଷ, ବିଧାୟକ ଦଳ ନେତା, ଦଳୀୟ ସାଂସଦ ଏବଂ ଦେଶର ବିଭିନ୍ନ ଭାଗରୁ ୪୦୦ ବରିଷ୍ଠ ନେତାଙ୍କୁ ଆମନ୍ତ୍ରଣ କରାଯାଇଛି।

## ଆଶାରାମ ବାପୁଙ୍କୁ ଜାମିନ

ଜୋଧପୁର, ୭।୧ (ଏଜେନ୍ସି): ଜୋଧପୁର କେନ୍ଦ୍ରୀୟ ଜେଲ୍‌ରେ ଆଜୀବନ ଜେଲ୍ ଦଣ୍ଡ ଭୋଗ କରୁଥିବା ଆଶାରାମ ବାପୁ (୮୩)ଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସୁରଟ ସ୍ଥିତ ଆଶ୍ରମରେ ମହିଳା ଅନୁଗାମୀଙ୍କୁ ଦୁଷ୍କର୍ମ ମାମଲାରେ ତାଙ୍କୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାମିନ ମିଳିଛି। କିନ୍ତୁ ଏହି ସମୟରେ ସେ ନିଜ ଅନୁଗାମୀଙ୍କୁ ଭେଟିପାରିବେ ନାହିଁ ଏବଂ ପ୍ରମାଣ ନଷ୍ଟ ଉଦ୍ୟମ କରିବେନି ବୋଲି ସୁପ୍ରିମକୋର୍ଟ ସର୍ତ୍ତ ରଖିଛନ୍ତି। ତେବେ ସେ ଜେଲ୍‌ରୁ ବାହାରିବାର କୌଣସି ସମ୍ଭାବନା ନାହିଁ। କାରଣ ଜଣେ ନାବାଳିକା ଦୁଷ୍କର୍ମ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଗତ ୫ ମାସରେ ତାଙ୍କୁ ତିନି ଥର ପାରୋଲ ମଧ୍ୟ ମିଳିଲାଣି।

## ବ୍ରିକ୍ସରେ ଇଣ୍ଡୋନେସିଆ ସାମିଲ

ଜାକର୍ତ୍ତା, ୭।୧(ଏଜେନ୍ସି): ବ୍ରିକ୍ସ ସଂଗଠନରେ ଇଣ୍ଡୋନେସିଆ ବିଧିବଦ୍ଧ ଭାବେ ସାମିଲ ହେବା ସହିତ ପୂର୍ଣ୍ଣକାଳୀନ ସଦସ୍ୟତା ହାସଲ କରିଛି। ବର୍ତ୍ତମାନ ବ୍ରିକ୍ସ ଅଧ୍ୟକ୍ଷତା ଦାୟିତ୍ୱ ବ୍ରାଜିଲ ହାତରେ ରହିଥିଲା ବେଳେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହାକୁ ଇଣ୍ଡୋନେସିଆ ସ୍ୱାଗତ କରିବା ସହିତ ବ୍ରିକ୍ସ ଭଳି ବିଶ୍ୱର ଏକ ବିକାଶଶୀଳ ଅର୍ଥନୈତିକ ରାଷ୍ଟ୍ର ମଞ୍ଚରେ ଯୋଗ ଦେବା ନିଶ୍ଚିତ ଭାବେ ସୌଭାଗ୍ୟର ବିଷୟ ବୋଲି ଏଠାକାର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ପ୍ରାଥମିକ ସ୍ତରରେ ରୁଷିଆ, ଭାରତ, ଚୀନ, ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକା ଆଦି ରାଷ୍ଟ୍ରଙ୍କୁ ନେଇ ବ୍ରିକ୍ସ ଗଠନ ହୋଇଥିଲା। କିନ୍ତୁ ବେଳକୁ ବେଳ ଏହାର ସଦସ୍ୟ ସଂଖ୍ୟା ବଢିବାରେ ଲାଗିଛି। ଗତବର୍ଷ ଇରାନ, ଇଜିପ୍ଟ, ଇଥିଓପିଆ ଏବଂ ସଂଯୁକ୍ତ ଆରବ ଆମିରାତ୍(ୟୁଏଇ) ବ୍ରିକ୍ସ ସଦସ୍ୟତା ଗ୍ରହଣ କରିଥିଲେ। ଏହାପରେ ଇଣ୍ଡୋନେସିଆ ମଧ୍ୟ ଏଥିରେ ସାମିଲ ହୋଇଛି। କିନ୍ତୁ ପାକିସ୍ତାନ ବ୍ରିକ୍ସରେ ସାମିଲ ହେବାକୁ ବହୁ ବହୁବାର ଉଦ୍ୟମ କରିବା ସତ୍ତ୍ୱେ ତାହା ସଫଳ ହୋଇପାରି ନାହିଁ।

## ଆଇସିୟୁରେ ପ୍ରଶାନ୍ତ କିଶୋର

ପାଟନା, ୭।୧ (ଏଜେନ୍ସି): ବିପିଏସ୍‌ସି ପରୀକ୍ଷା ରଦ୍ଦ ଦାବିରେ ଗତ ୨ ତାରିଖରୁ ଆମରଣ ଅନଶନ କରୁଥିବା ଜନସୁରାଜ ଦଳର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର (ପିକେ) କିଶୋରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି। ତାଙ୍କୁ ସୋମବାର ବିଳମ୍ବିତ ରାତିରେ ମେଦାନ୍ତା ହସ୍ପିଟାଲର ଭର୍ତ୍ତି କରାଯାଇଛି। ମଙ୍ଗଳବାର ଦ୍ୱିପହରେ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି। ଡାକ୍ତରଙ୍କ ସୂଚନା ଅନୁଯାୟୀ ତାଙ୍କ ଜଳୀୟ ଅଂଶ କମିଯାଇଛି। ସଂକ୍ରମଣ ମଧ୍ୟ ହୋଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଶୀତରେ ବସିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା।

## ଅତୁଲଙ୍କ ପତ୍ନୀଙ୍କ ପାଖରେ ରହିବ ପୁଅ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ବେଙ୍ଗାଲୁରୁରେ ଆତ୍ମହତ୍ୟା କରିଥିବା ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ୪ ବର୍ଷର ପୁଅର ଦାୟିତ୍ୱ ମାଆ ଅଞ୍ଜୁ ଦେବୀଙ୍କୁ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ବ୍ୟୋମ୍ ନିଜ ମାଆ ନିକିତା ସିଙ୍ଘାଣିଆଙ୍କ ପାଖରେ ରହିବ ବୋଲି କହିଛନ୍ତି। ନାତିର ହେପାଜତ ପାଇଁ ସୁଭାଷଙ୍କ ମାଆଙ୍କ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ବୁଢ଼ୀମାଆଙ୍କୁ ବ୍ୟୋମ୍ ଚିହ୍ନି ନାହିଁ। ଏଭଳି ସ୍ଥିତିରେ ମାଆଙ୍କୁ ଶିଶୁର ହେପାଜତ ଦେଇହେବ ନାହିଁ। ଏବେ ମା' ନିକିତାଙ୍କ ପାଖରେ ବ୍ୟୋମ୍ ରହିଛି। ଏହା ସହିତ ସୁପ୍ରିମକୋର୍ଟ ହରିୟାଣା ସରକାର ଏବଂ ନିକିତାଙ୍କ ପତ୍ନୀଙ୍କୁ ଶିଶୁର ବର୍ତ୍ତମାନ ସ୍ଥିତି ବିଷୟରେ ରିପୋର୍ଟ ମାଗିଛନ୍ତି। ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

**ସରକାରଙ୍କୁ ସୁପ୍ରିମକୋର୍ଟଙ୍କ କଟାକ୍ଷ**

## ମାଗଣା ଯୋଜନା ପାଇଁ ଅଛି; ଦରମା ଲାଗି ଟଙ୍କା ନାହିଁ




ନୂଆଦିଲ୍ଲୀ, ୭।୧ (ଏଜେନ୍ସି): ଜିଲ୍ଲା ଅଦାଲତର ବିଚାରପତିଙ୍କ ଦରମା ଏବଂ ଭତ୍ତାକୁ ନେଇ ସରକାରମାନଙ୍କ ଆଭିମୁଖ୍ୟ ଉପରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାଗଣା ଯୋଜନା ପାଇଁ ସରକାରଙ୍କ ପାଖରେ ଟଙ୍କା ଅଛି, କିନ୍ତୁ ବିଚାରପତିଙ୍କୁ ଦରମା ଏବଂ ଭତ୍ତା ଦେଲାବେଳକୁ ଟଙ୍କା ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। 'ଅଲ୍ ଇଣ୍ଡିଆ ଜଜେସ୍ ଆସୋସିଏସନ' ପକ୍ଷରୁ ଦାଖଲ ଏହି ଆବେଦନର ଶୁଣାଣି କରି ଜଷ୍ଟିସ ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ରାଜ୍ୟ ସରକାରମାନେ ଘୋଷଣା କରୁଥିବା ମାଗଣା ଯୋଜନାକୁ ଇଙ୍ଗିତ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ ଯିଏ କିଛି କାମ କରୁନାହିଁ, ତା ପାଇଁ ସରକାରଙ୍କ ପାଖରେ ଟଙ୍କା ଅଛି। ମାତ୍ର ବିଚାରପତିଙ୍କ ଦରମା ଏବଂ ଭତ୍ତା କଥା ଆସିବାବେଳକୁ ସରକାର ଆର୍ଥିକ ସ୍ଥିତିକୁ ଆଧାର ଦର୍ଶାଉଛନ୍ତି।

ଦିଲ୍ଲୀ ବିଧାନସଭା ପାଇଁ ଅଲଗା ଅଲଗା ଦଳ କରିଥିବା ମାଗଣା ଘୋଷଣା ଉପରେ ଚର୍ଚ୍ଚା କରି ସୁପ୍ରିମକୋର୍ଟ କହିଥିଲେ ଯେ ନିର୍ବାଚନ ଆସିଲେ 'ଲାଡ୍‌ଲୀ ବହନ' ଭଳି ଯୋଜନା ଘୋଷଣା ଆରମ୍ଭ ହୋଇଯାଇଥାଏ। ଏଥିରେ ହିତାଧିକାରୀଙ୍କୁ ମାସକୁ ଧାର୍ଯ୍ୟ ଟଙ୍କା ଦିଆଯାଇଥାଏ। ଦିଲ୍ଲୀରେ କ୍ଷମତାକୁ ଆସିଲେ ଦଳଗୁଡିକ ମାସକୁ ୨୫୦୦ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ୨୦୧୫ରେ ଦାଖଲ ଏହି ଆବେଦନରେ ନିଜକୁ ସହାୟତ କରିବାକୁ ନେଇ ସୁପ୍ରିମକୋର୍ଟ ବରିଷ୍ଠ ଓକିଲ କେ ପରମେଶ୍ୱରଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରିଛନ୍ତି। ଏହାର ଶୁଣାଣି ସମୟରେ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣୀ କହିଥିଲେ ଯେ ମାଗଣା ଯୋଜନା ଏକ ଅସ୍ଥାୟୀ ବ୍ୟବସ୍ଥା। ଦରମା ଏବଂ ଭତ୍ତା ହେଉଛି ସ୍ଥାୟୀ। ରାଜସ୍ୱ ଉପରେ ଏହାର ପ୍ରଭାବ ଉପରେ ବିଚାର କରିବା ଜରୁରୀ। ଆବେଦନରେ ଉଲ୍ଲେଖ ପ୍ରସଙ୍ଗର ସମାଧାନ ଲାଗି ସରକାର ବିଜ୍ଞପ୍ତି ଜାରି କରିବାକୁ ବିଚାର କରୁଛନ୍ତି।

### ନଡିଆପିଟାରେ ସୀମିତ ଧାନକ୍ରୟ ବ୍ୟବସ୍ଥା

# ଖୋଲିଲାନି ସବୁ ମଣ୍ଡି; କିଣା ଗଲାନି ମୁଠାଏ ଧାନ

ଭଦ୍ରକ/ବାରିକପୁର,୭ ।୧(ସମିସ)

- ପ୍ୟାକ୍ସରେ ଧାନ ଗାଡ଼ିର ଲମ୍ବା ଲାଇନ
- ମଣ୍ଡିରେ ଅଖା ମିଳୁନି କି ମିଲର୍ସଙ୍କ ଦେଖାମିଳୁନି



ମୁଣ୍ଡ ଉପରେ ମକର ସଂକ୍ରାନ୍ତି ଓ ଶାମ୍ବ ଦଶମୀ। ଚାଷୀ ପରିବାର ପାଇଁ ଏହା ବଡ଼ ପର୍ବ। ଧାନ ବିକ୍ରି କରି ଅର୍ଥ ପାଇଲେ ଚାଷୀ ଭାଇମାନେ ପରିବାର ବର୍ଗଙ୍କୁ ଧରି ଉତ୍ସବ ପାଳନ କରିବେ। ଏତିକି ବେଳକୁ ମଣ୍ଡିରେ ଧାନ ବିକ୍ରି ହୋଇନଥିବା ହେତୁ ହଜାର ହଜାର ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଜିଲ୍ଲା ପ୍ରଶାସନ କେବଳ ନଡ଼ିଆ ପିଟି ମଣ୍ଡି ପୂଜା କରିଦେଇ ବସିଯାଇଛି। ମଣ୍ଡିରେ ମିଲର ଦେଖାନାହିଁ କି ଅଖା ବସ୍ତା ମଧ ଚାଷୀ ଏଯାଏଁ ପାଇ ନାହାଁନ୍ତି। ଗତ ଦୁଇ ଦିନ ହେଲାଣି ଜିଲ୍ଲାରେ ମଣ୍ଡି ଉଦ୍‌ଘାଟିତ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ମଣ୍ଡିରୁ ଧାନ କିଣା ଆରମ୍ଭ ହୋଇନି। ମିଲର୍ସ ମଣ୍ଡିକୁ ଆସିନାହାନ୍ତି କି ଅନ୍‌ଲାଇନ୍‌ରେ ମଧ କିଣୁନାହାନ୍ତି। ଏପରିକି ଅନେକ ସ୍ଥାନରେ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିପାରିନି।

ଜିଲ୍ଲାରେ ଏଥର ଧାନ ସଂଗ୍ରହରେ ୧୫୪ଟି ମଣ୍ଡି ଖୋଲିବାକୁ ନିଷ୍ପତି ହୋଇଥିଲା। ଏଥିରୁ ୧୦୫ଟି ପ୍ୟାକ୍ସ (ସମବାୟ ସମିତି) ଥିବା ବେଳେ ୪୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯାଇଛି। ତେବେ ଧାନକିଣାରେ ସାମିଲ କରାଯାଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲୁଏସଏଚ୍‌ଜି)ମାନଙ୍କ ମଧ୍ୟରୁ ଅଧିକାଂଶ ମଣ୍ଡି ଖୋଲି ପାରିନଥିବା ଜଣାଯାଇଛି । ନୂଆ ଡବ୍ଲୁଏସଏଚ୍‌ଜିଙ୍କ କ୍ଷେତ୍ରରେ ଏହା ବିଳମ୍ବ ଘଟୁଥିବା ଜଣାଯାଇଛି। ତେବେ ଏପରିସ୍ଥଳେ ସମବାୟ ସମିତିରେ ହୋଇଥିବା ଧାନମଣ୍ଡି ଗୁଡିକରେ ମଣ୍ଡି ଶୁଭାରମ୍ଭ ହୋଇଥିବା ବେଳେ ଚାଷୀମାନେ ବି ସେମାନଙ୍କ ବର୍ଷକର ଅମଳକୁ ଟ୍ରକ୍, ଟ୍ରାକ୍ଟର ଆଦି ଗାଡ଼ିମାନଙ୍କରେ ନେଇ ମଣ୍ଡି ଆଗରେ ଲମ୍ବା ଲାଇନ୍ ଲଗେଇଥିବା ଦେଖିବାକୁ ମିଳିଛି। ତେବେ ଏପରିସ୍ଥଳେ ଧାନ କିଣାରେ ସାମିଲ ଜିଲ୍ଲାର ଜଣେ ହେଲେ ମିଲର୍ସଙ୍କ ମଣ୍ଡିରେ ଦେଖାନାହିଁ। ଫଳରେ ମୁଠାଏ ଧାନ ବି କିଣା ଯାଇପାରିନି। ଏଥର ଖରିଫ୍ ଧାନକିଣାରେ କେବଳ ଜିଲ୍ଲାର ମିଲର୍ସଙ୍କୁ ସାମିଲ କରାଯାଇଛି। ପୂର୍ବବର୍ଷ ଜିଲ୍ଲାର ୨୦ଜଣ ମିଲର୍ସ ଧାନକିଣାରେ ସାମିଲ ଥିବା ବେଳେ ଜିଲ୍ଲା ବାହାରର ୨୫ଟି ମିଲର୍ସ (ବରଗଡ, ସମ୍ବଲପୁର ଆଦିରୁ)ଙ୍କୁ ସାମିଲ କରାଯାଇଥିଲା। ତେବେ ଏଥର ଜିଲ୍ଲାର କେବଳ ୨୨ଜଣ (୨ଟି ନୂଆ ମିଲର୍ସଙ୍କୁ ମିଶାଇ) ମିଲର୍ସ ଧାନକିଣାରେ ସାମିଲ ହୋଇଛନ୍ତି।

ଏପରିସ୍ଥଳେ ଅଦିନିଆ ବର୍ଷାରୁ ନିଜ ଅମଳ ଧାନକୁ ବହୁ ଘାତ ପ୍ରତିଘାତରେ ସାଉଁଟି ରଖିଥିବା ଚାଷୀମାନେ ହତାଶ ହୋଇପଡିଛନ୍ତି। ବିଳମ୍ବରେ ଧାନକିଣା ଆରମ୍ଭ ହୋଇଥିବା ବେଳେ ମିଲର୍ସମାନେ ମୁଠାଏ ଧାନ ନ କିଣିବାରୁ ସେମାନଙ୍କ ମନୋବଳକୁ ଭାଙ୍ଗି ଦେଇଛି। ତେବେ ଚଳିତ ଧାନକିଣାରେ ଜିରୋ କଟିଙ୍ଗରେ କେବଳ ଏଫ୍‌ଏକ୍ୟୁ ମାନର ଧାନ କିଣିବାକୁ ମିଲର୍ସମାନେ ପୂର୍ବରୁ ସେମାନଙ୍କ ନିଷ୍ପତି ଜଣାଇଥିଲେ । ତେବେ ଗତ ୨ଦିନ ହେଲା ଜିଲ୍ଲାର ଅଧିକାଂଶ ସମବାୟ ସମିତିରେ ଚାଷୀମାନଙ୍କ ଧାନବସ୍ତା ଗାଡିର ଲମ୍ବା ଲାଇନ୍ ଲାଗିଥିବା ବେଳେ ମିଲର୍ସଙ୍କ ପାଦ ପଡିନାହିଁ। ସେହିପରି ଆଜି ସନ୍ଧ୍ୟା ସୁଦ୍ଧା ଅନଲାଇନ୍‌ରେ କେଜିଏ ଧାନ ମିଲର୍ସ କିଣିଥିବାର ସୂଚନା ବି ନାହିଁ। ପ୍ରଥମ ପର୍ଯ୍ୟାୟ ଧାନ ବିକ୍ରୟ ପାଇଁ ଯେଉଁ ଚାଷୀ ଭାଇମାନଙ୍କ ପାଖକୁ ମୋବାଇଲ ଜରିଆରେ ଟୋକନ ଆସିଛି ସେମାନେ ଏଯାଏଁ ମଣ୍ଡିରେ ଶସ୍ୟ ବିକି ନାହାନ୍ତି। ଯେଉଁ ମଣ୍ଡିଗୁଡିକୁ ମିଲର ଟ୍ୟାଗ କରାଯାଇଛି ସେମାନେ ଏବେ ସୁଦ୍ଧା କ୍ଷେତ୍ରକୁ ଆସିନଥିବା ଜଣାପଡିଛି। ଏପରିକି ଟୁକନ ପ୍ରାପ୍ତ ଚାଷୀମାନଙ୍କୁ ଧାନ ରଖିବା ପାଇଁ ଏଯାଏଁ ଅଖା ଯୋଗା ଯାଇନାହିଁ। କେଉଁଦିନ ମିଲର୍ସ ଆସି ଧାନ କିଣିବ ତାହା ଏଯାଏଁ ସଠିକ ଜଣାପଡିନାହିଁ। ଜିଲ୍ଲାର ଚାନ୍ଦବାଲି, ବାସୁଦେବପୁର, ଭଦ୍ରକ ଓ ଭଣ୍ଡାରିପୋଖରୀ ବ୍ଲକ ଅଧୀନରେ ଖୋଲିଥିବା ମଣ୍ଡି ଗୁଡିକରେ ଏହି ସ୍ଥିତି ଦେଖାଦେଇଛି। ଏନେଇ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କୁ ପଚାରିବାରୁ, ସେ ଆସନ୍ତାକାଲି ସୁଦ୍ଧା ସବୁ ମଣ୍ଡି ଗୁଡିକ ଖୋଲିଯିବ ବୋଲି ସୂଚନା ଦେବା ସହ ମିଲର୍ସମାନେ ଧାନ କିଣା ଆରମ୍ଭ କରିନଥିବା ଅନ୍‌ଲାଇନ୍ ଦେଖିବା ପରେ ଜଣାଇବେ ବୋଲି କହିଥିଲେ। ତେବେ ମିଳିଥିବା ସୂଚନାନୁଯାୟୀ, ଗତକାଲି ରାତିରେ ମିଲର୍ସମାନଙ୍କ ଟ୍ୟାଗ୍ ଲିଷ୍ଟ ବା କେଉଁ ମଣ୍ଡିରୁ କେଉଁ ମିଲର ଧାନକିଣିବ ଏହି ତାଲିକା ସ୍ଥିର ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ ଚଳିତବର୍ଷ ଯୋଗାଣ ନିଗମ ଭଦ୍ରକ ଜିଲ୍ଲାରୁ ପ୍ରଥମ ଦଫାରେ ୧୯ ଲକ୍ଷ ୪୪ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ସ୍ଥିର ହୋଇଥିବା ବେଳେ ଜିଲ୍ଲାର ୨୨ଜଣ ମିଲର କେବେ ଧାନ କିଣିବା ଆରମ୍ଭ କରିବେ ଏହି ଚିନ୍ତା ଚାଷୀଙ୍କୁ ହତାଶ କରିଛି।

## ବାହାର ଦଲାଲ ବୋହିନେଲେଣି ଧାନ



**ଅସୁରାଳି:** ମାତିଛନ୍ତି ଧାନ ଦଲାଲ। ଚାଷ ଜମିରୁ ଫୁସୁଲା ଫୁସୁଲି କରି କ୍ୱିଣ୍ଟାଲ ପିଛା ୧୭ରୁ ୧୮ ଶହ ଟଙ୍କାରେ ଧାନ କ୍ରୟ କରି ରାଜ୍ୟ ବାହାର ବେପାରୀଙ୍କୁ ଚଢ଼ା ଦରରେ ବିକ୍ରି କରି ମାଲେମାଲ ହେଉଛନ୍ତି। ପ୍ରଶାସନର ଧାନ କିଣା ବିଳମ୍ବର ଫାଇଦା ଉଠାଉଛନ୍ତି ଏହି ଦଲାଲ।

ବାତ୍ୟା ଦାନା ଓ ଅଦିନିଆ ବର୍ଷାର ହନ୍ତସନ୍ତ ହୋଇ ଚାଷୀ ଉଜୁଡ଼ା କ୍ଷେତରୁ ସାଉଁଟିଥିବା ମୁଠାଏ ଧାନକୁ ବିକି ତାର ମୂଳ ପଇସା ଉଠାଇବାକୁ ଚାହିଁ ବସିଥିବା ବେଳେ ମଣ୍ଡି ଖୋଲିବା ବିଳମ୍ବ ତା ମନୋବଳକୁ ଭାଙ୍ଗି ଦେଇଛି। ଭିଜି ଯାଇଥିବା ଧାନର ଏଫ୍‌ଏକ୍ୟୁ ମାନ ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହି ଅବସରର ଫାଇଦା ଉଠାଛନ୍ତି ଦଲାଲ। 'ତୁମ ଧାନ ଏଫ୍‌ଏକ୍ୟୁ ମାନର ନୁହେଁ, ମଣ୍ଡିରେ ନେବେନ। ନ ଦେଲେ ସେମିତି ଓଦା ଧାନ ପଡ଼ି ରହିବ।' ଏହିପରି ବହୁ କଥା କହି ନିରୀହ ଚାଷୀଙ୍କଠାରୁ କମ୍ ଦରରେ ଧାନ ଉଠାଇ ନେଉଛନ୍ତି। ଅନ୍ୟ ପକ୍ଷରେ ବିଳମ୍ବରେ ମଣ୍ଡି ଖୋଲିଥିବା ବେଳେ ମିଲର୍ସ ଏ ପର୍ଯ୍ୟନ୍ତ ଧାନ ଉଠାଇ ନ ଥିବାରୁ ଚାଷୀ ବାଧ ହୋଇ ଦଲାଲ ହାତରେ ଟେକି ଦେଉଛି ତାର ଅମଳ ଧାନ। ଅନ୍ୟପକ୍ଷରେ ମିଲର ଅଖା ଯୋଗାଇ ଦେଉ ନ ଥିବାରୁ ଚାଷୀମାନଙ୍କୁ ୩୦ ଟଙ୍କା ଅଖା ପିଛା ଖର୍ଚ୍ଚ କରିବାକୁ ପଡୁଛି। ଅପର ପକ୍ଷରେ ଧାନ ଦଲାଲ ନିଜେ ଆସି ଅଖା ଠାରୁ ଆରମ୍ଭ କରି ଧାନ ବସ୍ତା ନେଇ ଯାଉଛନ୍ତି। ତେଣୁ ବାଧ ହୋଇ ଚାଷୀ ଦଲାଲକୁ ଧାନ ଟେକି ଦେଉଛି।

## ଜିଲ୍ଲାପାଳଙ୍କ ବିଭିନ୍ନ ଧାନମଣ୍ଡି ପରିଦର୍ଶନ



**ବନ୍ତ/ଆଗରପଡ଼ା:** ମଙ୍ଗଳବାର ଜିଲ୍ଲାପାଳ ଦିଲୀପ ରାଉତରାୟ ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଛନ୍ତି। କାଦବରାଙ୍ଗ, ଗୋପିନାଥପୁର, ପୁରୁଷଣ୍ଡ ଏବଂ ଆଡ଼ିଆ ଆଦି ମଣ୍ଡିକୁ ଆସି ଧାନ ବିକ୍ରି ସମୟରେ ଚାଷୀମାନେ ଯେମିତି କୌଣସି କିଛି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସହ ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, କୃଷି ଅଧିକାରୀ ତୁଷାରକାନ୍ତି ପତି, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ବ୍ଲକ ଯୋଗାଣ ଅଧିକାରିଣୀ ଶ୍ରଦ୍ଧାଞ୍ଜଳୀ ମଲ୍ଲିକ, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ସଂପାଦକ ରାଜେନ୍ଦ୍ର ବେଜ, କାଦବରାଙ୍ଗ ସମିତି ସଭାପତି ବାସୁଦେବ ଜେନା, ସଂପାଦକ ମନୋଜ ନାୟକ, ପ୍ରାକ୍ତନ ସରପଞ୍ଚ ଭାଗିରଥି ସେଠୀଙ୍କ ସମେତ ବିଭିନ୍ନ ସମିତିର ସଭ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**ଧାମନଗର/ଭଣ୍ଡାରିପୋଖରୀ,୭ ।୧(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଧାମନଗରରେ ପଢ଼ିବା ପାଇଁ ଆଜି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥଲା। ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟ, ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ଅସୁରାଳି ଉଚ୍ଚ ବିଦ୍ୟାଳୟ ଓ ଧାମନଗର ଆଦର୍ଶ ବିଦ୍ୟାଳୟ ଏହି ୪ଟି ସ୍ଥାନରେ ପରୀକ୍ଷା କେନ୍ଦ୍ର ହୋଇଥିଲା। ସେଥି ମଧ୍ୟରୁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୬ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ସ୍ଥିର ହୋଇଥିବା ବେଳେ ୧୮ ଜଣ ଅନୁପସ୍ଥିତ ଥାଇ ୧୭୮ ଜଣ ପରୀକ୍ଷା ଦେଇଥିଲେ। ସେହିପରି ମୁରଲୀଧର ହାଇସ୍କୁଲରେ ୨୨୮ରୁ ୨୦ ଅନୁପସ୍ଥିତ ସହ ୨୦୮ ଜଣ, ଅସୁରାଳି ହାଇସ୍କୁଲରେ ୨୦୦ରୁ ୧୧ ଅନୁପସ୍ଥିତ ଥିବା ବେଳେ ୧୮୯ ଜଣ ଏବଂ ଆଦର୍ଶ ବିଦ୍ୟାଳୟ ଧାମନଗରରେ ୨୦୦ରୁ ୫ ଅନୁପସ୍ଥିତ ଥାଇ ମୋଟ ୧୯୫ ଜଣ ପରୀକ୍ଷା ଦେଇଥିଲେ। ତେବେ ମୋଟ ଉପରେ ୮୨୪ ଜଣ ପରୀକ୍ଷା ଦେବାକୁ ଆବେଦନ କରିଥିବା ବେଳେ ୫୪ ଜଣ ଅନୁପସ୍ଥିତ ଥିବାରୁ ୭୭୦ ଜଣ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଥିଲେ। ସେହିପରି ଭଣ୍ଡାରିପୋଖରୀ ବ୍ଲକର ୩ ବିଦ୍ୟାଳୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସେଥିମଧ୍ୟରୁ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୪ ପରୀକ୍ଷାର୍ଥୀ, ଉତ୍ତରବାଡ ସ୍କୁଲରେ ୧୭୦ ପରୀକ୍ଷାର୍ଥୀ ଓ ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟରେ ୧୯୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

## ପାଠାଗାର ଉଦ୍‌ଘାଟନ ନେଇ ପ୍ରସ୍ତୁତି ବୈଠକ

**ଧାମନଗର,୭ ।୧(ସମିସ):** ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ଫେବୃଆରୀ ୨ତାରିଖରେ ଶିକ୍ଷାବିତ ନିତ୍ୟାନନ୍ଦ ସ୍ମାରକୀ ପାଠାଗାର ଉଦ୍‌ଘାଟନ ହେବ। ଏହି ପରିପ୍ରେକ୍ଷୀରେ ୨, ୩ ଓ ୪ ତାରିଖରେ ଧାମନଗର ଆଇଟିଆଇ ପଡ଼ିଆ ପରିସରରେ ୩୨ କୋଠରି ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଅନୁଷ୍ଠିତ ହେବା ସହ ସମ୍ପୃକ୍ତ ଅଞ୍ଚଳରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହେବ। ଏହି ଅବସରରେ ଆସନ୍ତା କାଲି ୧୦ଟାରେ ଆଇଟିଆଇ ପଡ଼ିଆରେ ଏହି ଭବ୍ୟ ପାବନ କର୍ମ ନିମିତ ଭୂମି ପୂଜନ, ଆଜ୍ଞାମାଳ ବିଜେ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟ ସମ୍ପାଦନ ନିମନ୍ତେ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଅପରାହ୍ଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଶିକ୍ଷାବିତ ରସାନନ୍ଦ ମହାପାତ୍ରଙ୍କ ସଞ୍ଚାଳନରେ ଅନୁଷ୍ଠିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ସୁପୁତ୍ର ଡ.ମନ୍ମଥ କୁମାର ବିଶ୍ୱାଳ,ସମ୍ପାଦକ ସୁଶାନ୍ତ ରାଉତ,ଶିକ୍ଷାବିତ ଶଚିକାନ୍ତ ପଣ୍ଡା, ମହେଶ୍ୱର ସ୍ୱାଇଁ, ନିରାକାରଧଳ, ହୃଦାନନ୍ଦ କର, ସରୋଜ ମହାପାତ୍ର, ସାମ୍ବାଦିକ ରଜତ ପଣ୍ଡା ପ୍ରମୁଖଙ୍କ ସମେତ କମିଟିର ବହୁ ସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରାସ୍ତା ମଝିରେ ଓଲଟିଲା ଟ୍ରାକ୍ଟର



**ମଞ୍ଜୁରୀରୋଡ,୭ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ରୋଡ ବଜାର ସ୍ଥିତ ଜନଗହଳିପୂର୍ଣ୍ଣ ସ୍ଥାନରେ ଏକ ଟ୍ରାକ୍ଟର ଓଲଟି ପଡିଛି। ସୌଭାଗ୍ୟ ବଶତଃ ଏଥିରେ କେହି ଆହତ ହୋଇନାହାନ୍ତି। ସଂପୃକ୍ତ ଡ୍ରାଇଭର ଅତି ଖାମଖିଆଲି ମନୋଭାବ ସହିତ ଦୃତ ଗତିରେ ଗାଡି ଚାଳନା କରିଥିବା ଯୋଗୁଁ ଟ୍ରାକ୍ଟର ର ଡାଲା ସଂପୂର୍ଣ୍ଣ ଭାବେ ରାସ୍ତା ଉପରେ ଓଲଟି ପଡିଥିବା ସ୍ଥାନୀୟ ଲୋକମାନେ କହିଛନ୍ତି।ଏଠାରେ ସୂଚନାଯୋଗ୍ୟ ଦିନରାତି ଚବିଶ ଘଣ୍ଟା ଉକ୍ତ ଅଞ୍ଚଳ ଦେଇ ବେଆଇନ ବାଲି ଟ୍ରକ୍ ଓ ଟ୍ରାକ୍ଟର ଚଳପ୍ରଚଳ କରୁଛି। ସ୍ଥାନୀୟ ବୈତରଣୀ ନଦୀରୁ ବାଲି ବୋଝେଇ କରି ଗାଡ଼ି ଗୁଡ଼ିକ କ୍ଷୀପ୍ର ଗତିରେ ଚାଲୁଥିବା ହେତୁ ପଥଚାରୀ ମାନେ ରାସ୍ତାରେ ଚଳପ୍ରଚଳ କରିବାକୁ ଭୟ କରୁଛନ୍ତି। ପୂର୍ବରୁ ମଧ ଏମିତି ଛୋଟ ମୋଟ ଦୁର୍ଘଟଣା ମାନ ଘଟିଥିବା ନଜିର ରହିଛି। ବେଆଇନ ପରିବହନ ଉପରେ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ନାହିଁ। ତେଣୁ ଗାଡ଼ି ଗୁଡ଼ିକ ଅତି ବେପରୁଆ ଭାବେ ଚଳାଚଳ କରୁଥିବା ବେଳେ କେତେବେଳେ ଯେ ବଡ ଦୁର୍ଘଟଣା ଘଟି ଜନଜୀବନ ନଷ୍ଟ ହେବ କହିହେଉ ନାହିଁ। ତେଣୁ ବେଳେ ଥାଉଁ ଥାଉଁ ଏହା ଉପରେ ପ୍ରଶାସନିକ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଓକିଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ଭଦ୍ରକ,୭ ।୧(ସମିସ):** ଆଜି ଭଦ୍ରକ ଓକିଲ ସଙ୍ଘ ତରଫରୁ ନଳାଙ୍ଗ କୋର୍ଟ ଓକିଲ ସଙ୍ଘ ସଦନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ଦେହାନ୍ତରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ବରିଷ୍ଠ ଅଧିବକ୍ତା ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଓକିଲ ସଂଘ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ଉପସଭାପତି ଦୀପକ ସାହୁ, ପ୍ରଫୁଲ୍ଲ ସାମଲ, ବରିଷ୍ଠ ଅଧିବକ୍ତା ସନ୍ତୋଷ ନାୟକ, ପବନ ଶର୍ମା, ଗିରିଧାରୀ ନାଥ, ଗଦାଧର ବଳ, ଜମିଲ ମହମ୍ମଦ, ନିଶିକାନ୍ତ ନାୟକ, ସେକ ଇସ୍ତାର ପ୍ରମୁଖ ଯୋଗଦେଇଥିଲେ। ଓକିଲ ସଂଘର ଉପସଭାପତି ଦୀପକ ସାହୁ, କୋଷାଧ୍ୟକ୍ଷ କିଶୋର ବଳ, ସହ ସମ୍ପାଦକ ନିକୁଞ୍ଜ ପୁହାଣ, ଲାଇବ୍ରେରୀ ସମ୍ପାଦକ ଗିରିଜା ଦାସ, ସରୋଜ ଦାସ, ପ୍ରଫୁଲ୍ଲ ପାଢ଼ୀ, ଅରୁଣ କୁମାର ମିଶ୍ର, ଦେବେନ୍ଦ୍ର ପଣ୍ଡା, ଗିରିଧାରୀ ନାଥ, ସୁରଜିତ ପାଲ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଶଶୀଭୂଷଣ ପଣ୍ଡା, ମନୋରଞ୍ଜନ ଦାସ, ବିକାଶ ନାଥ, ମୋହରିର ସଂଘର ସମ୍ପାଦକ ରାମଚନ୍ଦ୍ର ନାୟକ ପ୍ରମୁଖ ଶତାଧିକ ଆଇନଜୀବୀ ଉପସ୍ଥିତ ରହି ନିଜ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୫ ଆନ୍ତଃଜିଲ୍ଲା ଡକାୟତ ଗିରଫ

**ତିହିଡ଼ି, ୭।୧(ସମିସ):** ତିହିଡ଼ି ପୁଲିସ ୫ ଜଣ ଆନ୍ତଃ ଜିଲ୍ଲା ଡକାୟତଙ୍କୁ ଗିରଫ କରିବା ସହ ଏକ ଡକାୟତି ଯୋଜନାକୁ ପଣ୍ଡ କରିଦେଇଛି। ଗତକାଲି ରାତ୍ରି ପ୍ରାୟ ୧୧ଟା ୪୫ ସମୟରେ କୌଣସି ସୂତ୍ରରୁ ଖବର ମିଳିଥିଲା ଯେ, ଦୋଳସାହି ଗୋରୁହାଟ ପଡ଼ିଆରେ ୫ରୁ ୬ ଜଣ ଲୋକ ଅସ୍ତ୍ରଶସ୍ତ୍ର ଧରି ଡକାୟତି କରିବା ପାଇଁ ସଜବାଜ ହେଉଛନ୍ତି। ଥାନାରୁ ଆଦେଶ ପାଇ ଏଏସଆଇ ଚିତ୍ତରଞ୍ଜନ ବାରିକ ଦୋଳସାହି, ଗାଜିପୁର ଓ ଅଲିନଗର ଆଦି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ସେମାନଙ୍କୁ ଏ ନେଇ ସୂଚନା ଦିଆଯାଇଥିଲା। ଖବର ମିଳିବା ପରେ ତୁରନ୍ତ ଚଢ଼ଉ କରାଯାଇଥିବା ବେଳେ ଅଭିଯୁକ୍ତମାନେ ପୁଲିସ ଟିମ୍ ଦେଖି ଦୌଡ଼ି ପଳାଉଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଘର ସ୍ଥାନୀୟ ଦୋଳସାହିରେ ହୋଇଥିବା ବେଳେ ଅନ୍ୟ ମାନଙ୍କ ଘର ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାରେ ବୋଲି ଜଣାପଡ଼ିଛି। ଗିରିଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇ ଜଣ ହେଉଛନ୍ତି ଅଜୟ ଦାସ (୨୨) ଓ ସଦାନନ୍ଦ ଦାସ ଏବଂ ଉଭୟଙ୍କ ଘର ଦୋଳସାହିରେ। ଅନ୍ୟ ଦୁଇଜଣ ହେଉଛନ୍ତି ଶିବରାମ ଜେନା (୨୬) ଓ ରାଜା ନାୟକ (୨୮) । ସେମାନଙ୍କ ଘର ଭଞ୍ଜନଗର। ସେହିପରି ଅନ୍ୟ ଜଣେ ହେଉଛି ଖୋର୍ଦ୍ଧା ଟାଉନ ଦେବାନୀ ସାହିର ଚନ୍ଦନ ସାହୁ (୨୫)। ସେମାନଙ୍କୁ ଅଟକ ରଖି ଖୋଜା ଖୋଜି କରିବାରୁ ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ଏକ ଲୁହା ରଡ଼, ଏକ ଧାରୁଆ ଛୁରି, ହାତୁଡ଼ି ମିଳିଥିଲା। ସେହିପରି ସେମାନେ ବସିଥିବା ସ୍ଥାନରେ ଖୋଜାଖୋଜି କରିବାରୁ ସେଠାରୁ ୨ଟି ମଦ ବୋତଲ, ସିଗାରେଟ ଓ ମିକ୍ସର ମଧ ମିଳିଥିଲା। ପୁଲିସ କହିବା ଅନୁଯାୟୀ ସେମାନେ ଗୁଆମାଳ ଗାଁରେ ଡକାୟତି କରିବା ପାଇଁ ଏକଜୁଟ ହୋଇଥିଲେ। ଏହି ଅପରାଧୀମାନେ ଆଗରୁ ବହୁ ଅପରାଧରେ ସଂପୃକ୍ତ ଥିବା ଜଣାଯାଇଛି। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଯା' ଆସ କରୁଥିବା ଯାତ୍ରୀ ଓ ରାସ୍ତା ପାଶ୍ୱର୍ରେ ଥିବା ଗାଁରେ ଥିବା ଘରୁ ଡକାୟତି କରୁଥିବା ଜେରା ବେଳେ ଜଣାପଡ଼ିଛି।

## ଶିଶୁବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ବାସୁଦେବପୁର,୭ ।୧(ସମିସ):** ବାସୁଦେବପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ୨୭ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ଉପସଭାପତି ଗୋଲକବିହାରୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅମୂଲ୍ୟ ନାୟକ, ସମ୍ମାନୀତ ଅତିଥିଭାବେ ଇଂ.ଅଭୟ କୁମାର ସୂତାର ଯୋଗ ଦେଇଥିଲେ। ସଭାପତି ଉପେନ୍ଦ୍ର ପ୍ରସାଦ ପାଢୀ ସଭାପତିତ୍ୱ କରିଥିଲେ। ପ୍ରଧାନ ଅଚାର୍ଯ୍ୟ ମଦନ ମୋହନ ମହାନ୍ତ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାରଣା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ମୁଖପତ୍ର ତୁର୍ଜନାଦକୁ ଅତିଥିଙ୍କ କରକମଳରେ ଲୋକାର୍ପିତ ହୋଇ ଥିଲା। ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ପୁରସ୍କୃତ କରିଥିଲେ। କୁନି କୁନି ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପ୍ରବାସୀ ଭାରତୀୟ ଦିବସ ପାଳିତ

**ବନ୍ତ/ଆଗରପଡ଼ା,୭।୧(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗଣିଜାଙ୍ଗ ସ୍ଥିତ ସରକାରୀ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର୧୮ ତମ ବ୍ଲକ ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ଜୋତ୍ସ୍ନାରାଣୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଆରସିସି ହରେକୃଷ୍ଣ ଆପଟ, ଆଞ୍ଚଳିକ ସାଧାନକେନ୍ଦ୍ର ସଂଯୋଜକ ଗିରିଜା ଶଙ୍କର ଲେଙ୍କା, ଅଶୋକ କୁମାର ଦାସ, ଉତ୍ତମ ଦାସ, ପ୍ରଫୁଲ୍ଲ ସାହୁ, ପରମେଶ୍ୱର ପୃଷ୍ଟି, ସୁଧାଂଶୁ ଶେଖର ଦାସ, ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମରେ ବନ୍ତ ବ୍ଲକର ୧୮ ଗୋଟି ଆଞ୍ଚଳିକ ସାଧାନକେନ୍ଦ୍ରର ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ଜଣ ପ୍ରତିଯୋଗୀ ପ୍ରବନ୍ଧ, କୁଇଜ, ସ୍ଲୋସାଇକେଲ ରେସରେ ଭାଗନେଇଥିଲେ। ଏହି ପ୍ରତିଯୋଗିତାରେ ପ୍ରତି ବିଭାଗରୁ ଜଣେ ଜଣେ ପ୍ରତିଯୋଗୀ ଚୟନ ହୋଇ ଜିଲ୍ଲା ସ୍ତରରେ ଅଂଶ ଗ୍ରହଣ କରିବେ।

## କବୟିତ୍ରୀଙ୍କ ସ୍ମୃତିଚାରଣ ସଭା

**ଆରଡ଼ି,୭ ।୧(ସମିସ):** ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତ ଅଧୀନ ମଠଡିହ ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶାନ୍ତି ସ୍ମୃତି କମିଟି ଆନୁକୂଲ୍ୟରେ କବୟିତ୍ରୀ ତଥା ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତିଙ୍କ ସ୍ମୃତିଚାରଣ ସଭା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ସାମଲଙ୍କ ଅଧ୍ୟକ୍ଷତା ଓ ସ୍ୱାଧୀନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ଚାରଣ ସଭାରେ ଅବସରପ୍ରାପ୍ତ ଏବିଇଓ ମଞ୍ଜୁଳା ବାଳା ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଲେଖ ନାୟକ, ଚିତ୍ତରଞ୍ଜନ ମହାନ୍ତି, ହୃଦାନନ୍ଦ ନାୟକ, ହରିଶ୍ଚନ୍ଦ୍ର ଦାସ, ସନାତନ ନାୟକ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରକ୍ଷାକର ବିଶ୍ୱାଳ, ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ଅବସରପ୍ରାପ୍ତ ଶିକ୍ଷକ କୁଶଭଦ୍ର ସେଠୀ,ପ୍ରାଣବନ୍ଧୁ ଓଝା, ପ୍ରଫୁଲ୍ଲ ପାତ୍ର, ମୂରଲୀ ବଳ, ଶ୍ରୀନାଥ ନାୟକ, କହ୍ନେଇ ଚରଣ ବିଳାସଙ୍କ ବହୁ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶାନ୍ତିଲତାଙ୍କ ସ୍ମୃତିରେ କବିତା ପାଠୋତ୍ସବ, ନୃତ୍ୟ, ଓ ସାଂସୃତିକ କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ନୀଳମଣି ବିଶ୍ୱାଳ, ଉଗ୍ରେସନ ମଜାପାତ୍ର, ତ୍ରିଲୋଚନ ପଣ୍ଡା, ଅବସରପ୍ରାପ୍ତ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପୋଲିସ ଅଧିକାରୀ, ଚୈତନ୍ୟ ଚରଣ ବାରିକ, ସେନା ଅଧିକାରୀ ଅମୀୟ କୁମାର ବିଶ୍ୱାଳ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରି ସମ୍ମାନିତ କରା ଯାଇଥିଲା । ପୂର୍ବବର୍ଷ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଅରୋ ଅନିନ୍ଦ୍ୟା ଦାସ, ଛାତ୍ରୀ ଶୁଭଶ୍ରୀ ପଲାଇ, ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାଥ, ଛାତ୍ର ତୃପ୍ତି ରଞ୍ଜନ ରାଉତ, ଛାତ୍ରୀ ଅନୁଷ୍କା ରାୟଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା । ସ୍ୱର୍ଗତା କବୟିତ୍ରୀଙ୍କ ପୁତ୍ର ଦିଲ୍ଲୀପଶେଖର ନାୟକ, ପତିତପାବନ ନାୟକ, କନ୍ୟା ମୀନର୍ଭା ପ୍ରିୟ ଦର୍ଶିନୀ ନାୟକ, ସ୍ୱାମୀ ଗଦାଧର ନାୟକ ପ୍ରମୁଖ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ

## ପ୍ରାଥମିକ ଶିକ୍ଷକ ଫେଡେରେସନର ପ୍ରତିଷ୍ଠା ଦିବସ

**ଭଦ୍ରକ,୭ ।୧(ସମିସ):** ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ୮୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶିକ୍ଷକ ଶିକ୍ଷୟତ୍ରୀ ଏକ ଶୋଭାଯାତ୍ରାରେ ଭଦ୍ରକ ଟାଉନ ହଲ୍‌ଠାରୁ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟସ୍ଥ ମହତାବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟ ଫେଡେରେସନର ମହାସଚିବ ଚାରୁଲତା ମହାପାତ୍ରଙ୍କ ସମେତ ପୂର୍ବତନ ମହାସଚିବ ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି, ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ପୂର୍ବତନ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ ତଥା ପ୍ରାଥମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ସଂଗ୍ରାମ ସାହୁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶଶଧର ନାୟକ, ମନୋରଞ୍ଜନ ନାୟକ, ବାବୁଲା ରାଉତ, ଭାସ୍କର ଚନ୍ଦ୍ର ନାୟକ, ପ୍ରଦୀପ୍ତ ଦାସ, ନାରାୟଣ ମଲ୍ଲିକ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ସମ୍ବର୍ଦ୍ଧିତ ଶିକ୍ଷକ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ତିହିଡିରୁ ରମାମଣୀ ବେହେରା, ନମିତା ତ୍ରିପାଠୀ, ଭଣ୍ଡାରିପୋଖରୀରୁ ଶାନ୍ତିଲତା ଜେନା, ବନ୍ତରୁ ନକୁଳ ଚରଣ ବାରିକ, ବାସୁଦେବପୁରରୁ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଧାମନଗରରୁ ଦେବେନ୍ଦ୍ର ପ୍ରସାଦ ବସନ୍ତିଆ, ଭଦ୍ରକରୁ ଶ୍ରୀଧର ଜେନା, ରବୀନ୍ଦ୍ର ଦାସ, ଚାନ୍ଦବାଲିରୁ ସୁଦର୍ଶନ ସାମଲ ଓ ଧାମନଗରରୁ ପୂର୍ଣ୍ଣଚନ୍ଦ୍ର ନାୟକ। ସଂଘ ସଂଗଠନ ସମ୍ପାଦକ ରୂପେଶ ସାହୁ, ଜିଲ୍ଲା ସଂଗଠନର ସଂଯୋଜକ ଚିତ୍ରଭାନୁ ଦାସ, କୋଷାଧ୍ୟକ୍ଷ ଗିରିଧାରୀ ଚାନ୍ଦ ଓ ସମ୍ପାଦକ ସମୀର ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ତିହିଡି ବ୍ଲକ୍ ସମ୍ପାଦକ ରମାକାନ୍ତ ଦାସ, ସଭାପତି ମାୟାଧର ସାହୁ, ଶ୍ରୀନାଥ ମାଲିକ, ବଂଶୀଧର ଦାସ, ଭଦ୍ରକ ବ୍ଲକ୍ ସଭାପତି ଅରୁଣ ମଲ୍ଲିକ, ସମ୍ପାଦକ ରାଜେଶ ଦାସ, ବନ୍ତ ବ୍ଲକ୍ ସଭାପତି ଗୌରୀଶଙ୍କର ସରୋଜ ଜେନା, ସମ୍ପାଦକ ମଙ୍ଗରାଜ ଧର୍ମେନ୍ଦ୍ର ନାରାୟଣ ଜେନା, ଧାମନଗର ବ୍ଲକ ସଭାପତି ସତ୍ୟବ୍ରତ ରାଉତ, ସମ୍ପାଦକ ସନ୍ତୋଷ ଲେଙ୍କା, ବାସୁଦେବପୁର ବ୍ଲକ ସଭାପତି ରମ୍ୟମନି ପଣ୍ଡା, ସମ୍ପାଦକ ଶାନ୍ତନୁ ପଳିତା, ଚାନ୍ଦବାଲି ବ୍ଲକ ଉପ ସଭାପତି ନିରାକାର ବେହେରା, ସମ୍ପାଦକ ଶଶିକାନ୍ତ ସାହୁ, ଭଣ୍ଡାରିପୋଖରୀ ବ୍ଲକ୍ ସଭାପତି ପ୍ରସନ୍ନ ରଥ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟତ୍ରୀ ସସ୍ମିତା ମହାନ୍ତି ଓ ଗୌରୀ ଶତପଥୀ ସଭାକାର୍ଯ୍ୟରେ ସହଯୋଗ କରିଥିବା ବେଳେ ସହ ସମ୍ପାଦକ ଅବଦୁଲ ରବ ଧନ୍ୟବାଦ ଅର୍ପଣ କରିଥିଲେ।



### ବିଜେପି କର୍ମୀ ନ ହେବାରୁ କଟିଲା ପ୍ରଧାନମନ୍ତ୍ରୀ ଆବାସ

## ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାରୁ ମିଳୁଛି ଧମକ

ଭଦ୍ରକ,୭ ।୧(ସମିସ)



ବିଜେପି ଦଳରେ ଯୋଗ ନ ଦେଲେ ଯୋଗ୍ୟକୁ ଅଯୋଗ୍ୟ କରି ଦିଆଯାଉଛି। ଲିଷ୍ଟରେ ନାମ ଥିଲେ ବି ପ୍ରଧାନମନ୍ତ୍ରୀ ଆବାସ କାଟି ଦେଉଛନ୍ତି ସରପଞ୍ଚଙ୍କ ପ୍ରତିନିଧି। ଏଭଳି ସଙ୍ଗୀନ ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଉତୁକୁଡା ପଞ୍ଚାୟତରୁ। ସୂଚନା ମୁତାବକ ଉକ୍ତ ପଞ୍ଚାୟତ ଚକିଆସାହିର ରଞ୍ଜନ ବେହେରା ଜଣେ ଖଟିଖିଆ ଓ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ। ବାପା, ମାଆ, ସ୍ତ୍ରୀ ଓ ଛୁଆଙ୍କୁ ମିଶାଇ ୭ ଜଣ ପରିବାର ମାଟି କାନ୍ଥ, ଚାଳ ଛପର ଭଙ୍ଗା ଘରେ ବସବାସ କରନ୍ତି। ପକ୍କା ଘର ଖଣ୍ଡେ ତିଆରି କରିବା ତାଙ୍କ ପାଇଁ ସାତ ସପନ। ବହୁବାର ଆବେଦନ କରିବା ପରେ ଏଥର ଲିଷ୍ଟରେ ନାମ ଆସିଥିଲା। ମାତ୍ର ରାଜନୈତିକ ଉଦ୍ଦେଶ୍ୟ ରଖି ହିତାଧିକାରୀଙ୍କ ତାଲିକାରୁ ରଞ୍ଜନଙ୍କ ନାମକୁ ବାଦ ଦିଆଯିବା ସହ କିଛି ଅଯୋଗ୍ୟ ଲୋକଙ୍କୁ ଯୋଗ୍ୟ କରାଯାଇଥିବା ଅଭିଯୋଗ କରିଛନ୍ତି ରଞ୍ଜନ। ପ୍ରଥମେ ଏ ବିଷୟରେ ଚାନ୍ଦବାଲି ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। କିଛ ଉପାୟ ନ ପାଇ ଶେଷରେ ପଞ୍ଚାୟତ ସମସ୍ତ ହିତାଧିକାରୀଙ୍କ ତାଲିକା ସ୍ଥଗିତ ରଖି ପୁନଃ ଯାଞ୍ଚ କରିବା ପାଇଁ ଉଚ୍ଚ ନ୍ୟାୟାଳୟର ଆବେଦନ କଲେ ରଞ୍ଜନ। ଯାହାର କେଶ ନମ୍ବର-ଡବ୍ଲୁପି(ସି)-୨୯୩୧୮/୨୪। ଚାନ୍ଦବାଲି ବିଡିଓ ଉଚ୍ଚ ନ୍ୟାୟାଳୟଙ୍କ ନୋଟିସ୍ ପାଇବା ପରେ ଅଟକିଲା ସମସ୍ତ ହିତାଧିକାରୀଙ୍କ ଘର କାର୍ଯ୍ୟ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗତକାଲି ସରପଞ୍ଚଙ୍କ ପ୍ରତିନିଧିଙ୍କ ସମେତ ବିଜେପିର ଶତାଧିକ କର୍ମୀ ରଞ୍ଜନଙ୍କ ଘର ନିକଟରେ ପହଞ୍ଚି କ'ଣ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଷ୍ଟେ' କରିଛୁ ବୋଲି ପ୍ରଶ୍ନ କରିବା ସହ ଗାଳିଗୁଲଜ କରିଥିଲେ। ଏଥିରେ ଭୟଭୀତ ହୋଇ ରଞ୍ଜନ ଚାନ୍ଦବାଲି ଥାନାକୁ ଜାଣଇଥିଲେ। ଚାନ୍ଦବାଲି ଥାନା ଅଧିକାରୀ ଘଟଣାସ୍ଥଳକୁ ପୁଲିସ ପଠାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ମଧ ଏବେବି ଭୟଭୀତ ଅବସ୍ଥାରେ ଅଛନ୍ତି ରଞ୍ଜନଙ୍କ ପରିବାର। ରଞ୍ଜନଙ୍କୁ ପୁଲିସ ସୁରକ୍ଷା ସହ ଘର ଖଣ୍ଡେ ଯୋଗାଇ ଦେବାକୁ ଦାବି କରିଛନ୍ତି ରଞ୍ଜନଙ୍କ ମାଆ କୁନ୍ତଳା ବେହେରା। ଅନ୍ୟ ପଟେ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଏ ବିଷୟରେ ପଚାରିବାରୁ ତାଙ୍କ ପରିବାର ଆଗରୁ ଆବାସ ପାଇଥିବାରୁ ସେ ଯୋଜନାରୁ ବାଦ ପଡିଛି ବୋଲି କହିଛନ୍ତି।

# ଟ୍ରକ୍ ପଛକୁ ପିଟିଲା ଟ୍ରେଲର୍; ଚାଳକ ଗୁରୁତର



**ରାଜଘାଟ, ୭।୧(ସମିସ):** ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ରାଜଘାଟ ପୁରୁଣା ଟୋଲଗେଟ୍ ନିକଟରେ ମଙ୍ଗଳବାର ଭୋର ସମୟରେ ଛିଡ଼ା ହୋଇଥିବା ଟ୍ରକ୍ ପଛକୁ ଏକ ଟ୍ରେଲର୍ ଧକ୍କା ଦେବାରୁ କ୍ୟାବିନ ଭିତରେ ଚାପି ହୋଇ ଚାଳକ ଗୁରୁତର ହୋଇଛନ୍ତି। ଡବ୍ଲ୍ୟୁବି ୧୧ଇ ୩୧୪୬ ନମ୍ବର ବିଶିଷ୍ଟ ଏକ ଟ୍ରେଲର ପଶ୍ଚିମବଙ୍ଗରୁ ବାଲେଶ୍ୱର ଅଭିମୁଖେ ଯାଉଥିଲା। ଏହି ସମୟରେ ଟ୍ରେଲରଟି ରାଜଘାଟ ଏନଏଚଏଆଇ ଅଫିସ୍ ସାମନା ବିପରୀତ ପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ୍ (ଡବ୍ଲ୍ୟୁବି ୧୧ଇ ୩୧୪୬)କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଟ୍ରେଲର୍‌ଟିର କ୍ୟାବିନ ଅଂଶଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗିରୁଜି ଯିବାରୁ ଚାଳକ ଜଣକ କ୍ୟାବିନରେ ଚାପି ହୋଇ ରହିଯାଇଥିଲେ। ଖବର ପାଇ ବସ୍ତା ଅଗ୍ନିଶମ କେନ୍ଦ୍ରାଧିକାରୀ ପ୍ରତାପ ପାଳ ସଦଳବଳେ ପହଞ୍ଚି ହାଇଡ୍ରୋରୋଲିକ୍ କଟର ମେସିନ ସହାୟତାରେ କ୍ୟାବିନ ଅଂଶକୁ କାଟି ଚାଳକକୁ ଉଦ୍ଧାର କରିଥିଲେ। ଚାଳକ ଜଣଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ବସ୍ତା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିଥିବା ବେଳେ ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ଚାଳକ ଜଣକ ଝାଡ଼ଖଣ୍ଡ ରାଜ୍ୟ ଦେହୁରା ଅଞ୍ଚଳର ପିଣ୍ଟୁ କୁମାର ଯାଦବ ବୋଲି ଜଣାପଡ଼ିଛି।

## ୨୦୦୯ରୁ ଜିଲ୍ଲାକୁ ଆସିଛି ୩୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

# କଚ୍ଛପ ଗତିରେ ଚାଲିଛି ପିଏମ୍‌ଏଜିୱାଇ ଯୋଜନା

**ବାଲେଶ୍ୱର, ୭।୧(ସମିସ)**

ଅନୁସୂଚିତ ଜାତିର (ଏସସି) ଲୋକମାନଙ୍କ ବିକାଶ ପାଇଁ ବାଲେଶ୍ୱର ଜିଲ୍ଲାକୁ ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ (ପିଏମଜିଏୱାଇ) ଆଜି ପର୍ଯ୍ୟନ୍ତ ୩୬କୋଟି୪୯ଲକ୍ଷ ଟଙ୍କା ଆସିଛି। ମାତ୍ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଆଜି ପର୍ଯ୍ୟନ୍ତ ଖର୍ଚ୍ଚ ହେଇଛି ୨୦କୋଟି ୯ଲକ୍ଷ ୯୭ହଜାର୮୧୯ ଟଙ୍କା। ବକେୟା ୧୬କୋଟି ୪୦ଲକ୍ଷ ଟଙ୍କା ଖର୍ଚ୍ଚ ହେଇ ପାରିନି। ମିଳିଥିବା ତଥ୍ୟରୁ ସ୍ପଷ୍ଟ ହେଉଛି ଯେ ପିଏମ୍‌ଜିଏୱାଇ ଯୋଜନା ବାଲେଶ୍ୱର ଜିଲ୍ଲାରେ ମନ୍ଥର ଗତିରେ ଚାଲିଛି।

ତେବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୨୦୦୯-୧୦ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେଇଥିବା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ବାଲେଶ୍ୱର ଜିଲ୍ଲାର ଅନୁସୂଚିତ ଜାତି ବହୁଳ ଗ୍ରାମ ଗୁଡିକର ଉନ୍ନତି ପାଇଁ ୧୨୧ଟି ଗ୍ରାମକୁ ଆଦର୍ଶ ଗ୍ରାମ ରୂପେ ନିଆଯାଇଛି। ଏହି ଗ୍ରାମଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସବୁ ପିଏମ୍‌ଏଜିୱାଇ ଯୋଜନାରେ କରାଯାଉଛି। ଏହି ଯୋଜନାରେ ବାଲେଶ୍ୱର ଜିଲ୍ଲାର ସୋର ବ୍ଲକରେ ୨ଟି ଗ୍ରାମ, ବାଲେଶ୍ୱର ସଦର ବ୍ଲକରେ ୨୩ଟି ଗ୍ରାମ, ବାହନଗା ବ୍ଲକରେ ୧୬ଟି ଗ୍ରାମ, ରେମୁଣା ବ୍ଲକରେ ୯ଟି ଗ୍ରାମ, ବାଲିଆପାଳ ବ୍ଲକରେ ୧୭ଟି ଗ୍ରାମ, ଜଳେଶ୍ୱର ବ୍ଲକରେ ୭ଟି ଗ୍ରାମ, ଖଇରା ବ୍ଲକରେ ୧୨ଟି ଗ୍ରାମ, ଭୋଗରାଇ ବ୍ଲକରେ ୧୯ଟି ଗ୍ରାମ, ସିମୁଳିଆ ବ୍ଲକରେ ୫ଟି ଗ୍ରାମ, ବସ୍ତା ବ୍ଲକରେ ୪ଟି ଗ୍ରାମ, ଔପଦା ବ୍ଲକରେ ୬ଟି ଗ୍ରାମ ଓ ନୀଳଗିରି ବ୍ଲକରେ ୧ଟି ଗ୍ରାମକୁ ସାମିଲ କରାଯାଇଛି। ତେବେ ପିଏମ୍‌ଏଜିୱାଇ ଯୋଜନା ଗାଇଡ୍ ଲାଇନ ଅନୁସାରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ଗୋଟିଏ ଆଦର୍ଶ ଗ୍ରାମକୁ ୪୦ ଲକ୍ଷ ଟଙ୍କାର ଅନୁଦାନ ସରକାର ଦେଉଛନ୍ତି। ଏଥିରେ ୨୦ ଲକ୍ଷ ଟଙ୍କାର ବାଧ୍ୟତାମୂଳକ ରାସ୍ତା ନିର୍ମାଣ କରାଯିବା ପରେ ଅବଶିଷ୍ଟ ୨୦ ଲକ୍ଷ ଟଙ୍କାରେ ପାନୀୟ ଜଳ, ଷ୍ଟ୍ରିଟ୍ ଲାଇଟ୍(ସୋଲାର) ସଂଯୋଗ, ସ୍କୁଲ କୋଠା ନିର୍ମାଣ, ସ୍କୁଲ ପାଚେରି ନିର୍ମାଣ, ଶୌଚାଳୟ, ଡ୍ରେନ, ଚାରାରୋପଣ, ଜଳ ସଂରକ୍ଷଣ, ମତ୍ସ୍ୟଚାଷ, କୁକୁଡ଼ା ଚାଷ, ଗୋପାଳନ ଭଳି ବିଭିନ୍ନ କାର୍ଯ୍ୟ କରାଯିବାର ଯୋଜନାର ପଥ ଦର୍ଶିକାରେ ଉଲ୍ଲେଖ କରାଯାଇଛି।

**ଖର୍ଚ୍ଚ ହୋଇପାରିନି ୧୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା**

ମିଳିଥିବା ତଥ୍ୟ ଅନୁଯାୟୀ ଏହି ଯୋଜନା କାର୍ଯ୍ୟକାରୀ ହେବା ଠାରୁ ଆଜି ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାକୁ ୩୬କୋଟି ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆସିଛି। ଯୋଜନାରେ ଜିଲ୍ଲାକୁ ଆସିଥିବା ଏହି ମୋଟ ଅର୍ଥରୁ ବର୍ତ୍ତମାନ ସୁଦ୍ଧା ୨୦କୋଟି ୯ଲକ୍ଷ ୯୭ହଜାର ୮୧୯ଟଙ୍କା ଖର୍ଚ୍ଚ ହେଇଛି।ବର୍ତ୍ତମାନ ସୁଦ୍ଧା ୧୬କୋଟି ୪୦ଲକ୍ଷ ୧୮୧ ଟଙ୍କା ଖର୍ଚ୍ଚ ହେଇ ପାରିନି।ଅର୍ଥାତ ଏହି ବଳକା ଟଙ୍କାର ୟୁସି ବର୍ତ୍ତମାନ ସୁଦ୍ଧା ସରକାରଙ୍କୁ ଦିଆଯାଇ ନାହିଁ। ମିଳିଥିବା ତଥ୍ୟରୁ ସ୍ପଷ୍ଟ ହେଉଛି, ଜିଲ୍ଲାରେ ପିଏମଏଜିୱାଇ ଯୋଜନା ମନ୍ଥର ଗତିରେ ଚାଲିଛି। ଏହି ବାବଦରେ ବିଭାଗୀୟ ଅଧିକାରୀ ତଥା ଡିଡବ୍ଲ୍ୟୁଓ ବିଦ୍ୟୁତଲତା ମହାପାତ୍ର କହିଛନ୍ତି, ପିଏମଏଜିଓ୍ୱାଇ ପାଇଁ ରାଜ୍ୟ ସରକାରଙ୍କର ଏକ ନୋଡାଲ ବ୍ୟାଙ୍କ୍ ଆକାଉଣ୍ଟ ରହିଛି। ଜିଲ୍ଲାକୁ ଆସୁଥିବା ଆର୍ଥିକ ଅନୁଦାନ ଅର୍ଥରାଶିକୁ ଡିଡବ୍ଲୁଓଙ୍କ କାର୍ଯ୍ୟାଳୟ ପକ୍ଷରୁ ତୁରନ୍ତ ବିଭିନ୍ନ ବ୍ଲକକୁ ପଠାଇ ଦିଆଯାଉଛି।ଏହି ଯୋଜନା ପାଇଁ ବ୍ଲକରେ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ରହିଛି। ଯୋଜନାରେ ବର୍ଷକୁ ଯେତେ ଟଙ୍କା ଆସୁଛି, ତାହା ବ୍ଲକ ଗୁଡିକୁ ଯଥାଶୀଘ୍ର ପଠାଇ ଦିଆଯାଉଛି। ବ୍ଲକ ତରଫରୁ ସେହି ଟଙ୍କାକୁ ଖର୍ଚ୍ଚ କରି ୟୁସି ଦାଖଲ କରନ୍ତି। ଏହିଭଳି ବର୍ଷକୁ ବ୍ଲକଗୁଡ଼ିକୁ ଟଙ୍କା ମିଳିଥାଏ। ମାତ୍ର ଯେଉଁ ବଳକା ଟଙ୍କା ବର୍ତ୍ତମାନ ସୁଦ୍ଧା ରହିଛି, ଯାହାର ୟୁସି ଦାଖଲ କରାଯାଇ ନାହିଁ।ସେହି ବଳକା ଟଙ୍କା ଖର୍ଚ୍ଚ କରାଯାଇ ୟୁସି ଦେବା ପାଇଁ ବିଡିଓ ମାନଙ୍କ ସହିତ ଯନ୍ତ୍ରୀ ମାନଙ୍କୁ କୁହାଯାଇଛି।ଆସନ୍ତା ବୁଧବାର ଦିନ ଆଦିବାସୀ ହରିଜନ କଲ୍ୟାଣ ବିଭାଗର ନିର୍ଦ୍ଦେଶକ(ଏସସି) ଭର୍ଚୁଆଲ ମୋଡରେ ଜିଲ୍ଲାର ବିଡିଓ ଓ ଯନ୍ତ୍ରୀମାନଙ୍କ ସହିତ ଏହି ଖର୍ଚ୍ଚ ହେଇପାରି ନଥିବା ସରକାରୀ ଅନୁଦାନ ଅର୍ଥରାଶି ସମ୍ପର୍କରେ ଆଲୋଚନା ମଧ୍ୟ କରିପାରନ୍ତି ବୋଲି ଡିଡବ୍ଲୁଓ ମହାପାତ୍ର କହିଛନ୍ତି।

# ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



**ବାଲେଶ୍ୱର, ୭।୧(ସମିସ):** ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନ ଯୋଜନା ଭୁକ୍ତ ଜିଲ୍ଲା ଶିକ୍ଷକ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଡ଼ଃ ସନ୍ଦୀପ କୁମାର୍‌ଚଟ୍ଟୁଆ, କାର୍ଯ୍ୟକାରୀ ସମ୍ପାଦକ ଉମାକାନ୍ତ ବେହେରା, ବରିଷ୍ଠ କର୍ମକର୍ତ୍ତା ସନ୍ତୋଷ କୁମାର ସେଠୀ, ଶାଶ୍ୱତ ମହାପାତ୍ର, ହରେନ୍ଦ୍ର ମହାନ୍ତ, କୈଳାସ ଚନ୍ଦ୍ର ମାଝୀ, ଭାଗ୍ୟଶ୍ରୀ ଜେନା, କମଳ ଲୋଚନ ବିଶ୍ୱାଳ, ଶ୍ରୀକାନ୍ତ ମହାନ୍ତି, ପ୍ରେମାନନ୍ଦ ବାରିକ, ଅଭିମନ୍ୟୁ ବାଗ, ଅଶୋକ କୁମାର ନାୟକ, ଅନୁଶ୍ରୀ ସାହୁ, ରମାକାନ୍ତ ସାହୁ, ପଙ୍କଜ କୁମାର ଗିରି ଏବଂ ନେତୃତ୍ୱ ନେଉଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅନ୍ୟ କର୍ମକର୍ତ୍ତା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ପ୍ରାଚୀ ତନୟା ଗିରି, ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରିଣୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଡଃ ଧରଣୀଧର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଶୀଷ ନେବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ। ସେହିପରି ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ, କ୍ରୀଡ଼ା ପରିଦର୍ଶକ ଅଶୋକ କୁମାର ନାୟକ ତଥା ଅଫିସର ସମସ୍ତ କର୍ମଚାରୀଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ନୂତନ ବର୍ଷରେ ଜିଲ୍ଲାକୁ ଶିକ୍ଷା କ୍ଷେତ୍ରରେ ଏକ ଶ୍ରେଷ୍ଠ ଜିଲ୍ଲାରେ ପରିଣତ କରିବାର ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।

# ସଫା କରିବା ଆଳରେ ସୁନା ଚେନ୍ ଲୁଟ୍

**ଭୋଗରାଇ, ୭।୧(ସମିସ):** ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ଅନ୍ତର୍ଗତ ରାଉତମନ୍ଦାରୁଣି ଗ୍ରାମରେ ମନୋରଞ୍ଜନ ଜେନାଙ୍କ ଘରକୁ ଦୁଇଜଣ ଯୁବକ ବାଇକ୍‌ରେ ଆସି ପିତ୍ତଳ ସାମଗ୍ରୀ ସଫା କରିବାକୁ କହିଥିଲେ। ଗୋଟିଏ ପିତ୍ତଳ ସାମଗ୍ରୀ ସଫା କରିବା ପରେ ସୁନା ଚେନ ସଫା କରିଦେବେ କହି ବେକରୁ ସୁନା ଚେନକୁ କାଢ଼ି ନେଇଥିଲେ। ପରେ କୌଶଳ କରି ସେହି ସୁନା ଚେନ୍‌କୁ ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲେ।

# ବନ ବିଭାଗ ପକ୍ଷରୁ କାଠ ଜବତ

**ସୋର, ୭।୧(ସମିସ):** ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ହରିଡ଼ାପଦା ନିକଟରୁ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ କାଠ ଜବତ କରାଯାଇଛି। ଗତକାଲି ରାତିରେ ବାଲେଶ୍ୱର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ଔପଦା ବନ ଅଧିକାରୀ ହରିହର ମାଝୀଙ୍କ ତତ୍ତ୍ୱାବଧାନରେ ଖୁଣ୍ଟାପଟଣା ଫରେଷ୍ଟର କିଶୋର ଚନ୍ଦ୍ର ଭୂୟାଁଙ୍କ ନେତୃତ୍ୱରେ ଏକ ଟିମ୍ ହରିଡ଼ାପଦା ଗ୍ରାମ୍ୟ ପଡ଼ିଆ ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ମାଫିଆମାନେ ସେଠାରୁ ଫେରାର ହୋଇଯାଇଥିବା ବେଳେ ସେଠାରୁ ଶାଗୁଆନ ୨୩.୮୩ ସିଫ୍ଟ, କୁଦୁମ୍ବ ୫.୦୬ ସିଫ୍ଟ ଓ ଜାଳେଣି କାଠ ୨ କ୍ୱିଣ୍ଟାଲ ଜବତ କରିଥିଲେ।

# ଯୌତୁକ ଲାଗି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ଜଳେଶ୍ୱର, ୭।୧(ସମିସ):** ଜଳେଶ୍ୱର ଥାନା ନାମ୍ପୋ ଗାଁରେ ଜଣେ ମହିଳାଙ୍କୁ ବିବାହର ୧୦ବର୍ଷ ପରେ ଜଣେ ସନ୍ତାନ ଥିବା ସତ୍ତ୍ୱେ ଯୌତୁକ ଲାଗି ସ୍ୱାମୀ ଓ ପରିବାରବର୍ଗ ଦୀର୍ଘଦିନ ଧରି ନିର୍ଯାତନା ଦେଇ ଆସୁଥିବା ବେଳେ ନିକଟରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛଇ। ନଚ୍ଛିମପୁର ପଞ୍ଚାୟତ ସହାଡାପଡ଼ା ଗାଁର ଚାମେଲି ପାତ୍ରଙ୍କ ଝିଅ ଚାନ୍ଦିନୀକୁ ନାମ୍ପୋ ଗାଁର ମନ୍ମଥ ଦେଙ୍କ ପୁଅ ବିଜୟ ୧୦ବର୍ଷ ପୂର୍ବେ ବିବାହ କରିଥିଲେ। ଯୌତୁକ ଦିଆଯାଇଥିଲେ ମଧ ବିବାହର ୨ବର୍ଷ ପରେ ୨ଲକ୍ଷ ଟଙ୍କା ଦାବି କରି ଚାନ୍ଦିନୀଙ୍କୁ ନିର୍ଯାତନା ଦିଆଯାଉଥିଲା। ୪ଦିନ ତଳେ ସ୍ୱାମୀ, ଶାଶୁ, ଶ୍ୱଶୁର ମିଶି ଚାନ୍ଦିନୀକୁ ଲୁହା ରଡ଼ରେ ନିର୍ଦ୍ଧୁମ୍ ପିଟିଥିବାବେଳେ ତାଙ୍କ ଆଖିରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିକେ ଭଟ୍ଟର ଓ ପରେ ବାଲେଶ୍ୱର ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ମା' ଚାମେଲି ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି।

# ମେରାଇନ୍ ଥାନା ପକ୍ଷରୁ ଗାଡ଼ି ଯାଞ୍ଚ

**ଚନ୍ଦନେଶ୍ୱର, ୭।୧(ସମିସ):** ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ତାଳସାରୀ ମେରାଇନ ଥାନା ପକ୍ଷରୁ ଆଇଆଇସି ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ଚନ୍ଦନେଶ୍ୱର ବଜାରର ରାସ୍ତାର ଉଭୟ ପାର୍ଶ୍ୱ ସହିତ ବିଜୁ ପଟ୍ଟନାୟକ ଗୋଲେଇ ଚାରି ପାଖରେ ବେଆଇନ ଭାବରେ ବାଇକ ରଖି ଭିଡ଼ ଜମାଉଥିବା ବାଇକ୍‌ଗୁଡ଼ିକୁ ଯାଞ୍ଚ କରି ଜରିମାନା ଆଦାୟ କରାଯାଇଛି। ଫଳରେ ଲୋକମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ମିଳିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



**ଚନ୍ଦନେଶ୍ୱର, ୭।୧(ସମିସ):** ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତସ୍ଥିତ ରଜନୀକାନ୍ତ ଏକାଡେମୀ ଓ ବାବୁରାମ ନୋଡାଲ ଉ:ପ୍ରା: ବିଦ୍ୟାଳୟ ପକ୍ଷରୁ ମିଳିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ସ୍ଥାନୀୟ ସରପଞ୍ଚ ରାଧାରାଣୀ ବେହେରା ଉଦ୍‌ଘାଟନ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନନ୍ଦଦୁଲାଲ ବେଜ, ସମ୍ମାନିତ ଅତିଥି ଭାବେ ଉଭୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ବେହେରା ଓ ବଂଶୀଧର ମଣ୍ଡଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଙ୍ଗାଧର ଜେନା ଓ ମଙ୍ଗଳ ସିଂ, ସହକାରୀ ଶିକ୍ଷକ ବିପିନ ବିହାରୀ ସେନାପତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ନନ୍ଦଦୁଲାଲ ପ୍ରଧାନ, ଖଗେନ୍ଦ୍ର ପରିଡ଼ା, ହରେକୃଷ୍ଣ ପ୍ରଧାନ, କିଶୋର ବାଣୁଆ, ଅଜିତ କୁମାର ଗିରି, ଦେବବ୍ରତ ଦାସ, କବିତା ମାଝୀ, ନନ୍ଦଦୁଲାଲ କର, ମଞ୍ଜୁଲତା ପରିଡ଼ା ପ୍ରମୁଖ ଓ ଉଭୟ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ବାଲେଶ୍ୱର, ୭।୧(ସମିସ):** ଶୋଭାରାମପୁରସ୍ଥିତ ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଅନ୍ନଦା ପ୍ରସାଦ ଜେନା ସଭାପତିତ୍ୱ କରି ଛାତ୍ରୀମାନେ କିପରି ଅପ୍ରୀତିକର ପରିସ୍ଥିତିର ଉଚିତ ମୁକାବିଲା କରିପାରିବେ ତାହା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ବୋଲି ଦର୍ଶାଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲା ସଂଯୋଜକ ତଥା ଫକୀରମୋହନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସନ୍ତୋଷ କୁମାର ରାଉତ ଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମରକ୍ଷା କୌଶଳ ହାସଲ କରି ନିଜର ସୁରକ୍ଷା ପାଇଁ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଶିକ୍ଷା ବିଭାଗର ଅଧ୍ୟାପକ ରତ୍ନାକର ମହାପାତ୍ର ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣର ଉପକାରିତା ବାବଦରେ ବୁଝାଇଥିଲେ। ଜାନୁୟାରୀ ୬ରୁ ଆରମ୍ଭ ହୋଇ ୧୫ତାରିଖ ପର୍ଯ୍ୟନ୍ତ ମୋଟ ଆଠ ଦିନ ଧରି ଏହି ଶିବିରରେ ଆତ୍ମରକ୍ଷାର ପ୍ରମୁଖ କୌଶଳ ସବୁ ଶିକ୍ଷାଦାନ ଦେବେ ମାଷ୍ଟର ଟ୍ରେନ୍‌ର୍ ଦେବସ୍ମିତା ଜେନା। ସର୍ବପ୍ରଥମେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସୌମ୍ୟ ରଞ୍ଜନ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ବ୍ରଜକିଶୋର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରର କାର୍ଯ୍ୟକ୍ରମ ଅଧିକାରୀ ଗଣିତ ବିଭାଗର ଅଧ୍ୟାପିକା କବିତା ମହାନ୍ତି ଓ କାର୍ଯ୍ୟକ୍ରମର ସଂଯୋଜକ ରସାୟନ ବିଜ୍ଞାନର ଡେମନ୍‌ଷ୍ଟ୍ରେଟର୍ ବିପିନ୍ ବିହାରୀ ଗିରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଔପଦା ୟୁକୋ ବ୍ୟାଙ୍କ ଶାଖାର ପ୍ରତିଷ୍ଠା ଦିବସ



**ଔପଦା, ୭।୧(ସମିସ):** ସୋମବାର ଔପଦା ୟୁକୋ ବ୍ୟାଙ୍କ ଶାଖା ପରିସରରେ ବ୍ୟାଙ୍କର ୮୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ଅର୍ଜ୍ଜୁନ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଶାଖା ପରିଚାଳକ ଭିୟାଇ ତେଜା, ଅନ୍ୟ ବ୍ୟାଙ୍କ ଅଧିକାରୀ ମାନଙ୍କ ମଧ୍ୟରେ ଦେବାଶିଷ ସେନା ନାୟକ, ରାଜେନ୍ଦ୍ର କୁମାର ମଲ୍ଲିକ, ସ୍ୱରୂପ ନାଥ ଓ କର୍ମଚାରୀ ଭଗବାନ ଯେନା ସମେତ ବ୍ୟାଙ୍କର ସମସ୍ତ ଅଧିକାରୀ ଓ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ଏହି ଦିବସରେ ଗଜେନ୍ଦ୍ର ଗିରି, ମୃତ୍ୟୁଞ୍ଜୟ ମୁଦୁଲି, ଶିବଶଙ୍କର ଦାସ, ଚକ୍ରଧର ପରିଡ଼ାଙ୍କ ସମେତ ମିଶନଶକ୍ତି ମହିଳାମାନେ ଯୋଗ ଦେଇଥିଲେ।

# ମଙ୍ଗଳାତଳାଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଜଳେଶ୍ୱର, ୭।୧(ସମିସ):** ଜଳେଶ୍ୱର ପୌରାଞ୍ଚଳ ଅନ୍ତର୍ଗତ ୬ ନମ୍ବର ୱାର୍ଡର ମଙ୍ଗଳାତଳା ଅଙ୍ଗନବାଡ଼ି କେନ୍ଦ୍ରରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳେ ଆୟୋଜିତ ବସ୍ତିସ୍ତରୀୟ ତ୍ରୟମାସିକ ଅଣ ସଂକ୍ରାମକ ଶିବିରକୁ ସ୍ଥାନୀୟ କାଉନସିଲର ଚନ୍ଦନ କୁମାର ଦାସ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ପୁନରୁତ୍ଥାନ ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସହଯୋଗରେ ଉକ୍ତ ଶିବିର ଆୟୋଜନ ହୋଇଥିଲା। ଏଥିରେ ବାଲେଶ୍ୱରର ଡାକ୍ତର ଏ. ସ୍ୱାଇଁ ଚକବିଷ୍ଣୁ ସ୍ୱାସ୍ଥ୍ୟ ଉପ କେନ୍ଦ୍ରର ଫାର୍ମାସିଷ୍ଟ ସ୍ମୃତି ଲାଲ ପୃଷ୍ଟି, ଷ୍ଟାଫ୍‌ନର୍ସ ସସ୍ମିତା ରାୟ ସିଂ, ସଂଯୋଜକ ପରମେଶ୍ୱର ବାରିକ, ସହଯୋଗୀ ତପନ ଜେନା ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ଶିବିରରେ ମୋଟ ୯୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବା ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା। ସମାଜସେବୀ ସୁବ୍ରତ ରଣା, ସନ୍ନ୍ୟାସୀ ପରିଡ଼ା, ଅଙ୍ଗନବାଡ଼ି କର୍ମୀ କାବେରୀ ଦେ, ଜୟଶ୍ରୀ ସାହୁ, ମାହେଶ୍ୱରୀ ପରିଡ଼ା ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

# ବସ୍ତା ବ୍ଲକ୍; ୬୯୧ ଜଣ ଦେଲେ ପ୍ରବେଶିକା ପରୀକ୍ଷା

**ରାଜଘାଟ, ୭।୧(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ବସ୍ତା ବ୍ଲକରେ ୬୯୧ ଜଣ ପରୀକ୍ଷାର୍ଥୀ। ବସ୍ତା ବ୍ଲକରେ ୪ଟି ପରୀକ୍ଷା କେନ୍ଦ୍ର ସ୍ଥାନ ନିରୂପଣ କରାଯାଇଥିଲା। ଉକ୍ତ କେନ୍ଦ୍ରଗୁଡ଼ିକ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ଭେଲୋରା ଉକ୍ତ କେନ୍ଦ୍ରରେ ୧୫୫ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବା ବେଳେ ୧୪୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି, ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭେଲୋରା ସେଣ୍ଟର୍‌ରେ ୧୫୦ରୁ ୧୩୭ଜଣ, ଜାମସୁଳି ଉଚ୍ଚ ବିଦ୍ୟାଳୟରେ ୨୦୦ ରୁ ୧୯୬ ଓ ଶମ୍ଭୁନାଥ ଉଚ୍ଚ ବିଦ୍ୟାଳୟ ବସ୍ତାରେ ୨୧୮ ରୁ ୨୧୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ମୋଟ ଚାରୋଟି କେନ୍ଦ୍ରରେ ୭୨୩ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜିକରଣ କରିଥିବା ବେଳେ ୬୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ଓ ୩୨ ଜଣ ଅନୁପସ୍ଥିତ ଥିବା ଏବିଓ ବାସନ୍ତୀ ପୃଷ୍ଟି ସୂଚନା ଦେଇଛନ୍ତି।

## ବାଲି ମାଫିଆଙ୍କ କବ୍‌ଜାରେ ସୋନନଦୀ

# କୋଟି କୋଟି ଟଙ୍କାର ବାଲି ଲୁଟ୍; ପ୍ରଶାସନ ନିଦାବିଷ୍ଟୁ

**ନୀଳଗିରି, ୭।୧(ସମିସ)**



ବାଲେଶ୍ୱର ଜିଲ୍ଲା ନୀଳଗିରି କାଠପାଳ ଅଞ୍ଚଳଦେଇ ପ୍ରବାହିତ ହେଉଥିବା ସୋନନଦୀ ଏବେ ବାଲି ମାଫିଆଙ୍କ କବ୍‌ଜାରେ। ଖଣିଜ ବିଭାଗ, ରାଜସ୍ୱ ବିଭାଗ, ପୋଲିସ ପ୍ରଶାସନ ସତେ ଯେପରି କୋମାକୁ ଚାଲି ଯାଇଥିବା ଜଣାପଡ଼ିଛି। ହେଲେ ସବୁ ଜାଣି ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏ ନେଇ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି କରି ଚାଲିଥିବା ବେଳେ ରାତ୍ରି ହେଲେ ବାଲି ମାଫିଆ ସକ୍ରିୟ ହେବା ସହ ମାଫିଆ ମାଲାମାଲ ହେଉଛନ୍ତି। କେତେକ ଅସାଧୁ କର୍ମଚାରୀ ପକେଟ ଗରମ କରି ଏଭଳି ବେଆଇନ କାର୍ଯ୍ୟରେ ସହଯୋଗ କରୁଥିବା ମଧ ଅଭିଯୋଗ ହୋଇଛି। ପୁରୁଣା ଗାଁ ଘାଟ, ବଇଁଚା, ନରସିଂହପୁର, କୋଲହାପାଳ, ମାଟିଆଳି, ବାଡ଼ିଆ, କାଠପାଳ, ପୁନଦାଳ, ସିଙ୍ଗିରୀ, ବେଗୁନିଆ ଅଞ୍ଚଳରେ ଶହ ଶହ ଟ୍ରାକ୍ଟରରେ ମେସିନ ଓ ଅଞ୍ଚଳବାସୀଙ୍କ ସହାୟତାରେ ରାତ୍ରି ହେଲେ ବାଲି ମାଫିଆ ସକ୍ରିୟ ସକ୍ରିୟ ହେବା ସହ ସକାଳ ୭ଟା ପର୍ଯ୍ୟନ୍ତ ଟ୍ରାକ୍ଟର ଯୋଗେ ବାଲି ଉଠାଯାଇ ଆଖପାଖ ଅଞ୍ଚଳରେ ଅଞ୍ଚ କିଏ ଇଟା ଭାଟିରେ ରଖୁଛି ତ ଆଉ କିଏ ଗାଁ ଭିତରେ ଗଚ୍ଛିତ କରି ରଖୁଛନ୍ତି। ପ୍ରଶାସନର ଗତିବିଧିକୁ ଜାଣିବା ପାଇଁ ବିଭିନ୍ନ ଛକରେ ଜଗି ରହି ଅଧିକ ଗଚ୍ଛିତ ହେଲେ ବାଲିକୁ ବଡ଼ ବଡ଼ ଟ୍ରକ୍‌ରେ ଲୋଡ୍ କରି ବାହାରକୁ ମଧ ଚାଲାଣ କରି ଦେଉଛନ୍ତି। କିଛିଦିନ ପୂର୍ବରୁ ଦିନରେ ବାଲି ଚୋରି ହେଉଥିବାରୁ ଗ୍ରାମବାସୀମାନେ ବିରୋଧ କରିବାରୁ ଏବେ ବାଲି ମାଫିଆ ରାତିର ବାଲି ଚୋରି କରୁଛନ୍ତି। ଯେଉଁମାନେ ବିରୋଧ କରୁଛନ୍ତି ତାଙ୍କୁ ଧମକ ମିଳୁଛି। ଗାଁର ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ଦେଖା ଯାଇଛି। ପ୍ରଶାସନ ସେମାନଙ୍କୁ ଆକଟ କରିବାରେ ବିଫଳ ହୋଇଛି। ଜିଲ୍ଲାପାଳ ଘଟଣାର ହସ୍ତକ୍ଷେପ ନକଲେ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେବାର ଆଶଙ୍କା ରହିଛି।

# ହେଲ୍‌ଦି ଲାଇଫ୍‌ର ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଯାପିତ




**ବାଲେଶ୍ୱର, ୭।୧(ସମିସ):** ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର୍ କିୟୋର ପକ୍ଷରୁ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ତିନି ଦିନ ଧରି ଚାଲିଥିବା ଯୋଗ ଓ ପ୍ରାକୃତିକ ଚିକିତ୍ସା ନେତୃତ୍ୱ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଏସବିଆଇ ମୁଖ୍ୟଶାଖା ବରିଷ୍ଠ ଆସୋସିଏଟ୍ ରିଜିଓନାଲ ସେକ୍ରେଟାରୀ ମାନସ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସୃଷ୍ଟିଧର ପରିଡ଼ା ମୁଖ୍ୟ ବକ୍ତା, ଆନ୍ତର୍ଜାତିକ ପ୍ରକୃତି ଚିକିତ୍ସା ଅନୁଷ୍ଠାନ ଓଡ଼ିଶା ରାଜ୍ୟ ସମ୍ପାଦକ ଡାକ୍ତର ସୁବାସ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲା ରେଡକ୍ରସ ଯୁବ ସଂଯୋଜକ ସୁଧୀର କୁମାର ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ପ୍ରତିଷ୍ଠାତା ଡାକ୍ତର ଚିତ୍ତରଞ୍ଜନ ସାହୁ ଶିକ୍ଷା ଭିତରେ ଯୋଗ ଓ ପ୍ରାକୃତିକ ଚିକିତ୍ସାକୁ ସାମିଲ କରିଲେ ସୁସ୍ଥ ସମାଜ ତିଆରି ହୋଇପାରିବ ବୋଲି କହିଥିଲେ। ଯୋଗ ମହାବିଦ୍ୟାଳୟ ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଉପସ୍ଥିତ ଥିଲେ। ଏହି କଲେଜର ୩୦୦ରୁ ଅଧିକ ଯୋଗ ଶିକ୍ଷକ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ହସ୍ପିଟାଲରେ ଯୋଗ ଶିକ୍ଷକ ଭାବେ ନିଯୁକ୍ତି ପାଇପାରିଛନ୍ତି। ରେଡକ୍ରସ ୟୁନିଟ୍‌ର କାଉନସିଲର ଅଧ୍ୟାପିକା ଅନିତା ମିଶ୍ର ଶିବିର ପରିଚାଳନା କରିଥିଲେ। ୨୦ଟି ମହାବିଦ୍ୟାଳୟର ୧୫୦ ଜଣ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ଶେଷରେ ଅଭିଷେକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ତମାଙ୍ଗ ପାହାଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ତେଲକୋଇ,୭।୧(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଶିବ ନରାୟଣ ପୁର ଗୋଡା ପଞ୍ଚାୟତ ତମାଙ୍ଗ ପାହାଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସ୍ଥାନୀୟ କାଞ୍ଜିଆ ଝରଣ ଗ୍ରାମର ମୀନ ଦେହୁରୀ ଙ୍କ ପୁଅ ବାବୁଲି ଦେହୁରୀ (୩୫)। ତମାଙ୍ଗ ପାହାଡ଼ର ଲଣ୍ଡା ଟୁଙ୍ଗୁରୁ ଠାରେ ବାବୁଲିର ମୃତ ଦେହ ସନ୍ଦେହ ଜନକ ଅବସ୍ଥାରେ ପଡିରହିଥିବା ବେଳେ ଖବର ପାଇ ତେଲକୋଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି। ତେବେ ପ୍ରାପ୍ତ ସୂଚନା ଅନୁଯାୟୀ, ବାବୁଲି ସୋମବାର ଦିନ ପାହାଡ ଶିଖରରେ ଥିବା ତମାଙ୍ଗ ଗ୍ରାମ ଅଭିମୁଖେ ଯାଇ ଆଉ ଘରକୁ ଫେରି ନଥିଲା। ଆଜି ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲ ମଧ୍ୟକୁ ଛେଳି ଚରାଇ ବାକୁ ଯାଇଥିବା ବେଳେ ବାବୁଲିର ମୃତଦେହ ପଡ଼ି ରହିଥିବା ଦେଖିଥିଲେ। ଘଟଣା ଜଣା ପଡ଼ିବା ପରେ ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାର ଲୋକ ଘଟଣା ସ୍ଥଳକୁ ଯାଇଥିଲେ। ଏହା ପରେ ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ତେଲକୋଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲେ। ମୃତ ବାବୁଲି ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ବାବୁଲି ସ୍ୱଳ୍ପ ରସ ପାଇଁ ସ୍ୱଳ୍ପ ଗଛରେ ଚଢି ଥିବା ବେଳେ ଗଛରୁ ପଡ଼ି ମୃତ୍ୟୁ ହୋଇଥିବା ପୁଲିସ ଅନୁମାନ କରିଛି।ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଶ୍ରୀ ପରିଡ଼ା କହିଛନ୍ତି।

## ପାନୀୟ ଜଳର ସୁବନ୍ଦୋବସ୍ତ ପ୍ରଶିକ୍ଷଣ ଶିବିର



**ହାଟଡିହୀ/ସୋସୋ,୭।୧(ସମିସ):** ହାଟଡିହୀ ବ୍ଲକ କାର୍ଯ୍ୟାଳୟ ପରିସରରେ ପାନୀୟଜଳ ସୁବନ୍ଦୋବସ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ସମସ୍ତ ପଞ୍ଚାୟତର ସରପଞ୍ଚ, ପିଇଓ ଏବଂ ଏଡିଇଓ ମାନେ ଯୋଗ ଦେଇଥିଲେ। ପ୍ରତି ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପ ଗୁଡ଼ିକର ସୁରକ୍ଷା ଓ ପାନୀୟ ଜଳର ସୁବଣ୍ଟନ ଉପରେ ଆଲୋକପାତ କରାଯିବା ସହ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର ଜେନା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଉଚ୍ଛବ ଚରଣ ଜେନା, କନିଷ୍ଠଯନ୍ତ୍ରୀ ଗୋପାଳ ଚନ୍ଦ୍ର ଦାସ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ବିରଜା ପଣ୍ଡା, କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ରୋହନ କୁମାର ନାୟକ, ଏପିଓ ଭୈରବେନ୍ଦ୍ର ତ୍ରିପାଠୀ, ଜିପିଓ ଶରତ କୁମାର ବେଜ, ବ୍ଲକ କୃଷି ଅଧିକାରୀ ଦେବୀପ୍ରସନ୍ନ ଖୁଣ୍ଟିଆ, ସହକାରୀ ଉଦ୍ୟାନ ଅଧିକାରୀ ଅଙ୍କିତା ମିଶ୍ର, ବ୍ଲକ ସଂଯୋଜକ କାର୍ତ୍ତିକ ପାତ୍ର, ବିପିଏମ୍ (ଓଏଲଏମ) ମଧୁସ୍ମିତା ଦାସ, ବ୍ଲକ ଶିକ୍ଷା ଅଧିକାରୀ ଓମକାର ଅନ୍ୱେଷ, ସିଡିପିଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସିପି ସୁବ୍ରତ କୁମାର ନାୟକ, ଏସିପି ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ପରିଚାଳନା ସହ ସହଯୋଗ କରିଥିଲେ।

## ଚାଷୀଙ୍କୁ ଡାଲି ଜାତୀୟ ବିହନ ବଣ୍ଟନ



**ତେଲକୋଇ,୭।୧(ସମିସ):** ତେଲକୋଇ ବ୍ଲକ ସଦର ମହକୁମା କୃଷି କାର୍ଯ୍ୟାଳୟ ପରିସରରେ ତେଲକୋଇ ଗ୍ରାମର ୫୦ଜଣ ଚାଷୀଙ୍କୁ ଡାଲିଜାତୀୟ ବିହନ ବୁଟ ମଙ୍ଗଳବାର ଣ୍ଟନ କରାଯାଇଛି। ଏହି ବଣ୍ଟନ ବେଳେ ଚାଷୀଙ୍କୁ କୃଷି ଅଧିଦର୍ଶକ ମନୋଜ କୁମାର ଦାସ ଚାଷର ପ୍ରଣାଳୀ ସାର ଓ ଔଷଧର ବ୍ୟବହାର ଉପରେ ସମ୍ୟକ୍ ଧାରଣା ଦେଇ ଥିଲେ। ବୁଟ ବିହନର ଉତ୍ପାଦନ କିପରି ବୃଦ୍ଧି ହେବ ତାହା ଉପରେ ଆଲୋକପାତ କରିଥିଲେ। ଏହି ବଣ୍ଟନରେ କୃଷକ ସାଥୀ ଭୀମସେନ ନାୟକ ଚାଷୀଙ୍କୁ ବିହନ ଯୋଗାଇବାରେ ସହାୟକ ହୋଇଥିଲେ। ସେହିପରି ତେଲକୋଇ ପଞ୍ଚାୟତର ସମସ୍ତ ଗ୍ରାମର ଚାଷୀଙ୍କୁ ଡାଲି ଜାତୀୟ ବିହନ ତୁରନ୍ତ ଯୋଗାଇ ଦେବାର ଯୋଜନା ରହିଥିବା କୃଷି ଅଧିଦର୍ଶକ ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ଧନ୍ଦାମୂଳକ ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର





**ତୁରୁମୁଙ୍ଗା,୭।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୨ ପ୍ରଥମ ବାର୍ଷିକ କଳା, ବିଜ୍ଞାନ ଓ ଧନ୍ଦା ମୂଳକ ଛାତ୍ରୀଙ୍କ ର ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଛି। ଏହି ଶିବିରରେ ୨୪୬ଜଣ ଛାତ୍ରୀ ପ୍ରତ୍ୟହ ପ୍ରଶିକ୍ଷଣ ନେଇଛନ୍ତି। ଆୟୋଜିତ କାର୍ଯ୍ୟ କ୍ରମ ଡ. ମନ୍ଦାକିନୀ ନାଏକଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ବିରେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଅଧ୍ୟାପକ ତବିଆସ ଟେଟେ, ବଳରାମ ଚାମ୍ପିଆ, କ୍ରୀଡା ଶିକ୍ଷକ ତଥା କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କ ଜୀବନ ରେ ଆତ୍ମରକ୍ଷା କୌଶଳର ଆବଶ୍ୟକତା ଉପରେ ଆଲୋକ ପାତ କରିଥିଲେ। ତାଲିମ ପ୍ରାପ୍ତ ମାଷ୍ଟର ଟ୍ରେନର ପ୍ରିୟଙ୍କା ଦେବଦର୍ଶିନୀ ବାରିକ ଓ କୁମୁଦିନୀ ବେହେରା ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି।

## ବିଜେପି ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

**ତୁରୁମୁଙ୍ଗା,୭।୧(ସମିସ):** କେନ୍ଦୁଝର ଜିଲ୍ଲା ବିଜେପିର ୩୪ଟି ମଣ୍ଡଳର ସଭାପତିଙ୍କ ନାମ ଘୋଷଣା ହୋଇଛି। ପାଟଣା ନିର୍ବାଚନ ମଣ୍ଡଳୀର ପାଟଣା, କେନ୍ଦେଇପଶି, ଖିରେଇଟାଙ୍ଗିରି ସାହାରପଡା, ଉଦୟପୁର, ଉଖୁଣ୍ଡା ଏବଂ ଜ୍ୟୋତିପୁର ମଣ୍ଡଳ ସଭାପତିଙ୍କ ନାମ ଘୋଷଣା ହୋଇଥିବା ବେଳେ ପାଟଣା ମଣ୍ଡଳ ସଭାପତି ଭାବରେ ବ୍ରଜବନ୍ଧୁ ସେଠୀ, କେନ୍ଦେଇପଶି ମଣ୍ଡଳ ସଭାପତି ଜୁଲିୟସ୍ ସିଂ, ଖିରେଇଟାଙ୍ଗିରି ମଣ୍ଡଳ ସଭାପତି ଭାବରେ ମନୋଜ କୁମାର ମହାନ୍ତ, ସାହାରପଡା ମଣ୍ଡଳ ସଭାପତି ଭାବରେ ବୁଲୁ ବାରିକ ଓ ଉଦୟପୁର ମଣ୍ଡଳ ସଭାପତି ଭାବରେ ନରହରି ମହାନ୍ତ, ଉଖୁଣ୍ଡା ମଣ୍ଡଳ ସଭାପତି ଭାବରେ ଲକ୍ଷ୍ମୀଧର ମହାନ୍ତ ଏବଂ ନୂତନ ଭାବରେ ମଣ୍ଡଳ ହୋଇଥିବା ଜ୍ୟୋତିପୁର ମଣ୍ଡଳ ସଭାପତି ଭାବରେ ସିଦ୍ଧେଶ୍ୱର ମହାନ୍ତଙ୍କ ନାମ ଘୋଷଣା କରାଯାଇଛି। ସେହିପରି ପାଟଣା ମଣ୍ଡଳ ପ୍ରତିନିଧି ଭାବରେ ଡମ୍ବରୁଧର ମହାନ୍ତ, କେନ୍ଦେଇପଶି ମଣ୍ଡଳ ମଣ୍ଡଳ ପ୍ରତିନିଧି ଭାବରେ ବିପିନ ମହାନ୍ତ, ଖିରେଇଟାଙ୍ଗିରି ମଣ୍ଡଳ ପ୍ରତିନିଧି ଭାବରେ ମହେନ୍ଦ୍ର ନାଏକ, ସାହାରପଡା ମଣ୍ଡଳ ପ୍ରତିନିଧି ଭାବରେ ହରିଶ ଚନ୍ଦ୍ର ମହାନ୍ତ, ଉଦୟପୁର ମଣ୍ଡଳ ପ୍ରତିନିଧି ଭାବରେ ତରଣୀସେନ ମହାନ୍ତ, ଉଖୁଣ୍ଡା ମଣ୍ଡଳ ପ୍ରତିନିଧି ଭାବରେ ଲକ୍ଷ୍ମଣ ରାଉତ ଏବଂ ଜ୍ୟୋତିପୁର ମଣ୍ଡଳ ପ୍ରତିନିଧି ଭାବରେ ଡେଭିଡ ମହାନ୍ତଙ୍କ ନାମ ଘୋଷଣା କରାଯାଇଛି। ଏ ନେଇ ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦୁଝର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

## ସ୍ନେକ୍ ହେଲ୍ପଲାଇନ୍ ସଦସ୍ୟ ଗୁରୁତର



**ରାମଚନ୍ଦ୍ରପୁର, ୭।୧ (ସମିସ):** ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ଓଡପଡା ଗ୍ରାମର ଜଣାଶୁଣା ପରୋପକାରୀ ଯୁବକ ତଥା ଓଡିଶା ସ୍ନେକ ହେଲ୍ପଲାଇନର ସଦସ୍ୟ ସଂଜୟ କୁମାର ପଣ୍ଡା (୩୫) ଏକ ଦୁର୍ଘଟଣାର ଶିକାର ହୋଇ କଟକ ସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ବାମହାତ ଭାଙ୍ଗିଯିବା ସହ ମୁଣ୍ଡ ଏବଂ ମେରୁଦଣ୍ଡରେ ଶକ୍ତ ଆଘାତ ଲାଗିଛି। ସଂଜୟ ନିଜ ଘର ପାଖରେ ଥିବା ଏକ ଗଛକୁ ଚଢିବା ବେଳେ ଗୋଡ ଖସିଯିବାରୁ ତଳେ ପଡି ଗୁରୁତର ଆହାତ ହୋଇଥିଲେ। ସଂଜୟ ଆହାତ ହେବା ଖବର ଶୁଣି ଓଡିଶା ସ୍ନେକ ହେଲ୍ପଲାଇନର ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ, ସଦସ୍ୟ ମଣିଭଦ୍ର ମଲ୍ଲିକ ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ କେନ୍ଦୁଝରରେ ଅନୁଷ୍ଠିତ ରକ୍ତଦାନ ଶିବିର

## ଜାନୁଆରୀ ଶେଷ ସୁଦ୍ଧା ରାସନ୍ ପାଇଁ କେୱାଇସି ଅନିବାର୍ଯ୍ୟ

**ହାଟଡିହୀ/ସୋସୋ,୭।୧(ସମିସ):** ରାସନ୍ ସାମଗ୍ରୀ ପାଇବାରୁ ବଞ୍ଚିତ ନହେବା ପାଇଁ ସରକରୀ ପଦ୍ଧତିରେ କେୱାଇସି ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ହାଟଡ଼ିହୀ ବ୍ଲକରେ ମୋଟ ୧ଲକ୍ଷ ୫୬ହଜାର ୮୮ଜଣ ରାସନ୍ କାର୍ଡଧାରୀ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୨୪ହଜାର ୭୧୭ଟି କାର୍ଡ କେୱାଇସି ଅନ୍ତର୍ଭୁକ୍ତ ହୋଇଥିବା ବେଳେ ୩୧ହଜାର ୩୭୧ଟି କାର୍ଡ କେୱାଇସି ଅନ୍ତର୍ଭୁକ୍ତ ହୋଇପାରିନାହିଁ। ଚଳିତ ଜାନୁଆରୀ ମାସ ୩୧ ତାରିଖ ସୁଦ୍ଧା ସମସ୍ତ ରାସନ୍ କାର୍ଡ କେୱାଇସି ଅନ୍ତର୍ଭୁକ୍ତ ହେବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ହାଟଡିହୀ ବ୍ଲକ ଯୋଗାଣ ଅଧିକାରୀ ସତ୍ୟନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର





**କେନ୍ଦୁଝର,୭।୧(ସମିସ):** ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟୀସ୍ଥିତ ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିବା ସହିତ ଛାତ୍ରୀଙ୍କୁ ନିଜେ ନିଜର ଆତ୍ମସୁରକ୍ଷା କିପରି କରିପାରିବେ ସେ ବାବଦରେ ସମ୍ୟକ୍ ବାର୍ତ୍ତା ପ୍ରଦାନ କରିଥିଲେ। ସଂଯୋଜିକା ଅଧ୍ୟାପିକା ସୁଜାତା ଗିରି, ଗୀତାଞ୍ଜଳୀ ମହାନ୍ତ ଏବଂ ପ୍ରଶିକ୍ଷିକା ଶୁଭଶ୍ରୀ ସାହୁ,ଅଭିଷ୍ମିତା ପଟ୍ଟନାୟକ, ଆଲଫା ବେତାଳ ଛାତ୍ରୀମାନଙ୍କୁ ଆତ ସୁରକ୍ଷାର କଳା ଓ କୌଶଳ ଶିକ୍ଷା ପ୍ରଦାନ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ



**ହାଟଡିହୀ,୭।୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର ଜାମିନିପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ୮୦ତମ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ ହୋଇଯାଇଅଛି। ଏହି ଅବସରରେ ଏୟୁପିଟିଏଫ ହାଟଡିହୀ ଶାଖାର ସଭାପତି ଶ୍ରୀକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ସଭାପତି ବନବିହାରୀ ବେହେରା ଓ ପ୍ରାକ୍ତନ ସମ୍ପାଦକ ଅନନ୍ତ ଗୋପାଳ ବେହେରା, ଲକ୍ଷ୍ମୀଧର ସେଠୀ ପ୍ରମୁଖ ଯୋଗ ଦେଇ ସଂଘର ଆବଶ୍ୟକତା, ଶିକ୍ଷକ ମାନଙ୍କ ସମସ୍ୟା, ସଙ୍ଘୀୟ ମନବୃତି ନେଇ କାର୍ଯ୍ୟ କରିବା ଇତ୍ୟାଦି ବିଷୟରେ ପରାମର୍ଶ ଦେଇଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ, ଶିକ୍ଷକ ରଞ୍ଜନ କୁମାର ପ୍ରଧାନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଜୟ କୁମାର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ, ବାସନ୍ତୀଲତା ସେଠୀ, ରାମଚନ୍ଦ୍ର ସାହୁ, କାର୍ତ୍ତିକ ଦଳେଇ, ସୁରେନ୍ଦ୍ର ଜେନା, ଭଗବାନ ସାହୁ, ପ୍ରମୁଖ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ଦୀନବନ୍ଧୁ ପଣ୍ଡାଙ୍କ ପରଲୋକ



**ସୋସୋ, ୭।୧(ସମିସ):** ହାଟଡିହୀ ବ୍ଲକ ମରେଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ କର୍ମଚାରୀ ତଥା ବିଦ୍ୟାଳୟ ପ୍ରତିଷ୍ଠାର ସହଯୋଗୀ ଦୀନବନ୍ଧୁ ପଣ୍ଡା (୭୫) ଙ୍କ ପରଲୋକ ହୋଇଯାଇଛ। ଶ୍ରୀ ପଣ୍ଡା ୩ଦିନ ତଳେ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଭୁବନେଶ୍ୱର ବେସରକାରୀ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଆଜି ସକାଳୁ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ଭୂମିକା ଥିବାବେଳେ ସେହି ବିଦ୍ୟାଳୟରେ କର୍ମଚାରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବିଆର୍‌ସିସିସ ବିନୋଦ ରାଉତ, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସମେତ୍ ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।ଗ୍ରାମ ପରିକ୍ରମା କରାଯାଇ ନିଜ ବାଡିରେ ଶେଷ କୃତକାର୍ଯ୍ୟ କରାଯାଇଥିଲା।

## ମା' ତାରିଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ଆନନ୍ଦପୁର,୭।୧(ସମିସ):** ଆନନ୍ଦପୁର ନିକଟସ୍ଥ ଖଡିବିଲ ପଡିଆରେ ଚାଲିଥିବା ୧୪ତମ ମା' ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ କ୍ୱାର୍ଟର ଫାଇନାଲ ମ୍ୟାଚରେ କପୁଣ୍ଡି ଏକାଦଶ ବିଜୟୀ ହୋଇ ସେମିଫାଇନଲକୁ ଉତ୍ତୀର୍ଣ୍ଣ ହୋଇଛି। ଆଜିର ପ୍ରଥମ ମ୍ୟାଚରେ ଶାଳପଡ଼ା ଆଇକନିକ କ୍ଲବ ସହିତ ଜଅଁରାର ଗୋଲଡେନ୍ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆଇକନିକ କ୍ଲବ ପ୍ରଥମେ ବ୍ୟାଟିଂ କରି ୮ ଓଭର ୬ ୱିକେଟରେ ୧୧୮ ସଂଗ୍ରହ କରିଥିବା ବେଳେ ଜବାବରେ ଗୋଲଡେନ କ୍ଲବ ୮ ଓଭର ୪ ୱିକେଟରେ ୧୦୭ ରନ୍ କରିଥିଲା। ଦ୍ୱିତୀୟ ମ୍ୟାଚ୍ ଆରକେ ସିଟି କପୁଣ୍ଡି ସହିତ ଭାଟିସିରାର କୁଶଭଦ୍ରା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କପୁଣ୍ଡି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭର ୪ ୱିକେଟରେ ୧୦୯ ରନ୍ ସଂଗ୍ରହ କରିଥିବା ବେଳେ ଜବାଜରେ ଭାଟିସିରା ୮ ଓଭର ୬ ୱିକେଟରେ ୭୦ ରନ ସଂଗ୍ରହ କରିଥିଲା। ତୃତୀୟ କ୍ୱାର୍ଟର ଫାନାଲ ମ୍ୟାଚ୍ କପଣ୍ଡି ଓ ଶାଳପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କପୁଣ୍ଡି ଦଳ ୬ ଓଭର ୫ ୱିକେଟରେ ୮୮ ରନ୍ ସଂଗ୍ରହ କରିଥିବା ବେଳେ ଶାଳପଡା ଦଳ ୬ ଓଭର ୮ ୱିକେଟ୍‌ରେ ୬୦ ରନ୍ ସଂଗ୍ରହ କରିଥିଲା। ଖେଳକୁ ଅମ୍ପେୟାର ସୂର୍ଯ୍ୟମଣୀ ଯେନା, ଚିନ୍ମୟ କୁମାର ଜେନା, ବିଚିତ୍ର ପେରେଇ, ସ୍କୋରର ଭାବେ ଶକ୍ତିରଞ୍ଜନ ପେରେଇ, ଦେବବ୍ରତ ଓ ଧାରା ବିବରଣୀରେ ସୁରେଶ କୁମାର ଜେନା ସହ ଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ସିପୁନ ଯେନା, ସୁଦର୍ଶନ ଜେନା, ହାଡିବନ୍ଧୁ ଦଳେଇ, ଦିପୁ ଦଳେଇ, ନିରଞ୍ଜନଯେନା, ସୁକାନ୍ତ ଯେନା, ବାଙ୍କବିହାରୀ ଜେନା, ଅରବିନ୍ଦ ଜେନା, ପ୍ରତାପ ଜେନା, ସତ୍ୟବ୍ରତ ଦଳେଇ ପ୍ରମୁଖ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର ପ୍ରସ୍ତୁତି



**ଆନନ୍ଦପୁର,୭।୧(ସମିସ):** ଆନନ୍ଦପୁର ମହାବିଦ୍ୟାଳୟରେ ଆସନ୍ତାକାଲି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଆଜି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ନାୟକ, ଶିବଚରଣ ବେହେରା, ସମ୍ମାନିତ ବକ୍ତା ଭାବେ ଡ. ଦିବ୍ୟଲୋଚନ ଭୂୟାଁ, ଅଧ୍ୟାପିକା ଗୀତାଞ୍ଜଳି ନାୟକ ଯୋଗ ଦେଇଥିଲେ। ଅଧ୍ୟାପିକା ଅନିତା ଦାସ, ସଂଘମିତ୍ରା ରାଉତ, ମିତାଶ୍ରୀ ବେହେରା, ଡ. ବସିଷ୍ଠ ବେହେରା, ପ୍ରାଧ୍ୟାପକ ଶ୍ରୀକାନ୍ତ ପଟେଲ, ପୂର୍ଣ୍ଣାନନ୍ଦ ପାର୍ଥସାରଥି ଶଙ୍ଖୁଆ, ପ୍ରକାଶ ସାହୁ, ରୋଷଣ ଭେଙ୍ଗରା, ରାମଚନ୍ଦ୍ର ପେଡା, ପ୍ରତାପ ଚନ୍ଦ୍ର କନର, ଆଦ୍ୟାଦେବ ମହାନ୍ତି, ଭଗବାନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ରେଡକ୍ରସ, ଜାତୀୟ ସେବା ସଂସ୍ଥା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଯୁବ ରେଡକ୍ରସର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ପାଠଚକ୍ର




**ଆନନ୍ଦପୁର,୭।୧(ସମିସ):** ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଅଛି। ଛାତ୍ର ଶ୍ରୀରାମ ମୁଦିଙ୍କ ସଂଚାଳନରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଭାଗର ଶ୍ରୀରାମ ମୁଦି, ଆକାଶ ନାଏକ, ଅପରାଜିତା ବାରିକ, ସାଇନା ପଲେଇ, ଜ୍ୟୋତିର୍ମୟୀ ବେହେରା ଓ ଶୁଭଶ୍ରୀ କର ପ୍ରଭୃତି 'ବିଶ୍ୱ ଚେତନାରେ ଶ୍ରୀଜଗନ୍ନାଥ' ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଅଧ୍ୟକ୍ଷ ଡ. ଗୋବିନ୍ଦ ଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ରିତା ରାଉତ, ଅଧ୍ୟାପିକା ମଧୁସ୍ମିତା ମହାନ୍ତ ଓ ଅଧ୍ୟାପିକା ମାମିନା ସାହୁ ଉପସ୍ଥିତ ରହି ପାଠଚକ୍ରର ଉପଯୋଗିତା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ୩ର ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ ଆଲୋଚନା ଚକ୍ରରେ ସହଯୋଗ କରିଥିଲେ।

ଜିଲ୍ଲା ଖଣିଜ ପାଣ୍ଠିର ସହାୟତା ମିଳୁନି

# ଉଦ୍ୟାନ ବିଭାଗରେ ଧାରଣା ଦେଲେ ଚାଷୀ




**ଆନନ୍ଦପୁର,୭।୧(ସମିସ):** ଆନନ୍ଦପୁର ଉଦ୍ୟାନ ବିଭାଗ ପକ୍ଷରୁ ଚାଷ କରିବା ପାଇଁ ଉତ୍ସାହିତ କରିବା ପରେ ଚାଷ ଆରମ୍ଭ କରିଥିବା ଚାଷୀମାନେ ନାହିଁ ନଥିବା ହିନସ୍ତା ହେଉଥିବା ଘଟଣା ଆଜି ବିସ୍ଫୋରିତ ଅବସ୍ଥାରେ ପହଞ୍ଚିଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ କର୍ତ୍ତୃପକ୍ଷ ଆର୍ଥିକ ସହାୟତା ଦେବାରେ ବିଳମ୍ବ କରୁଥିବାରୁ ଆଜି ଚାଷୀମାନେ ଆନନ୍ଦପୁର ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିବା ଜଣାଯାଇଛି। ଉଦ୍ୟାନ ବିଭାଗ ପରାମର୍ଶରେ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ବଗିଚା ବୃକ୍ଷରୋପଣ ଯୋଜନା ଆରମ୍ଭ କରିଥିଲେ ଅନେକ ଚାଷୀ। ଘସିପୁରା ବ୍ଲକ ଗଁପୁର ପଞ୍ଚାୟତର ପରାଙ୍ଗ, ନୂଆମାଳିଆ , କୋଳିପାଳ, ସାମୁକାନାଣ୍ଡି, ଜଝିଙ୍କିପିଟା, ବାଡୋ ପଞ୍ଚାୟତର ଉଲକ, ପୁରୁଣାବାନ୍ଦୋଗଡା ପଞ୍ଚାୟତର କଣ୍ଠା ବଣିଆ ଗ୍ରାମରେ ଆପଲ ବେଲ ଚାଷ କରାଯାଇଥିଲା। ୩ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଓ ଜଳସେଚନ କରିବାକୁ ଚାଷୀମାନଙ୍କୁ ଆର୍ଥିକ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଉଦ୍ୟାନ ବିଭାଗ ଅସହଯୋଗ କରିବାରୁ ଚାଷୀମାନେ ଅସନ୍ତୋଷ ଝାଡିଛନ୍ତି। ଅର୍ଥ ଅଭାବରୁ ଏହି ଚାଷ ଜମି ଚତୁପାଶ୍ୱର୍ରେ ତାରବାଡ ଘେରା ଯାଇପାରୁନଥିବା ବେଳେ ଆନୁସଙ୍ଗିକ ଚାଷକାର୍ଯ୍ୟ ହୋଇପାରୁନାହିଁ। ଏନେଇ ଆଜି ଚାଷୀମାନଙ୍କ ପକ୍ଷରୁ ବିଶ୍ୱକେତନ ନାୟକ, ବିଶ୍ୱନାଥ ସୋରନେ, ମୀନକେତନ ନାୟକ, ଦୁର୍ଗା ମାଝୀ ସମେତ ଅନେକ ଚାଷୀ ପ୍ରତିବାଦ ଜଣାଇ ଉଦ୍ୟାନ ବୀଭାଗ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସି ରହିଥିବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ନିମ୍ନମାନର ରାସ୍ତାକାର୍ଯ୍ୟକୁ ନେଇ ଅସନ୍ତୋଷ

**ହାଟଡିହୀ,୭।୧(ସମିସ)**



ହାଟଡିହୀ ବ୍ଲକ ବିଦ୍ୟାଧରପୁର ଠାରୁ କାନପୁର ଯାଏଁ ନିର୍ମାଣଧୀନ ପିଚୁ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବାରୁ ନୂଆଗାଁ ଗ୍ରାମବାସୀ ଅଭିଯୋଗ କରିବା ସହ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କାର୍ଯ୍ୟରତ ଠିକାଦାର ରାସ୍ତାର ନବୀକରଣ ନିମନ୍ତେ ଦୀର୍ଘ ୧ବର୍ଷ ଧରି ଏହି ପୁରୁଣା ରାସ୍ତାକୁ ଖୋଳି ପକାଇ ରଖିବାରୁ ଅଞ୍ଚଳବାସୀଙ୍କୁ ଧୂଳିଧୂଆଁ, ପାଣିକାଦୁଅରେ ଛଟପଟ ହେବା ସହ ରାସ୍ତାରେ ଯାଉଥିବା ଶହଶହ ଛାତ୍ରଛାତ୍ରୀ ନାହିଁ ନଥିବା ହଇରାଣ ହୋଇଛନ୍ତି। ଅନେକ ସମୟରେ ବାଇକ ଆରୋହୀମାନେ ଦୁର୍ଘଟଣାର ଶିକାର ମଧ୍ୟ ହେଉଥିଲେ। ଦୀର୍ଘଦିନ ପରେ ଭଲ ରାସ୍ତାଟିଏ ପାଇବାକୁ ଅଞ୍ଚଳବାସୀ ଆଶା ବାନ୍ଧିଥିବା ବେଳେ ସେମାନଙ୍କ ଆଶା ଆଶାରେ ରହିଯାଇଛି। ସମ୍ପୃକ୍ତ ଠିକାଦାର ଦୀର୍ଘଦିନ ଧରି ରାସ୍ତାକୁ ଅଧପନ୍ତରିଆ କରି ପକାଇବା ପରେ ପୁଣି କାମ ଆରମ୍ଭ କରିଛି। ରାସ୍ତାର ପିଚୁ କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ ରାସ୍ତାରୁ ପିଚୁ ମିଶା ଛୋଟ ଛୋଟ ଚିପ୍ସ ଉଠିଯିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଗ୍ରାମବାସୀ ଅଭିଯୋଗ ନିମନ୍ତେ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା ଯନ୍ତ୍ରୀ ସେମାନଙ୍କର ଫୋନ ଗ୍ରହଣ ନକରିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ପଚାରିବାରୁ, ପୁରୁଣା ରାସ୍ତା ସହ ନୂତନ ପିଚୁ ମିଶିବାକୁ ପ୍ରାୟ ୩ଦିନ ସମୟ ଲାଗେ। ଏଣୁ ନୂତନ ପିଚୁ ହୋଇଥିବା କାର୍ଯ୍ୟରୁ ଛୋଟ ଛୋଟ ଚିପ୍ସ ଉଠିବା ସ୍ୱାଭାବିକ ବୋଲି କହିବା ସହିତ ଯଦି ନିର୍ମାଣରେ କୌଣସି ତ୍ରୁଟି କିମ୍ବା ନିମ୍ନମାନ ପରିଲକ୍ଷିତ ହୁଏ ତେବେ ତାହାର ପୁନଃନିର୍ମାଣ କରାଯିବ ବୋଲି କହିଥିଲେ। ଏଥିସହ ନୂଆଗାଁ ଛକରେ ହୋଇଥିବା ଏକ କର୍ଲଭର୍ଟ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ନୂଆଗାଁ ଗ୍ରାମର ରାମଚନ୍ଦ୍ର ନାୟକ, ହୃଷିକେଶ ମହାନ୍ତି, ଦୟାନିଧି ମୁଦୁଲି, ଲକ୍ଷ୍ମୀକାନ୍ତ ରାଉତ, ପ୍ରଦୀପ ରାଉତ, ସୁରେନ୍ଦ୍ର ରାଉତ, ବସନ୍ତ ପଣ୍ଡା, ଅଶୋକ ପଣ୍ଡା, ଗୟାଧର ଦେହୁରୀ, ବସନ୍ତ ପଲେଇ, ସଞ୍ଜୟ ନାୟକ, ପରମାନନ୍ଦ ନାୟକ, ନିରଞ୍ଜନ ରାଉତ, ଅଶୋକ ମୁଦୁଲି, ଚନ୍ଦନ କୁମାର ଭୂଇଁୟା, ବୃନ୍ଦାବନ ନାୟକ, ଅନନ୍ତ ମୁଦୁଲି, ପିତାମ୍ବର ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା, ଅନନ୍ତ ପଣ୍ଡା, ଛବିରାଣୀ ନାଇକ, ଘନଶ୍ୟାମ ସେଠୀ, ରଞ୍ଜିତା ଦେହୁରୀ, ବାସନ୍ତୀ ନାଏକ, ପଦ୍ମାବତୀ ନାଏକ ପ୍ରମୁଖ ଅଭିଯୋଗ ଆଣିବା ସହ ଉକ୍ତ ରାସ୍ତାର ପିଚୁ କାର୍ଯ୍ୟକୁ ଉତ୍ତମ ଭାବେ ପୁନଃ ନିର୍ମାଣ କରିବାକୁ ଦାବି କରିଛନ୍ତି।



# ଅନୁରାଗଙ୍କ ଫିଲ୍ମର ସୁଟିଂ ଆରମ୍ଭ କରିବେ କାର୍ତ୍ତିକ୍

ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟନ୍ ଚଳିତମାସ ଠାରୁ ଅନୁରାଗ ବସୁଙ୍କ ଏକ ଚଳଚ୍ଚିତ୍ରର ସୁଟିଂରେ ବ୍ୟସ୍ତ ରହିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଭୂଷଣ କୁମାର ଅଛନ୍ତି। ଏହା ଏକ ସଙ୍ଗୀତମୟ ପ୍ରେମ କାହାଣୀ ହେବ। ଏଥିରେ କାର୍ତ୍ତିକ୍ ଦାଢ଼ି ରଖିଥିବାର ନଜର ଆସିବେ। ବହୁତ ଜଲ୍‌ଦି ଏହାର ଟାଇଟଲ୍ ଘୋଷଣା କରାଯିବ। ତେବେ କାର୍ତ୍ତିକ୍ ଏପ୍ରିଲ୍ ପର୍ଯ୍ୟନ୍ତ ବିନା ବ୍ରେକ୍‌ରେ ଏହି ଫିଲ୍ମର ସୁଟିଂ କରିବେ। ଏହାର ମହୁରତ୍ ଗଲା ସେପ୍ଟେମ୍ବର ମାସରେ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ଏହି ଫିଲ୍ମର ସୁଟିଂ ପରେ ସେ 'ତୁ ମେରି ମେ ତେରା ମେ ତେରା ତୁ ମେରି'ର ସୁଟିଂ ଆରମ୍ଭ କରିବେ। ଏହାକୁ କରନ୍ ଜୋହର୍‌ଙ୍କ ଧର୍ମା ପ୍ରଡକ୍ସନ୍ ନିର୍ମାଣ କରୁଛି। କାର୍ତ୍ତିକ୍ ଏହି ଫିଲ୍ମର ସୁଟିଂ ମେ' ମାସରୁ ଆରମ୍ଭ କରିବେ ବୋଲି ଜଣାପଡ଼ିଛି।



# ଜିଭରେ ପଙ୍ଖା ବ୍ଲେଡ୍ ଅଟକାଇ ରେକର୍ଡ

ଚଳନ୍ତା ପଙ୍ଖାର ବ୍ଲେଡ୍‌ରେ ଲୋକଙ୍କୁ ନ ଲାଗିବା ତଥା ଦୂରରେ ରହିବାକୁ କୁହାଯାଏ। କାରଣ ଏହାଦ୍ୱାରା ଦୁର୍ଘଟଣା ଘଟିବା ଆଶଙ୍କା ଅଛି। ତେବେ ଚଳନ୍ତା ପଙ୍ଖାର ବ୍ଲେଡ୍‌କୁ ଜଣେ ବ୍ୟକ୍ତି ଜିଭରେ ଅଟକାଇ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ତେଲଙ୍ଗାନାର କ୍ରାନ୍ତି କୁମାର ପନିକେରା ଏହି କାରନାମା କରି ଦେଖାଇଛନ୍ତି। ଦୁଃସାହସିକ ତଥା ଭୟଶୂନ୍ୟ ଷ୍ଟଣ୍ଟ ପାଇଁ ସେ 'ଡ୍ରିଲ ମ୍ୟାନ୍' ନାଁରେ ପରିଚିତ। ପନିକେରା ମାତ୍ର ଏକ ମିନିଟ୍‌ରେ ୫୭ଟି ଟେବୁଲ ଫ୍ୟାନ୍‌ର ବ୍ଲେଡ୍‌କୁ ଜିଭରେ ରୋକିବାରେ ସଫଳ ହୋଇଛନ୍ତି। ତାଙ୍କର ଏକ ଭିଡିଓ ଗିନିଜ୍ ବିଶ୍ୱ ରେକର୍ଡ ନିଜ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଭିଡିଓରୁ ଦେଖିବାକୁ ମିଳୁଛି ଯେ, ପନିକେରା ଧାଡ଼ି ହୋଇ ରଖାଯାଇଥିବା ଚଳନ୍ତା ଟେବୁଲ୍ ପଙ୍ଖା ସମ୍ମୁଖରେ ଛିଡ଼ା ହେଇଛନ୍ତି। ଏହାପରେ ସେ ଖୁବ୍‌ଶୀଘ୍ର ଗୋଟିଏ ପରେ ଗୋଟିଏ ପଙ୍ଖାର ବ୍ଲେଡ୍‌କୁ ଜିଭରେ ବନ୍ଦ କରୁଛନ୍ତି। ଅନ୍ୟପଟେ ପନିକେରାଙ୍କ ଏହି ଦୁଃସାହସିକ କାର୍ଯ୍ୟ ତାଙ୍କର ଚମ୍‌କାରିତା, ନିୟନ୍ତ୍ରଣ ଏବଂ ସ୍ଥିରତାକୁ ପ୍ରମାଣିତ କରିଛି। ଅବଶ୍ୟ ଏହି ଭିଡିଓକୁ ଦେଖି ଲୋକେ ପ୍ରଥମେ ବିଶ୍ୱାସ କରିପାରୁ ନାହାନ୍ତି। ସେଥିପାଇଁ ଅନେକ ଲୋକ ତାଙ୍କର ଏହି ପ୍ରତିଭାକୁ ଅଦ୍ଭୁତ ଏବଂ ଅବିଶ୍ୱସନୀୟ ବୋଲି କହିଛନ୍ତି। ସେହିପରି ଆଉ କିଛି ଲୋକ ତାଙ୍କର ଏହି କାର୍ଯ୍ୟକୁ ବିପଜ୍ଜନକ ବୋଲି କହିଛନ୍ତି। ପନିକେରା ଏହି କାର୍ଯ୍ୟ ଗତବର୍ଷ ଫେବୃଆରୀ ୨ ତାରିଖରେ ମିଲାନରେ କରିଥିଲେ।

## ଆଜିର ଇତିହାସ

- ୧୭୯୦- ପଥମ ଥର ପାଇଁ ଦେଶକୁ ସମ୍ବୋଧନ କଲେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍।
- ୧୮୮୪-ସମାଜ ସଂସ୍କାରକ କେଶବଚନ୍ଦ୍ର ସେନ୍‌ଙ୍କ ଜନ୍ମ।
- ୧୯୨୯- ନେଦରଲ୍ୟାଣ୍ଡ ଓ ୱେଷ୍ଟଇଣ୍ଡିଜ୍ ମାଧ୍ୟମରେ ପ୍ରଥମ ଟେଲିଫୋନ୍ ସମ୍ପର୍କ ସ୍ଥାପନ।
- ୧୯୪୨- ପ୍ରସିଦ୍ଧ ବ୍ରିଟିଶ୍ ଭୌତିକ ବିଜ୍ଞାନୀ ଷ୍ଟିଫେନ୍ ହକିଂଙ୍କ ଜନ୍ମ।
- ୨୦୦୮- ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଷଷ୍ଠ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍‌ଘାଟନ କଲେ।

# ଛୁଞ୍ଚି ବିନା ଇଞ୍ଜେକସନ

ସାଧାରଣତଃ ଇଞ୍ଜେକସନ୍ ନେବାକୁ ଛୋଟରୁ ଆରମ୍ଭ କରି ବଡ଼ ସମସ୍ତେ ଭୟ କରନ୍ତି। ହେଲେ ଏଣିକି ଇଞ୍ଜେକସନ୍ ନେବାକୁ ଡର ଲାଗିବ ନାହିଁ କି ଯନ୍ତ୍ରଣା ମଧ୍ୟ ହେବ ନାହିଁ। ଆଇଆଇଟି ବମ୍ବେର ଗବେଷକମାନେ ସକ୍‌ୱେଭ୍ ଆଧାରିତ ଏକ ନିଡଲ୍-ଫ୍ରି ସିରିଞ୍ଜ ବିକଶିତ କରିଛନ୍ତି। ଏହି ସିରିଞ୍ଜରେ ଛୁଞ୍ଚି ନାହିଁ। ଫଳରେ ଉକ୍ତ ଇଞ୍ଜେକସନ୍ ନେବା ଦ୍ୱାରା କଷ୍ଟ ଲାଗିବ ନାହିଁ। ଗବେଷକଙ୍କ ଅନୁସାରେ, ଛୁଞ୍ଚିଯୁକ୍ତ ସିରିଞ୍ଜଠାରୁ ସମ୍ପୂର୍ଣ୍ଣ ଅଲଗା ହେଉଛି ସକ୍ ସିରିଞ୍ଜ। ତେବେ ଇଞ୍ଜେକସନ ନେବା ଲାଗି ଏହା ସକ୍ ୱେଭ୍ (ଉଚ୍ଚ ଚାପ ଯୁକ୍ତ ତରଙ୍ଗ)କୁ ଉପଯୋଗ କରିଥାଏ। ଏହିପରି ଭାବେ ବିନା ଛୁଞ୍ଚିରେ ଇଞ୍ଜେକସନ୍‌ରେ ଥିବା ଔଷଧ ଆଖି ପିଛୁଳାକେ ଶରୀରରେ ପ୍ରବେଶ କରେ। ସେହିପରି ସକ୍ ସିରିଞ୍ଜକୁ ଔଷଧକୁ ସଠିକ୍ ଏବଂ ଦ୍ରୁତ ବେଗରେ ଶରୀରରେ ପହଞ୍ଚାଇବା ପାଇଁ ଡିଜାଇନ୍ କରାଯାଇଛି। ଔଷଧକୁ ପ୍ରଭାବୀ ତରିକାରେ ଶରୀରକୁ ପଠାଇବା ଦିଗରେ ଏହି ସିରିଞ୍ଜ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। କେବଳ ସେତିକି ନୁହେଁ, ସକ୍ ସିରିଞ୍ଜ ଦ୍ୱାରା ସଂକ୍ରମଣ ଆଶଙ୍କା ମଧ୍ୟ କମ୍ ରହିଛି। ଅନ୍ୟପଟେ ବାରମ୍ବାର ଇନ୍‌ସୁଲିନ୍ ନେଉଥିବା ମଧୁମେହ ରୋଗୀଙ୍କ ପାଇଁ ଏହା ଉପକାରୀ ହେବ। ତେବେ ମୂଷାଙ୍କ ଉପରେ ବିଭିନ୍ନ ଔଷଧକୁ ଉପଯୋଗ କରାଯାଇ ସକ୍ ସିରିଞ୍ଜକୁ ପରୀକ୍ଷା କରାଯାଇଛି। ଏହାର ପରୀକ୍ଷଣ ବି ସଫଳ ହୋଇଛି। ମଧୁମେହରେ ପୀଡ଼ିତ ମୂଷାଙ୍କୁ ଯେତେବେଳେ ଇନସୁଲିନ୍ ଦିଆଗଲା, ସେତେବେଳେ ସକ୍ ସିରିଞ୍ଜ ରକ୍ତ ଶର୍କରା ସ୍ତରକୁ ଅଧିକ ଉନ୍ନତ ପ୍ରକ୍ରିୟାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରଖିଲା। ଏଣୁ ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ, ସକ୍ ସିରିଞ୍ଜ ଔଷଧକୁ ଅଧିକ ପ୍ରଭାବୀ ଉପାୟରେ ପହଞ୍ଚାଇବା ସହିତ, ଛୁଞ୍ଚି ତୁଳନାରେ କମ୍ ଯନ୍ତ୍ରଣା ଏବଂ ତ୍ୱଚାକୁ ମଧ୍ୟ କମ୍ କ୍ଷତି ପହଞ୍ଚାଇବାରେ ସଫଳ ସାବ୍ୟସ୍ତ ହୋଇପାରିଛି। ଏହାବାଦ୍ ସକ୍ ସିରିଞ୍ଜ ଦାମ୍ କମ୍ ହୋଇଥିବା ବେଳେ ଦୀର୍ଘ ସମୟ ଉପଯୋଗ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ।






# ଟାଟୁ କରି ଦହଗଞ୍ଜ...

ଚୀନ୍‌ର ୨୪ ବର୍ଷର ଜଣେ ବ୍ୟକ୍ତି ନିଜକୁ ବିଦ୍ରୋହୀ ଯୁବକ କହନ୍ତି। ଏପରିକି ସେ ଅବସାଦରେ ପୀଡ଼ିତ ଥିବା କହନ୍ତି। ଅବଶ୍ୟ ତାଙ୍କୁ ଟାଟୁରେ ଶାନ୍ତି ମିଳିଥାଏ। ସେଥିପାଇଁ ସେ ଶରୀରରେ ଟାଟୁ କରିବା ଆରମ୍ଭ କଲେ। ୬ ବର୍ଷ ତଳେ ସେ ତାଙ୍କ ମୁହଁରେ ଖପୁରି ଡିଜାଇନ୍‌ର ଟାଟୁ ତିଆରି କରିବା ନିଷ୍ପତ୍ତି ନେଲେ। ଯାହାକି ତାଙ୍କ ସାଧାରଣ ଜୀବନଶୈଳୀ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା। ସେ କହନ୍ତି, ଗତ ୬ ବର୍ଷ ତାଙ୍କ ପାଇଁ ଏବଂ ତାଙ୍କ ପରିବାର ପାଇଁ ଥିଲା ଖୁବ୍ କଷ୍ଟସାଧ୍ୟ। ଏପରିକି ଟାଟୁ ଯୋଗୁଁ ତାଙ୍କୁ ଚାକିରି ମିଳିଲା ନାହିଁ। ଲାଇଭ୍ ବ୍ଲଗ୍ କରିବା ବେଳେ ଲୋକେ ତାଙ୍କର ସମାଲୋଚନା କରିବାକୁ ପଛାଇଲେ ନାହିଁ। ସେହିପରି ମୁହଁରେ କରିଥିବା ଟାଟୁ ପାଇଁ ସେ ତାଙ୍କ ପରିଚୟ ପତ୍ର ଅପଡେଟ୍ କରିବାରେ ଅସୁବିଧା ସାମ୍ନା କଲେ। ଏ ତମାମ ସମସ୍ୟାକୁ ସାମ୍ନା କରିବା ପରେ ସେ ନିଜ ଭୁଲ୍‌କୁ ସୁଧାରିବାର ନିଷ୍ପତ୍ତି ନେଲେ। ସେଇଠୁ ସେ ଶରୀରରୁ ଟାଟୁ କାଳିକୁ ଲିଭାଇବାକୁ ଚାହିଁଲେ। ଏହାପରେ ସେ ଗତବର୍ଷ ଅକ୍ଟୋବର ମାସରେ ଟାଟୁ ହଟାଇବା ପାଇଁ ଏକ ଟାଟୁ ଷ୍ଟୁଡିଓ ସହ ଯୋଗାଯୋଗ କଲେ। ତାଙ୍କର ଟାଟୁ କାଳିକୁ ଲେଜର ପ୍ରକ୍ରିୟା ମାଧ୍ୟମରେ ଲିଭାଗଲା। ଯାହାକି ତାଙ୍କ ପାଇଁ ଖୁବ୍ ଯନ୍ତ୍ରଣାଦାୟକ ଥିଲା। ଅନ୍ୟପଟେ ଟାଟୁ ଆର୍ଟିଷ୍ଟଙ୍କୁ ମଧ୍ୟ ତାଙ୍କ ଟାଟୁ ହଟାଇବାରେ ସମସ୍ୟା ହୋଇଥିଲା। କାରଣ ସମ୍ପୃକ୍ତ ବ୍ୟକ୍ତିଙ୍କ ଟାଟୁ ଅଧିକ ଓ ଗାଢ଼ ରଙ୍ଗର ଥିଲା। ଏପରିକି ତାଙ୍କ ଟାଟୁ ଶରୀରର ଏକ ବଡ଼ ଭାଗକୁ ଆବୃତ୍ତ କରିଥିଲା। ଆଖି କୋଣରେ ଟାଟୁ ହଟାଇବା ଅଧିକ ସମସ୍ୟାପୂର୍ଣ୍ଣ ଥିଲା। ସେହିପରି ଏହାର ଯନ୍ତ୍ରଣା ଏତେ ବେଶି ଥିଲା ଯେ, ଯୁବକଙ୍କଠାରେ ଏଥିଯୋଗୁଁ ହୃଦ୍ ସମସ୍ୟା ଦେଖାଯାଇଛି।

## ଆଜି ଆସିଥିଲେ

# ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ର



ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀର କିମ୍ବଦନ୍ତୀ ପୁରୁଷ ଥିଲେ ଗୁରୁ କେଳୁଚରଣ ମହାପାତ୍ର। ବିଶ୍ୱସ୍ତରରେ ଓଡ଼ିଶୀ ନୃତ୍ୟକୁ ପ୍ରଚାର ଓ ପ୍ରସାର କରାଇବାରେ ତାଙ୍କ ଯୋଗଦାନ ଅତୁଳନୀୟ। ସେ ପ୍ରାୟ ୨୦୦ ଏକକ ପ୍ରଦର୍ଶନ ଓ ୫୦ଟି ନୃତ୍ୟ ନାଟିକା ସଂଯୋଜନା କରିଛନ୍ତି। କେଳୁଚରଣ ପୁରୀ ଜିଲ୍ଲା ରଘୁରାଜପୁରରେ ଏକ ଶିଳ୍ପୀ ପରିବାରରେ ୧୯୨୬ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଚିନ୍ତାମଣି ମହାପାତ୍ର ଜଣେ ଚିତ୍ରଶିଳ୍ପୀ ଓ ମର୍ଦ୍ଦଳ ବାଦକ ଥିଲେ। ଗୋଟିପୁଅ ନାଚପ୍ରତି ପିଲାଦିନୁ ସେ ଆକର୍ଷିତ ହୋଇଥିଲେ। କିନ୍ତୁ ତାଙ୍କ ପିତାଙ୍କୁ ପୁଅର ଗୋଟିପୁଅ ନୃତ୍ୟ ପସନ୍ଦ ନ ଥିଲା। ସେ ତାଙ୍କୁ ଏଥିରୁ ନିବୃତ୍ତ କରି ପୁରୀର 'କୁଞ୍ଜ ବିହାରୀ ରାସ ଲୀଳା' ଦଳରେ ଛାଡ଼ିଥିଲେ। କେଳୁଚରଣ ଏହି ଦଳରେ ପାଖାପାଖି ୧୦ ବର୍ଷ ରହିଥିଲେ। ପିତାଙ୍କ ଦେହାନ୍ତ ପରେ ସେ ଦଳ ଛାଡି ଗାଁକୁ ଜୀବିକା ନିର୍ବାହ ପାଇଁ ପଳାଇ ଆସିଥିଲେ। କିନ୍ତୁ ତାଙ୍କ ମନ ମାନି ନ ଥିଲା। ଏହାପରେ ସେ ଗାଁ ଛାଡ଼ି କଟକ ପଳାଇ ଆସିଥିଲେ। କଟକ ଆସି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସରେ ଯୋଗ ଦେଇଥିଲେ। ଏହାପରେ ସେ ଅନ୍ନପୂର୍ଣ୍ଣା-ବି' ଦଳରେ ଯୋଗ ଦେଲେ। ଏଠାରେ ଗୁରୁ ପଙ୍କଜ ଚରଣ ଦାସଙ୍କ ସଂସ୍ପର୍ଶରେ ଆସି ତାଙ୍କ ନୃତ୍ୟ ପ୍ରତିଭାର ବିକାଶ ହୋଇଥିଲା। ନୃତ୍ୟ ନାଟିକା 'ଭସ୍ମାସୁର'ରେ 'ନଟରାଜ' ଭୂମିକାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ ଗୁରୁ କେଳୁଚରଣ। ଏଥିରେ ମୋହିନୀ ଭୂମିକାରେ ଅଭିନୟ କରିଥିଲେ ଲକ୍ଷ୍ମୀପ୍ରିୟା। ଏହାପରେ ଲକ୍ଷ୍ମୀପ୍ରିୟା କେଳୁଚରଣଙ୍କ ଯୁଗଳବନ୍ଦୀ ଆରମ୍ଭ ହୋଇଥିଲା। ସେ ୨୮ ବର୍ଷ ବୟସରେ ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ। ଏହାପରେ ଉଭୟ ପୁରୀ ଚାଲିଗଲେ। ପୁରୀରେ ମାହାରୀ ଓ ଗୋଟିପୁଅ ନୃତ୍ୟ ଉପରେ ଗବେଷଣା କରି ସେସବୁକୁ ଆୟତ୍ତ କରି ନିଜର ଏକ ପରିଚୟ ସୃଷ୍ଟି କରିପାରିଥିଲେ। ୧୯୫୩ ମସିହାରେ ସେ କଟକ କଳାବିକାଶ କେନ୍ଦ୍ରରେ ଯୋଗଦେଲେ। କଳାବିକାଶ କେନ୍ଦ୍ରରେ ସେ ଦୀର୍ଘ ୧୫ ବର୍ଷ ଓଡ଼ିଶୀ ଶିକ୍ଷାଦାନ କରି ବହୁ ଛାତ୍ରଛାତ୍ରୀ ସୃଷ୍ଟି କରିପାରିଥିଲେ। ସଂଯୁକ୍ତା ପାଣିଗ୍ରାହୀ, ମିନତି ମିଶ୍ର, ପ୍ରିୟମ୍ବଦା ମହାନ୍ତି ହେଜମାଦୀ ଆଦିଙ୍କୁ ବ୍ୟକ୍ତିଗତ ଭାବେ ଓଡ଼ିଶୀ ନୃତ୍ୟଶିକ୍ଷା ପ୍ରଦାନ କରିଥିଲେ। ବହୁ ବିଦେଶୀ ଶିଷ୍ୟ କଟକ ଆସି ଗୁରୁ କେଳୁଚରଣଙ୍କ ଘରେ ରହି ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଥିଲେ। ସେ ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ର ସହିତ ଦଶବର୍ଷ ଧରି ଜଡ଼ିତ ଥିଲେ। ୧୯୯୫ ମସିହାରେ ସେ ଓଡ଼ିଶୀ ଗବେଷଣା କେନ୍ଦ୍ର ଛାଡିବା ପରେ ନିଜସ୍ୱ ଅନୁଷ୍ଠାନ 'ସୃଜନ'ର ଆରମ୍ଭ କରିଥିଲେ। ୨୦୦୪ ମସିହା ଅପ୍ରେଲ ୭ ତାରିଖରେ ଏହି ମହାନ୍ ସାଧକଙ୍କ ଦେହାନ୍ତ ଘଟିଥିଲା। ଓଡ଼ିଶୀ ନୃତ୍ୟର ଏହି ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ୍‌ଙ୍କୁ ଦେଶବାସୀ ସମ୍ମାନିତ କରିଥିଲେ ପଦ୍ମବିଭୂଷଣରେ। ପଦ୍ମ ବିଭୂଷଣ ପାଇବାରେ ସେ ପ୍ରଥମ ଓଡ଼ିଆ। ଓଡ଼ିଶୀ ନୃତ୍ୟ ପ୍ରତି ନିଷ୍ଠାପର ଅବଦାନ ପାଇଁ ତାଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍, ମଧ୍ୟପ୍ରଦେଶ ସରକାରଙ୍କଠାରୁ କାଳିଦାସ ସମ୍ମାନ, ଡକ୍ଟରେଟ୍ ସମ୍ମାନରେ ସମ୍ମାନିତ କରାଯାଇଛି।


# ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର



ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର ଥିଲେ ରୀତିଯୁଗୀୟ ଅନନ୍ୟ କବି। ରୀତିଯୁଗରେ ହାସ୍ୟ ଓ ବ୍ୟଙ୍ଗ ସାହିତ୍ୟର ଥିଲେ ସେ ସ୍ରଷ୍ଟା। ପ୍ରତ୍ୟୁତ୍ପନ୍ନମତିତା ଦ୍ୱାରା ଶବ୍ଦ ସଂଯୋଜନା କରି ବ୍ୟଙ୍ଗ ମାଧ୍ୟମରେ କୌଣସି ଘଟଣାକୁ ଉପସ୍ଥାପନା କରିବାରେ ସେ ହେଉଛନ୍ତି ଅନନ୍ୟ ବ୍ୟକ୍ତିତ୍ୱ। 'ଛାମୁ ଯାହା ଦେଲେ ହରସେ...' ଏହି ପଦଟି ଶୁଣିବା ମାତ୍ରେ ମନକୁ ଚାଲିଆସେ ହାସ୍ୟରସର ପ୍ରଖ୍ୟାତ କବି ଯଦୁମଣି ମହାପାତ୍ରଙ୍କ କଥା। ପୁରାଣ, କାବ୍ୟ, ଅଳଙ୍କାର, ଶିଳ୍ପଶାସ୍ତ୍ର, ସଙ୍ଗୀତଶାସ୍ତ୍ର, ଜ୍ୟୋତିଷ ଓ ଦର୍ଶନଶାସ୍ତ୍ରରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା। ଘଣ୍ଟର ଧ୍ୱନି ଭଳି ତାଙ୍କ କବିତା ସମସ୍ତଙ୍କୁ ସତର୍କ କରାଇ ଦେଉଥିବାରୁ ଯଦୁମଣି ନିଜକୁ ନିଜେ 'ଉତ୍କଳ ଘଣ୍ଟ' ନାମରେ ପରିଚୟ ଦେଉଥିଲେ ବୋଲି ଲୋକମତ ରହିଛି। ଯଦୁମଣି ୧୭୮୧ ମସିହା ଆଜିର ଦିନରେ ଗଞ୍ଜାମ ଜିଲ୍ଲା ଆଠଗଡ଼ରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ତାଙ୍କର ସମ୍ପୂର୍ଣ୍ଣ କର୍ମମୟ ଜୀବନ ନୟାଗଡ଼ର ଇଟାମାଟି ଠାରେ ହିଁ ବିତିଥିଲା। ତାଙ୍କ ପିତାଙ୍କ ନାମ ଥିଲା ମୁକୁନ୍ଦ ମହାପାତ୍ର ଏବଂ ମା'ଙ୍କ ନାମ ଶୋଭାଦେଇ। ପିଲାଦିନରୁ ସେ ସଂସ୍କୃତ ଭାଷାର କାବ୍ୟ, ନାଟକ, ଅମରକୋଷ ଆଦି ପାଠ କରିଥିଲେ। ସ୍ଥପତି ପରିବାରରେ ଜନ୍ମ ହୋଇଥିବାରୁ ଦେବ ବିଗ୍ରହମାନଙ୍କର ରୂପ ଚିତ୍ରଣ, କାଠ ଓ ପ୍ରଥର ବିଗ୍ରହ ନିର୍ମାଣ, ପଟ୍ଟଚିତ୍ର ଅଙ୍କନ ଆଦିରେ ମଧ୍ୟ ସେ ଧୁରନ୍ଧର ଥିଲେ। ସେ ବିଭିନ୍ନ ରାଗରାଗିଣୀ, ଅଳଙ୍କାର ସମନ୍ୱିତ କାବ୍ୟ, ଚଉପଦୀ, ଭଜନ ଜଣାଣ ଓ ଗୀତ, କବିତା ମାନ ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ତାଙ୍କର ସାହିତ୍ୟ ସୃଷ୍ଟି ମଧ୍ୟରେ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଏବଂ 'ରାଘବ ବିଳାସ' ହେଉଛି ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ। କବି ହେବା ପାଇଁ ପିଲାଦିନରୁ ଯଦୁମଣିଙ୍କର ପ୍ରବଳ ଆଗ୍ରହ ଥିଲା। ଗାଁ ଚାଟଶାଳୀରେ ଶିକ୍ଷା ଶେଷ କରି ସଂସ୍କୃତ ଶିକ୍ଷା ପାଇଁ ସେ ମାନଧାତାପୁର ଗ୍ରାମର ଜଣେ ସଂସ୍କୃତ ପଣ୍ଡିତଙ୍କ ନିକଟକୁ ଯାଇଥିଲେ। ସେଠାରେ ଶିକ୍ଷା ସମାପ୍ତ ପରେ ସେ ସଂସ୍କୃତରେ ଉଚ୍ଚଶିକ୍ଷା ପାଇଁ ଘୁମୁସର ନିକଟବର୍ତ୍ତୀ ବିଷ୍ଣୁଚକ୍ର ଗ୍ରାମକୁ ଗଲେ। ସେଠାରେ ସେ ପଞ୍ଚମୁଖ ଭଗବାନ କବିରାଜ ବାହିନୀପତି ନାମକ ବିଖ୍ୟାତ ସଂସ୍କୃତ ପଣ୍ଡିତଙ୍କ ପାଖରୁ ଶିକ୍ଷା ଲାଭ କରିଥିଲେ। ସେଠାରୁ ଯଦୁମଣି 'ହୟଗ୍ରୀବ' ମନ୍ତ୍ର ପ୍ରାପ୍ତ ହୋଇ ସାଧନା ଆରମ୍ଭ କରିଥିଲେ। ଯଦୁମଣି ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତାଙ୍କ ଦରବାରରେ ରାଜକବି ଥିଲେ। କବି ଯଦୁମଣି ହାସ୍ୟକବି ଭାବେ ଖୁବ୍ ପରିଚିତ ଥିଲେ। ଯଦୁମଣିଙ୍କ କବିତାରେ ତାଙ୍କ ନିର୍ଭୀକତା ଦେଖାଯାଏ ଓ ସେଇ କବିତା ମାଧ୍ୟମରେ ପ୍ରଜାମାନଙ୍କୁ ଶୋଷଣ କରୁଥିବା ରାଜାଙ୍କୁ ତୀବ୍ର ନିନ୍ଦା କରିବା ସହିତ ସମାଜକୁ ଶିକ୍ଷଣୀୟ ବାର୍ତ୍ତା ମଧ୍ୟ ଦେଉଥିଲେ। ୧୮୬୬ ମସିହା ଜୁଲାଇ ୨ ତାରିଖରେ କବି ଯଦୁମଣିଙ୍କର ଜୀବନ ଦୀପ ଲିଭି ଯାଇଥିଲା।

# ଦୃଷ୍ଟିହୀନଙ୍କ ପାଇଁ ବୈଦ୍ୟୁତିକ ବାଡ଼ି

ଆସାମର ତୁପିଆ ଗାଁର ନବମ ଶ୍ରେଣୀର ଛାତ୍ର ହେଲେ ରୋହିତ ପକୱାଲ। ତାଙ୍କ ବାପା ଚୁରାମଣି ପକୱାଲ ଏବଂ ମା' ବୀଣା ଦେବୀଙ୍କର ରୋହିତ ହେଉଛନ୍ତି ଜ୍ୟେଷ୍ଠ ପୁତ୍ର। ତେବେ ରୋହିତ କମ୍ ବୟସରେ ଦୃଷ୍ଟିବାଧିତଙ୍କ ଜୀବନକୁ ସହଜ ଓ ସରଳ କରିବା ପାଇଁ ଏକ ବୈଦ୍ୟୁତିକ ବାଡ଼ି ତିଆରି କରିଛନ୍ତି। ସେ ଏହାର ନାଁ ରଖିଛନ୍ତି 'ଅନ୍ଧାର ଲଖୁଟି'। ଏହି ବୈଦ୍ୟୁତିକ ବାଡ଼ି ସାଧାରଣ ବାଡ଼ି ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ଓ ନିଆରା। ଏହା ଏମିତି ଏକ ଡିଭାଇସ୍, ଏଥିରୁ ଆପେ ଆପେ ଶବ୍ଦ ସୃଷ୍ଟି ହେବ। ଦୃଷ୍ଟିବାଧିତ ବ୍ୟକ୍ତି ଜଣକ ବାଡ଼ି ଧରି ଯିବାବେଳେ ତାଙ୍କ ବାଟରେ କୌଣସି ଗାଡ଼ି, ନଦୀ, ଭଳି ଜିନିଷ ସାମ୍ନାକୁ ଆସିଲେ, ଏଥିରୁ ଶବ୍ଦ ସୃଷ୍ଟି ହେବ। ଏହି ଶବ୍ଦ ବାଜିବା ଦ୍ୱାରା ଦୃଷ୍ଟିବାଧିତ ସତର୍କ ହୋଇଯିବେ ଯେ, ତାଙ୍କ ସାମ୍ନାରେ କୌଣସି ପ୍ରତିବନ୍ଧକ ରହିଛି। ଏହିପରି ଭାବେ ଉକ୍ତ ବୈଦ୍ୟୁତିକ ବାଡ଼ି ଦୃଷ୍ଟିବାଧିତଙ୍କୁ ସ୍ୱାଧୀନ ଓ ସୁରକ୍ଷିତ ଭାବେ ଯାତାୟାତ କରିବାରେ ସାହାଯ୍ୟ କରିବ। ସେହିପରି ରୋହିତଙ୍କ ଏହି ବାଡ଼ିକୁ ଲୋକମାନେ ବେଶ୍ ପସନ୍ଦ କରିବା ସହ ତାଙ୍କର ଖୁବ୍ ପ୍ରଶଂସା କରୁଛନ୍ତି। ତେବେ ରୋହିତ ଏହି ବାଡ଼ି ମାଧ୍ୟମରେ ଦୃଷ୍ଟିବାଧିତଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଚେଷ୍ଟା କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିପାରେ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହେବେ। ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଉଧାର ଟଙ୍କା ଫେରିପାଇବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ।

**ଧନୁ:** ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜବୀନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ।

**ମୀନ:** ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ପ୍ରେମ ବ୍ୟାପାରରେ ସଫଳ ହେବେ।

# ବାହାଦୂର ସିଂହ ଏଏଫ୍ଆଇର ନୂଆ ସଭାପତି

ଚଣ୍ଡିଗଡ଼, ୭ ।୧ (ଏଜେନ୍ସି): ଆଥ୍ଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍ଆଇ)ର ନୂଆ ସଭାପତି ଭାବେ ବାହାଦୂର ସିଂ ସାଗୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସେ ବରିଷ୍ଠ କ୍ରୀଡ଼ା ପ୍ରଶାସକ ଆଦିଲ ସୁମରିୱାଲାଙ୍କ ସ୍ଥାନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ଦାୟିତ୍ୱ ଗ୍ରହଣ କରିବେ । ଏଏଫ୍ଆଇର ଦୁଇଦିନିଆ ବାର୍ଷିକ ସାଧାରଣ ବୈଠକ ଚଣ୍ଡିଗଡ଼ରେ ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ଏଏଫ୍ଆଇର ବିଭିନ୍ନ ପଦପଦବୀ ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସଭାପତି ପଦ ଲାଗି ବାହାଦୂର ସିଂହଙ୍କ ବ୍ୟତୀତ ବରିଷ୍ଠ ଉପସଭାପତି ଅଞ୍ଜୁ ବବି ଜର୍ଜ ମଧ୍ୟ ଦୌଡ଼ରେ ରହିଥିଲେ । କିନ୍ତୁ ଶେଷ ମୁହୂର୍ତ୍ତରେ ଅଞ୍ଜୁ ଓହରିଯିବାରୁ ବାହାଦୂର ନିର୍ଦ୍ୱନ୍ଦରେ ସଭାପତି ନିର୍ବାଚିତ ହୋଇଛନ୍ତି । ସେ ଆଗାମୀ ୪ ବର୍ଷ ଲାଗି ଏହି ସମ୍ମାନଜନକ ପଦରେ ରହିବେ । ସେହିଭଳି ଦିଲ୍ଲୀର ସନ୍ଦୀପ ମେହତା ମଧ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ।



୫୧ ବର୍ଷୀୟ ବାହାଦୂର ୨୦୦୨ ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲେ । ଶଟ୍‌ପୁଟ ଇଭେଣ୍ଟରେ ସେ ୧୯.୦୩ ମିଟର ଫିଙ୍ଗି ଏହି ସ୍ମରଣୀୟ ସଫଳତା ପାଇଥିଲେ । ଏହାବାଦ୍ ସେ ୨୦୦୦ ଓ ୨୦୦୪ ଅଲିମ୍ପିକ୍ସରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ୨୦୦୬ ମସିହାରେ ସେ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କଠାରୁ ସମ୍ମାନଜନକ 'ପଦ୍ମଶ୍ରୀ' ପୁରସ୍କାର ଗ୍ରହଣ କରିଥିଲେ । ସେ ଏଥିପୂର୍ବରୁ ଜଳନ୍ଧରସ୍ଥିତ ପଞ୍ଜାବ ଆର୍ମଡ ପୁଲିସର କ୍ରୀଡ଼ା ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ । ଉଲ୍ଲେଖଯୋଗ୍ୟ, ବିଦାୟୀ ସଭାପତି ୬୭ ବର୍ଷୀୟ ଆଦିଲ ସୁମରିୱାଲା ୨୦୧୨ରୁ ଏହି ସମ୍ମାନଜନକ ପଦରେ ଦାୟିତ୍ୱ ତୁଲାଇ ଆସୁଥିଲେ । ଜାତୀୟ କ୍ରୀଡ଼ା କୋଡ୍ ଅନୁଯାୟୀ ଏଥର ସେ ସଭାପତି ପଦ ପାଇଁ ଯୋଗ୍ୟ ହେଉ ନ ଥିଲେ । ସୁମରିୱାଲା ବର୍ତ୍ତମାନ ବିଶ୍ୱ ଆଥ୍ଲେଟିକର ଏକଜ୍ୟୁକୁଟିଭ ବୋର୍ଡରେ ସଦସ୍ୟ ରହିଛନ୍ତି ।

## ଜିଏସ୍ ପଟ୍ଟନାୟକ ଯୁଗ୍ମ ସମ୍ପାଦକ

କଟକ,୭।୧(ସମିସ): ଓଡ଼ିଶାର ଡଃ ଜି. ଶ୍ରୀନିବାସ ପଟ୍ଟନାୟକ ନିର୍ଦ୍ୱନ୍ଦରେ ଏଏଫଆଇର ବରିଷ୍ଠ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଓଡ଼ିଶା ଆଥଲେଟିକ ସଂଘର ସଭାପତି ଡଃ ପଟ୍ଟନାୟକ ଆଗାମୀ ୪ବର୍ଷ ନିମନ୍ତେ ଏଏଫଆଇର ଏହି ପଦରେ ରହିବେ । ଏଥି ପୂର୍ବରୁ ସେ ଭାରତୀୟ ଆଥଲେଟିକର ସର୍ବୋଚ୍ଚ ସଂଘର ସହକାରୀ ଉପସଭାପତି ପଦରେ ଥିଲେ । ଡଃ ପଟ୍ଟନାୟକଙ୍କୁ ରାଜ୍ୟ ଆଥଲେଟିକ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ ଶୁଭେଚ୍ଛା ଜଣାଇଛନ୍ତି ।



### ହକି ଇଣ୍ଡିଆ ଲିଗ୍: ୬-୦ ଗୋଲ୍‌ରେ ହାରିଲା ବେଙ୍ଗଲ ଟାଇଗର୍ସ

# ବିଜୟ ସ୍ୱାଦ ଚାଖିଲା କଳିଙ୍ଗ ଲାନ୍ସର୍ସ

ରାଉରକେଲା,୭ ।୧(ସମିସ):

ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଷଷ୍ଠ ସଂସ୍କରଣରେ ଘରୋଇ କଳିଙ୍ଗ ଲାନ୍ସର୍ସ ତା'ର ପ୍ରଥମ ବିଜୟ ହାସଲ କରିଛି । କ୍ରମାଗତ ୩ଟି ମ୍ୟାଚ୍‌ର ପରାଜୟ ପରେ ଲାନ୍ସର୍ସ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ବିଜୟର ସ୍ୱାଦ ଚାଖିଛି । ଲାନ୍ସର୍ସ ମଙ୍ଗଳବାର ଖେଳିଥିବା ତା'ର ଚତୁର୍ଥ ମୁକାବିଲାରେ ୬-୦ ଗୋଲରେ ଶ୍ରଚି ରାରହ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରି ଟ୍ରାକ୍‌କୁ ଫେରିଛି । ପୂର୍ବରୁ ଲାନ୍ସର୍ସ ତା'ର ପ୍ରଥମ ମ୍ୟାଚ୍‌ରେ ୟୁପି ରୁଦ୍ରସଠାରୁ ୩-୧, ଦ୍ୱିତୀୟ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସଠାରୁ ସୁଟ୍‌ଆଉଟ୍‌ରେ ୬-୫ ଓ ତୃତୀୟ ମୁକାବିଲାରେ ସୁରମା ହକି କ୍ଲବଠାରୁ ୪-୩ ଗୋଲରେ ପରାସ୍ତ ହୋଇଥିଲା । ଲାନ୍ସର୍ସ ଗୁରୁବାର ତା'ର ୫ମ ମ୍ୟାଚ୍‌ରେ ଓଡ଼ିଶାର ଅନ୍ୟତମ ଦଳ ଟିମ୍ ଗୋନାସିକାକୁ ଏବଂ ବେଙ୍ଗଲ ଶୁକ୍ରବାର ତାମିଲନାଡୁ ଡ୍ରାଗନ୍ସକୁ ଭେଟିବ ।



ବ୍ରିଙ୍କ୍‌ମ୍ୟାନଙ୍କ ଡବଲ୍ ଗୋଲ୍

ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହି ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚ୍‌ରେ ତୃତୀୟ ମିନିଟ୍‌ରେ ହଲାଣ୍ଡର ୨୯ ବର୍ଷୀୟ ଫରୱାର୍ଡ ଥିଏରୀ ବ୍ରିଙ୍କମ୍ୟାନ ଫିଲ୍ଡ ଗୋଲ ଦେଇ ଲାନ୍ସର୍ସକୁ ଅଗ୍ରଣୀ କରାଇଥିଲେ ଓ ଏହାପରେ ଦଳ ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିଥିଲା । ଗୋଟିଏ ମିନିଟ୍ ପରେ ସଞ୍ଜୟ ପେନାଲ୍ଟି କର୍ଣ୍ଣର ଜରିଆରେ ଲାନ୍ସର୍ସ ପାଇଁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ । ଷଷ୍ଠ ମିନିଟ୍‌ରେ ବେଲ୍‌ଜିୟମର ୩୧ ବର୍ଷୀୟ ଡିଫେଣ୍ଡର ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ପେନାଲ୍ଟି କର୍ଣ୍ଣର ଜରିଆରେ ତୃତୀୟ ଗୋଲ ଦେଇଥିଲେ । ପ୍ରଥମାର୍ଦ୍ଧରେ ମାତ୍ର ୪ ମିନିଟ୍ ମଧ୍ୟରେ ଲାନ୍ସର୍ସ ୩ଟି ଗୋଲ ଦେଇଥିଲା । ଇଂଲଣ୍ଡର ୩୨ ବର୍ଷୀୟ ଫରୱାର୍ଡ ନିକୋଲାସ ବନ୍ଧୁରାକ ୨୯ ତମ ମିନିଟ୍‌ରେ ଫିଲ୍ଡ ଗୋଲ ମାଧ୍ୟମରେ ଲାନ୍ସର୍ସ ପାଇଁ ଚତୁର୍ଥ ଗୋଲ ସ୍କୋର କରିଥିଲେ । ପ୍ରଥମାର୍ଦ୍ଧ ସୁଦ୍ଧା ଲାନ୍ସର୍ସ ୪-୦ରେ ଅଗ୍ରଣୀ ରହିଥିଲା । ଏହାପରେ ୪୭ତମ ମିନିଟ୍‌ରେ ଥିଏରୀ ବ୍ରିଙ୍କମ୍ୟାନ୍ ଲାନ୍ସର୍ସ ପାଇଁ ଫିଲ୍ଡ ଗୋଲ ଦେଇ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ । ସେହିପରି ୪୯ତମ ମିନିଟ୍‌ରେ ବବି ସିଂହ ଧାମୀ ଲାନ୍ସର୍ସ ପାଇଁ ଆଉ ଏକ ଫିଲ୍ଡ ଗୋଲ ଦେଇଥିଲେ ।

### ଆଇସିସି ଟେଷ୍ଟ ର୍‍ୟାଙ୍କିଂ

## ତୃତୀୟ ସ୍ଥାନକୁ ଖସିଲା ଭାରତ

ଦୁବାଇ,୭ ।୧(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ସଦ୍ୟ ପ୍ରକାଶିତ ର୍‍ୟାଙ୍କିଂରେ ଭାରତ ତୃତୀୟ ସ୍ଥାନକୁ ଖସିଛି । ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ତଥା ବର୍ଡର- ଗାଭାସ୍କର ଟ୍ରଫିରେ ୧-୩ରେ ପରାସ୍ତ ହେବା ପରେ ର୍‍ୟାଙ୍କିଂରେ ଭାରତର ଅବନତୀ ହୋଇଛି । ଫଳରେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରଥମଥର ପାଇଁ ପ୍ରବେଶ କରିପାରି ନାହିଁ । ଏହାପୂର୍ବରୁ ଭାରତ ୨୦୧୯-୨୧ ଓ ୨୦୨୧-୨୩ରେ ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରି କ୍ରମାଗତ ଦୁଇଥର ଡବ୍ଲ୍ୟୁଟିସି ଫାଇନାଲରେ ପ୍ରବେଶ କରିଥିଲା । କିନ୍ତୁ ଏଥର କଥା ଅଲଗା ହୋଇଛି । ଭାରତ ୧୦୯ ରେଟିଂ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଖସିଛି । ଅଷ୍ଟ୍ରେଲିଆ ୧୨୬ ପଏଣ୍ଟ ସହ ଶୀର୍ଷରେ ଓ ଦକ୍ଷିଣ ଆଫ୍ରିକା ୧୧୨ ପଏଣ୍ଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିଛି । ୨୦୧୬ ପରେ ଭାରତ ଦ୍ୱିତୀୟଥର ପାଇଁ ତୃତୀୟ ସ୍ଥାନରେ ପହଞ୍ଚିଛି । ସେହିପରି ଇଂଲଣ୍ଡ ୧୦୬, ନ୍ୟୁଜିଲାଣ୍ଡ ୯୬, ଶ୍ରୀଲଙ୍କା ୮୭, ପାକିସ୍ତାନ ୮୩, ୱେଷ୍ଟଇଣ୍ଡିଜ ୭୫, ବାଂଲାଦେଶ ୬୫ ଓ ଆୟର୍ଲାଣ୍ଡ ୨୬ ପଏଣ୍ଟ ସହ ଯଥାକ୍ରମେ ଚତୁର୍ଥ, ୫ମ, ୬ଷ୍ଠ, ୭ମ, ୮ମ, ୯ମ ଓ ୧୦ମ ସ୍ଥାନରେ ରହିଛନ୍ତି ।

## ଶ୍ରେଷ୍ଠ କ୍ରିକେଟର ଦୌଡ଼ରେ ବୁମ୍‌ରା, ମନ୍ଧାନା

ଦୁବାଇ,୭ ।୧(ଏଜେନ୍ସି): ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଡିସେମ୍ବର ମାସର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶ୍ରେଷ୍ଠ କ୍ରିକେଟର ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି । ତାଙ୍କୁ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ତଥା ଅଧିନାୟକ ପ୍ୟାଟ କମିନ୍ସ ଓ ଦକ୍ଷିଣ ଆଫ୍ରିକା ସିମର ଡେନ୍ ପାଟରସନଙ୍କ ସହ ଏହି ପୁରସ୍କାର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେବ । ଗତ ଡିସେମ୍ବରରେ ୩୧ ବର୍ଷୀୟ ବୁମ୍‌ରା ୩ଟି ଟେଷ୍ଟ ଖେଳି ୧୪.୨୨ ରନ ହାରରେ ୨୨ଟି ୱିକେଟ ଅକ୍ତିଆର କରିଥିଲେ । ସେହିପରି କମିନ୍ସ ୩ଟି ଟେଷ୍ଟ ଖେଳି ୧୭.୬୪ ରନ ହାରରେ ୧୭ଟି ୱିକେଟ ଓ ପାଟରସନ ୧୬.୯୨ ରନ ହାରରେ ୧୩ଟି ୱିକେଟ ଅକ୍ତିଆର କରିଛନ୍ତି । ଅପରପକ୍ଷରେ ଶ୍ରେଷ୍ଠ ମହିଳା କ୍ରିକେଟର୍ ଦୌଡ଼ରେ ଭାରତର ସ୍ମୃତି ମନ୍ଧାନା ରହିଛନ୍ତି । ମନ୍ଧାନା ଡିସେମ୍ବରରେ ୯ମ୍ୟାଚ୍ ଖେଳି ୪୬୩ ରନ ସଂଗ୍ରହ କରିଥିଲେ । ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର ଆନାବେଲ୍ ସଦରଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ସ୍ପିନର ଏନ୍. ମଲ୍‌ବା ମଧ୍ୟ ଦୌଡ଼ରେ ରହିଛନ୍ତି ।

### ■ ଗାଭାସ୍କରଙ୍କୁ ଅଣଦେଖା

## କ୍ରିକେଟ ଅଷ୍ଟ୍ରେଲିଆକୁ ତୀବ୍ର ସମାଲୋଚନା

ନୂଆଦିଲ୍ଲୀ,୭।୧(ଏଜେନ୍ସି): ବର୍ଡର-ଗାଭାସ୍କର ଟ୍ରଫି ପ୍ରଦାନ ଉତ୍ସବରେ କିମ୍ବଦନ୍ତୀ ଖେଳାଳି ସୁନୀଲ ଗାଭାସ୍କରଙ୍କୁ ନିମନ୍ତ୍ରଣ କରା ନ ଯିବା ଘଟଣା ଦିନକୁ ଦିନ ଉଗ୍ର ରୂପ ଧାରଣ କରିବାରେ ଲାଗିଛି । ଏହି ଘଟଣାକୁ ବିରୋଧ କରିବା ତାଲିକାରେ ଏବେ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା ସାମିଲ ହୋଇଛନ୍ତି । ଶୁକ୍ଳାଙ୍କ ମତରେ ଏହି ଟ୍ରଫି ବା ପୁରସ୍କାର ସହ ଗାଭାସ୍କରଙ୍କ ସିଧାସଳଖ ସମ୍ପର୍କ ରହିଛି । ସେ ମଧ୍ୟ ଷ୍ଟାଡିୟମ୍‌ରେ ଉପସ୍ଥିତ ରହିଥିଲେ । ଏହା ସତ୍ତ୍ୱେ କ୍ରିକେଟ ଅଷ୍ଟ୍ରେଲିଆ ତାଙ୍କୁ ନିମନ୍ତ୍ରଣ ନ କରିବା ନିଶ୍ଚିତଭାବେ ନିନ୍ଦନୀୟ । କିଏ ଜାଣେ ଆଉ ୪ ବର୍ଷ ବେଳକୁ ଦୁଇ କିମ୍ବଦନ୍ତୀ ଆଲାନ ବର୍ଡର ଓ ସୁନୀଲ ଗାଭାସ୍କର ଗୋଟିଏ ମଞ୍ଚରେ ଉପସ୍ଥିତ ହୋଇ ପାରିବେ କି ନାହିଁ । ଏଣୁ କ୍ରିକେଟ ଅଷ୍ଟ୍ରେଲିଆର ଅସୂୟା ଭାବକୁ ସେ ଅନ୍ୟମାନଙ୍କ ସହ ତୀବ୍ର ବିରୋଧ କରିଛନ୍ତି ।

### ■ ଆନ୍ତଃସ୍କୁଲ କ୍ରିକେଟ୍

## କିସ୍, ସେଣ୍ଟ ଜାଭିଅର ବିଜୟୀ

ଭୁବନେଶ୍ୱର, ୭ ।୧ (ସମିସ): ଭେଟେରାନ କ୍ରିକେଟ୍ ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ୍‌ରେ ମଙ୍ଗଳବାର ୨ଟି ମ୍ୟାଚ୍ ଖେଳାଯାଇଥିଲା । ହାଇଟେକ୍ ମେଡିକାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ କିସ୍ ଓ ସେଣ୍ଟ ଜାଭିଅର ସ୍କୁଲ (ଖଣ୍ଡଗିରି) ବିଜୟୀ ହୋଇଛି ।



ପ୍ରଥମ ମ୍ୟାଚରେ ସେଣ୍ଟ ଜାଭିଅର ସହ ଡିଏଭି-୮ର ମୁକାବିଲା ହୋଇଥିଲା । ଏଥିରେ ପ୍ରଥମେ ବ୍ୟାଟିଂ କରି ସେଣ୍ଟ ଜାଭିଅର ୧୯.୩ ଓଭରରେ ୮୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଆୟାନ ନାୟକ ସର୍ବାଧିକ ୩୮ ରନ କରିଥିଲେ । ପ୍ରତିପକ୍ଷ ଡିଏଭି ସ୍କୁଲର ବୋଲର ଶ୍ରୀଜିତ୍ ଭୂୟାଁ ଓ ସ୍ମାରକ ସାମନ୍ତ ୩ଟି ଲେଖାଏ ୱିକେଟ୍ ନେଇଥିଲେ । ଜବାବରେ ଡିଏଭି ମାତ୍ର ୪୩ ରନରେ ସୀମିତ ରହିଥିଲା । ବିଜୟୀ ଦଳର ସୌମ୍ୟ ସାମନ୍ତରାୟଙ୍କୁ ୩ଟି ୱିକେଟ୍ ମିଳିଥିଲା । ଆୟାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ସେଣ୍ଟ ଜାଭିଅର ସ୍କୁଲ (କେଦାରଗୌରୀ)କୁ ୪୭ ରନରେ କିସ୍ ସ୍କୁଲ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି କିସ୍ ୨୧ ଓଭରରେ ୫ ୱିକେଟ୍ ହରାଇ ୧୦୪ ରନ କରିଥିଲା । ଦଳ ପକ୍ଷରୁ ଓମକାର ତ୍ରିପାଠୀ ୩୮ ଓ ଅର୍ଜୁନ ମୁର୍ମୁ ୨୮ ରନ କରିଥିଲେ । ଜବାବରେ କେଦାରଗୌରୀ ସେଣ୍ଟ ଜାଭିଅର ସ୍କୁଲ ୯ ୱିକେଟ୍‌ରେ ୫୮ ରନ କରି ପରାସ୍ତ ହୋଇଥିଲା । ବୋଲିଂରେ ମଧ୍ୟ ଅର୍ଜୁନ ୨ଟି ୱିକେଟ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସହ ଶ୍ରେଷ୍ଠ ଖେଳାଳି ଟ୍ରଫି ହାସଲ କରିଥିଲେ ।

## ଏଲିଟ ଓ ଦୁଇଥାକିଆ ଟେଷ୍ଟ ସିରିଜ୍ ଲାଗି ନିଷ୍ପତ୍ତି ଖୁବ୍ ଶୀଘ୍ର

ନୂଆଦିଲ୍ଲୀ,୭।୧(ଏଜେନ୍ସି): ଅଷ୍ଟ୍ରେଲିଆରେ ଭାରତ ସହ ଅନୁଷ୍ଠିତ ଟେଷ୍ଟ ସିରିଜ୍‌ରେ ରେକର୍ଡ ଦର୍ଶକଙ୍କ ଉପସ୍ଥିତି ଆୟୋଜକ ଆଇସିସିକୁ ଉତ୍ସାହିତ କରିଛି । ଯାହା ଫଳରେ ଏହି ଦୁଇ ଦେଶ ଓ ଇଂଲଣ୍ଡକୁ



ନେଇ ଏଲିଟ ଓ ଦୁଇଥାକିଆ ଟେଷ୍ଟ ସିରିଜ୍ ଆୟୋଜନ କରାଯିବାକୁ ଖୁବ୍ ଶୀଘ୍ର ଆଲୋଚନା ହେବ ଓ ଏହା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଆଇସିସି ପକ୍ଷରୁ ସୂଚନା ଦିଆଯାଇଛି । ଆଇସିସିର ସଭାପତି ଥିବା ଭାରତୀର ଜୟ ଶାହ, କ୍ରିକେଟ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ କ୍ରିକେଟ ବୋର୍ଡ ସଭାପତିଙ୍କ ମଧ୍ୟରେ ଦୁଇଥାକିଆ ଟେଷ୍ଟ ସିରିଜ୍ ଆୟୋଜନ କରାଯିବାକୁ ଏକ ପ୍ରସ୍ତାବ ରହିଛି । ଏହି ପ୍ରସ୍ତାବ ଅନୁଯାୟୀ ଏହି ୩ଟି ଦଳ ପ୍ରତି ୩ ବର୍ଷରେ ୨ଥର ଲେଖାଏଁ ପରସ୍ପରକୁ ଭେଟିବେ ବୋଲି ପ୍ରସ୍ତାବରେ ରହିଛି । କିମ୍ବା ଏମାନଙ୍କ ସହ ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ଶ୍ରୀଲଙ୍କାକୁ ମିଶାଇ ଏଲିଟ୍ ଟେଷ୍ଟ ଲିଗ୍ ଖେଳାଯିବ । ଡିଭିଜନ-୨ରେ ୱେଷ୍ଟଇଣ୍ଡିଜ୍, ବାଂଲାଦେଶ, ଜିମ୍ବାୱେ, ଆଫଗାନିସ୍ତାନ ଏବଂ ଆୟର୍ଲାଣ୍ଡ ରହିବେ । ଏହା ଫଳରେ ଉଭୟ ଦେଶର ଦର୍ଶକ ଓ କ୍ରିକେଟ ଲାଭବାନ ହେବ । ୨୦୨୭ ଅନ୍ତର୍ଜାତୀୟ କ୍ରିକେଟ କାର୍ଯ୍ୟକ୍ରମ ଶେଷ ହେବା ପରେ ପ୍ରସ୍ତାବ ଗୃହୀତ ହେଲେ ତାହା କାର୍ଯ୍ୟକାରୀ କରାଯାଇପାରେ । ଏହା ଯଦି ସତରେ ପରିଣତ ହୁଏ, ତେବେ ଏବେ ପ୍ରତି ଦୁଇ ବର୍ଷରେ ଚାଲିଥିବା ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ର କିଛି ମୂଲ୍ୟ ରହିବ ନାହିଁ । କ୍ରିକେଟ ଲାଗି ଯାହା ଭଲ ହେବ ତାହା ଉପରେ ଆଲୋଚନା କରାଯାଇ ଗୁରୁତ୍ୱ ଦିଆଯିବ ବୋଲି ଆଇସିସି ସଭାପତି ଜୟ ଶାହ କହିଛନ୍ତି ।

### ୧୩ରୁ ପ୍ରଥମ ଖୋ ଖୋ ବିଶ୍ୱକପ୍

## ଭାରତ-ନେପାଳ ଉଦ୍‌ଘାଟନୀ ମ୍ୟାଚ୍

ନୂଆଦିଲ୍ଲୀ, ୭ ।୧ (ଏଜେନ୍ସି): ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମରେ ଜାନୁଆରୀ ୧୩ରୁ ଆରମ୍ଭ ହେବ । ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ ବିଶ୍ୱର ୨୦ଟି ଓ ମହିଳା ବିଭାଗରେ ୧୯ଟି ଦେଶ ଅଂଶଗ୍ରହଣ କରୁଛନ୍ତି । ପୁରୁଷ ବିଭାଗରେ ଆୟୋଜକ ଭାରତୀୟ ଦଳ ଗ୍ରୁପ୍-ଏ'ରେ ବ୍ରାଜିଲ, ପେରୁ, ନେପାଳ ଓ ଭୁଟାନ ସହ ସ୍ଥାନ ପାଇଛି । ଉଦ୍‌ଘାଟନୀ ଦିବସରେ ଭାରତୀୟ ପୁରୁଷ ଦଳ ନେପାଳ ସହ ଖେଳି ଅଭିଯାନ ଆରମ୍ଭ କରିବ । ସେହିଭଳି ଜାନୁଆରୀ ୧୪ରୁ ମହିଳା ବିଭାଗ ମ୍ୟାଚ୍ ଆରମ୍ଭ ହେବ । ଏଥିରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପ୍ରଥମ ମ୍ୟାଚରେ ସାମ୍ନାସାମ୍ନି ହେବେ । ଏହି ଦିନ ଭାରତୀୟ ମହିଳା ଦଳ ଦକ୍ଷିଣ କୋରିଆ ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି । ଉଭୟ ପୁରୁଷ ଓ ମହିଳା ବିଭାଗ ଫାଇନାଲ ଜାନୁଆରୀ ୧୯ରେ ଅନୁଷ୍ଠିତ ହେବ ।

### ■ ଆଇସିସି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ

## ଆଫଗାନିସ୍ତାନ ମ୍ୟାଚ୍ ବୟକଟ କରିବାକୁ ଇଂଲଣ୍ଡର ଆହ୍ୱାନ

ଲଣ୍ଡନ,୭।୧(ଏଜେନ୍ସି): ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ସରକାର ମହିଳାଙ୍କ ପ୍ରତି କରୁଥିବା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉଠାଇଛନ୍ତି ଇଂଲଣ୍ଡର ରାଜନେତା । ଇଂଲଣ୍ଡର ୧୬୦ ଜଣ ରାଜନେତା ଏକ ପତ୍ର ମାଧ୍ୟମରେ ଆଫଗାନିସ୍ତାନ ବିରୋଧରେ କଟକଣା ଜାରି କରିବାକୁ ଦାବି କରିଛନ୍ତି । ଚଳିତମାସ ଆଇସିସି ଚାମ୍ପିଅନ୍ସ ଟ୍ରଫି ଅନୁଷ୍ଠିତ ହେବ । ଏଥିରେ ଇଂଲଣ୍ଡ ଜାନୁଆରୀ ୨୬ ତାରିଖ ଦିନ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ମ୍ୟାଚ୍‌କୁ ଇଂଲଣ୍ଡ ବୟକଟ କରୁ ବୋଲି ଲେବର ପାର୍ଟିରେ ଏକାଧିକ ସାଂସଦଙ୍କ ସହ ୧୬୦ଜଣ ରାଜନେତା ମିଳିତଭାବେ ଇଂଲଣ୍ଡ କ୍ରିକେଟ ବୋର୍ଡ ନିକଟରେ ଦାବି କରିଛନ୍ତି । ଇଂଲଣ୍ଡ ମଧ୍ୟ ପୂର୍ବରୁ ଏଭଳି ନିଷ୍ପତ୍ତି ନେଇଛି । ଯାହା ଫଳରେ ଜିମ୍ବାୱେରେ ରବର୍ଟ ମୁଗାବେ ସରକାର ବିପକ୍ଷରେ ବିରୋଧ କରିବାକୁ ଯାଇ ୨୦୦୩ ବିଶ୍ୱକପ୍‌ରେ ଜିମ୍ବାୱେ ସହ ଇଂଲଣ୍ଡ ଏହି ମ୍ୟାଚ୍ ବୟକଟ କରିଥିଲା । ଏ ସମ୍ପର୍କରେ ଇସିବି ସଚେତନ ରହିଛି । କ୍ରିକେଟର ଉନ୍ନତି ଓ କ୍ରିକେଟ ପ୍ରତି ଥିବା ଆଫଗାନଙ୍କ ଭଲ ପାଇବାକୁ ଲକ୍ଷ୍ୟ ରଖି ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଇଂଲଣ୍ଡ କ୍ରିକେଟ ବୋର୍ଡ ପକ୍ଷରୁ କୁହାଯାଇଛି ।

### ଜାତୀୟ ସିନିଅର ବାସ୍କେଟବଲ

## ପୁରୁଷ ଦଳର ହ୍ୟାଟ୍ରିକ ବିଜୟ

କଟକ,୭।୧(ସମିସ): ଗୁଜରାଟରେ ଚାଲିଥିବା ୭୪ତମ ଜାତୀୟ ସିନିଅର ବାସ୍କେଟବଲ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁରୁଷ ଦଳ ବିଜୟ ଧାରା ଅବ୍ୟାହତ ରଖିଛି । ମଙ୍ଗଳବାର ଖେଳାଯାଇଥିବା ୩ୟ ଲିଗ୍‌ରେ ଅରୁଣାଚଳ ପ୍ରଦେଶକୁ ହରାଇ ଓଡ଼ିଶା ହ୍ୟାଟ୍ରିକ ବିଜୟ ହାସଲ କରିଛି । ଓଡ଼ିଶା ୯୨-୩୬ ପଏଣ୍ଟରେ ବିଜୟ ଲାଭ କରିଥିଲା । ଅମିତ ସାମଲ ସର୍ବାଧିକ ୨୩ ପଏଣ୍ଟ, ଅଧିନାୟକ ଶାହିଦ ଖାନ ୧୬ ଏବଂ ଆଦିତ୍ୟ ପ୍ରଧାନ ୧୧ ପଏଣ୍ଟ ସଂଗ୍ରହ କରିଥିଲେ । ବୁଧବାର ୪ର୍ଥ ତଥା ଅନ୍ତିମ ଲିଗ୍‌ରେ ଓଡ଼ିଶା ତେଲେଙ୍ଗାନାକୁ ଭେଟିବ । ଶେଷ ଲିଗ୍‌ରେ ଜିତିଲେ ଦଳ ପ୍ରି-କ୍ୱାର୍ଟର ରାଉଣ୍ଡରେ ପ୍ରବେଶ କରିବ । ଅନ୍ୟପକ୍ଷରେ ରାଜ୍ୟ ମହିଳା ଦଳ ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି । ତୃତୀୟ ଲିଗ୍‌ରେ ପୁଡୁଚେରୀ ୪୭-୩୪ ପଏଣ୍ଟରେ ଓଡ଼ିଶାକୁ ହରାଇଥିଲା । ଓଡ଼ିଶା ତରଫରୁ ଲିଜାଲିନ ଜେନା ସର୍ବାଧିକ ୨୦ ଏବଂ ଶ୍ୱେତା ପ୍ରଧାନ ୧୦ ପଏଣ୍ଟ ସଂଗ୍ରହ କରିଥିଲେ ।

### ସିଦ୍ଧାନ୍ତ ମେମୋରିଆଲ୍ କ୍ରିକେଟ୍

## ସହିଦ୍ ସ୍ପୋର୍ଟିଂ ଚାମ୍ପିଅନ



ଭୁବନେଶ୍ୱର, ୭ ।୧ (ସମିସ):

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ସିଦ୍ଧାନ୍ତ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସହିଦ ସ୍ପୋର୍ଟିଂ ଚାମ୍ପିଅନ ହୋଇଛି । ମଙ୍ଗଳବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ସହିଦ୍ ସ୍ପୋର୍ଟିଂ ୪ ୱିକେଟ୍‌ରେ ପାରାମାଉଣ୍ଟ ବ୍ଲୁ ଦଳକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ବ୍ଲୁ ୪୦ ଓଭରରେ ୧୫୮ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ସହିଦ ସ୍ପୋର୍ଟିଂ ୩୪.୩ ଓଭରରେ ୬ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ବିଜୟୀ ଦଳର ଋତୁରାଜ ମହାନ୍ତି ଅପରାଜିତ ୭୦ ରନ ସହ ୪ ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଋତୁରାଜ ମଧ୍ୟ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଟ୍ରଫି ହାସଲ କରିଥିଲେ । ସେହିଭଳି ଅନୁରାଗ ସାମନ୍ତରାୟ ଶ୍ରେଷ୍ଠ ବ୍ୟାଟର୍, ଶୁଭମ ପରିଡ଼ା ଶ୍ରେଷ୍ଠ ବୋଲର ଓ ଫିଲ୍ଡର ଏବଂ ମହେଶ ପଣ୍ଡା ଶ୍ରେଷ୍ଠ ୱିକେଟକିପର ପୁରସ୍କାର ପାଇଥିଲେ । ପୂର୍ବତନ ରଣଜୀ ଖେଳାଳି ଗୁର୍‌ଜିତ୍ ସିଂହ ଅତିଥି ଭାବେ ଯୋଗଦେଇ ଫାଇନାଲ ମ୍ୟାଚକୁ ଆରମ୍ଭ କରିଥିଲେ ।

ଉଦ୍‌ଯାପନୀ ଉତ୍ସବରେ ରଘୁନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ । ଚାମ୍ପିଅନ ଦଳକୁ ଟ୍ରଫି ସହ ୧୦ ହଜାର ଓ ରନର୍ସଅପ୍ ଦଳକୁ ୬୦୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅମରେଶ ଜେନା, କେ. ଶାନ୍ତି, ସନ୍ତୋଷ ସିଂ, ଶ୍ରୀପତୀ ମିଶ୍ର, ଅଶୋକ ପାତ୍ର, ସନତ୍ ଦାସ, ସଞ୍ଜୀବ ରଥ, ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

## 'ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଗର୍ବିତ'

ଭୁବନେଶ୍ୱର,୭ ।୧(ସମିସ): ଓଡ଼ିଶା ଏଫ୍‌ସି ରାଜ୍ୟ ବାହାରକୁ ଚାଲିଯିବ ବୋଲି କେତେକ ଗଣମାଧ୍ୟମରେ ପ୍ରକାଶିତ ଖବରକୁ କ୍ଲବ ତରଫରୁ ଦୃଢ଼ଭାବେ ଖଣ୍ଡନ କରାଯାଇଛି । ଏଭଳି ଖବର ଭିତ୍ତିହୀନ ଓ ଅମୂଳକ ବୋଲି ମଙ୍ଗଳବାର ରାଜ୍ୟର ଏକମାତ୍ର ହାଇପ୍ରୋଫାଇଲ ଫୁଟବଲ କ୍ଲବ ଓଡ଼ିଶା ଏଫ୍‌ସି ତରଫରୁ ସ୍ପଷ୍ଟ କରାଯାଇଛି । କ୍ଲବର ମୂଳ ରାଜ୍ୟ ସହିତ ଜଡିତ ରହିଛି ଓ ଆଗକୁ ରହିବ । ଓଡ଼ିଶା ପ୍ରତି କ୍ଲବର ଅଙ୍ଗୀକାରବଦ୍ଧତା ଅତୁଟ ରହିବ । ଓଡ଼ିଶା ସରକାର ଓ ରାଜ୍ୟ କ୍ରୀଡ଼ା ଯୁବସେବା ବିଭାଗ ସହ ଫଳପ୍ରଦ ସହଭାଗୀତାକୁ ଆମେ ଉପଭୋଗ କରିବା ସହ ଏହାକୁ ଗଭୀର ଭାବେ ସମ୍ମାନ କରୁଛୁ । ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ଆମେ ଗର୍ବିତ ବୋଲି ଓଡ଼ିଶା ଏଫ୍‌ସି ତରଫରୁ ଜାରି ବିବୃତ୍ତିରେ କୁହାଯାଇଛି । ଓଡ଼ିଶା ଏଫ୍‌ସି ବିଭିନ୍ନ ଲିଗ୍ ଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି ଓ ଏହା ଆଗକୁ ଜାରି ରହିବ । ଉଲ୍ଲେଖଥାଉ କି, ଓଡ଼ିଶା ଏଫ୍‌ସି ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍), ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲୁଏଲ୍), ରିଲାଏନ୍ସ ଫୁଟବଲ ଡେଭଲପମେଣ୍ଟ ଲିଗ୍ (ଆରଏଫ୍‌ଡିଏଲ୍) ଓ ଏଆଇଏଫ୍‌ଏଫ୍ ୟୁଥ ଲିଗ୍‌ରେ ନିୟମିତ ଭାବେ ଅଂଶଗ୍ରହଣ କରିଆସୁଛି । କ୍ରୀଡ଼ା ମାଧ୍ୟମରେ ଓଏଫ୍‌ସି ରାଜ୍ୟରେ ଫୁଟବଲ ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ଅଙ୍ଗୀକାରବଦ୍ଧ ରହିବ ବୋଲି କ୍ଲବ ତରଫରୁ କୁହାଯାଇଛି । ତେଣୁ ଏଭଳି ଭିତ୍ତିହୀନ ଖବରକୁ ଗୁରୁତ୍ୱ ନ ଦେବାକୁ ପ୍ରଶଂସକଙ୍କୁ କ୍ଲବ ତରଫରୁ ଅନୁରୋଧ କରାଯାଇଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS